# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଜାନୁୟାରୀ ୨୨/୨୦୧୯ (୧୬ ପୃଷ୍ଠା) | Sambalpur, Tuesday, January 22/ 2019 | ★★

୧୫ଶ ଭାଗ ୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**କ୍ୟାରିୟରକୁ ପ୍ରଭାବିତ କରେନାହିଁ ବୟସ**

ମହିଳାଙ୍କ ବୟସ ଅଥବା ଜୀବନର ପର୍ଯ୍ୟାୟ ସେମାନଙ୍କ କ୍ୟାରିୟରକୁ ପ୍ରଭାବିତ କରେନାହିଁ ବୋଲି ବଲିଉଡ୍ ଅଭିନେତ୍ରୀ କରିନା କପୁର ପ୍ରକାଶ କରିଛନ୍ତି। ୦୨

୧୪ **ଜୋକୋଭିଚ୍ କ୍ୱାର୍ଟରରେ**

ସର୍ବୀୟ ଖେଳାଳି ନୋଭାକ ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ୍ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।



# ଦୁର୍ଘଟଣା: ୮ ମୃତ

## କୁହୁଡ଼ି ନେଲା ୬ ଜୀବନ

**ଡେରାବିଶ,(ସ୍ୱ.ପ୍ର.)/ରାଜନଗର (ଡି.ଏନ୍.ଏ.)/ପାରାଦୀପ, (ସ୍ୱ.ପ୍ର.)୨୧।୧**

କେନ୍ଦ୍ରାପଡ଼ା ଜିଲା ପାଇଁ ଅଶୁଭ ପାଲଟିଛି ୨୦୧୯। ନୂଆବର୍ଷ ଆରମ୍ଭରୁ ହିଁ ଜିଲାରେ ଏକାଧିକ ଦୁର୍ଘଟଣା ଘଟି ୧୫ ଲୋକଙ୍କ ଜୀବନ ଯାଇଥିବା ବେଳେ ସୋମବାର ସକାଳୁ କୁହୁଡ଼ି ୬ଜଣଙ୍କ ଜୀବନ ନେଇଛି ଓ ୪ଜଣ ଗୁରୁତର ହୋଇଛନ୍ତି। କଟକ-ଚାନ୍ଦବାଲି ରାସ୍ତାର କାକଟିଆଠାରେ ଘଟିଥିବା ଦୁର୍ଘଟଣାରେ ୪ଜଣଙ୍କ ଜୀବନ ଯାଇଥିବା ବେଳେ ୪ଜଣ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେହିପରି ପାରାଦୀପ ଲକ୍ ଥାନା ଅନ୍ତର୍ଗତ ୫ନଂ.(କ) ଜାତୀୟ ରାଜପଥର ହାତୀ ତେଲଟାଙ୍କୀ ପାଖରେ ଦୁର୍ଘଟଣାରେ ୨ଜଣଙ୍କ ପ୍ରାଣହାନି ଘଟିଛି। ଦୁଇଟି ଦୁର୍ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବା ଦେଖିବାକୁ ମିଳିଥିଲା।

କାକଟିଆ ଦୁର୍ଘଟଣାର ମୃତକମାନେ ହେଲେ ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ବାଲିକଣା ଗ୍ରାମର ଭଗବତୀ ରାଉତ (୪୦), ଭଗବାନପୁର ଗ୍ରାମର ସୁବ୍ରତ ବେହେରା (୨୨), ରାଜପୁର ଗ୍ରାମର ବିଭୂତି ଭୂଷଣ ରାଉତ (୨୫) ଏବଂ ବନ୍ଧପଡ଼ା ପଞ୍ଚାୟତ କଣ୍ଠିଆ ଗ୍ରାମର ଅମର କୁମାର ବଳ। ୪ଜଣ ଗୁରୁତରଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ବାଲିକଣା ଗ୍ରାମର ସୁବାସ ଚନ୍ଦ୍ର ରାଉତ, ସୁଶାନ୍ତ ରାଉତ, ଟୁନି ରାଉତ ଓ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନଗର ଅଞ୍ଚଳ ପ୍ରତାପ ମହାକୁଡ଼(୩୨)। ସେହିଭଳି ହାତୀ ତେଲଟାଙ୍କୀ ଦୁର୍ଘଟଣାରେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଡିଖିରି ଗ୍ରାମର ତପନ ସାହୁ ଓ ଅଞ୍ଜନ ଦାସଙ୍କ ମୃତ୍ୟୁ ଘଟିଛି।

ପ୍ରକାଶ ଯେ, କଟକ ରେଲୱେ ଷ୍ଟେଶନରୁ ମୁମ୍ବାଇ ଯିବା ପାଇଁ ସୁବ୍ରତଙ୍କ ବୋଲେରୋ (ନଂ. ଓଡ଼ି-୨୯-ଡି-୫୩୮) ରେ ସୋମବାର ଭୋରରୁ ବିଭୂତି, ସୁବାସ, ସୁଶାନ୍ତ, ☞ପୃଷ୍ଠା-୪

## ଓଲଟିଲା ବସ୍: ୨ ମୃତ



- ୧୦ ଆହତ
- ମରାମତି ପାଇଁ ରାସ୍ତା ଉପରେ ଗଦା ହୋଇଥିବା ବାଲିରେ ଚଢ଼ିଯାଇଥିଲା ବସ୍
- ବାଲିଗଦା ଚିହ୍ନଟ ପାଇଁ ବ୍ୟବସ୍ଥା ହୋଇ ନ ଥିଲା

**କଟକ ଅଫିସ/ ଚୌଦ୍ୱାର,୨୧।୧(ଡି.ଏନ୍.ଏ.)**

୫୫ ନମ୍ବର ଜାତୀୟ ରାଜପଥ(ଏନ୍ଏଚ୍)ର ଚୌଦ୍ୱାର କଜଳକଣା ନିକଟରେ ସୋମବାର ଅପରାହ୍ନ ୫ଟାରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏକ ଟ୍ରକକୁ ଓଭରଟେକ୍ କରିବାକୁ ଯାଇ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ବସ୍‌ର ହେଲ୍‌ପର ସମେତ ୨ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନେ ଏସ୍‌ସିବି ମେଡିକାଲ ଓ କଟକର କେତେକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।

ସୂଚନାଥାଉକି, ସୋମବାର ଅପରାହ୍ନରେ କଟକରୁ ୪୫ ଜଣ ଯାତ୍ରୀଙ୍କୁ ନେଇ ନୀଳକଣ୍ଠ (ଓଆର୍୦୫ବି-୮୪୫୯) ନାମକ ଘରୋଇ ବସ୍ ଅନୁଗୋଳ ଯାଉଥିଲା। କଜଳକଣା ନିକଟ ସିଙ୍ଗିଲ୍‌ଜୋର ପାଖରେ ଏକ ଟ୍ରକକୁ ଉକ୍ତ ବସ୍‌ଟି ଓଭରଟେକ୍ କରିଥିଲା। ହେଲେ ରାସ୍ତାର ଡାହାଣ ☞ପୃଷ୍ଠା-୪

■ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

# ୫ ଲକ୍ଷ ନୂଆ ଭୋଟର



- ରାଜ୍ୟର ଭୋଟର ସଂଖ୍ୟା ୩.୧୮ କୋଟି
- ୧୮ରୁ ୧୯ ବର୍ଷର ଭୋଟର ସଂଖ୍ୟା ୫.୪୫ ଲକ୍ଷ
- ତାଲିକାରୁ ୬.୫୦ ଲକ୍ଷ ପୁରୁଣା ଭୋଟର ବାଦ୍
- ଜିଲାପାଳଙ୍କ କାର୍ଯ୍ୟାଳୟରେ ଖୋଲିବ ଭୋଟର ସହାୟତା କେନ୍ଦ୍ର
- ସଚେତନତା ପାଇଁ ଭୁବନେଶ୍ୱରରେ ବୁଲିବ ୩ ରଥ

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭାରତର ନିର୍ବାଚନ କମିଶନ ଓଡ଼ିଶା ପାଇଁ ଚୂଡ଼ାନ୍ତ ଭୋଟର ତାଲିକା ଘୋଷଣା କରିଥିବା ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୁମାର ସୂଚନା ଦେଇ କହିଛନ୍ତି ଯେ, ଓଡ଼ିଶାରେ ପ୍ରାୟ ୫ ଲକ୍ଷ ନୂଆ ଭୋଟର ସାମିଲ ହୋଇଛନ୍ତି। ରାଜ୍ୟର ମୋଟ ଭୋଟର ସଂଖ୍ୟା ୩ କୋଟି ୧୮ ଲକ୍ଷ ୬୮୭କୁ ବୃଦ୍ଧି ପାଇଛି। ସେଥିରୁ ମହିଳା ଭୋଟରଙ୍କ ସଂଖ୍ୟା ୧ କୋଟି ୫୪ ଲକ୍ଷ ୬୦ ହଜାର ୫୪୫ ଥିବାବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୧ କୋଟି ୬୩ ଲକ୍ଷ ୩୭ ହଜାର ୩୧୦। ସେହିପରି ତୃତୀୟ ଲିଙ୍ଗ ଭୋଟରଙ୍କ ସଂଖ୍ୟା ରହିଛି ୨ ହଜାର ୯୩୨। ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ନାମ ସାମିଲ କରିବାକୁ ୧୨ ଲକ୍ଷ ୮ ହଜାର ୯୩୬ ଜଣ ଆବେଦନ କରିଥିବା ବେଳେ ସେଥିରୁ ୧୧ ଲକ୍ଷ ୯୮ ହଜାର ୮୧୯ ଜଣଙ୍କୁ ପଞ୍ଜୀକୃତ କରାଯାଇଛି। ପୂର୍ବ ଭୋଟର ତାଲିକାରୁ ୬ ଲକ୍ଷ ୫୦ ହଜାର ୩୬୫ ଜଣଙ୍କ ନାମ ବାଦ ଦିଆଯାଇଛି। ସେହିପରି ଫର୍ମ-୮ ଜରିଆରେ ଭୋଟର ତାଲିକା ସଂଶୋଧନ ପାଇଁ ଆବେଦନ କରାଯାଇଥିବା ୪ ଲକ୍ଷ ୬୮ ହଜାର ୪୨୦ଟି ଆବେଦନ ମଧ୍ୟରୁ ୪ ଲକ୍ଷ ୫୦ ହଜାର ୩୫୩ ଜଣଙ୍କ ସଂଶୋଧନ କରାଯାଇଛି।

ସେହିପରି ୧୮ରୁ ୧୯ ବର୍ଷର ଭୋଟରଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି। ଏହି ବର୍ଗର ଭୋଟରଙ୍କ ସଂଖ୍ୟା ପୂର୍ବରୁ ୧ ଲକ୍ଷ ୩୩ ହଜାର ୮୯୬ ଥିବା ବେଳେ ଏହା ୫ ଲକ୍ଷ ୪୫ ହଜାର ୪୦୧କୁ ବୃଦ୍ଧି ପାଇଛି। ପ୍ରଥମ ଥର ପାଇଁ ୧ଲକ୍ଷ ୯୦ ହଜାର ୩୭ ଜଣ ଦିବ୍ୟାଙ୍ଗ ଭୋଟର ତାଲିକାରେ ଚିହ୍ନଟ ହୋଇଛନ୍ତି । ଆସନ୍ତା ନିର୍ବାଚନରେ ସେହି ଭୋଟରମାନଙ୍କୁ ବିଶେଷ ସୁବିଧା ଯୋଗାଇ ଦେବାକୁ ଯୋଜନା କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଚୂଡ଼ାନ୍ତ ଭୋଟର ତାଲିକାରେ ଫଟୋଥିବା ଭୋଟର ସଂଖ୍ୟାରେ ୨୦୧୮ରେ ଏହି ଭୋଟରଙ୍କ ସଂଖ୍ୟା ୯୭.୭୯ ପ୍ରତିଶତ ଥିବାବେଳେ ୨୦୧୯ରେ ୯୮.୦୧ ପ୍ରତିଶତ ଏବଂ ଫଟୋ ପରିଚୟପତ୍ର ଥିବା ଭୋଟରଙ୍କ ସଂଖ୍ୟା ୯୮.୨୨ ☞ପୃଷ୍ଠା-୪

# ସରିଲା ବରଗଡ଼ ଧନୁଯାତ୍ରା

**ମଥୁରାନଗରୀ,୨୧।୧**

କଂସବଧ ଓ ଉଗ୍ରସେନଙ୍କ ରାଜାଭିଷେକ ଦୃଶ୍ୟାଭିନୟ ପରେ ସୋମବାର ୭୦ତମ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଶେଷ ହୋଇଛି । ଗତ ୧୧ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବରେ କଂସ ଅଭିନେତାଙ୍କ ସମେତ ଅନ୍ୟ କଳାକାରଙ୍କ ଅଭିନୟ ଯେଉଁଳି ଚମତ୍କାର ଥିଲା, ଆଲୋକ ଓ ତୋରଣ ସାଜସଜ୍ଜା ସେଭଳି ଆକର୍ଷଣୀୟ ହୋଇପଡ଼ିଥିଲା । ଅନୁକୂଳ ପାଗ ଓ କଳାକାରଙ୍କ ନିଖୁଣ ଅଭିନୟ ବିଦେଶୀ ପର୍ଯ୍ୟଟକଙ୍କ ସମେତ ଲକ୍ଷାଧିକ ଦର୍ଶକଙ୍କୁ ମଥୁରାନଗରୀ ଓ ଗୋପପୁରକୁ ଟାଣି ଆଣିଥିଲା ।

ଅନ୍ୟଦିନ ଭଳି ମଥୁରାଭ୍ରମଣ କରି ମହାରାଜା କଂସ ଲୋକମଣ୍ଡପ ପଡ଼ିଆ ରାଜ ଦରବାରକୁ ଆସିଥିଲେ । ଶୟନ କକ୍ଷରେ ସ୍ୱପ୍ନରେ ଛାୟାକୃଷ୍ଣଙ୍କୁ ଦେଖିବା ପରେ ସେ ପୂର୍ବାପେକ୍ଷା ଆହୁରି ଶଙ୍କିତ ହୋଇ ପଡ଼ିଥିଲେ । ଶ୍ରୀକୃଷ୍ଣ, ବଳରାମଙ୍କୁ କିଭଳି ହତ୍ୟା କରିବେ ସେ ନେଇ ନିଜର ସେନାପତି, ମହାମନ୍ତ୍ରୀ, ଚାଣୁର, ମୁଷ୍ଟିକ ଆଦି ସୈନ୍ୟ ସାମନ୍ତଙ୍କୁ ଡାକି ରଣକୌଶଳ ପ୍ରସ୍ତୁତ କରିଥିଲେ । ଶ୍ରୀକୃଷ୍ଣ ହାଟପଦା ମଞ୍ଚରେ ଶିବଧନୁ ଭଙ୍ଗ କରିବା ପରେ ତାଙ୍କ କରାଘାତରେ କୁବଳୟା ହସ୍ତୀ ପ୍ରାଣ ହରାଇଥିଲା। ବେନିଭାଇଙ୍କୁ ହତ୍ୟା କରିବାରେ ନିଶ୍ଚୟ ସଫଳ ହେବେ ବୋଲି ସେନାପତି, ମହାମନ୍ତ୍ରୀ, ☞ପୃଷ୍ଠା-୪



ବରଗଡ଼ ଧନୁଯାତ୍ରାର କଂସ ବଧ ଦୃଶ୍ୟ ।

## ମା' ହେଲେ ଦଶମ ଶ୍ରେଣୀ ଛାତ୍ରୀ

**ପାଟକୁରା, ୨୧।୧ (ଡି.ଏନ୍.ଏ.)**

କନ୍ଧମାଳ ଓ ଢେଙ୍କାନାଳରେ ନାବାଳିକା ମା' ହେବା ପରେ ରାଜ୍ୟରେ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଏବେ କେନ୍ଦ୍ରାପଡ଼ା ଜିଲାରେ ସମାନ ଏକ ଘଟଣା ନଜରକୁ ଆସିଛି। ଗରଦପୁର ବ୍ଲକ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନୈକା ଦଶମ ଶ୍ରେଣୀ ଛାତ୍ରୀ(୧୫) ସୋମବାର ଏକ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଥାନାରେ ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଘଟଣା ମୁତାବକ, ରବିବାର ବିଳମ୍ବିତ ରାତିରେ ନାବାଳିକାଙ୍କ ଦେହ ଖରାପ ଥିବାରୁ ପରିବାର ଲୋକେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## କୃଷି ଆଗ

**ଆଜିର ମନ୍ତବ୍ୟ**

"ଜୀବନର ପ୍ରତି କ୍ଷେତ୍ରରେ ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତା ଜରୁରୀ।"

– ରାଜନାଥ ସିଂ,ସ୍ୱରାଷ୍ଟ୍ର ମନ୍ତ୍ରୀ


SUDHAKAR
WIRES AND CABLES
THE POWER HIGHWAY
WANTED DEALERS
CONTACT US
93374 27021
sales.cables@sudhakarind.com


NECC NATIONAL EGG CO-ORDINATION COMMITTEE | 21.01.2019 | Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 79 | 131 | 141 |
| BLS | 80 | 132 | 142 |
| ANG | 77 | 128 | 138 |

*Conditions Apply

Eggs Retail Price- 55/-Dozen
Issued in the Interest of Consumers

■ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ

# ଇଞ୍ଜେକ୍ସନ ଦେଇଥିବା ଯୁବତୀ ଗିରଫ



ଲିଲି ଜାଲ

- ୭ରୋଗୀଙ୍କୁ ଇଞ୍ଜେକଶନ ଦେଇଥିଲେ
- ସିସିଟିଭି ଫୁଟେଜ ଆଧାରରେ କାର୍ଯ୍ୟାନୁଷ୍ଠାନ
- ଡ୍ୟୁଟିରେ ଥିବା ଷ୍ଟାଫ୍‌ନର୍ସ ନିଲମ୍ବିତ
- ବହିଷ୍କୃତ ହେବେ ରାତ୍ର ଡ୍ୟୁଟିରେ ଥିବା ସୁରକ୍ଷାକର୍ମୀ

**ସମ୍ବଲପୁର,୨୧।୧(ବ୍ୟୁରୋ)**

ସମ୍ବଲପୁର ଜିଲା ସଦର ଡାକ୍ତରଖାନାର ମେଡିସିନ ୱାର୍ଡରେ ଶନିବାର ରାତି ପ୍ରାୟ ଗୋଟାଏରେ ୭ଜଣ ରୋଗୀଙ୍କୁ ଇଞ୍ଜେକଶନ ଦେଇଥିବା ଯୁବତୀଙ୍କୁ ପୋଲିସ ଗିରଫ କରିଛି। ମେଡିକାଲ ପରିସରରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଆଧାରରେ ଗିରଫ ଉକ୍ତ ଯୁବତୀଙ୍କୁ ସୋମବାର ପୋଲିସ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜେଲ ଯାଇଥିବା ଯୁବତୀ ଜଣକ ହେଲେ ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ନୂଆପଡ଼ାର ଲିଲି ଜାଲ(୨୨)। ଏ ନେଇ ଥାନାରେ ଏକ ମାମଲା(ନଂ.୩୩/୧୯) ରୁଜୁ ହୋଇଛି। ଅନ୍ୟପକ୍ଷେ ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କାର୍ଯ୍ୟରେ ଅବହେଳା କରିଥିବା ଅଭିଯୋଗରେ ସିଡିଏମ୍‌ଓ ଡା. କଲ୍ୟାଣ କୁମାର ଗୁପ୍ତା କାର୍ଯ୍ୟରତ ଷ୍ଟାଫ୍ ନର୍ସ ରଜନୀ ସାହୁଙ୍କୁ ନିଲମ୍ବନ କରିଛନ୍ତି। ସେହିପରି ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ୟୁରିଟି ଗାର୍ଡ ପ୍ରେମାନନ୍ଦ ବିନିତଙ୍କୁ ବହିଷ୍କାର କରିବାକୁ ନିୟୋଜିତ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଶନିବାର ରାତିରେ ରୋଗୀମାନଙ୍କ ବେଡ୍ ପାଖରେ ଇଞ୍ଜେକ୍ସନ ପ୍ରସ୍ତୁତ ହୋଇ ରହିଥିଲା। ଦାୟିତ୍ୱରେ ଥିବା ସେବିକା ରୋଗୀଙ୍କୁ ଇଞ୍ଜେକ୍ସନ ଦେଇଥାନ୍ତେ। ହେଲେ ଯୁବତୀ ଜଣକ ହଠାତ୍ ପହଞ୍ଚି ଜଣକ ପରେ ଜଣେ ଏହିଭଳି ୭ ରୋଗୀଙ୍କୁ ଇଞ୍ଜେକ୍ସନ୍ ଓ ସାଲାଇନ୍ ଦେଇଥିଲେ। ବିନା ପୋଷାକରେ ଯୁବତୀ ଜଣକ ଥିବାରୁ ସନ୍ଦେହ ପ୍ରକାଶକରି କେତେକ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଇଞ୍ଜେକ୍ସନ ନେବାକୁ ମନା ☞ପୃଷ୍ଠା-୪






ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସରକାର ଲୋକପାଳ ଆଇନ କାର୍ଯ୍ୟକାରୀ କରୁନାହାନ୍ତି । ଲୋକପାଳ ଥିଲେ ରାଫାଲ ଦୁର୍ନୀତି ହେବାକୁ ଦେଇ ନ ଥାନ୍ତା ।

- ଆନ୍ନା ହଜାରେ, ସାମାଜିକ କର୍ମୀ




# ଚାଷୀଙ୍କ ଉପରେ ନଜର

**ନୂଆଦିଲ୍ଲୀ,୨୧।୧**



- କୃଷକଙ୍କୁ ମିଳିବ ନଗଦ ଅର୍ଥ
- ୭୦ ହଜାର କୋଟିର ଯୋଜନା କରୁଛନ୍ତି ସରକାର

ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ଏବେ ଚାଷୀଙ୍କ ଉପରେ ସବୁ ଦଳର ନଜର ରହିଛି। ଦେଶର ସର୍ବାଧିକ ଲୋକ କୃଷିକୁ ପେସା ଭାବେ ଗ୍ରହଣ କରିଥିବାରୁ ସେମାନଙ୍କୁ ଆକୃଷ୍ଟ କରିପାରିଲେ ସବୁଠୁ ବଡ଼ ଭୋଟବ୍ୟାଙ୍କ ହାତେଇ ହେବ। ସେଥିପାଇଁ ରାଜନୈତିକ ଦଳଗୁଡିକ ମଧ୍ୟରେ ଆରମ୍ଭ ହୋଇଯାଇଛି ପ୍ରତିଦ୍ୱନ୍ଦ୍ୱିତା। ନିକଟରେ ଶେଷ ହୋଇଥିବା ତିନି ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ ବିଧାନସଭା ନିର୍ବାଚନରେ କୃଷିଋଣ ଛାଡ଼ ପ୍ରତିଶ୍ରୁତି ଦେଇ କଂଗ୍ରେସ କ୍ଷମତାକୁ ଆସିବାରେ ସଫଳ ହୋଇଛି। ଅନ୍ୟପକ୍ଷରେ କୃଷକଙ୍କ ଆୟ ଦୁଇଗୁଣା କରିବା, ଶସ୍ୟ ଉତ୍ପାଦନର ଦେଢ଼ ଗୁଣ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନ କରିବା କଥା କହି ଭାଜପା କ୍ଷମତାକୁ ଆସିଥିଲେ ହେଁ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଛି। ତେଣୁ ନିର୍ବାଚନ ପୂର୍ବରୁ ଚାଷୀଙ୍କୁ ଆକୃଷ୍ଟ କରିବା ଲାଗି ଭାଜପା ନେତୃତ୍ୱାଧୀନ ସରକାର କେତେକ ନୂଆ ଯୋଜନା ଚିନ୍ତା କରୁଥିବା ଜଣାପଡିଛି।

ମିଳିଥିବା ଖବର ଅନୁଯାୟୀ, କେନ୍ଦ୍ର ସରକାର ଏବେ କୃଷକମାନଙ୍କୁ ସବ୍‌ସିଡି ନ ଦେଇ ତା' ବଦଳରେ ନଗଦ ଅର୍ଥ ଦେବା ଲାଗି ବିଚାର କରୁଛନ୍ତି। ଏହା ଦ୍ୱାରା ସେମାନଙ୍କର ଆର୍ଥିକ ବୋଝ ହାଲୁକା ହୋଇପାରିବ। ସେଥିପାଇଁ ସାର ସବ୍‌ସିଡି ସମେତ ସମସ୍ତ କୃଷି ସବ୍‌ସିଡିକୁ ଏକତ୍ର କରି କୃଷକଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପଠାଇବା ଯୋଜନାରେ ସରକାର ଅଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ହେଲେ ବର୍ଷକୁ ୭୦ ହଜାର କୋଟି ଟଙ୍କା ବ୍ୟୟ କରିବାକୁ ପଡ଼ିବ ବୋଲି ନିଜ ନାମ ଗୋପନ ରଖି କେତେଜଣ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ୨୦୧୮-୧୯ ଆର୍ଥିକ ବର୍ଷ ଲାଗି ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ବଜେଟରେ ୭୦.୧୦୦ କୋଟି ଟଙ୍କାର କୃଷି ସବ୍‌ସିଡି ଘୋଷଣା କରିଥିଲେ। ଚଳିତ ଆର୍ଥିକ ବର୍ଷ ଆସନ୍ତା ମାର୍ଚ୍ଚ ୩୧ରେ ଶେଷ ହେବାକୁ ଯାଉଥିବାବେଳେ ଅତିରିକ୍ତ ବ୍ୟୟ ଦେଶର ଆର୍ଥିକ ନିଅଣ୍ଟକୁ ପ୍ରଭାବିତ କରିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। ସରକାରଙ୍କ ଲୋକପ୍ରିୟ ଯୋଜନା କାର୍ଯ୍ୟକାରୀ କରିବାରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ବ୍ୟୟ ହେବ ବୋଲି ପୂର୍ବରୁ ଯେଉଁ ଆକଳନ କରାଯାଇଥିଲା ତାହାଠାରୁ କମ୍ ବ୍ୟୟ ହେବ ବୋଲି ଜଣାପଡିଛି। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଟଙ୍କା ଓ ବଣ୍ଡ୍ ମୂଲ୍ୟ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷ ଲାଗି ବଜେଟରେ ୩.୩ ପ୍ରତିଶତ ନିଅଣ୍ଟ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ତେବେ ସରକାରଙ୍କ ଲୋକପ୍ରିୟ ଯୋଜନାର ଚାପ ଯୋଗୁ ତାହା ପୂରଣ ହୋଇ ନ ପାରେ ବୋଲି ଅର୍ଥନୀତିଜ୍ଞମାନେ ପୂର୍ବାନୁମାନ କରିଛନ୍ତି।

ତିନି ହିନ୍ଦୀଭାଷୀ ରାଜ୍ୟରେ ଭାଜପା ପରାଜୟ ବରଣ କରିବା ପରେ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେତେକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଦ୍ୱିତୀୟ ଥର କ୍ଷମତାରେ ରହିବାକୁ ହେଲେ ମୋଦିଙ୍କୁ ନିର୍ବାଚନ ପୂର୍ବରୁ ଅସନ୍ତୁଷ୍ଟ କୃଷକଙ୍କ ହୃଦୟ ଜିତିବାକୁ ହେବ। ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ସାଙ୍ଗକୁ ଫସଲ ମୂଲ୍ୟ ହ୍ରାସ ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହୋଇଛି। କୃଷି ଋଣ ଛାଡ଼ ଦାବିରେ ହଜାର ହଜାର ଚାଷୀ ରାସ୍ତାକୁ ଓହ୍ଲାଇଥିଲେ। ତେଣୁ ସେମାନଙ୍କୁ ସନ୍ତୁଷ୍ଟ କରିବା ଏବେ ସରକାରଙ୍କର ପ୍ରାଥମିକତା ହୋଇଛି। ଅନ୍ୟପକ୍ଷରେ କଂଗ୍ରେସ ତିନୋଟି ରାଜ୍ୟରେ ଜିତି କୃଷିଋଣ ଛାଡ଼ କରିବା ପରେ କେନ୍ଦ୍ର ଉପରେ ଋଣଛାଡ଼ ଲାଗି ଚାପ ପକାଇଛି।

## ସାମରିକ କ୍ୟାମ୍ପ୍‌ରେ ବିସ୍ଫୋରଣ: ୧୨ ମୃତ

**ଗଜନୀ,୨୧।୧**

ସୁରକ୍ଷା ବଳଙ୍କୁ ଟାର୍ଗେଟ୍ କରି ସେଣ୍ଟ୍ରାଲ୍ ଆଫଗାନିସ୍ତାନର ଏକ ସାମରିକ ଶିବିରରେ ବିସ୍ଫୋରଣ ଘଟାଇଛନ୍ତି ତାଲିବାନ ଆତଙ୍କବାଦୀ। ରାଜଧାନୀ କାବୁଲରୁ ୫୦ କି.ମି. ଉତ୍ତରରେ ୱାର୍ଦାକ୍ ପ୍ରଦେଶର ମୈଦାନ ସାହରସ୍ଥିତ ସୁରକ୍ଷା ବଳଙ୍କ କ୍ୟାମ୍ପ୍‌କୁ ଧ୍ୱସ୍ତ କରିବାକୁ ଯାଇ ଆତଙ୍କବାଦୀମାନେ ଏହାର ପ୍ରବେଶଦ୍ୱାରରେ ବିସ୍ଫୋରକ ସାମଗ୍ରୀ ବୋଝେଇ ଗାଡ଼ି ଦ୍ୱାରା ସୋମବାର ବଡ଼ଧରଣର ବିସ୍ଫୋରଣ ଘଟାଇଛନ୍ତି। ଏଥିସହ ଉକ୍ତ କ୍ୟାମ୍ପ୍ ମଧ୍ୟକୁ ପଶିଯାଇ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରିଛନ୍ତି। ଫଳରେ ଗୁଳିବିନିମୟରେ ୩ ଆତଙ୍କବାଦୀ ନିହତ ହୋଇଥିବାବେଳେ ୧୨ଜଣ ମୃତ ଓ ୨୦ ଗୁରୁତର ଆହତ ହୋଇଛନ୍ତି। ମୃତାହତଙ୍କ ମଧ୍ୟରେ ଅଧିକାଂଶ ସୁରକ୍ଷା ଯବାନ ରହିଥିବା ସରକାରୀ ଭାବେ ସ୍ପଷ୍ଟ କରାଯାଇଛି। ଲୋଗାର ପ୍ରଦେଶ ଗଭର୍ନରଙ୍କ ସୁରକ୍ଷା ଗାଡ଼ି ଉପରକୁ ଆତ୍ମଘାତୀ ଆକ୍ରମଣର ଗୋଟିଏ ଦିନ ପରେ ତାଲିବାନ ପକ୍ଷରୁ ଏହି ଘାତକ ବିସ୍ଫୋରଣ କରାଯାଇଛି।

## ଶିବକୁମାର ସ୍ୱାମିଜୀଙ୍କ ପରଲୋକ

**ବେଙ୍ଗାଲୁରୁ,୨୧।୧(ପି.ଟି.)**



- କର୍ଣ୍ଣାଟକର ଚଳନ୍ତି ଭଗବାନ ଭାବେ ପରିଚିତ ଥିଲେ
- ୧୧୧ ବର୍ଷ ବୟସ ହୋଇଥିଲା
- ୭ ରାଜ୍ୟରେ ୩ ଦିନିଆ ଶୋକ ଘୋଷଣା

କର୍ଣ୍ଣାଟକ ସିଦ୍ଧଗଙ୍ଗା ମଠର ମହନ୍ତ ତଥା 'ଚଳନ୍ତି ଭଗବାନ' ଭାବେ ପରିଚିତ ଶିବକୁମାର ସ୍ୱାମିଜୀଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୧୧୧ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ଯକୃତ ସମସ୍ୟା ଯୋଗୁ ନିକଟରେ ଚେନ୍ନାଇର ଏକ ହସ୍ପିଟାଲରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ସ୍ୱାମିଜୀଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ତାଙ୍କର ଲକ୍ଷାଧିକ ଭକ୍ତଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଶେଷ ଦର୍ଶନ ଲାଗି ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତଙ୍କ ସୁଅ ଛୁଟିଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱାମିଜୀଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି। ସ୍ୱାମିଜୀଙ୍କୁ ଭାରତରତ୍ନ ପ୍ରଦାନ କରିବା ଲାଗି ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ଲିଙ୍ଗାୟତ ସନ୍ଥଙ୍କ ପରଲୋକରେ ରାଜ୍ୟରେ ୩ ଦିନିଆ ଶୋକ ପାଳନ ନିମନ୍ତେ ଘୋଷଣା କରିଛନ୍ତି। ପରମ ପୂଜ୍ୟ ସିଦ୍ଧଗଙ୍ଗାଶ୍ରୀଙ୍କ ଦେହାନ୍ତ ରାଜ୍ୟ ପାଇଁ ଅପୂରଣୀୟ କ୍ଷତି। ସମାଜରେ ପରିବର୍ତ୍ତନ ଆଣିବାରେ ତାଙ୍କର ଅବଦାନ ଅତୁଳନୀୟ ବୋଲି କୁମାରସ୍ୱାମୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ମଙ୍ଗଳବାର ଅପରାହ୍ଣ ୪.୩୦ରେ ତୁମକୁରୁଠାରେ ସ୍ୱାମିଜୀଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ମଠ ୱେବ୍‌ସାଇଟ ଅନୁଯାୟୀ ସ୍ୱାମିଜୀଙ୍କ ଜନ୍ମ ୧୯୦୮ ଏପ୍ରିଲ ୧ରେ କର୍ଣ୍ଣାଟକର ବୀରାପୁରା ଗ୍ରାମରେ ହୋଇଥିଲା।

### ଅଟକାଇବାରୁ ଚଢ଼ିଗଲା ଗୋରୁ ବୋଝେଇ ଟ୍ରକ୍
## ପୋଲିସ କନଷ୍ଟେବଳ ମୃତ

**ମୁମ୍ବାଇ,୨୧।୧**

ଏକ ଗୋରୁଚାଲାଣ ଟ୍ରକକୁ ଅଟକାଇବା ଯାଇ ଜଣେ ପୋଲିସ କନଷ୍ଟେବଳଙ୍କ ଜୀବନ ଯାଇଛି। ଟ୍ରକ ଡ୍ରାଇଭର ଜଣକ କନଷ୍ଟେବଳ ପ୍ରକାଶ ମେଶରାମଙ୍କ ଉପରେ ଗାଡ଼ି ଚଢ଼ାଇ ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ରବିବାର ରାତିରେ ନାଗପୁର-ଚନ୍ଦ୍ରପୁର ରାଜପଥର ଖାମ୍ବଡ଼ା ଭାନିନାକାଠାରେ ଏହି ଅଭାବନୀୟ ଘଟଣା ଘଟିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଅବାଧ ମଦ ଚୋରା ଚାଲାଣ ଗାଡ଼ିକୁ ଯାଞ୍ଚ କରିବା ପାଇଁ ପ୍ରକାଶ ସେଠାରେ ମୁତୟନ ରହିଥିବାବେଳେ ଗୋରୁ ବୋଝେଇ ହୋଇ ଯାଉଥିବା ଟ୍ରକକୁ ଅଟକାଇବାକୁ ସେ ରାସ୍ତା ମଝିକୁ ଦୌଡ଼ି ଆସିଥିଲେ। ଏଥିରେ ଟ୍ରକ ନ ଅଟକି ତାଙ୍କୁ ଧକ୍କା ଦେଇ ତାଙ୍କ ଉପରେ ଚଢ଼ି ଯାଇଥିଲା। ପୋଲିସ ଟ୍ରକର ଡ୍ରାଇଭର ଓ ଖଲାସି ଫୟାଜ୍ ଅହମ୍ମଦ, ମହମ୍ମଦ ରାଜା ଅବଦୁଲଙ୍କୁ ଗିରଫ କରିଛି।

### ୟୁଏନ୍ ମିଶନ କ୍ୟାମ୍ପ୍ ଉପରକୁ ଗୁଳିମାଡ଼
## ୧୦ ଶାନ୍ତି ସେନା ନିହତ

**ବାମାକୋ,୨୧।୧**

ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜାତିସଂଘର ୧୦ ଶାନ୍ତି ସେନା ପ୍ରାଣ



ହରାଇଛନ୍ତି। ଅଲ୍‌ଜେରିଆ ସୀମାନ୍ତବର୍ତ୍ତୀ ଦକ୍ଷିଣାଞ୍ଚଳ ମାଲିର କିଦାଲ ଅଞ୍ଚଳରୁ ୨୦୦ କି.ମି. ଦୂର ଅଗଲେହକ୍‌ଠାରେ ଶାନ୍ତି ସେନାର କ୍ୟାମ୍ପ୍ ଉପରକୁ ରବିବାର ହୋଇଥିବା ଏହି ଗୁଳିବର୍ଷଣରେ ୨୫ଜଣ ଗୁରୁତର ଆହତ ମଧ୍ୟ ହୋଇଛନ୍ତି। ଜାତିସଂଘ ସେକ୍ରେଟାରୀ-ଜେନେରାଲ୍ ଆଣ୍ଟୋନିଓ ଗୁଟେରିସ୍ ଏହା ଏକ ବର୍ବରୋଚିତ ଅମାନବିକ ଘଟଣା କହି ନିନ୍ଦା କରିଛନ୍ତି। ଗୁଳିକାଣ୍ଡ ଘଟାଇଥିବା ଆତତାୟୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ବନ୍ଧୁକଧାରୀମାନେ ଏକାଧିକ ଗାଡ଼ିରେ ଆସି ଏହି ନୃଶଂସକାଣ୍ଡ ଭିଆଇଥିବା ମାଲିର ଜାତିସଂଘ ରାଷ୍ଟ୍ରଦୂତ ମହାମତ୍ ସାଲେହ ଆନାଡିଫ୍ ଜଣାଇଛନ୍ତି। ଏକ ଅଶାନ୍ତିର ବାତାବରଣ ସୃଷ୍ଟି କରିବା ପାଇଁ ଶାନ୍ତି ସେନାଙ୍କ ଉପରେ ଏହି ଆକ୍ରମଣ ହୋଇଥିବା ରାଷ୍ଟ୍ରଦୂତ ଆନାଡିଫ୍ କହିଛନ୍ତି।

## ଓଲଟିଲା ଯାତ୍ରୀବାହୀ ବୋଟ୍, ୮ ମୃତ



**ନୂଆଦିଲ୍ଲୀ,୨୧।୧**

କର୍ଣ୍ଣାଟକର କରୱାର ଉପକୂଳ କାଲୀ ନଦୀ ମୁହାଣରେ ଏକ ଯାତ୍ରୀବାହୀ ବୋଟ୍ ଓଲଟି ପଡ଼ି ବୁଡ଼ିଯାଇଛି। ବୋଟ୍‌ରେ ୨୬ ଯାତ୍ରୀ ରହିଥିଲେ। ସେମାନଙ୍କ ମଧ୍ୟରୁ ୧୭ଜଣଙ୍କୁ ଜୀବିତ ଓ ୮ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଜଣେ ନିଖୋଜ ରହିଛନ୍ତି। ଯାତ୍ରୀମାନେ ସୁଦୂର ଏକ ଦ୍ୱୀପରେ ଥିବା ମନ୍ଦିରରୁ ଦର୍ଶନ କରି ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ନୌସେନା, ତଟ ସୁରକ୍ଷା ବଳଙ୍କ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ଫୁର୍‌ସତ

## ବାଘୁଣୀକୁ ମାରି ଖାଇଗଲା ବାଘ

**ଭୋପାଳ:**



ଏକ ବିରଳ ଘଟଣାକ୍ରମରେ ନିଜ ଜାତିର ଜୀବକୁ ମାରି ତା'ର ମାଂସ ଖାଇଯାଇଛି ଏକ ବାଘ। ମଧ୍ୟପ୍ରଦେଶର ପ୍ରସିଦ୍ଧ କାହ୍ନା ବ୍ୟାଘ୍ର ଅଭୟାରଣ୍ୟରେ ଏପରି ଏକ ଘଟଣା ଘଟିଥିବା ଜଣେ ବନ ଅଧିକାରୀ ସୂଚନା ଦେଇଛନ୍ତି। ତାଙ୍କ କହିବାନୁଯାୟୀ, ଶନିବାର ତାଙ୍କ ଟିମ୍ ପାଟ୍ରୋଲିଂ କରିବା ବେଳେ ଗୋଟିଏ ବାଘର ଖପୁରି ଏବଂ ଅଙ୍ଗପ୍ରତ୍ୟଙ୍ଗ ଦେଖିବାକୁ ମିଳିଥିଲା। ମାଣ୍ଡଲା ଜିଲାର ମୁଣ୍ଡି-ଦାଦର ଅଭୟାରଣ୍ୟରେ ଏହା ଦେଖିବାକୁ ମିଳିଥିବା କାହ୍ନା ଟାଇଗର ରିଜର୍ଭସର ଫିଲ୍ଡ ଡାଇରେକ୍ଟର କେ.କେ. କ୍ରିଷ୍ଣମୂର୍ତ୍ତି ସୂଚନା ଦେଇଛନ୍ତି। ପାରିପାର୍ଶ୍ୱିକ ପରିସ୍ଥିତିରୁ ଜଣାଯାଏ ଯେ, ଏକ ମହାବଳ ବାଘ ଉକ୍ତ ବାଘୁଣୀ ସହିତ ଯୁଝିବା ବେଳେ ତାକୁ ପ୍ରାୟ ୭୦୦ମିଟର ଦୂରତା ପର୍ଯ୍ୟନ୍ତ ଟାଣି ନେଇଥିଲା। ସଂରକ୍ଷିତ ଜଙ୍ଗଲରେ ବାଘକୁ ଶିକାର କରାଯାଇଥିବା ସମ୍ଭାବନାକୁ ସମ୍ପୃକ୍ତ ଅଧିକାରୀମାନେ ଅସ୍ୱୀକାର କରିଛନ୍ତି। ମଧ୍ୟପ୍ରଦେଶରେ ୬ଟି ବୃହତ୍ ବାଘ ଅଭୟାରଣ୍ୟ ରହିଥିବା ବେଳେ ଏହାକୁ 'ଟାଇଗର ଷ୍ଟେଟ୍' କୁହାଯାଇଥାଏ। ତନ୍ମଧ୍ୟରେ ବାନ୍ଧବଗଡ଼, ପେଞ୍ଚ ଓ କାହ୍ନା ଟାଇଗର ରିଜର୍ଭ ଅନ୍ୟତମ।

## ୨୫୦ କୋଟି ବର୍ଷ ତଳେ ଭାରତରେ ଜୀବନ ସୃଷ୍ଟି ହୋଇଥିଲା



**ଖଡଗପୁର:** ଭାରତରେ ୨୫୦କୋଟି ବର୍ଷ ତଳେ ଜୀବନର ସଙ୍କେତ ମିଳିଥିଲା ବୋଲି ଆଇଆଇଟି ଖଡଗପୁରର ଏକ ଗବେଷକ ଟିମ୍ ଜାଣିବାକୁ ପାଇଛନ୍ତି। ସେହି ସମୟରେ ମହା ଜାରଣ ପ୍ରକ୍ରିୟା ଘଟିଥିବାରୁ ପୃଥିବୀର ବାୟୁମଣ୍ଡଳରେ ଅମ୍ଳଜାନ ସୃଷ୍ଟି ହୋଇଥିଲା। ତେଣୁ ଜୀବନର ଉତ୍ପତ୍ତି ସମ୍ଭବ ହୋଇପାରିଥିଲା ବୋଲି ଗବେଷକମାନେ ମତ ଦେଇଛନ୍ତି। ଭାରତରେ ପ୍ରଥମ ଜୀବନର ସଙ୍କେତ ସର୍ବପୁରାତନ ଶିଳା ଗ୍ରାନାଇଟ୍ ଓ ବାସାଲ୍ଟ ତଳେ ମାଇକ୍ରୋବାୟାଲ ସେଲ୍ସ ରୂପରେ ମିଳିଥିଲା। ଏହା ଉପରେ ଗବେଷଣା ପାଇଁ ଉକ୍ତ ଟିମ୍ ଦୀର୍ଘ ୪ବର୍ଷ କଠିନ କରିଶ୍ରମ କରିଥଲା। ପରିଶେଷରେ ଭୂଭାଗର ୩ କିଲୋମିଟର ଗଭୀରତାରେ ମାଇକ୍ରୋବ୍ସ ଦେଖିବାକୁ ମିଳିଥିଲା। ଏହି ଗବେଷଣାର ନିଷ୍କର୍ଷ 'ସାଇଣ୍ଟିଫିକ୍ ରିପୋର୍ଟ୍ସ:ନେଚର'ର ଡିସେମ୍ବର ଅନ୍‌ଲାଇନ୍ ସଂସ୍କରଣରେ ପ୍ରକାଶ ପାଇଛି। ଏହି ଖବର ୟାର୍ଥ ସାଇନ୍ସ ମନ୍ତ୍ରଣାଳୟକୁ ବିସ୍ମିତ କରିଛି। ଫଳରେ ବାୟୋଟେକ୍ନୋଲୋଜି ଫ୍ୟାକଲ୍ଟି ପିନାକି ସର୍‌ଙ୍କ ନେତୃତ୍ୱାଧୀନ ଆଇଆଇଟି ଟିମ୍‌କୁ ଜୀବନର ଅୟମାରମ୍ଭ ବିଷୟରେ ଅଧିକ ଗବେଷଣା କରିବା ଲାଗି ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ତେବେ ଏ ସମ୍ପର୍କରେ ସରକାରୀ ଘୋଷଣା ଖୁବ୍‌ଶୀଘ୍ର ପ୍ରକାଶ ପାଇବ। ସର୍‌ଙ୍କ କହିବାନୁଯାୟୀ, ଏହି ଅଣୁଜୀବଗୁଡ଼ିକ ମୁଖ୍ୟତଃ ବୀଜାଣୁ। ବାରମ୍ବାର ଭୂକମ୍ପ ଓ ଅଗ୍ନି ଉଦ୍‌ଗିରଣ ଯୋଗୁ ପୃଥିବୀର ଉପରସ୍ତର ସବୁବେଳେ ଅସ୍ଥିର ଅବସ୍ଥାରେ ରହୁଥିବା ବେଳେ ଏହି ଅଣୁଜୀବଗୁଡ଼ିକ ସୃଷ୍ଟି ହୋଇଥିଲେ। ୨୫୦କୋଟିରୁ ୬.୫ କୋଟି ବର୍ଷ ମଧ୍ୟରେ କୀଟାଣୁ ରୂପରେ ଏହି ଅଣୁଜୀବ ସୃଷ୍ଟି ହୋଇଥିଲେ।

ବିଶ୍ୱର ଭୂବୈଜ୍ଞାନିକମାନେ ପୃଥିବୀରେ ଅତି ପ୍ରାଚୀନ ଜୀବର ଅନୁସନ୍ଧାନ ପାଇଁ ଉଦ୍ୟମ କରୁଥିବା ବେଳେ ଆଇଆଇଟି ଖଡଗପୁର ବୈଜ୍ଞାନିକଙ୍କ ଆବିଷ୍କାର ଏ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି।

### ଇତିହାସର ଆଇନାରେ
### ଜାନୁୟାରୀ ୨୨ର ପ୍ରମୁଖ ଘଟଣା

## ଟ୍ରେନ୍ ଲାଇନଚ୍ୟୁତ

୧୯୧୫ ଜାନୁୟାରୀ ୨୨ରେ ମେକ୍ସିକୋର ଗ୍ୱାଡାଲାଜାରାଠାରେ ଏକ ଟ୍ରେନ୍ ଲାଇନଚ୍ୟୁତ ହେବାରୁ ୬୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଗ୍ୱାଡାଲାଜାରା ହେଉଛି ମେକ୍ସିକୋ ରାଜ୍ୟ ଜାଲିସ୍କୋର ରାଜଧାନୀ ତଥା ଏକ ବୃହତ୍ ସହର। ଜାଲିସ୍କୋର କେନ୍ଦ୍ରଭାଗରେ ଏହି ସହର ଅବସ୍ଥିତ। ଏହା ମେକ୍ସିକୋର ଦ୍ୱିତୀୟ ଜନବହୁଳ ପୌରସଂସ୍ଥା।

## ଆପୋଲୋ ୫ ଲଞ୍ଚ୍

୧୯୬୮ ଜାନୁୟାରୀ ୨୨ରେ ଆପୋଲୋ ୫ ପ୍ରଥମ ଲୁନାର ମୋଡ୍ୟୁଲ୍ ମହାକାଶକୁ ଲଞ୍ଚ୍ କରିଥିଲା। ଏହାକୁ ବହନ କରିଥିବା ସର୍ଟର୍ନ ଆଇବି ରକେଟକୁ ମହାକାଶ ଅଭିମୁଖେ ଉତ୍‌କ୍ଷେପଣ କରାଯାଇଥିଲା। ଏହା ଏକ ମାନବ ବିହୀନ ମହାକାଶଯାନ। ପରେ ଏଭଳି ଲୁନାର ମୋଡ୍ୟୁଲ୍ ମହାକାଶଚାରୀଙ୍କୁ ବହନ କରି ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲା।



ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୪ | ୧୧.୩ |
| ଚାନ୍ଦବାଲି | ୨୮.୭ | ୧୩.୯ |
| କଟକ | ୩୦.୨ | ୧୧.୮ |
| ପାରାଦ୍ୱୀପ | ୨୭.୦ | ୧୫.୨ |
| ଭୁବନେଶ୍ୱର | ୩୧.୬ | ୧୨.୮ |
| ଗୋପାଳପୁର | ୨୮.୨ | ୧୫.୨ |
| ପୁରୀ | ୨୬.୬ | ୧୫.୪ |
| ଅନୁଗୋଳ | ୩୦.୭ | ୦୮.୬ |
| ବାରିପଦା | ୨୭.୮ | ୧୧.୫ |
| ଝାରସୁଗୁଡ଼ା | ୩୧.୧ | ୧୦.୦ |
| କେନ୍ଦୁଝର | ୨୮.୫ | ୧୦.୨ |
| ସମ୍ବଲପୁର | ୩୧.୨ | ୧୦.୫ |
| ସୁନ୍ଦରଗଡ଼ | ୨୭.୦ | ୧୧.୦ |
| ହୀରାକୁଦ | ୩୧.୧ | ୧୦.୭ |
| ତାଳଚେର | ୩୨.୫ | ୧୦.୮ |
| ଭବାନୀପାଟଣା | ୩୦.୮ | ୯.୮ |
| ବଲାଙ୍ଗୀର | ୩୧.୦ | ୧୧.୫ |
| କୋରାପୁଟ | ୨୭.୬ | ୯.୦ |
| ଫୁଲବାଣୀ | --- | ୭.୩ |
| ଟିଟିଲାଗଡ଼ | --- | ୧୦.୦ |
| ମାଲକାନଗିରି | ୩୪.୦ | ୧୪.୨ |
| ସୋନପୁର | ୩୧.୦ | ୯.୦ |
| ଦାରିଙ୍ଗିବାଡ଼ି | ୨୭.୫ | ୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## କ୍ୟାରିୟରକୁ ପ୍ରଭାବିତ କରେନାହିଁ ବୟସ



କରିନା କପୁର

**ମୁମ୍ବାଇ:** ମହିଳାଙ୍କ ବୟସ ଅଥବା ଜୀବନର ପର୍ଯ୍ୟାୟ ସେମାନଙ୍କ କ୍ୟାରିୟରକୁ ପ୍ରଭାବିତ କରେନାହିଁ ବୋଲି ବଲିଉଡ୍ ଅଭିନେତ୍ରୀ କରିନା କପୁର ପ୍ରକାଶ କରିଛନ୍ତି। ଆଗଧାଡିର ବଲିଉଡ୍ ଅଭିନେତ୍ରୀଙ୍କ ମଧ୍ୟରୁ କରିନା ଅନ୍ୟତମ। ସେ ବର୍ତ୍ତମାନ ଏକ ଶିଶୁ ସନ୍ତାନର ଜନନୀ। ସେ 'କୋର୍କାଲ ବୋନ୍ ଆଣ୍ଡ ବିଉଟି'ର ଏକ ପ୍ରମୁଖ ପ୍ରଚାରିକା। ଏହା ଆଗାମୀ ଲାକ୍‌ମେ ଫ୍ୟାଶନ ୱିକ୍ (ଏଲ୍‌ଏଫ୍‌ଡବ୍ଲ୍ୟୁ) ସମର/ରିସର୍ଟ ୨୦୧୯ ସଂସ୍କରଣରେ ଲଞ୍ଚ୍ ହେବାକୁ ଯାଉଛି। ସୁନ୍ଦରୀ ଏବଂ ବଳିଷ୍ଠ ମହିଳାଙ୍କୁ ର୍ୟାମ୍ପ୍‌କୁ ଆଣିବା ଏହାର ଉଦ୍ଦେଶ୍ୟ। ଏହି ଅବସରରେ ଡିଜାଇନର ରିନା ସିଂ ତାଙ୍କର ସମର କଲେକ୍ସନ୍ ଲଞ୍ଚ୍ କରିବା କାର୍ଯ୍ୟକ୍ରମ ରହିଛି। କରିନା ଏକ ବିବୃତିରେ କହନ୍ତି, ବୟସ କିମ୍ବା ଜୀବନର ପର୍ଯ୍ୟାୟ ମହିଳାଙ୍କ କ୍ୟାରିୟରକୁ ପ୍ରଭାବିତ କରେ ବୋଲି ମୁଁ ବିଶ୍ୱାସ କରୁନାହିଁ। ସେଥିପାଇଁ ମହିଳାମାନେ ନିଜ ମଧ୍ୟରେ ସୀମିତ ବା ସଙ୍କୁଚିତ ହୋଇପଡିବା ଉଚିତ ନୁହେଁ। ରିଲ୍ ଲାଇଫ୍‌ରେ ବିଭିନ୍ନ ଭୂମିକାରେ ଅଭିନୟ କରି ଖୁସି ହୋଇଛି। ଅଭିନୟରେ ଜଣେ ଯୋଦ୍ଧା ରାଜକୁମାରୀ, ମଡେଲ ଏବଂ ମା'ର ଭୂମିକା ନେଇଥିବା ବେଳେ ବାସ୍ତବ ଜୀବନରେ ମଧ୍ୟ ତାହା କରୁଛି। ବାହାରକୁ ସୁନ୍ଦର ଦେଖାଯିବା ପାଇଁ ଭିତରେ ସୁସ୍ଥ ରହିବା ଉପରେ ଗୁରୁତ୍ୱ ଦେଉଥିବାରୁ ଏହା ସମ୍ଭବ ହୋଇପାରିଛି।

ଏଲ୍‌ଏଫ୍‌ଡବ୍ଲ୍ୟୁରେ ସୌନ୍ଦର୍ଯ୍ୟ ଏବଂ ଫ୍ୟାଶନକୁ ନେଇ ଯାହା ପ୍ରଦର୍ଶନ ହେବାକୁ ଯାଉଛି ସେଥିରେ ମହିଳାମାନେ ସେମାନଙ୍କ ଦୃଢ଼ ମନୋବଳ ଏବଂ ସୌନ୍ଦର୍ଯ୍ୟର କାହାଣୀ ଶେୟାର କରିପାରିବେ ବୋଲି କରିନା ବର୍ଣ୍ଣନା କରିଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




■ଓଏଚ୍ଆର୍‌ସି ଅଧ୍ୟକ୍ଷ ପଦବୀ ଖାଲିପଡ଼ିବା ମାମଲା

## ସମୟ ମାଗିଲେ ସରକାର

**କଟକ ଅଫିସ, ୨୧।୧**

ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆର୍‌ସି) ଅଧ୍ୟକ୍ଷ ପଦବୀ ପୂରଣ ନିମନ୍ତେ ପ୍ରକ୍ରିୟା ଜାରି ରହିଛି। ଏଥିପାଇଁ ସମୟ ଆବଶ୍ୟକ। ତେଣୁ ଅଦାଲତଙ୍କୁ ରାଜ୍ୟ ସରକାର ସମୟ ମାଗିଛନ୍ତି। ଓଏଚ୍ଆର୍‌ସି ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଥିବା ନେଇ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ସୋମବାର ହୋଇଥିଲା। ସରକାରଙ୍କ ପକ୍ଷରୁ ସମୟ ଲୋଡାଯିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଫେବୃୟାରୀ ୧୮କୁ ଦିନଧାର୍ଯ୍ୟ ହୋଇଛି। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହାର ଶୁଣାଣି ଚାଲିଛି। ସୂଚନାଥାଉକି, ଓଏଚ୍ଆର୍‌ସିରେ ଅଧ୍ୟକ୍ଷ ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ବୀରକିଶୋର ମିଶ୍ରଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ମାତ୍ର ତାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ମାନବାଧିକାର ଉଲ୍ଲଂଘନ ସମ୍ପର୍କିତ ମାମଲାଗୁଡ଼ିକର ବିଚାର କ୍ଷେତ୍ରରେ ବିଭ୍ରାଟ ଉପୁଜିଛି। ଏ ନେଇ ମାନବାଧିକାର କର୍ମୀମାନେ ହାଇକୋର୍ଟରେ ଦୁଇଟି ମାମଲା ରୁଜୁ କରିଥିଲେ। ଦୁଇଟିଯାକ ମାମଲାର ଏକତ୍ର ଶୁଣାଣି କରାଯାଉଛି।

# କଂଗ୍ରେସ ଛାଡ଼ିଲେ ପ୍ରଣୟ

**ଆଜି ଶଙ୍ଖ ଧରିବେ**

**ମଥୁରାନଗରୀ,୨୧।୧**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଉପାଧ୍ୟକ୍ଷ ତଥା ଗତ ବିଜେପୁର ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ପ୍ରଣୟ କୁମାର ସାହୁ ସୋମବାର ଦଳ ଛାଡ଼ିଛନ୍ତି । ସେ ତାଙ୍କ ଇସ୍ତଫାପତ୍ର ପ୍ରଦେଶ କଂଗ୍ରେସ ଓ ଜିଲା କଂଗ୍ରେସ କମିଟି ସଭାପତିଙ୍କ ନିକଟକୁ ପଠାଇ ଦେଇଥିବା କହିଛନ୍ତି । ସେ କହିଛନ୍ତି, ଗତ ବିଜେପୁର ଉପନିର୍ବାଚନରେ ପରାଜୟର କାରଣ ଖୋଜିବା ପାଇଁ ଏକ ସମୀକ୍ଷା ବୈଠକ କରିବାକୁ ଅନୁରୋଧ କରାଯାଇଥିଲା । ମାତ୍ର ଏପର୍ଯ୍ୟନ୍ତ ସମୀକ୍ଷା ବୈଠକ ହୋଇ ପାରିଲାନାହିଁ । ସେହିପରି ଦଳର କର୍ମକର୍ତ୍ତା ଚୟନରେ ମଧ୍ୟ ତାଙ୍କ ପ୍ରତି ଅଣଦେଖା କରାଗଲା। ଯେଉଁମାନେ ବିଜେପୁର ଉପନିର୍ବାଚନରେ ଦଳ ବିରୋଧୀ କାମ କରିଥିଲେ, ସେମାନଙ୍କୁ ବିଭିନ୍ନ ପଦପଦବୀରେ ଅବସ୍ଥାପିତ କରାଗଲା । ଫଳରେ ସେ କଂଗ୍ରେସ ଛାଡ଼ିବାକୁ ବାଧ୍ୟ ହେଲେ। ତେବେ ସେ ବିଜେଡିର ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାମରେ ସାମିଲ ହେବା ପାଇଁ ମଙ୍ଗଳବାର ନିଜ ସମର୍ଥକ ମାନଙ୍କ ସହ ନବୀନ ନିବାସ ଯାଇ ବିଜେଡିରେ ମିଶିବେ ବୋଲି ପ୍ରଣୟ କହିଛନ୍ତି । ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରଣୟଙ୍କ ଇସ୍ତଫା ଦଳ ପ୍ରତି କିଭଳି ପ୍ରଭାବ ପକାଇବ, ତାହା ସମୟ କହିବ । ସୋମବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପ୍ରଣୟଙ୍କ ଇସ୍ତଫା ନେଇ ପଚାରିବାରୁ ସେ ଦଳ ଛାଡ଼ିବା କଂଗ୍ରେସ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଏଆଇସିସିର ସାଧାରଣ ସମ୍ପାଦକ ତଥା ଦଳର ଓଡ଼ିଶା ସହ ପ୍ରଭାରୀ ଶେଖ ମସ୍ତାନ ଅଲ୍ଲୀ କହିଥିଲେ ।


ପ୍ରଣୟ କୁମାର ସାହୁ ।

vedanta
transforming elements

**EXPRESSION OF INTEREST**
**OUTSOURCING OF COMMERCIAL DEBT RECOVERY**

**Vedanta Limited,** a subsidiary of **Vedanta Resources Limited** is one of the world's leading diversified natural resources companies and a leading producer of Oil & Gas, Zinc, Lead, Silver, Copper, Iron Ore, Aluminium, Steel and Commercial Power. **Vedanta Aluminium** hereby invites expression of interest from service providers who are established, competent and financially stable for the following :-

The outsource partner will work on a turnkey basis using contractual/ negotiation/ arbitration/ legal strategies, etc. for the outstanding dues with contractually obligated entities including vendors & government owned utilities. Remuneration / fees shall be commensurate with agreed deliverables in a time bound manner.

Interested and competent service providers can submit their expression of interest with their credentials, details of similar engagements done, value of debt recovered in the past two financial years and other relevant data within 7 days through e-mail to **tenders.outsourcing@vedanta.co.in.** Shortlisted service providers will be invited for due diligence post signing of non-disclosure agreements.



2146.2018C





ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।

- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ସାନୁ
ପରିବାରବର୍ଗ



ପ୍ରିୟଙ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



real estate

### SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର ବାଳକାଟିବଜାରରୁ 3km. ଦୂରତାରେ 30'ରୋଡ୍ ଇଲେକ୍ଟ୍ରିସିଟି ସୁବିଧାଥାଇ ଘରବାରି ପାଚେରିସହ ପିଚୁରୋଡକୁଲାଗି sqft. 550/-, ଜଟଣୀଗେଟ୍‌ରୁ 1km. 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65335

Residential plot 10.89 acres at Village- Sansighari, G.P. Bajamunda, P.S. Burla, District- Sambalpur for sale having electricity/ water facility/ connected by road and National Highway No.- 6. suitable for School educational institution residential College etc. Pl. Contact: 7032700242, 9937958210. D-10539

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot କିଣନ୍ତୁ। 9439444251, 9078085655. D-65334

Want to make a society deal for 50 Units of 2/3BHK flats project at Corporate price near AMRI Hospital, Ghatikia, Bhubaneswar. 7750085903. D-10658

Sthtiban developed plot with Revenue Road and electricity near Patia Railway Station. 7978441564. D-10680

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଛାରୁ ବିକ୍ରିହେବ। 9178660666. D-65509

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

70,000/- booking ଦେଇ Xavier University ପାଖରେ plotର ମାଲିକ ହୁଅନ୍ତୁ: 6371481421. D-65452

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



to-let

1000, 750, 700, 650, 450 sqft. available for office purpose at centrally located Unit-9, 2300 sqft. office space available at Metro house Vanivihar. 3BHK available for rent at Damayanti Apartment Nayapally. Mob: 7789837712, 9861256148. D-71411



healthcare

Ayurvedic full body massage ladies/ gents smart experts therapist. 9114697517. D-64698

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରୋ ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

### AFFIDAVIT

By virtue of an affidavit before the Executive Magistrate Puri, I declare that I Kalpana Pradhan changed my name to Sriya Jena for all purposes. D-10687

ମୁଁ ଶ୍ରୀ ଜଣାପତି ନାଏକ ବୟସ-୫୯ ପିତା-ସ୍ୱର୍ଗତ ଅବଧାନ ନାଏକ ସା-ନୂଆ ଏ.ଜି.କଲୋନୀ ଘ.ନଂ-TypeIII- ୨୩୯, ପୋ-ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା, ନୋଟାରୀ ପବ୍ଲିକ୍ ଭୁବନେଶ୍ୱର କ୍ର.ନଂ- V6/P6/21 ତା-୧୯-୦୧-୨୦୧୯ଠାରେ ମୋର ସାଙ୍ଗିଆ ନାଏକ ରୁ ନାୟକ ଭାବେ ପରିବର୍ତ୍ତନ କରିଅଛି। ଆଜିଠାରୁ ମୁଁ ଜଣାପତି ନାୟକ ଭାବେ ସବୁଠାରେ ଯଥା ସରକାରୀ ଓ ବେସରକାରୀ ସ୍ଥଳେ ବ୍ୟବହାର ହେବି। ଧ-୧୦୬୯୮

### 2nd Marriage Anniversary



**Subrat with Baby**

**Naranpur, Balibil, Jajpur**

Best wishes from all family members. D-10704

## ମନେ ପଡ଼ନ୍ତି

**ପ୍ରଥମ ଶାଦ୍ଧବାର୍ଷିକୀ ଉପଲକ୍ଷେ**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସାଧୁ ଚରଣ ସିଂହ**

ଆବିର୍ଭାବ: ୧୭।୬।୧୯୩୪

ତିରୋଧାନ: ୩।୧।୨୦୧୮

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ ପରିବାରବର୍ଗ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ।**

ଧ-୧୦୭୦୫

**ପ୍ରଥମ ଶାଦ୍ଧବାର୍ଷିକୀ ଉପଲକ୍ଷେ**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଲକ୍ଷ୍ମୀ ସିଂହ**

ଆବିର୍ଭାବ: ୨୬।୮।୧୯୪୩

ତିରୋଧାନ: ୧୮।୪।୨୦୧୭

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ ପରିବାରବର୍ଗ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ।**

ଧ-୧୦୭୦୬

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଅକ୍ଷୟ ନାରାୟଣ ସାମଲ**

ବଡ଼କିଆ, ରସାଳପୁର, ବାଲେଶ୍ୱର

ଆବିର୍ଭାବ: ୧୦।୦୪।୧୯୭୩

ତିରୋଧାନ: ୧୨।୦୧।୨୦୧୯

ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ପରିବାର, ବନ୍ଧୁବାନ୍ଧବଙ୍କ ପକ୍ଷରୁ ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁବର୍ଗ।

ଧ-୧୦୭୦୭

**ଦଶାହ ଉପଲକ୍ଷେ**



**ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ**

ବାଲିସାହି, ବାରାହିଲେନ୍, ପୁରୀ

ଆବିର୍ଭାବ: ୧୮।୦୧।୧୯୫୩

ତିରୋଧାନ: ୧୩।୦୧।୨୦୧୯

ଅଖିଳ ବ୍ରହ୍ମାଣ୍ଡନାଥ ଅଶରଣ ଶରଣ ରକ୍ଷଣ ମହାବାହୁ ବିଶ୍ୱନିୟନ୍ତା ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁ ଆପଣଙ୍କର ଅମରାତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।

ଶୋକସନ୍ତପ୍ତ ପରିବାରବର୍ଗ।

ଧ-୬୪୦୪୦

## ୫ ଲକ୍ଷ...

ପ୍ରତିଶତରୁ ୯୮.୩୮ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ୨୦୧୮ରେ ୩୫ ହଜାର ୮୯୬ ବୁଥ୍ ଥିବାବେଳେ ୨୦୧୯ରେ ତାହା ୩୭ ହଜାର ୬୦୬କୁ ବୃଦ୍ଧି ପାଇଛି। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଥିଲେ ମଧ ଭୋଟର ତାଲିକାରେ ନାମ ପଞ୍ଜୀକରଣ କାର୍ଯ୍ୟ ଚାଲୁ ରହିବ। ମତଦାତାମାନେ ସେମାନଙ୍କର ନାମ ଭୋଟର ତାଲିକାରେ ଅଛି କି ନାହିଁ ଅନଲାଇନ www.ceoorissa.nic.in/www.nvsp.inରେ ଯାଞ୍ଚ କରି ପାରିବେ। ଭୋଟରମାନଙ୍କୁ ସହାୟତା କରିବା ପାଇଁ ଜିଲାପାଳ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଭୋଟର ସହାୟତା କେନ୍ଦ୍ର ଜାନୁୟାରୀ ୩୧ ତାରିଖ ସୁଦ୍ଧା ଖୋଲାଯିବ । ଏହି କେନ୍ଦ୍ର ମାଧମରେ ଭୋଟରମାନେ ସେମାନଙ୍କ ନାମ ଯାଞ୍ଚ କରି ପାରିବେ। ଏଥିସହିତ ଜନସାଧାରଣଙ୍କ ସୁବିଧା ନିମନ୍ତେ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଭୋଟର ସହାୟତା କେନ୍ଦ୍ର ମଧ ଖୋଲାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଏଥିସହିତ ଭୋଟରମାନେ ନିଃଶୁଳ୍କ ନମ୍ବର ୧୯୫୦କୁ ଫୋନ କରି କେଉଁ ଠାରେ ନାମ ରହିଛି ଏବଂ ଭୋଟର ପରିଚୟପତ୍ର ବିଷୟରେ ଜାଣି ପାରିବେ। ପ୍ରତ୍ୟେକ କାର୍ଯ୍ୟ ଦିବସରେ ସକାଳ ୧୦ଟାରୁ ଅପରାହ୍ନ ୫ ମଧରେ ଭୋଟରମାନେ କଲ୍ କରି ପାରିବେ। ପ୍ରତି ଜିଲାରେ ୨ଜଣ କଣ୍ଟାକ୍ଟ ସେଣ୍ଟର ଏଜେଣ୍ଟ ରହିବେ। ସେମାନେ ଭୋଟରମାନଙ୍କ ଅଭିଯୋଗ ପଞ୍ଜୀକୃତ କରିବେ। ଅଭିଯୋଗକାରୀ ସେମାନଙ୍କ ଅଭିଯୋଗକୁ ମଧ ୱେବ୍‌ସାଇଟ ଜରିଆରେ ଜାଣି ପାରିବେ। ଚଳିତ ମାସ ୨୫ ତାରିଖରେ ଜାତୀୟ ଭୋଟର ଦିବସ ପାଳିତ ହେବ। ଚଳିତ ବର୍ଷ ନିର୍ବାଚନ ଥିବାରୁ ସଚେତନତା ପାଇଁ ଧୁମ୍‌ଧାମରେ ପାଳନ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଏହି ଅବସରରେ ସାଇକେଲ ଶୋଭାଯାତ୍ରା ବିଜୁ ପଟ୍ଟନାୟକ ପାର୍କରୁ ବାହାରି କଳିଙ୍ଗ ଷ୍ଟାଡିୟମରେ ପହଞ୍ଚିବ। ଏଥିରେ ଏସିସି, ଏନଏସଏସ, ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ମାନେ ଯୋଗ ଦେବେ। ରାଜ୍ୟସ୍ତରୀୟ ପ୍ରତିଯୋଗିତା କରାଯାଇ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ସୁରେନ୍ଦ୍ର କୁମାର କହିଛନ୍ତି। ଏଥିସହିତ ଭୋଟର ଦିବସ ବିଷୟରେ ସଚେତନତା ସୃଷ୍ଟି ପାଇଁ ଭୁବନେଶ୍ୱରରେ ୩ଟି ରଥରେ ଇଭିଏମ ଭିଭିପାର୍ଟର ମଡେଲ ପ୍ରଦର୍ଶନୀ କରାଯିବ। ବିଭିନ୍ନ ଜିଲାରୁ ସାଂସ୍କୃତିକ ଦଳ ଏହି ରଥରେ ଯିବେ। ସହରର ବିଭିନ୍ନ ଅଞ୍ଚଳରେ ଏହି ରଥ ବୁଲିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

## କୁହୁଡ଼ି ନେଲା...

ଟୁନି ଓ ଭଗବତୀ ଘରୁ ବାହାରିଥିଲେ। ଏହି ସମୟରେ ଅମର ଓ ପ୍ରତାପ କୌଣସି କାର୍ଯ୍ୟରେ କଟକ ଯାଉଥିବା ବେଳେ ରାଜନଗର-ପଟ୍ଟାମୁଣ୍ଡାଇ ରାସ୍ତାର ଚନ୍ଦନନଗର ଛକରେ ସେମାନଙ୍କ ଗାଡ଼ି ଖରାପ ହୋଇଯାଇଥିଲା। ଫଳରେ ସେମାନେ ସୁବ୍ରତଙ୍କ ଗାଡ଼ିକୁ ଲିଫ୍ଟ ମାଗି ତାଙ୍କ ସହ ଯାଇଥିଲେ। କଟକ-ଚାନ୍ଦବାଲି ରାସ୍ତାର କାକଟିଆ ଛକଠାରେ ତାଙ୍କ ଗାଡ଼ିକୁ ସମ୍ମୁଖରୁ ଆସୁଥିବା ଏକ ଟ୍ରକ ( ନଂ. ଓଡ଼ି-୦୫-ୟୁ-୪୫୫୭) ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସୁବ୍ରତ, ଭଗବତୀ ଓ ବିଭୂତିଙ୍କର ମୃତ୍ୟୁ ଘଟିବା ପରେ ବ୍ୟବଚ୍ଛେଦ ପାଇଁ ସେମାନଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅନ୍ୟ ୫ଜଣଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅମରଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟିବା ପରେ କିଛି ସମୟ ପର୍ଯ୍ୟନ୍ତ କାକଟିଆ ଛକରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ସଦର ଥାନା ଅଧିକାରୀ କାବୁଲି ବାରିକ ଓ ଚାନ୍ଦୋଳ ଫାଣ୍ଡି ଅଧିକାରୀ ରଣେନ୍ଦ୍ର ସାମଲ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ପୋଲିସ ଜବତ କରିଥିବା ବେଳେ ଟ୍ରକର ଡ୍ରାଇଭର ଓ ହେଲ୍‌ପର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ପୋଲିସ କହିଛି। ସୁବ୍ରତଙ୍କ ମୃତଦେହ ରାଜନଗରରେ ପହଞ୍ଚିବା ପରେ ଡ୍ରାଇଭର ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରାଯିବା ପରେ ସନ୍ଧ୍ୟାରେ ଶବ ସତ୍କାର କରାଯାଇଛି।

ସେହିପରି ହାତୀ ତେଲଟାଙ୍କି ଦୁର୍ଘଟଣାରେ ପ୍ରାଣ ହରାଇଥିବା ତପନ ଓ ଅଞ୍ଜନ ଏସ୍‌ଆଇଏସ୍ ନାମକ ସିକ୍ୟୁରିଟି ସଂସ୍ଥାରେ କାମ କରୁଥିବା ଜଣାପଡିଛି। ରାତି ଡ୍ୟୁଟି ସାରି ସେମାନେ ସକାଳେ ଗାଁକୁ ଯାଉଥିଲେ। ହାତୀ ପେଟ୍ରୋଲ ଟାଙ୍କିରୁ ବାଇକ୍‌ରେ ତେଲ ପକାଇ ରାଜପଥକୁ ବାହାରିବାବେଳେ ପାରାଦୀପ ଅଭିମୁଖେ ଆସୁଥିବା ଏକ ଟ୍ରକ୍ (ନଂ.ସିଜି୨୯ଏ୫୪୨୬) କୁହୁଡ଼ି ଯୋଗୁ ଦେଖି ନ ପାରି ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ତପନ ଓ ଅଞ୍ଜନ ଗୁରତର ହୋଇଥିଲେ। ଲକ୍ ଥାନା ପୋଲିସ ସେମାନଙ୍କୁ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏନେଇ ଏକ ମାମଲା ନଂ.୧୧/୧୯ ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟି ଜବତ ହୋଇଛି। ଏହି ଦୁର୍ଘଟଣା ପରେ ସେଠାରେ ମଧ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ସନ୍ଧ୍ୟାରେ ମୃତକଙ୍କ ପରିବାର ମୃତଦେହ ଆଣି ପାରାଦୀପସ୍ଥିତ ଇଣ୍ଡିଆନ ଅଏଲ ରିଫାଇନେରୀ ଆଗରେ କ୍ଷତିପୂରଣ ଦାବିରେ ଧାରଣା ଦେଇଥିଲେ। ରାତି ୮ଟାରେ ମୃତକ ଦ୍ୱୟ ଚାକିରି କରିଥିବା ଘରୋଇ ସିକ୍ୟୁରିଟି ସଂସ୍ଥା ୩ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଓ ପରିବାରର ଜଣଙ୍କୁ ଚାକିରି ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

## ଓଲଟିଲା ବସ୍...

ପାର୍ଶ୍ୱରେ ଜାତୀୟ ରାଜପଥ ପକ୍ଷରୁ ରାସ୍ତା ମରାମତି ନିମନ୍ତେ ବାଲି ଗଦା ହୋଇଥିଲା। ବାଲି ଉପରେ ବସ୍‌ଟି ଚଢିଯିବା ଫଳରେ ବସ୍‌ଟି ବାମପଟକୁ ଓଲଟି ପଡ଼ିଥିଲା। ବସ୍‌ର ବାମପାର୍ଶ୍ୱ ଡୋର ନିକଟରେ ଛିଡ଼ା ହୋଇଥିବା ହେଲ୍‌ପରଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯାତ୍ରୀ ବାହାରକୁ ଡେଇଁ ପଡ଼ିବାକୁ ଉଦ୍ୟମ କରିଥିଲେ। ହେଲେ ସେ ବସ୍ ତଳେ ଚାପିହୋଇ ପ୍ରାଣ ହରାଇଥିଲେ। ମୃତକଙ୍କ ମଧରୁ ଜଣଙ୍କର ପରିଚୟ ମିଳିଛି। ସେ ହେଲେ ଅନୁଗୋଳ ଜିଲା ବଳରାମପ୍ରସାଦ ଅଞ୍ଚଳର ଦୁର୍ଯ୍ୟୋଧନ ମହାନ୍ତି (୫୫)।

ଏହି ଦୁର୍ଘଟଣା ପରେ ଅନେକ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ମୁଖ୍ୟତଃ ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାସ୍ତା

### ପ୍ରଥମ ପୃଷ୍ଠାରୁ...

ଉପରେ ବାଲି ଜମା କରିଥିଲେ ମଧ ତାହାକୁ ବ୍ୟାରିକେଡ୍ ମଧରେ ରଖି ନ ଥିଲେ କି ସେହି ସ୍ଥାନ ଚିହ୍ନଟ ପାଇଁ ରେଟ୍ରୋ ରିଫ୍ଲେକ୍ଟିଭ ଟେପ୍ ଲଗାଇ ନ ଥିଲେ। ଫଳରେ ହଠାତ୍ ସେଠାରେ ବାଲି ଜମାଥିବା ଜଣାପଡ଼ି ନ ଥିଲା। ଏହାବାଦ ଯେଉଁଠାରେ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି ସେଠାରେ ବସ୍‌ର ବେଗ ଅତିବେଶିରେ ୩୦ରୁ ୩୫ କିଲୋମିଟର ମଧରେ ରହିବା କଥା। ମାତ୍ର ଦୁର୍ଘଟଣା ସମୟରେ ବସ୍‌ର ବେଗ ଘଣ୍ଟା ପ୍ରତି ୬୦ କିଲୋମିଟରରୁ ଅଧିକ ଥିବା କଟକ ଆର୍‌ଟିଓ ଦୀପ୍ତିରଞ୍ଜନ ପାତ୍ର କହିଛନ୍ତି। ଅନ୍ୟପକ୍ଷରେ ବସ୍‌ର ମାଲିକ କଟକର ହୋଇଥିବା ବେଳେ ସେ ଅନ୍ୟ ଜଣଙ୍କୁ ବିକ୍ରି କରିଛନ୍ତି। ହେଲେ ବସ୍‌ର ମାଲିକାନା ସ୍ୱତ୍ୱ ବଦଳ ହୋଇନାହିଁ। ଯେହେତୁ ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଛନ୍ତି, ତେଣୁ ବସ୍‌ର ମାଲିକଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ବିବାଦ ଉପୁଜିଥିବା ପରିବହନ ବିଭାଗର ଜଣେ ଅଧିକାରୀ କହିଛନ୍ତି। ତେବେ ବସ୍‌ର କାଗଜପତ୍ର ଠିକ୍‌ଠାକ ଥିବା ଆର୍‌ଟିଓ ପାତ୍ର କହିଛନ୍ତି। ଡ୍ରାଇଭର ଫେରାର ଥିବାରୁ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ ହୋଇପାରି ନ ଥିବା ସେ ସୂଚନା ଦେଇଛନ୍ତି। ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା କହିଛନ୍ତି, ରାତି ୯ଟା ସୁଦ୍ଧା ମେଡିକାଲକୁ ୪ ଜଣ ଆହତ ଆସିଛନ୍ତି। ସେମାନେ ହେଲେ ଶ୍ରବଣ ଦେହୁରି(୧୮), କାଞ୍ଚନ କୁମାରୀ (୪୬), ରଜତ ରାଉଳ(୨୦), କୁମାର ଜ୍ୟୋତିପ୍ରକାଶ(୨୦)। ଆଉ ଆହତ ଯାତ୍ରୀ କାଞ୍ଚନ କୁମାରୀ କହିଛନ୍ତି, ବସ୍‌ରେ ୭୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଠିଆହୋଇ ଯାତ୍ରା କରୁଥିଲେ। ଅଧିକ ବେଗରେ ବସ୍‌ଟି ଚାଲୁଥିବା ବେଳେ ହଠାତ୍ ତାହା ଓଲଟି ପଡିଥିଲା। ବସ୍‌ଟି ବାଲିରେ ପଡିଯିବାରୁ କେତେଜଣ ବ୍ୟକ୍ତି ସେଠାରେ ତଳେ ଚାପି ହୋଇଯାଇଥିଲେ ବୋଲି ସେ କହିଛନ୍ତି।

## ଇଞ୍ଜେକ୍ସନ ଦେଇଥିବା...

କରିଦେଇଥିଲେ। ହେଲେ ଇଞ୍ଜେକଶନ ନ ନେଲେ ଡିସ୍‌ଚାର୍ଜ କରିଦେବେ ବୋଲି ସେ ନାଲିଆଖି ଦେଖାଇଥିଲେ। ଏଣୁ ରୋଗୀମାନେ ବାଧହୋଇ ଇଞ୍ଜେକ୍ସନ ନେଇଥିଲେ। ୱାର୍ଡ ଭିତରେ ବ୍ୟସ୍ତ ଥିବା ଷ୍ଟାଫ ନର୍ସଙ୍କ ଦୃଷ୍ଟିରେ ଏହା ପଡ଼ିବାରୁ ସେ ଖସି ପଳାଇଥିଲେ। ରୋଗୀ ସମ୍ପର୍କୀୟଙ୍କ ଅଭିଯୋଗକ୍ରମେ ରବିବାର ସିଡିଏମ୍‌ଓ ଗୁପ୍ତା ଏହି ଘଟଣାର ତଦନ୍ତ ପାଇଁ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପ୍ରକାଶଯୋଗ୍ୟ, ଯୁବତୀ ଜଣକ ଇଞ୍ଜେକ୍ସନ ଦେଇଥିବା ରୋଗୀ ସୁସ୍ଥ ଅଛନ୍ତି। କାହାଠାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇନି। ହୁଏତ ଯୁବତୀ ଜଣକ ମେଡିକାଲ ଲାଇନରେ ଅଭିଜ୍ଞତା ରଖିଥିବେ। ନ ହେଲେ କିଭଳି ଇଞ୍ଜେକ୍ସନ ଦେଲେ ବୋଲି ଚର୍ଚ୍ଚା ହେଉଛି। ତେବେ ଏହି ଇଞ୍ଜେକ୍ସନ ନେବା ପରେ ଯଦି କୌଣସି ଅଘଟଣ ଘଟିଥାନ୍ତା ତେବେ ଖାଲି ଜିଲା ସଦର ଡାକ୍ତରଖାନା ନୁହେଁ ବରଂ ସ୍ୱାସ୍ଥ୍ୟ ବିଭାଗ, ଜିଲା ପ୍ରଶାସନ ଓ ସରକାରଙ୍କୁ ଦାୟୀ ରହିବାକୁ ପଡ଼ିଥାନ୍ତା। ଅତୀତରେ ଏହି ଡାକ୍ତରଖାନାରେ ମା' କୋଳରୁ ପିଲା ଚୋରି ହୋଇଯିବା ଘଟଣା ଚର୍ଚ୍ଚା ସୃଷ୍ଟି କରିଥିଲା। ଏବେ ପୁଣି ଅଚିହ୍ନା ଯୁବତୀଙ୍କ ଏଭଳି ସାହସ ଡାକ୍ତରଖାନାର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଗିରଫ ଯୁବତୀ ଜଣକ ଏହି ମେଡିକାଲର ଜଣେ ଷ୍ଟାଫନର୍ସଙ୍କ ସହ ନିବିଡ଼ ସମ୍ପର୍କ ଥିଲା। ମେଡିକାଲକୁ ବିଭିନ୍ନ ସମୟରେ ଯିବା ଆସିବା କରିବା ଭିତରେ ସେ ଇଞ୍ଜେକଶନ ଦେବାର କୌଶଳ ଶିଖିଥିଲେ। ତେଣୁ ଏହାକୁ ପରୀକ୍ଷାମୂଳକ ଭାବେ ଶନିବାର ରାତିରେ ପ୍ରୟୋଗ କରିଥିବା କୁହାଯାଉଛି। ଉକ୍ତ ଘଟଣା ମେଡ଼ିକାଲର ଢ଼ିଲା ପଣିଆକୁ ପଦାରେ ପକାଇଛି। ଉକ୍ତ ନର୍ସଙ୍କ ସହ ଗିରଫ ଯୁବତୀଙ୍କ କି ସମ୍ପର୍କ ରହିଛି ତାହାର ଖୋଳତାଡ କଲେ ଘଟଣା ପଛରେ ଲୁଚି ରହିଥିବା ଅସଲ ଗୁମର ପଦାକୁ ଆସିବ ବୋଲି କୁହାଯାଉଛି।

## ସରିଲା ବରଗଡ଼...

ଚାଣୁର, ମୁଷ୍ଟିକ ବୀରଦର୍ପ କରୁଥିଲେ ମଧ କୃଷ୍ଣ, ବଳରାମଙ୍କ ହାତରେ ଶେଷରେ ବଧ ହୋଇଥିଲେ ।

ରାଣୀ ପଦ୍ମାବତୀଙ୍କ ବାରଣ ସତ୍ତ୍ୱେ ମହାରାଜା କଂସ ନିଜର ପରାକ୍ରମ ଦେଖାଇବାକୁ ରଣାଙ୍ଗନକୁ ଓହ୍ଲାଇଥିଲେ। କିନ୍ତୁ ଶ୍ରୀକୃଷ୍ଣଙ୍କ ସ୍ପର୍ଶ ଏବଂ ବଳରାମଙ୍କ ହଳ ମୁଦଗରରେ କଂସଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ମହାରାଜ ଉଗ୍ରସେନଙ୍କ ରାଜାଭିଷେକ ହୋଇଥିଲା । ତାଙ୍କ ବିଶ୍ୱସ୍ତ ଭୃତ୍ୟ, ସେବକ ଓ ସମସ୍ତ ରାଜ କର୍ମଚାରୀମାନଙ୍କୁ ରାଜା ଉଗ୍ରସେନ ପୁନଶ୍ଚ କାର୍ଯ୍ୟରେ ଅବସ୍ଥାପିତ କରିଥିଲେ । ଶ୍ରୀକୃଷ୍ଣ, ବଳରାମ ମଥୁରା କାରଗାରକୁ ଯାଇ ବନ୍ଦୀ ଥିବା ଦେବକୀ, ବସୁଦେବଙ୍କୁ ମୁକ୍ତ କରିଥିଲେ । ଏହାପରେ ମଥୁରାବାସୀ ବାଣ ଫୁଟାଇବା ସହ ଲଡ୍ଡୁ ବାଣ୍ଟି ଖୁସି ମନାଇଥିଲେ । ଅନ୍ୟପଟେ କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ ପାପରୁ ମୁକ୍ତି ପାଇଁ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ବାହାରିଥିଲେ । ମଙ୍ଗଳବାର ପୂର୍ବାହ୍ନରେ ସେ ପୁରୀରେ ପହଞ୍ଚି ସମୁଦ୍ରରେ ସ୍ନାନ ଓ ଶ୍ରୀକ୍ଷେତ୍ର ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥିଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ପରମ୍ପରା ଅନୁଯାୟୀ ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏବଂ କାର୍ଯ୍ୟକାରୀ ସଭାପତି ମୁକେଶ କୁମାର ଭାମୁ ରାଜଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲାପାଳ ତପିରାମ ମାଝି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତଙ୍କ ସମେତ ଲୋକମଣ୍ଡପ ମଞ୍ଚ କମିଟି ଆବାହକ ସର୍ବେଶ୍ୱର ରଥ, ରିସେପଶନ କମିଟି ସହ ଆବାହକ ଅଚ୍ୟୁତାନନ୍ଦ ମହାପାତ୍ର, ସାଂସ୍କୃତିକ କମିଟି ଆବାହକ ଗୋପାଳ ଦାଶ, କଳାକାର ସମନ୍ୱୟ କମିଟି ସହ ଆବାହକ ଅଶୋକ ବେହେରା, ଅତିଥି କମିଟି ଆବାହକ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ମା' ହେଲେ...

ତାଙ୍କୁ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ନାବାଳିକା ଗର୍ଭବତୀ ଥିବା ଡାକ୍ତର କହିବା ପରେ ପରିବାର ଲୋକେ ତାଙ୍କୁ ସେଠାରେ ଛାଡ଼ି ପଳାଇଥିଲେ। ଫଳରେ ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ଉଭୟ ମା' ଓ ନବଜାତକର ଦାୟିତ୍ୱ ନେଇଛି। ସେମାନଙ୍କୁ ଗରଦପୁର ବ୍ଲକସ୍ଥିତ ବାସୁଦେବ ସୁଧାର ଗୃହରେ ରଖାଯାଇଛି। ଉଭୟ ମା' ଓ ଶିଶୁ ସୁସ୍ଥ ଥିବା ସିଡବ୍ଲ୍ୟୁସି କମିଟି ଅଧକ୍ଷା ସ୍ମିତାଞ୍ଜଳି ମହାପାତ୍ର କହିଛନ୍ତି। ସେ କହିଛନ୍ତି, ନାବାଳିକା ଜଣଙ୍କ ପ୍ରସବ କରିବା ପରେ ସାମାଜିକ ନିରାପତ୍ତା ଦୃଷ୍ଟିରୁ ଡାକ୍ତରଖାନା କର୍ତ୍ତୃପକ୍ଷ ସିଡବ୍ଲ୍ୟୁସିକୁ ଖବର ଦେଇଥିଲେ। ଏବେ ଦୁହିଁଙ୍କୁ ସୁଧାର ଗୃହକୁ ସ୍ଥାନାନ୍ତର କରାଯାଇଛି।

**କିଛି ତଥ୍ୟ**

୨୦୧୮ ବର୍ଷରେ ସୁନା ଆମଦାନୀ ୧୪.୫% ହ୍ରାସ ଘଟି ୭୯୫ ଟନ ରହିଛି। ଏହା ୨୦୧୭ରେ ୮୭୬ ଟନ୍ ରହିଥିଲା।

**– ଜେମ୍ସ ଆଣ୍ଡ ଜୁଏଲେରି ଏକ୍ସପୋର୍ଟ ପ୍ରମୋଶନ କାଉନସିଲ୍**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଅଶ୍ଳେଷା ନକ୍ଷତ୍ରସ୍ଥ କେତୁ ପ୍ରଭାବରେ କହିବାର ସୁଯୋଗ ନ ପାଇ ମନକଥା ମନରେ ରଖିବାକୁ ବାଧ୍ୟ ହେବେ । ପାପଯୁକ୍ତ ରାହୁ ପ୍ରଭାବରେ କୌଣସି ମହିଳାଙ୍କ ପ୍ରତିବାଦର ସ୍ୱର ଆପଣଙ୍କ ପାଇଁ ସମସ୍ୟାର କାରଣ ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ ପରକଥା ଶୁଣି ମାନସିକ ଶାନ୍ତି ବ୍ୟାହତ ହେବାର ଆଶଙ୍କା ରହିଛି ।

**ବୃଷ** ରବି ନିଜଭାବରୁ ଷଷ୍ଠସ୍ଥ ହେତୁ କୌଣସି ବୟସ୍କବ୍ୟକ୍ତିଙ୍କ ଦ୍ୱାରା ପାରିବାରିକ ସ୍ଥିତି ବିଡମ୍ବିତ ହୋଇପାରେ । ଅବଶ୍ୟ ଆନୁଷ୍ଠାନିକ କ୍ଷେତ୍ରରେ,ବନ୍ଧୁତ୍ୱ ସ୍ଥାପନରେ, ଲେଖାପଢ଼ାରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇପାରେ । ବ୍ୟବସାୟ,ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ସମସ୍ୟା ମୁକ୍ତ ରହିପାରନ୍ତି। ଅବଶ୍ୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ଷଷ୍ଠାଧିପ ମଙ୍ଗଳ କର୍ମଭାବରେ ଅବସ୍ଥାନ କରି କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି । ଅଷ୍ଟମସ୍ଥ ଶନି ବିଭିନ୍ନ ପ୍ରକାରର ସମସ୍ୟା ମାଧମରେ ବିଳମ୍ବିତ କରି ଅର୍ଥନୈତିକ ପ୍ରଗତିକୁ ରୋକି ଦେଇପାରେ । ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ । ଅଫିସରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ ।

**କର୍କଟ** ଚନ୍ଦ୍ର ପାପଯୁକ୍ତ ହୋଇ ଦୈହିକ ଓ ମାନସିକ ସ୍ତରକୁ କଳୁଷିତ କରିପାରେ । ଆଜର ଆଲୋଚନା ପରିସରରେ କୌଣସି ବିବାଦୀୟ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ । ତଥାପି ଅଧସ୍ତନ କର୍ମଚାରୀଙ୍କ ସହାୟତା ନେଇ ପ୍ରତ୍ୟେକ ଅସଜଡା ପରିସ୍ଥିତିରେ ମୁକାବିଲା କରିବାରେ ସମର୍ଥ ହେବେ । ବାଣିଜ୍ୟ,ବ୍ୟବସାୟ, ନିର୍ମାଣକାର୍ଯ୍ୟକୁ ଯଥାବିଧି ସମ୍ପନ୍ନ କରିପାରିବେ ।

**ସିଂହ** ଆଜିର ଗ୍ରହସ୍ଥିତି ଅନୁସାରେ ଦୈନିକଚର୍ଯ୍ୟାରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହେବନାହିଁ । ଅତୀତ ଦିନର ବିବାଦୀୟ ଘଟଣାରେ ଆଶଙ୍କା ସୃଷ୍ଟି ହେଲେ ମଧ ସେମିତି କିଛି ନ ହୋଇପାରେ । ସ୍ୱାଭିମାନୀ କାରଣରୁ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ । ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** ଏକାଦଶସ୍ଥ ଚନ୍ଦ୍ର ବଳବାନ୍ ରାହୁଙ୍କ ସଙ୍ଗଲାଭ କରିଥିବାରୁ ଆଜି ସକାଳୁ ସକାଳୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ । ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବାର ସୁଯୋଗ ପାଇବେ । ଭାବପ୍ରବଣ ବଶତଃ ବନ୍ଧୁଙ୍କ ସହ ବିବାଦୀୟ ବିଷୟରେ ଆଲୋଚନା କଲେ ଅପଦସ୍ଥ ହୋଇପାରନ୍ତି।

**ତୁଳା** କର୍ମଭାବ ଓ ପରିବାର ସ୍ଥାନର ଦୁର୍ବଳତା କାରଣରୁ ସଫଳତା ପାଇବା ଦୁରୂହ ହୋଇପାରେ । କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବାକୁ ପଡ଼ିବ । ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସା ଭିନ୍ନାର୍ଥରେ ଗ୍ରହଣ କରି ଅପପ୍ରଚାର କରିପାରନ୍ତି । ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ ।

**ବିଛା** ଆଜିର ଚନ୍ଦ୍ର ଆପଣଙ୍କୁ ଭାବପ୍ରବଣତାର ସହ କଷ୍ଟପ୍ରଦ ଯାତ୍ରା କରାଇପାରେ । ପରିବାରରେ ନିଜର ଲୋକମାନଙ୍କୁ ନେଇ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିପାରିବେ । ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ । ଦୀର୍ଘଦିନରୁ ରହିଆସିଥିବା ଋଣ ପରିଶୋଧ ପାଇଁ ନୂତନ ଯୋଜନା କରିପାରନ୍ତି।

**ଧନୁ** ମଙ୍ଗଳଙ୍କ ସ୍ଥାନ ସ୍ଥିତିରୁ ଆଜି ଆପଣ କୌଣସି ଗୃହ, ଜମିଜବାଡି, ଯାନବାହନ କ୍ରୟ କରିବା ପାଇଁ ଯୋଜନା କରିପାରନ୍ତି । ତଥାପି ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ ଅନ୍ୟଥା ମୁଣ୍ଡରେ ହାତ ଦେଇ ବସିବାକୁ ପଡିପାରେ । ଅଯାଚିତ ଭାବରେ କାମ ହାସଲ କ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହୋଇପାରନ୍ତି।

**ମକର** ଆଜି ଆପଣଙ୍କ ଆଶା ଆଶାରେ ହିଁ ରହିଯିବ ସିନା ଅଭିଳଷିତ ଦ୍ରବ୍ୟପ୍ରାପ୍ତି ଅସମ୍ଭବ ମନେହେବ । ତଥାପି ନିଜର ଲୋକମାନେ ଶତ୍ରୁତା କଲେ କୌଣସି କ୍ଷତି କରିପାରିବେ ନାହିଁ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ, ରାଜନୀତିରେ ପ୍ରଶଂସିତ ହେବେ । କର୍ମକ୍ଷେତ୍ରରେ ଅଥବା ଅଫିସରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଦୃଢ଼ପ୍ରତିଜ୍ଞ ହୋଇ କୌଣସି କାମକୁ ଯୁଦ୍ଧକାଳୀନଭିତ୍ତିରେ ସମ୍ପନ୍ନ କରିପାରନ୍ତି । ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ । ଆଦୌ ଭଲ ସମ୍ପର୍କ ନ ଥିବା କୌଣସି ବ୍ୟକ୍ତି ବିଶେଷଙ୍କ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ । ବିଶେଷ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ଲାଗି ରହିପାରେ ।

**ମୀନ** ଆଜିର କର୍ମକ୍ଷେତ୍ରରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧରେ ଆସି ଖୁସି ହେବେ । ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିମାନଙ୍କ ଶୁଣାକଥାକୁ ବିଶ୍ୱାସ ନ କରିବା ଭଲ । ଆପଣଙ୍କୁ ବାହାରେ ଲୋକମାନେ ଯେତେ ଭଲ କହୁଥିଲେ ମଧ ସେହି ଅନୁପାତରେ ଘର ଭିତରେ ଆଦର ପାଇବେ ନାହିଁ । ମାଲିମକଦ୍ଦମା, ପରିବହନ, ଯାତ୍ରାରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି।

ଆଜି ମାଘ କୃଷ୍ଣ ପ୍ରତିପଦାଯୁକ୍ତ ଦ୍ୱିତୀୟା ମଙ୍ଗଳବାର, ଜାନୁୟାରୀ ୨୨ ତାରିଖ, ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ମକର ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୯।୧୫ମି. ଗତେ ଘ୧୦।୩୮ମି. ମଧ୍ୟେ, ଘ୧୨।୦୧ମି. ଗତେ ଘ୧।୨୪ମି. ମଧ୍ୟେ ଅମୃତବେଳା । ଦିବା ଘ୧୦।୩୮ମି. ଗତେ ଘ୧୨।୦୧ମି. ମଧ୍ୟେ, ଘ୨।୫୧ମି. ଗତେ ଘ୪।୧୪ମି. ମଧ୍ୟେ ମାହେନ୍ଦ୍ରବେଳା । ଅପରାହ୍ନ ଘ୨।୪୩ମି. ଗତେ ଘ୪।୦୬ମି. ମଧ୍ୟେ ରାହୁ କାଳ ।


www.elitegogas.com
ବ୍ଲାଷ୍ଟ ପ୍ରୁଫ୍ ଏଲ୍‌ପିଜି ସିଲିଣ୍ଡର
ଏବେ ଓଡ଼ିଶାରେ
go gas élite
Blast Proof LPG Cylinder
ବ୍ଲାଷ୍ଟ ପ୍ରୁଫ୍
ହେଭି ରେଜିନ ଲେୟାର ଯୁକ୍ତ ବିଶ୍ୱ ଶ୍ରେଣୀୟ ଟେକ୍ନୋଲୋଜିରେ ନିର୍ମିତ, ୧୦୦ ପ୍ରତିଶତ ବ୍ଲାଷ୍ଟ ପ୍ରୁଫ୍‌କୁ ସୁନିଶ୍ଚିତ କରେ । ଅସଦୃଶ ଧାତୁକୁ ବୃଦ୍ଧି କରେ ନାହିଁ । ତେଣୁ ଏହା ଜୀବନ ସୁରକ୍ଷାକାରୀ । ପରିବାର ପାଇଁ ସଂପୂର୍ଣ୍ଣ ନିରାପଦ ।
ହାଲୁକା ଓଜନ
ଧାତୁଯୁକ୍ତ ସିଲିଣ୍ଡରଠାରୁ ପ୍ରାୟ ଅଧା ଓଜନ । ଏହାକୁ ସୁବିଧା ଓ ସହଜରେ ନିଆଯାଇ ପାରେ, ଏହା ସ୍ୱାସ୍ଥ୍ୟର ମେରୁ ଦଣ୍ଡ ଉପରେ କୌଣସି ପ୍ରଭାବ ପକାଏ ନାହିଁ ଏବଂ ଘରର ଚଟାଣକୁ ନଷ୍ଟ କରେ ନାହିଁ ।
କଳଙ୍କି ମୁକ୍ତ ଏଲିଗାଣ୍ଟ ଡ଼ିଜାଇନ
ଏଥିରେ ରହିଛି ହ୍ୟାଣ୍ଡେଲ, ରେଗୁଲେଟର ସ୍ଥାନ, ଆକର୍ଷଣୀୟ ରଙ୍ଗ ରୁଚି ସମ୍ପନ୍ନ ଡ଼ିଜାଇନ ଯାହା ଦେଇଥାଏ ସୌନ୍ଦର୍ଯ୍ୟର ମୂଲ୍ୟବୋଧ ଏବଂ ସୁବିଧା । ଏଥିରେ ଥିବା ଆଉଟର କେସିଂ ଦୀର୍ଘଦିନ ବ୍ୟବହାର କଲେ ମଧ୍ୟ ଏହା ନଷ୍ଟ ହୋଇନଥାଏ ।
ଗ୍ରହଣୀୟ
ଏହି ବିଶ୍ୱଶ୍ରେଣୀୟ ଟେକ୍ନୋଲୋଜି ଯୁକ୍ତ ସୁରକ୍ଷିତ ଏବଂ ସୁବିଧାଜନକ ସିଲିଣ୍ଡରରେ ରହିଛି ଉପଯୁକ୍ତ ଇନ୍ଧନର ମିଶ୍ରଣ ଯାହାକୁ ସାରା ବିଶ୍ୱରେ ବ୍ୟବହାର କରାଯାଉଛି । ଯଦ୍ୱାରା ଆପଣ ଆପଣଙ୍କ ଅର୍ଥ ବିନିମୟରେ ପାଇଥାନ୍ତି ଉପଯୁକ୍ତ ସେବା ଏବଂ ଏହା ରନ୍ଧନ ସମୟକୁ ମଧ୍ୟ ସଞ୍ଚୟ କରିଥାଏ ।
ଗ୍ୟାସ୍ ସ୍ତରକୁ ଦେଖି ପାରିବେ
ସ୍ୱଚ୍ଛ, ମାଟେରିଆଲ ସ୍ଲଟ ସିଲିଣ୍ଡର ଭିତରେ ଥିବା ତରଳ ଗ୍ୟାସ୍‌ର ସ୍ତରକୁ ଦେଖିବାରେ ସାହାଯ୍ୟ କରେ । ଏହା ସଠିକ ଓଜନକୁ ସୁନିଶ୍ଚିତ କରେ । କେହି ବି ଗ୍ୟାସ୍‌ର ପରିମାଣକୁ କମ ବେଶୀ କରିପାରିବେ ନାହିଁ ଏବଂ ହଠାତ୍ ଗ୍ୟାସ୍ ସରିବାର ଭୟ ନଥାଏ ।
ଭରଷାଯୋଗ୍ୟ
୨୦ବର୍ଷରୁ ଅଧିକ ଅଭିଜ୍ଞତା ସହିତ, ଭାରତର ସର୍ବ ବୃହତ୍ତ ସିଲିଣ୍ଡର ନିର୍ମାତା ଏହାକୁ ୨୨ଟି ରାଜ୍ୟରେ ନିର୍ମାଣ କରୁଛନ୍ତି । ଆମେ ଭରଷାଯୋଗ୍ୟ ସେବା ପ୍ରଦାନ କରିବାରେ ସମର୍ଥ ।
World class compsite cylinders Rated Grade 4 by CARE
My own gas agency my own business
ଡ଼ିଲରସିପ୍ ପାଇଁ ଯୋଗାଯୋଗ କରନ୍ତୁ
7620250251
APPROVED by Govt. Authorities
Light Weight
Explosion Proof
Liquid Gas Visibility
2 Kg
5 Kg
10 Kg
20 Kg
Ideal for Domestic, Commercial & variety of use
Picnic
Bachelors
Household
Restaurants
Farm House
Hostels
Apartments
Hotels
Offices
Elderly
Parties
Industries
ସାରା ଓଡ଼ିଶା ପାଇଁ ଡ଼ିଲର ଆବଶ୍ୟକ
ଡ଼ିଲରସିପ୍ ପାଇଁ କୌଣସି ସିକ୍ୟୁରିଟି ଦାଖଲ କରିବା ଆବଶ୍ୟକ ନାହିଁ
Join us, if you have Investment capacity, Infrastructure & Business experience
Unique Opportunity
Long term Benefits
Business for Life time
58 LPG Bottling & Blending Plants
16 Cylinder Mfg. Units
148 Auto LPG Stations
Regional Office: 206, 2nd floor, Janpath Tower, Unit –II, Ashok Nagar, Bhubaneswar, Odisha -751009
Contact: 7620250251
or write : info@elitegogas.com
elitegogas
ଭାରତର ସର୍ବବୃହତ୍ତ ଗ୍ୟାସ୍ ସିଲିଣ୍ଡର ନିର୍ମାତା ଉପସ୍ଥାପନ କରୁଛି
go gas
ଗ୍ୟାସ ଏଜେନ୍‌ସି ଖୋଲିବା ନିମନ୍ତେ ଏକ ସୁବର୍ଣ୍ଣ ସୁଯୋଗ
We have been rated as "satisfactory" by MDRA
ପ୍ରତ୍ୟେକ ଘରକୁ ଗୋ ଗ୍ୟାସ ସଂଯୋଗର ଯୋଗାଣ ଏବଂ ପ୍ରତ୍ୟେକ ଜିଲ୍ଲା ଓ ତହସିଲରେ ବ୍ୟବସାୟ ନିମନ୍ତେ ଆମେ ଡ଼ିଲର ଆବଶ୍ୟକ କରୁଛୁ ।
(ନିବେଶ ବିପକ୍ଷରେ ଷ୍ଟକ ଯୋଗାଇ ଦିଆଯିବ)
୪ କି.ଗ୍ରା । ୮ କି.ଗ୍ରା । ୧୨ କି.ଗ୍ରା । ୧୫ କି.ଗ୍ରା । ୧୭ କି.ଗ୍ରା । ୨୧ କି.ଗ୍ରା । ୩୩ କି.ଗ୍ରା
ଘର, ବ୍ୟବସାୟ ଓ ଶିଳ୍ପରେ ବ୍ୟବହୃତ ପାଇଁ ଏଲ୍.ପି.ଜି. ସିଲିଣ୍ଡର
• ବିଏସ୍‌ଇ ତାଲିକାଭୁକ୍ତ କମ୍ପାନୀ
• ଗ୍ରୁପ୍‌ର ସାରା ଭାରତରେ ୫୮ ଗୋଟି ଏଲ୍.ପି.ଜି ବଟଲିଂ ପ୍ଲାଣ୍ଟ ରହିଛି ।
• ଏଲପିଜି ଟ୍ୟାଙ୍କରଗୁଡ଼ିକର ନିଜସ୍ୱ ଫ୍ଲିଟ
• ଏସିଆର ଅଗ୍ରଣୀ ସିଲିଣ୍ଡର ନିର୍ମାତା
• ଭାରତ ଏବଂ ୧୪୮ ଅଟୋ ଏଲ୍‌ପିଜି ଷ୍ଟେସନ
ଡ଼ିଲରସିପ୍ ପାଇଁ କୌଣସି ସିକ୍ୟୁରିଟି ଦାଖଲ କରିବା ଆବଶ୍ୟକ ନାହିଁ
CONFIDENCE PETROLEUM INDIA LIMITED
Regional Office: 206, 2nd floor, Janpath Tower, Unit –II, Ashok Nagar, Bhubaneswar, Odisha -751009
Call us : 7620250251
Email us : gogas@confidencegroup.co
Head Office: 4th Floor, Landmark, Above Big Bazaar, Wardha Road, Nagpur-12

ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ– ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ– ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ– ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ। –ଶ୍ରୀମା

# କୃଷି ଆଗ

ଆଜିର ସ୍ଥିତି ଦେଖିଲେ ୨୦୧୪ରେ କ୍ଷମତାକୁ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଆଦୌ ପୂରଣ କରିନାହାନ୍ତି। ଉଚ୍ଚାଙ୍ଗ ସ୍ୱରରେ 'ସମସ୍ତଙ୍କୁ ସାଙ୍ଗରେ ନେଇ ବିକାଶ' କଥା କହୁଥିଲେ ମଧ୍ୟ ତା'ର ଫଳ ଶୂନ ହୋଇଛି। ବିଶେଷକରି ସାମାଜିକ ଓ ଅର୍ଥନୈତିକ ଦିଗରୁ ତାଙ୍କ ଶାସନ ସମୟରେ ଦେଶର ଅଧିକ କ୍ଷତି ଘଟିଛି। ଅସହିଷ୍ଣୁତା, ମିଛିମିଛିକା ଦେଶପ୍ରେମ ଓ ବିଭାଜନ ରାଜନୀତି ସାମାଜିକ ବାତାବରଣକୁ ଘୋର ପ୍ରଭାବିତ କରିଛି। ଏକ ଉତ୍ତମ ଶାସନ ଜରିଆରେ ଭାରତୀୟ ଅର୍ଥନୀତିକୁ ନୂଆ ଦିଗ ଦେଖାଇଦିଆଯିବ ବୋଲି କୁହାଯାଇଥିଲେ ମଧ୍ୟ ତା'ର ସୁଫଳ ଲୋକେ ପାଇପାରିନାହାନ୍ତି। ଏହା ଜଣାଶୁଣା ଯେ, ମୋଦିଙ୍କ ଶାସନ ସମୟରେ କର୍ପୋରେଟ ପ୍ରୀତି ବଢ଼ିଛି। ବିଡ଼ମ୍ବନାର ବିଷୟ ଯେ ଉତ୍ତମ ଶିଳ୍ପ ବାତାବରଣ ନ ଥିବାରୁ ଘରୋଇ ଶିଳ୍ପରେ ବିନିଯୋଗ ନେଇ ଲୋକଙ୍କ ଭରସା କମିଯାଇଛି। ଘରୋଇ ପୁଞ୍ଜିନିବେଶ ଲାଭ ଉପରେ ଆଧାରିତ । ଯେହେତୁ ଅର୍ଥନୀତିରେ ଅଭିବୃଦ୍ଧି ପ୍ରତିଫଳିତ ହେଉନାହିଁ, ସେହେତୁ ନିବେଶକମାନେ ଘରୋଇ ଶିଳ୍ପ ଉପରେ ଭରସା କରିପାରୁ ନାହାନ୍ତି। ପୂର୍ବ ସମୟ ଅପେକ୍ଷା ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ) ବଢ଼ିଥିଲେ ମଧ୍ୟ ଏହାର ପରିମାଣ ଅତ୍ୟନ୍ତ ନଗଣ୍ୟ ଥିବାରୁ ଅର୍ଥନୀତିରେ ଏହାର ଫରକ୍ ଅନୁଭବ ହୋଇପାରୁନାହିଁ। ସେହିପରି କଳାଧନ ରୋକିବାରେ ବିମୁଦ୍ରୀକରଣ ସହାୟକ ହେବା ପରିବର୍ତ୍ତେ ଏହି ଅର୍ଥନୈତିକ ଅସ୍ତ୍ର ପ୍ରୟୋଗ ଦ୍ୱାରା ଦେଶର ଆର୍ଥିକ ମେରୁଦଣ୍ଡ ଦୋହଲିଯାଇଛି। ରାଷ୍ଟ୍ରର ଅର୍ଥନୀତିକୁ ସୁଦୃଢ଼ କରିବାରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଅବଦାନ ଯଥେଷ୍ଟ ରହିଥାଏ। ଏଥିରେ ଅନେକ ଲୋକ ନିଯୁକ୍ତି ପାଇଥାଆନ୍ତି। ବିମୁଦ୍ରୀକରଣ ଓ ଜିଏସ୍‌ଟି ପରେ ଏହି ଶିଳ୍ପ ଭୁଶୁଡ଼ି ପଡ଼ିଥିବାରୁ ବେକାର ସମସ୍ୟା ବଢ଼ିଯାଇଛି। କ୍ଷମତାକୁ ଆସିବା ପୂର୍ବରୁ ବର୍ଷକୁ ୨ କୋଟି ନିଯୁକ୍ତି ଦେବେ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିଲେ। ଏବେ ତାଙ୍କ ସରକାରଙ୍କୁ ପ୍ରଶ୍ନ କରାଯିବା ବେଳେ କିମ୍ଭୂତକିମାକାର ଉତ୍ତର ମିଳୁଛି। ମୋଦି କହୁଛନ୍ତି, ତାଙ୍କ ଶାସନ ସମୟରେ ଅର୍ଥନୀତିରେ ସକାରାତ୍ମକ ବାତାବରଣ ସୃଷ୍ଟି ହୋଇଥିବାରୁ ପକୁଡ଼ିବାଲା ଆତ୍ମନିଯୁକ୍ତି ଲାଭକରି ଭଲ ପଇସା ରୋଜଗାର କରିପାରୁଛନ୍ତି। ନିଯୁକ୍ତିର ପରିଭାଷା ଏହି ସ୍ତରରେ ପହଞ୍ଚିବା ମୋଦିଙ୍କ ପ୍ରତିଶ୍ରୁତି କେତେ ପାଳନ ହୋଇଛି ତାହା ଦର୍ଶାଉଛି।

ଶିଳ୍ପାୟନ ବ୍ୟାପକ ନ ହୋଇ ନିର୍ଦ୍ଦିଷ୍ଟ କେତୋଟି ରାଜ୍ୟରେ ଓ ବ୍ୟକ୍ତିବିଶେଷଙ୍କ ହାତରେ ସୀମିତ ହୋଇ ରହିଯାଇଛି। ଲୋକଙ୍କ ଜମା ରାଶି ବ୍ୟାଙ୍କରୁ ଉଠାଇ ଶିଳ୍ପପତିଙ୍କୁ ରିହାତି ସୁଧରେ ଦିଆଯାଉଛି। ଏହାର ଫାଇଦା ହୀରା ବ୍ୟବସାୟୀ ଓ ମଦ ବେପାରୀମାନେ ଉଠାଉଛନ୍ତି। 'ମୁଦ୍ରା ଯୋଜନା' ହେଉ କି 'ମେକ୍ ଇନ୍ ଇଣ୍ଡିଆ' ଲାଭ କେଉଁମାନେ ପାଇଛନ୍ତି ଖୋଜିଲେ ବି ଜଣାପଡୁନାହିଁ। ଏଭଳି ସ୍ଥଳେ ସରକାର ଆର୍‌ବିଆଇର ସ୍ୱାୟତ୍ତତାକୁ ଛଡ଼ାଇ ନେବା ଅର୍ଥନୀତି ପାଇଁ ନକାରାତ୍ମକ ସନ୍ଦେଶ ଦେଇଛି। ଅନୁରୂପ ଭାବେ ପୂର୍ବରୁ ଥିବା ଯୋଜନା କମିଶନକୁ ଭାଙ୍ଗି ଅଣାଯାଇଥିବା 'ନୀତି ଆୟୋଗ' ପରିସର ବାହାରକୁ ଚାଲିଯାଇ ଯେଉଁ ନୀତି ପ୍ରଣୟନ କରୁଛି ତାହାର ସୁଫଳ କେହି ପାଇପାରୁନାହାନ୍ତି। ଏହାଦ୍ୱାରା ଭାରତୀୟ ଅର୍ଥନୀତିରେ ରୂପାନ୍ତରଣ ଆଶା କରିହେଉ ନାହିଁ।

ଏବେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହୁଛନ୍ତି ଯେ, ବିଗତ ସାଢ଼େ ୪ ବର୍ଷ ମଧ୍ୟରେ ଚାଷୀଙ୍କ ଉତ୍ପାଦନ ବୃଦ୍ଧି କରିବାରେ କେନ୍ଦ୍ର ସରକାର ସହାୟକ ହୋଇଛନ୍ତି। ଏହା ସ୍ୱୀକାରଯୋଗ୍ୟ। କିନ୍ତୁ ଉତ୍ପାଦିତ ଦ୍ରବ୍ୟକୁ ସାଇତି ରଖିବା ଲାଗି ଶୀତଳଭଣ୍ଡାର ଓ ଗୋଦାମ ଭଳି ଆବଶ୍ୟକ ବ୍ୟବସ୍ଥା ନ ଥିବାରୁ ତାହାକୁ ଚାଷୀ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ସରକାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଦେଢ଼ଗୁଣା କରିଥିଲେ ମଧ୍ୟ ଏହାର ଲାଭ କୃଷକଙ୍କ ପାଖକୁ ଯାଇପାରୁନାହିଁ। କାରଣ ଉତ୍ପାଦିତ ସାମଗ୍ରୀ ମଣ୍ଡି କିମ୍ବା ବଜାର ଦେଖିବା ପୂର୍ବରୁ ଚାଷୀ ସେସବୁକୁ କମ୍ ଦରରେ ମଧ୍ୟସ୍ଥ ହାତରେ ଟେକିଦେଉଛି। ଫଳସ୍ୱରୂପ ମୂଳ ଉତ୍ପାଦ ଖର୍ଚ୍ଚ ତ ଫେରିପାରୁ ନାହିଁ, ଓଲଟା ଅଭାବୀ ବିକ୍ରି ଓ ଋଣ ଯନ୍ତାରେ ପଡ଼ି ଚାଷୀ ଆତ୍ମହତ୍ୟା କରୁଛନ୍ତି। ଦେଖିବାକୁ ଗଲେ ଭାରତୀୟ ଅର୍ଥନୀତିର ଆଧାରଶିଳା ହେଉଛି କୃଷି। ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ ଏହା ଉପରେ ନିର୍ଭରଶୀଳ ଥିଲେ ମଧ୍ୟ ଏହି କ୍ଷେତ୍ରକୁ ଅଣଦେଖା କରାଯାଉଛି। ମୋଦି ସରକାର ବିକାଶ ନାମରେ ଇଲେକ୍‌ଟ୍ରୋନିକ୍, ପ୍ରଯୁକ୍ତିବିଦ୍ୟା ଓ ଅନ୍ୟାନ୍ୟ ଦିଗକୁ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଏସବୁ କୃଷି କ୍ଷେତ୍ର ସହିତ ଜଡ଼ିତ ହୋଇ ନ ଥିବାରୁ ଚାଷୀ ପାଖରେ ସୁଫଳ ପହଞ୍ଚୁନାହିଁ। ଏ ଦେଶରେ ଯେଉଁ ଚାଷୀର ମୁଣିରେ ଟଙ୍କା ନାହିଁ, ଇଲେକ୍‌ଟ୍ରୋନିକ୍ ଟ୍ରାନ୍ସଫର, କ୍ୟାଶ୍‌ଲେସ୍ ଇକୋନମି ଓ କାର୍ଡ ସ୍ୱାପିଂ ଭଳି ବ୍ୟବସ୍ଥା ତା' ପାଇଁ ନିରର୍ଥକ। ବାସ୍ତବ ଦୃଷ୍ଟିରୁ ଭାରତୀୟ ଅର୍ଥନୀତିକୁ ସମୃଦ୍ଧ କରିବାକୁ ହେଲେ କୃଷି କ୍ଷେତ୍ରର ପୁନରୁତ୍ଥାନ ଜରୁରୀ। ଏଥିପାଇଁ ଲୋଡ଼ା ଏକ ବାସ୍ତବଧର୍ମୀ କୃଷିନୀତି, ଯଦ୍ୱାରା କୃଷି ଭିତ୍ତିଭୂମିର ବିକାଶ ସଙ୍ଗେ ସଙ୍ଗେ ଏହି କ୍ଷେତ୍ର ସହିତ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି ଲାଭାନ୍ୱିତ ହୋଇପାରିବେ। ଋଣଛାଡ଼ ଚାଷୀଙ୍କୁ ସାମୟିକ ଆଶ୍ୱସ୍ତି ଦେଇପାରେ। ହେଲେ ଏହା ସମାଧାନର ପନ୍ଥା ନୁହେଁ ବୋଲି ରାଜନୈତିକ ଦଳଗୁଡ଼ିକ ମଧ୍ୟ ମନେରଖିବା ଉଚିତ।

# କ୍ଷୁଧା ଓ କୁପୁଷ୍ଟି: ସୁଶାସନ ହିଁ ସମାଧାନ



ସହଦେବ ସାହୁ

ଜାତିସଂଘର ଖାଦ୍ୟ ଓ କୃଷି ସଂସ୍ଥା (ଏଫ୍‌ଏଓ) ସହିତ କାର୍ଯ୍ୟ କରୁଥିବା କ୍ଷୁଧା ଓ କୁପୁଷ୍ଟି ବିରୋଧୀ ଅନ୍ତର୍ଜାତୀୟ ସଂଗୋଷ୍ଠୀ (ଇଣ୍ଟରନ୍ୟାଶନାଲ ଆଲାଏନ୍ସ ଏଗେଁଷ୍ଟ ହଙ୍ଗର ଆଣ୍ଡ ମାଲନ୍ୟୁଟ୍ରିଶନ୍) କୃଷି କ୍ଷେତ୍ରରେ ଭାରତର ଅଭୂତପୂର୍ବ ବିକାଶକୁ ପ୍ରଶଂସା କରିଛି। ୧୯୫୦–୫୧ରେ ଭାରତରେ ଖାଦ୍ୟଶସ୍ୟ ଉତ୍ପାଦନ ପରିମାଣ ୫ କୋଟି ଟନ୍ ଥିବାବେଳେ ୨୦୧୬–୧୭ରେ ୨୭ କୋଟି ୨୦ ଲକ୍ଷ ଟନ୍ ହୋଇଛି, ପ୍ରାୟ ୫ଗୁଣ। ଲୋକସଂଖ୍ୟା ବଢ଼ିଛି ୪ ଗୁଣ। ତେଣୁ ଖାଦ୍ୟ–ଅଭାବୀ ପରିସ୍ଥିତିକୁ ପଛରେ ପକାଇ ଭାରତ ଏକ ଖାଦ୍ୟ ରପ୍ତାନିକାରୀ ରାଷ୍ଟ୍ର ହୋଇଗଲାଣି। ତଥାପି ଭାରତରେ କ୍ଷୁଧା ଓ କୁପୁଷ୍ଟି କାରଣରୁ ଏକଚତୁର୍ଥାଂଶ ଲୋକ କାର୍ଯ୍ୟକ୍ଷମ ହୋଇପାରୁ ନାହାନ୍ତି କି ଭାରତରେ ଗରିବୀ କମୁନାହିଁ। ଏହାର କାରଣ ସୁଶାସନର ଅଭାବ। ରୋମ୍‌ସ୍ଥିତ ବିଶ୍ୱ ଖାଦ୍ୟ ଓ କୃଷି ସଂସ୍ଥା ତରଫରୁ ୧୯୯୬ରେ ହୋଇଥିବା ବିଶ୍ୱ ଖାଦ୍ୟ ଶିଖର ସମ୍ମିଳନୀରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ର ଆଶ୍ୱାସନା ଦେଇଥିଲେ ୨୦୧୫ ସୁଦ୍ଧା (ପୃଥିବୀରେ) କ୍ଷୁଧିତମାନଙ୍କ ସଂଖ୍ୟା ୫୦% କମାଇବେ। ବର୍ତ୍ତମାନ ଯେଉଁ ରୀତିରେ ବିଭିନ୍ନ ଦେଶର ସରକାର କାମ କରୁଛନ୍ତି, ୨୦୩୦ ସୁଦ୍ଧା ବି ଏ ଲକ୍ଷ୍ୟ ହାସଲ ହେବ ନାହିଁ।

ଆଫ୍ରିକାର ସାହାରା ପାଖ ଅଞ୍ଚଳରେ କ୍ଷୁଧା ବଢ଼ିଛି। ଚାଇନା ଓ ଭାରତରେ କ୍ଷୁଧା କମିଛି, ମାତ୍ର ତାହା ଯଥେଷ୍ଟ ନୁହେଁ। ଆଫ୍ରିକୀୟ ଦେଶଗୁଡ଼ିକ ଭଳି ରୋଗବାଗ, ଗୃହଯୁଦ୍ଧ ଆଦି ଆମ ଦେଶରେ ନାହିଁ, ପ୍ରତିକୂଳ ପାଣିପାଗ ବି ଏତେ କ୍ଷତି କରେ ନାହିଁ। ତେଣୁ କ୍ଷୁଧା ମୂଳପୋଛ ନ ହେବାର ପ୍ରକୃତ କାରଣ ସୁଶାସନର ଅଭାବ। ଚାରିଆଡେ ଲାଞ୍ଚମିଛ କାରବାର, ସ୍ୱଚ୍ଛଳ ଲୋକେ ଗରିବୀ ସାର୍ଟିଫିକେଟ କିଣିପାରୁଛନ୍ତି, ବିତରଣ ବ୍ୟବସ୍ଥା ଠିକ୍ ନ ଥିବାରୁ ଖାଦ୍ୟ ବୁଭୁକ୍ଷିତ ପାଖରେ ପହଞ୍ଚିପାରୁ ନାହିଁ, ବାଟମାରଣା ହେଉଛି– ଏ କଥା ସମସ୍ତେ ଜାଣନ୍ତି, କେବଳ ଆମ ରାଜ୍ୟରେ ନୁହେଁ ଅନ୍ୟ ରାଜ୍ୟରେ ବି। ଖାଦ୍ୟ ଥାଇ ମଧ୍ୟ ଲୋକେ କ୍ଷୁଧାରେ ଓ ଅଖାଦ୍ୟ ଖାଇ ମରୁଛନ୍ତି, ସେମାନଙ୍କୁ ଆବଶ୍ୟକ ଖାଦ୍ୟ ଯୋଗାଇବାରେ ଅବହେଳା କରୁଥିବା କର୍ମଚାରୀ ବା କୁଜିନେତା, ଠିକାଦାର ବା ତାଙ୍କ ସହାୟକ–ରାଜନେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ପଞ୍ଚାୟତ ସ୍ତରର ନିର୍ବାଚିତ ପ୍ରତିନିଧି ବା ହାରିଥିବା ଶାସକ ଦଳର ପ୍ରାର୍ଥୀ ବିନା ଲାଞ୍ଚରେ ଉପଭୋକ୍ତା ଚିହ୍ନଟ କରିବାରେ ଏବଂ ଚିହ୍ନିତ ବ୍ୟକ୍ତିକୁ ଖାଦ୍ୟ ବା ଖାଦ୍ୟଶସ୍ୟ ଯୋଗାଇବାରେ ହେଳା କରୁଛନ୍ତି ବା ତା' ପାଇଁ ଥିବା ସାମଗ୍ରୀର ବାଟମାରଣା କରୁଛନ୍ତି।

ଆମେ ୨୦୦୧–୦୨ ପର୍ଯ୍ୟନ୍ତ ବାହାରର ସାହାଯ୍ୟ ନେଉଥିଲୁ। ସେ ବର୍ଷ ବିଶ୍ୱ ଖାଦ୍ୟ ଯୋଜନା (ୱାର୍ଲ୍‌ଡ ଫୁଡ୍ ପ୍ରୋଗ୍ରାମ୍) ପୃଥିବୀ ସାରା ସାଢେ ଚାରି କୋଟି ଲୋକଙ୍କ ପାଇଁ ୨୭ ଲକ୍ଷ ଟନ୍ ଜରୁରୀ ଖାଦ୍ୟ ଯୋଗାଇଥିଲା। ଏବେ ଖାଦ୍ୟଶସ୍ୟ ଆକାରରେ ଦିଆଯାଉ ନାହିଁ, କେଉଁଠି ଦୁର୍ଭିକ୍ଷ ଭଳି ଅବସ୍ଥା ସୃଷ୍ଟି ହେଲେ ଟଙ୍କା ଆକାରରେ ସାହାଯ୍ୟ ମିଳୁଛି। ଲୋକଙ୍କ ସାମୟିକ ଅଭାବ ନିଶ୍ଚୟ ମେଣ୍ଟୁଛି। ଏ ହେଉଛି ଜଳଜଳ ଦିଶୁଥିବା କ୍ଷୁଧାରୁ ମୁକ୍ତି। କିନ୍ତୁ ଧୀରେ ଧୀରେ ଯେଉଁମାନେ କ୍ଷୁଧାରେ ମରୁଛନ୍ତି, ସେମାନଙ୍କ ପାଇଁ କିଛି କରାଯାଉଛି କି? କେବଳ କ୍ୟାଲୋରି କମ୍ ନୁହେଁ, ଖାଦ୍ୟରେ ଖାଦ୍ୟସାର ଓ ଖଣିଜ ପଦାର୍ଥର ଅଭାବ ଗରିବକୁ ଦୁର୍ବଳ କରୁଛି, ସେ ମଣିଷ ଭଳି ବଞ୍ଚିପାରୁ ନାହିଁ, ତାହାର ପୂର୍ଣ୍ଣ ବିକାଶ ଘଟୁନାହିଁ। ତେଣୁ ଦେଶର ସମୃଦ୍ଧିରେ, ଯାହାକୁ ଜିଡିପି ବୃଦ୍ଧି ହାର ଦ୍ୱାରା ମପାଯାଏ, ସେଥିରେ ଗରିବ ଭାଗ ନେଇ ପାରୁ ନାହିଁ।

ଏହା ଏକ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ହେବା ଉଚିତ। ଦରକାର ସୁଶାସନ, କାହାରି ବଦାନ୍ୟତା ନୁହେଁ। କ୍ଷୁଧାର ପ୍ରଭାବ ଜନ୍ମ ପୂର୍ବରୁ ପଡ଼ିଥାଏ। ପୁଷ୍ଟିକର ଖାଦ୍ୟର ଅଭାବ ଯୋଗୁ ମାନସିକ ଓ ଶାରୀରିକ ବିକାଶ ବ୍ୟାହତ ହୁଏ। ସ୍କୁଲକୁ ତ ପିଲା ଯାଆନ୍ତି ନାହିଁ, ଯେଉଁମାନେ ଯାଆନ୍ତି ଭଲ କରନ୍ତି ନାହିଁ। ସେମାନଙ୍କ ମସ୍ତିଷ୍କ ସୁବିକଶିତ ହୋଇ ନ ଥାଏ। ଖାଦ୍ୟଚିନ୍ତା ଓ ରୋଗଣା ଦେହ ପିଲାଙ୍କୁ ଓ ସେହି କାରଣରୁ ସେମାନଙ୍କ ବାପାମାଆଙ୍କୁ ନିକମା କରିଦିଏ, ଭିକାରି କରିଦିଏ, ଖାଦ୍ୟ ଚୋରି ପ୍ରବୃତ୍ତି ବଢ଼ାଏ, ପରେ ଗରିବର ଅପରାଧପ୍ରବଣତା ସମାଜରେ ବିଶୃଙ୍ଖଳାର କାରଣ ହୁଏ (ଧନୀ ଓ ଜ୍ଞାନୀମାନେ ଯେଉଁ ପ୍ରକାରର ଅପରାଧ କରନ୍ତି ତାହା ଏଠାରେ ଆଲୋଚ୍ୟ ବିଷୟ ନୁହେଁ)। ଜାତିସଂଘର ଖାଦ୍ୟ ଓ କୃଷି ସଂସ୍ଥା ହିସାବ କରି ଦେଖାଇଥିଲେ ଯେ, ୨୦୧୫ ସୁଦ୍ଧା କ୍ଷୁଧା ଅଧା କମିଗଲେ ଲୋକଙ୍କର କାର୍ଯ୍ୟକ୍ଷମତା ବଢ଼ିବ ଏବଂ ୧୨ କୋଟି ଡଲାର ପରିମାଣର ବାର୍ଷିକ ଲାଭ ହେବ। କେମିତି ଲାଭ ହେବ ଯଦି କେହି ପଚାରେ– ସେ ଆମ ଦେଶର ରାଜପଥଗୁଡିକ ଚାରି କି ଛ' ଲେନ୍ ପକ୍କା ହେଲେ କିପରି ବର୍ଷକୁ ୧୫୦୦ କୋଟି ଟଙ୍କା ବଞ୍ଚୁଛି ତାକୁ ବି ବୁଝିପାରୁ ନ ଥିବ। ଭିଡ଼, ଅଣଓସାରିଆ ରାସ୍ତାରେ ଗାଡ଼ି ଅଟକି ଅଟକି ଯିବା ଯୋଗୁ ତେଲ ଖର୍ଚ୍ଚ, ରାସ୍ତା ଖରାପ ଯୋଗୁ ଗାଡ଼ିର ମରାମତି ଖର୍ଚ୍ଚ, ବିଳମ୍ବରେ ପହଞ୍ଚିବା ଯୋଗୁ ଚାଳକ ଆଦିଙ୍କ ମଜୁରି ବଢ଼ିବା ତଥା ମାଲପତ୍ର ଖରାପ ହେବା ଯୋଗୁ କ୍ଷତି– ସବୁ ମିଶିଲେ ଗାଡ଼ି ପିଛା ବର୍ଷକୁ ହାରାହାରି ୧୫୦୦ ଟଙ୍କା ଧରିଲେ ଦେଶସାରା ଚାଲୁଥିବା କୋଟିଏ ଗାଡ଼ିରେ ୧୫୦୦ କୋଟି ବଞ୍ଚିବ ନାହିଁ କି? ପୁଣି ତେଲ କମ୍ ଖର୍ଚ୍ଚ ହେଉଥିବାରୁ ତା'ର ଆମଦାନି ବାବଦ ବୈଦେଶିକ ମୁଦ୍ରା କିଛି ବଞ୍ଚିବ ନାହିଁ କି?

ଶିଶୁର ସ୍ୱାସ୍ଥ୍ୟ ଓ ଶିକ୍ଷା ଭଲ ହେଲେ ସେହିଭଳି ଅନେକ ଲାଭ ମିଳିଥାଏ। ପିଲା ଭଲ ବଢ଼ିଲେ, ସୁସ୍ଥ ରହିଲେ ବେଶି ତ ଖଟିବ, ଉଚ୍ଚ ଶିକ୍ଷା ପାଇଲେ ବେଶି ରୋଜଗାରର କାମ ପାଇବ। ରୋଗବାଗ ଯୋଗୁ ନଷ୍ଟ ହୋଇଥିବା ସମୟର ମୂଲ୍ୟ, ଖର୍ଚ୍ଚ ହେଉଥିବା ଔଷଧର ତଥା ଚିକିତ୍ସକମାନଙ୍କ ସମୟର ମୂଲ୍ୟ ମିଶାନ୍ତୁ, କେତେ ଟଙ୍କା ନଷ୍ଟ ନ ହେଉଛି! ଏହାଛଡା ଦେଶ ବି ସେମାନଙ୍କ ନିକମା କାରଣରୁ ଅର୍ଥନୈତିକ ଅଭିବୃଦ୍ଧି ହରାଉଛି। ତେଣୁ କୁହାଯାଉଛି, କ୍ଷୁଧା ଦାରିଦ୍ର୍ୟର ଯେତିକି କାରଣ, ଦାରିଦ୍ର୍ୟ କ୍ଷୁଧାର ସେତିକି କାରଣ, ଗୋଟିଏ ଅନ୍ୟଟିକୁ ସାଙ୍ଗରେ ନେଉଛି। ତେଣୁ ଖାଦ୍ୟ ମହଜୁଦ କରି ରଖିବାଠାରୁ ମିଳୁଥିବା ଖାଦ୍ୟକୁ ସୁଷମ ଭାବରେ ବଣ୍ଟନ କରିବା ଅର୍ଥାତ୍ ଭଲ ଶାସନ କରିବା ଦାରିଦ୍ର୍ୟରୁ ମୁକ୍ତି ମିଳିବାର ବଡ଼ ଉପାୟ। ଏ କଥା ରାଜନେତାମାନେ ଜାଣି ବି ବୁଝୁନାହାନ୍ତି। କାରଣ ଲୋକେ ଦରିଦ୍ର ରହିଲେ ଅଳପ ପଇସାରେ ସେମାନଙ୍କ ଭୋଟ କିଣିହେବ, କାର୍ଯ୍ୟକ୍ଷମ ବା ରୋଜଗାର କରୁଥିବା ଲୋକ ଓ ସେହି କାରଣରୁ ଶିକ୍ଷିତ ହୋଇଥିବା ତା'ର ପିଲାଏ ହାତଗୁଞ୍ଜାରେ ଖୁସିହେବେ ନାହିଁ କି ହାତୀ ଦେବି ଘୋଡ଼ା ଦେବି ଭଳି ତୁଚ୍ଛା ପ୍ରଲୋଭନ ଦେଖାଉଥିବା ନେତାକୁ ଭୋଟ ଦେବେ ନାହିଁ।

ଭାରତ ଭୂଖଣ୍ଡର (ପାକିସ୍ତାନ, ବାଂଲାଦେଶ ସମେତ) ସଂସ୍କୃତି ସ୍ତ୍ରୀ ଓ ପିଲାମାନଙ୍କୁ ଭୋକିଲା ବା ଅଧାଖିଆ ରଖେ। ପୁରୁଷମାନେ ଆଗେ ଖାଆନ୍ତି, ବଳିଲା ଜିନିଷ ମା' ଖାଏ, ତେଣୁ ମା' ପେଟରେ ଥିବା ଛୁଆ ଓ କାଖରେ ଥିବା ଛୁଆ କମ୍ ପୁଷ୍ଟି ପାଏ। ତେଣୁ ମା' ଓ ଶିଶୁ ଉଭୟ ପୁଷ୍ଟିକର ଖାଦ୍ୟର ଅଭାବଜନିତ ରୋଗରେ ପଡ଼ନ୍ତି। ସୁତରାଂ ଗରିବୀ ହଟାଇବାରେ ପ୍ରଥମ ଆବଶ୍ୟକତା ହେଉଛି ମା'ର ଯତ୍ନ। ସୁସ୍ଥ ଓ ଶିକ୍ଷିତ ଜନନୀ ହିଁ ସୁସ୍ଥ ଓ ଶିକ୍ଷିତ ପିଲା ଗଢ଼େ, ତେଣୁ ଖାଦ୍ୟ ସୁରକ୍ଷା ଅଧିକାର ନାମରେ ଜନନୀକୁ ଉପଯୁକ୍ତ ସୁଷମ ଖାଦ୍ୟ ଦିଆଯିବା ଦରକାର। ଦେଶ ଯଦି ଖାଦ୍ୟଶସ୍ୟରେ ସ୍ୱୟଂସମ୍ପନ୍ନ ତେବେ କେତେକ ଲୋକ ଅନାହାରରେ ବା ପୁଷ୍ଟିହୀନତାରେ ମରୁଛନ୍ତି କାହିଁକି? ଗରିବ ରାଜ୍ୟରେ କ୍ଷୁଧା ଓ କୁପୁଷ୍ଟି ସମସ୍ୟାର ସମାଧାନ ବିଦେଶୀ ସାହାଯ୍ୟ ବା କମ୍ପାନୀମାନଙ୍କ ସିଏସ୍‌ଆର୍ (କର୍ପୋରେଟ୍ ସୋସିଆଲ୍ ରେସ୍ପନସିବିଲିଟି) ଟଙ୍କା ନୁହେଁ, ଭଲ ଶାସନ ହେଉଛି ଏକମାତ୍ର ସମାଧାନ। ପଞ୍ଚାୟତ ସ୍ତରରେ ଗରିବ ଚିହ୍ନଟ କରୁଥିବା ଶାସକଦଳର ଲୋକେ ଉପୁରି ନ ପାଇଲେ ସୁପାରିସ କରୁନାହାନ୍ତି, ଗରିବ ଗରିବ ବୋଲି ଚିହ୍ନଟ ପାଇବାକୁ ଲାଞ୍ଚ ଦେବାକୁ ବାଧ୍ୟ ହେଉଛି, ଘରଦ୍ୱାର ବନ୍ଧା ପକାଇ ବା ନିଜେ ଶରୀରକୁ ବିକି ଘୁସ୍ ପଇସା ଆଣୁଛି । ଗଣତନ୍ତ୍ରକୁ ଏଭଳି ଏକ 'ପିସି'ତନ୍ତ୍ରରୁ ରକ୍ଷା କରିବା ଲାଗି ସୁଶାସନ ଦରକାର।

ଇ–ମେଲ୍: sahadevas@yahoo.com

# ଆଜିର ଶିକ୍ଷା ଓ ପ୍ରାଚୀନ ସଂସ୍କୃତି



ବ୍ରହ୍ମାନନ୍ଦ ପଣ୍ଡା

ଆଜିକାଲି ଭାରତୀୟ ଶିକ୍ଷା ବ୍ୟବସ୍ଥାର ଏଭଳି ଅଧୋଗତି ହୋଇଛି ଯେ, ପ୍ରାୟ ୬୦% ମାଧ୍ୟମିକ ଛାତ୍ରୀଛାତ୍ର ଦରଖାସ୍ତଟିଏ ଲେଖିବାକୁ ବା ସାଧାରଣ ହିସାବଟିଏ କରିବାକୁ ଅସମର୍ଥ। ଭାରତର ୭୫% ଯାନ୍ତ୍ରିକ ଓ କାରିଗରି ଶିକ୍ଷାପ୍ରାପ୍ତ ସ୍ନାତକ ଚାକିରି ପାଇବାକୁ ଅଯୋଗ୍ୟ ବୋଲି ନିକଟ ଅତୀତରେ ପ୍ରକାଶ ପାଇଥିବା ତଥ୍ୟ ସାରା ଭାରତରେ ଆଲୋଡ଼ନ ସୃଷ୍ଟି କରିଥିଲା। ଖାଲି ସେତିକି ନୁହେଁ ଛାତ୍ରସମାଜର ଆଜି ନୈତିକ ସ୍ଖଳନ ଘଟିଛି। ଭାରତୀୟ ସଂସ୍କୃତିର ଅବକ୍ଷୟ ହେଉଛି। ମାନବିକ ମୂଲ୍ୟବୋଧ ଲୋପ ପାଉଛି। ଆଜିର ଶିକ୍ଷା ବ୍ୟୟବହୁଳ ଏବଂ ଚାକିରିସର୍ବସ୍ୱ ହୋଇଛି। ଜ୍ଞାନ ଓ ଗବେଷଣା ଅର୍ଥସର୍ବସ୍ୱ ହୋଇଛି। ସମାଜସେବା ପ୍ରଚାରସର୍ବସ୍ୱ ହୋଇଛି। ଯଦି ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ପିଅନ ଚାକିରି ପାଇଁ ଆବେଦନ କରୁଛନ୍ତି ବା ସମାଜ ବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ତେବେ ନିଶ୍ଚିତ ଭାବରେ ଆମର ଶିକ୍ଷା ଓ ଶିକ୍ଷା ବ୍ୟବସ୍ଥାରେ କିଛି ଭୁଲ୍‌ଭ୍ରାନ୍ତି ରହିଛି। ଶସ୍ତା ଜନପ୍ରିୟତା ଦ୍ୱାରା ଭୋଟ ହାସଲ ପାଇଁ ବିଦ୍ୟାଳୟ ସ୍ତରରେ ଫେଲ୍ ଶବ୍ଦ ଲୋପ କରାଗଲା। ଧୁଆମୂଳା ଅଧୁଆମୂଳା ସବୁ ଛାତ୍ର ଉପର କକ୍ଷକୁ ଉତ୍ତୀର୍ଣ୍ଣ ହେଲେ। ସରକାର ଆଶ୍ୱସ୍ତ। ପିଲା ଆଶ୍ୱସ୍ତ। ଅଭିଭାବକମାନେ ମଧ୍ୟ ଆଶ୍ୱସ୍ତ। ଶିକ୍ଷକମାନେ ମଧ୍ୟ ଦାୟିତ୍ୱମୁକ୍ତ ହୋଇଗଲେ। ଅନେକ ସ୍ଥଳରେ ମଧ୍ୟାହ୍ନଭୋଜନ ଆୟୋଜନ ମୁଖ୍ୟ ଲକ୍ଷ୍ୟ ଏବଂ ପାଠପଢ଼ା ଗୌଣ ହୋଇଗଲା। ସାଧାରଣ ଜନତାକୁ ଅନେକ ଦ୍ରବ୍ୟ ସରକାର ମାଗଣାରେ ଦେବା ଦ୍ୱାରା ସମାଜରେ ଆଳସ୍ୟ ଓ ତାମସିକ ପ୍ରବୃତ୍ତି ବୃଦ୍ଧି ପାଇଛି। ବଞ୍ଚିବା ପାଇଁ ସଂଗ୍ରାମର ଆବଶ୍ୟକତା ହ୍ରାସ ପାଉଛି। ସଂରକ୍ଷଣର ସୁଦୂରପ୍ରସାରୀ ପ୍ରଭାବ ଡାରଉଇନ୍‌ଙ୍କ ଯୋଗ୍ୟତମର ଉଦ୍‌ବର୍ତ୍ତନ ତତ୍ତ୍ୱକୁ ତାଚ୍ଛଲ୍ୟ କରୁଛି। ଏସବୁର ପ୍ରଭାବ ପିଲାଙ୍କ ଉପରେ ପଡୁଛି। ମୋବାଇଲ–ଇଣ୍ଟରନେଟ୍‌ର ଲଗାମଛଡ଼ା ବ୍ୟବହାର ବ୍ୟାଧିରୂପେ ପିଲାଙ୍କୁ ଲକ୍ଷ୍ୟଭ୍ରଷ୍ଟ ଓ ବିଳାସମୁଖୀ କରୁଛି। ବ୍ୟକ୍ତି ଚରିତ୍ରରେ ନୈତିକ ମୂଲ୍ୟବୋଧ, ଚାରିତ୍ରିକ ଶୃଙ୍ଖଳା, ବିବେକ, ସଂଯମ ଓ ମହତ୍ ଲକ୍ଷ୍ୟରେ ଅଧ୍ୟବସାୟ ଲୋପ ପାଉଛି।

ପ୍ରାଚୀନ ଭାରତର ସଭ୍ୟତା ଓ ସଂସ୍କୃତି ଯୁଗେ ଯୁଗେ ବିଶ୍ୱବାସୀଙ୍କର ମାର୍ଗଦର୍ଶକ ହୋଇଆସିଛି। ଏହାର ଭୂୟସୀ ପ୍ରଶଂସା କରି ପାଶ୍ଚାତ୍ୟ ଐତିହାସିକ ଟଏନ୍‌ବି ଯଥାର୍ଥରେ କହିଥିଲେ, ପାଶ୍ଚାତ୍ୟ ସଭ୍ୟତା ଓ ଜୀବନଶୈଳୀରେ ଆରମ୍ଭ ହେଉଥିବା ସମସ୍ତ କ୍ରିୟାକଳାପ ଭାରତୀୟ ସଂସ୍କୃତି ଓ ଜୀବନଦର୍ଶନ ଦ୍ୱାରା ସଂସ୍କୃତ ଓ ସମୃଦ୍ଧ ନ ହେଲେ ଆତ୍ମଘାତର ସମ୍ମୁଖୀନ ହେବ। ଭାରତୀୟ ସଂସ୍କୃତିର ମୁଖ୍ୟ ଆଧାର ହେଉଛି ବେଦସର୍ବସ୍ୱ ଜୀବନଧାରା ଓ ଗୁରୁକୁଳ ଆଶ୍ରମର ଶିକ୍ଷା ବ୍ୟବସ୍ଥା। ଶିଷ୍ୟ ପରମ୍ପରା କ୍ରମେ ବିସ୍ତୃତ ବୈଦିକ ଜ୍ଞାନ ଓ ବିଦ୍ୟା ଭାରତୀୟ ଜୀବନଦର୍ଶନ ଓ ମୂଲ୍ୟବୋଧକୁ ସମୃଦ୍ଧ କରିଥିଲା। ଗୁରୁକୁଳ ଶିକ୍ଷା ବ୍ୟବସ୍ଥାରେ ଚାରି ବେଦ ଚାରି ଉପବେଦ, ଛ ବେଦାଙ୍ଗ, ଇତିହାସ, ପୁରାଣ, ନ୍ୟାୟ, ମୀମାଂସା, ସାଂଖ୍ୟ, ଯୋଗ ଆଦି ବତିଶ ବିଦ୍ୟା ପ୍ରଦାନର ବ୍ୟବସ୍ଥା ଥିଲା।

ଭାରତୀୟ ଶିକ୍ଷା ବ୍ୟବସ୍ଥା, ସଂସ୍କୃତି ଓ ଜାତୀୟ ମୂଲ୍ୟବୋଧ ଧ୍ୱଂସ ନ କଲେ ଭାରତରେ ଇଂରେଜ ଶାସନର ସ୍ଥାୟିତ୍ୱ ଅସମ୍ଭବ ହୃଦ୍‌ବୋଧ କରି ମାକଲେ ୧୮୩୫ରେ ବ୍ରିଟିଶ ସଂସଦକୁ ଏକ ଚିଠି ଦେଇଥିଲେ। ତା' ପରେ ଭାରତରେ ଇଂଲିଶ ଶିକ୍ଷା ପ୍ରଚଳନ ଦ୍ୱାରା ଲକ୍ଷ ଲକ୍ଷ ଡାକମୁନସି ବାବୁ ସୃଷ୍ଟିକରି ଭାରତୀୟ ସମାଜରେ ବିଭେଦ, ବିଦ୍ୱେଷ, ବିଦେଶୀ ଦ୍ରବ୍ୟର ପ୍ରୀତି ଓ ଭାରତୀୟତାର ଅନାଦର ଭାବ ସୃଷ୍ଟିକରି ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଦିଆଗଲା, ଯାହାର ଫଳ ଆଜି ସର୍ବତ୍ର ପ୍ରତିଫଳିତ।

ବୈଦିକ ଶିକ୍ଷାର ଲକ୍ଷ୍ୟ ଜ୍ଞାନାର୍ଜନ, ଚରିତ୍ର ଗଠନ, ସମୃଦ୍ଧ ସମାଜ, ଜନସେବା ଏବଂ ଦେଶ ଓ ଦଶର ସମୃଦ୍ଧି ସହ ଧର୍ମ, ଅର୍ଥ, କାମ ଓ ମୋକ୍ଷରୂପକ ଚତୁର୍ବର୍ଗ ଲକ୍ଷ୍ୟସିଦ୍ଧି। ଭଗବତ୍ ସାନ୍ନିଧ୍ୟ ଓ ଆତ୍ମ ସାକ୍ଷାତ୍‌କାର ହିଁ ଶିକ୍ଷାର ମୂଳ ଲକ୍ଷ୍ୟ। ଶିକ୍ଷାଦାନରେ ଗୁରୁଙ୍କର ମହନୀୟ ଅବଦାନ ଥିଲା। ଶିଷ୍ୟ ପାଇଁ ଗୁରୁ ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ତଥା ଶିବ ତୁଲ୍ୟ ବନ୍ଦନୀୟ। ଶିଷ୍ୟର ଜ୍ଞାନଚକ୍ଷୁ ଉନ୍ମୀଳିତ କରି ଅଜ୍ଞାନତାରୂପକ ଅନ୍ଧକାର ଦୂର କରିପାରୁଥିବାରୁ ଗୁରୁ ଚିରନମସ୍ୟ। ଶିଷ୍ୟ ଉପରେ ଗୁରୁ ପ୍ରସନ୍ନ ହେଲେ ଅନ୍ୟ ସମସ୍ତେ ପ୍ରସନ୍ନ ହୁଅନ୍ତି। ବୈଦିକ ଗୁରୁକୁଳ ଆଶ୍ରମରେ ଶିଷ୍ୟମାନେ ମିଳିମିଶି ଅଗ୍ରସର ହେବା, ଆଳାପ କରିବା ଏବଂ ଜ୍ଞାନାର୍ଜନ କରି ଈଶ୍ୱର ସମର୍ପିତ ହେବା ପାଇଁ ଗୁରୁ ଶିଷ୍ୟଙ୍କୁ ପ୍ରେରଣା ଦିଅନ୍ତି। ଋଗ୍‌ବେଦ (୧/୧୧୧/୨)ର ଏ ସମ୍ପର୍କିତ ମନ୍ତ୍ରଟି ହେଉଛି– 'ସଂଗଚ୍ଛଧ୍ୱଂ ସଂବଦଧ୍ୱଂ ଶଂ ବୋ ମନାଂସି ଜାନତାମ୍'। ହାର୍ଦ୍ଦିକ ମିଳନ ଓ ମାନସିକ ଏକତା ସହ ଏକ ଲକ୍ଷ୍ୟ ବା ସଂକଳ୍ପରେ ସାଧନା କଲେ ଅବଶ୍ୟ ସିଦ୍ଧି ପାଇବେ ବୋଲି ଗୁରୁ ଶିଷ୍ୟଙ୍କୁ ପ୍ରେରଣା ଦେଇଥାନ୍ତି– ''ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି।'' (ଋକ୍‌ବେଦ ୧୦/୧୧୧/୪) ଶ୍ୱେତାଶ୍ୱେତରୋପନିଷଦରେ ଗୁରୁ ଶିଷ୍ୟଙ୍କୁ ରକ୍ଷା ଓ ପାଳନ କରିବା, ଶକ୍ତିସାମର୍ଥ୍ୟ ଦେବା, ସେମାନଙ୍କର ଜ୍ଞାନର ମହତ୍ତ୍ୱ ବୃଦ୍ଧି କରିବା ଓ ବିଦ୍ୱେଷଶୂନ୍ୟ ସମ୍ପର୍କ ବଜାୟ ରଖିବାକୁ ପ୍ରାର୍ଥନା କରାଯାଇଛି– ''ଓଁ ସହନାବବତୁ । ସହ ନୌ ଭୁନକ୍ତୁ। ସହବୀର୍ଯ୍ୟ କରବାବହୈ। ତେଜସ୍ୱିନାବଧୀତମସ୍ତୁ। ମା ବିଦ୍ୱିଷାବହୈ।'' ପୁତ୍ର ପିତାର ବ୍ରତ ପାଳନ କରିବା ଓ ମାତାର ଆଜ୍ଞାଧୀନ ହେବା, ସ୍ତ୍ରୀ ଶାନ୍ତିପ୍ରିୟ ଓ ମଧୁର ଭାଷୀ ହେବା ପାଇଁ ଭାଇ–ଭାଇ ଓ ଭାଇ–ଭଉଣୀ ମଧୁର ସମ୍ପର୍କ ରଖିବାକୁ ଅଥର୍ବ ବେଦ ୩୦।୩।୨–୩ ମନ୍ତ୍ରଦ୍ୱୟରେ ସମୃଦ୍ଧ ପାରିବାରିକ ଜୀବନର ପ୍ରେରଣା ଦିଆଯାଇଛି। ବିଶ୍ୱଗୁରୁ ବ୍ୟାସ ''ପରୋପକାରଃ ସ୍ୱର୍ଗାୟ ପାପାୟ ପରପୀଡନମ୍' ମନ୍ତ୍ର ଦେଇ ସେବା ଓ ତ୍ୟାଗସର୍ବସ୍ୱ ଜୀବନ ଓ ଚରିତ୍ର ଗଠନ ପାଇଁ ପ୍ରେରଣା ଦେଇଥିଲେ।

ଶିଷ୍ୟ ଗୁରୁଙ୍କୁ ପ୍ରଣାମ କଲେ– 'ମନୁର୍ଭବ' ଅର୍ଥାତ୍ ମନୁଙ୍କ ପରି ସତ୍ ସିଦ୍ଧ ଓ ସମୃଦ୍ଧ ହେବାର ଆଶୀର୍ବାଦ ମିଳେ। ମନୁଙ୍କର ମନୁସ୍ମୃତି ୨/୧୨୧ରେ ଜ୍ଞାନବୃଦ୍ଧ ଓ ବୟୋବୃଦ୍ଧଙ୍କର ସେବା ଓ ସମ୍ମାନ କଲେ ପ୍ରଜ୍ଞା, ବିତ୍ତ, ଯଶ ଓ ବୀର୍ଯ୍ୟ ବୃଦ୍ଧି ହୁଏ ବୋଲି ପ୍ରେରଣା ଦିଆଯାଇଛି। ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଜ୍ଞାନ ଲାଭ ହୁଏ। ମାତ୍ର ବୈଦିକ ଶିକ୍ଷା ବ୍ୟବସ୍ଥା ଜ୍ଞାନ ଦାନ ସହ ଚରିତ୍ର ଗଠନ କରି ଦୈବୀ ଗୁଣରେ ସମୃଦ୍ଧ କରେ। ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନ ଥିଲେ ସବୁ ଅସାର। ଭାରତୀୟ ସଂସ୍କୃତିର ମହାମନ୍ତ୍ର– 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ, ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍' ଛାତ୍ର–ଶିକ୍ଷକ ସମସ୍ତଙ୍କର ଧ୍ୟେୟ ହେବା ଉଚିତ। (ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉପଲକ୍ଷେ)

ପ୍ରାକ୍ତନ ଛାତ୍ର, ଶ୍ୟାମସୁନ୍ଦର ଉଚ୍ଚ ବିଦ୍ୟାଳୟ, ମିର୍ଜାପୁର, ଯାଜପୁର, ମୋ: ୮୨୪୯୬୯୭୯୪୪

## ଏଇ ଭାରତରେ

କାହିଁ କେଉଁ ଆଦିମ କାଳରୁ କୁକୁର ହେଉଛି ମଣିଷର ସାଥୀ। ଏହି ପ୍ରାଣୀ ମଣିଷର ଅତ୍ୟନ୍ତ ବିଶ୍ୱସ୍ତ ଭୃତ୍ୟ ଭାବରେ କାର୍ଯ୍ୟ କରେ। ଏପରି କି ମାଲିକର ଲୁଣ ଖାଇବାରୁ ତା'ର ଗୁଣ ଗାଏ। ମାଲିକର ଜୀବନ ବଞ୍ଚାଇବାକୁ ଯାଇ ଦରକାର ପଡ଼ିଲେ ନିଜ ଜୀବନ ହାରିଦିଏ। ଏପରି ଏକ ଘଟଣା ଘଟିଛି ଜୟପୁରରେ। ରାଜସ୍ଥାନର ଜୟପୁରରେ ବାସ କରୁଥିବା ପୂର୍ବତନ ରଣଜୀ ଖେଳାଳି ସଞ୍ଜୀବ ଓହଲାନ୍‌ଙ୍କ ବାସଭବନରେ ନିଆଁ ଲାଗିଯାଇଥିଲା। ତଳ ମହଲାରେ ତାଙ୍କ ସ୍ତ୍ରୀ, ପୁଅ ଓ ଚାକରକୁ ଉଦ୍ଧାର କରାଯାଇଥିଲେ ମଧ୍ୟ ନିଆଁ ଲାଗିବା ଯୋଗୁ ସଞ୍ଜୀବ ଅଚେତ ଅବସ୍ଥାରେ ପଡି ରହିଥିଲେ। ତାଙ୍କ ରୁମ୍ ବାହାରେ ଶୋଇଥିବା କୁକୁର ବ୍ରୁନୋ ଭୟରେ ନ ପଳାଇ ସଞ୍ଜୀବଙ୍କୁ ବଞ୍ଚାଇବା ପାଇଁ ତାଙ୍କୁ କାମୁଡି ଧରି ବାହାରକୁ ଆଣିବାକୁ ଚେଷ୍ଟା କରିଥିଲା। ତେବେ ତାଙ୍କ ଜୀବନ ବଞ୍ଚାଇବା ସମ୍ଭବ ହୋଇପାରି ନ ଥିଲା। ଫଳରେ ଉଭୟ ସଞ୍ଜୀବ ଏବଂ ବ୍ରୁନୋ ଜୀବନ୍ତ ଜଳିଯାଇଥିଲେ। ସଞ୍ଜୀବଙ୍କ ଶରୀରରେ କୁକୁର ନଖର ରାମ୍ପୁଡା ଦାଗ ଥିବା ପୋଲିସ ସୂଚନା ଦେଇଛି। ବ୍ରୁନୋର ଏଭଳି କାର୍ଯ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ସକଳ ବସ୍ତୁର ମୂଲ୍ୟ ତୁମେ ଏକା
କରୁଛ ନିର୍ଣ୍ଣୟ
କାଳେ କାଳେ ଏ ଧରଣୀ ଘୋଷୁଥିବ
ତୁମରି ବିଜୟ।
(ସୁନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଜାନୁୟାରୀ ୧୯୯୪

- ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଥାଇଲାଣ୍ଡ ଓ ଇଣ୍ଡୋନେସିଆ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ।
- ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କଲେ ରାଜନୈତିକ ଦଳଗୁଡ଼ିକର ସ୍ୱୀକୃତି ରଦ୍ଦ କରି ଦିଆଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନଙ୍କ ଚେତାବନୀ।
- କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀର ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରାର୍ଥୀଙ୍କ ନିଯୁକ୍ତି ତଦାରଖ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | C | | 7 | | | | 6 | | | | | | 4 |
| 3 | 2 | | | C | | | | 0 | | 4 | | 1 | B | |
| | | 0 | | 9 | 5 | 1 | D | | | | E | C | | |
| E | 1 | 4 | 6 | | 2 | | | | | | | 0 | | |
| | 7 | | 1 | | 3 | | 5 | | | A | | | | |
| 0 | 5 | 6 | | | | A | | | | 8 | D | | 2 | |
| | 8 | | 3 | | | 4 | 9 | 5 | 2 | | | | | |
| | | | | A | | 0 | 6 | | | B | | | 5 | |
| | C | | | | 1 | | | | E | | 9 | | 8 | |
| B | | | 0 | | | | | | | 5 | 1 | | | |
| A | 4 | | | | | C | B | | | | 0 | | | 7 |
| 6 | | 8 | 9 | | | | 4 | | | | 5 | | | |
| | | | A | 4 | | | 7 | | | | 6 | D | | 2 |
| | | | 2 | D | | | | | | C | | | | 9 |
| 7 | | | | | | 8 | | | D | 1 | | | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 2 | E | 0 | A | 7 | 9 | D | 5 | C | 3 | 4 | 8 | B | 6 |
| 0 | 5 | 6 | E | 8 | 4 | 2 | C | 3 | B | 7 | D | 9 | A | 1 |
| 8 | 3 | C | D | B | 9 | A | 6 | E | 1 | 0 | 2 | 4 | 5 | 7 |
| 7 | 9 | 4 | C | 1 | 6 | 8 | 0 | B | A | E | 5 | 2 | 3 | D |
| D | A | B | 3 | 5 | 2 | 7 | 1 | 4 | 6 | 8 | 9 | E | 0 | C |
| 5 | 7 | 0 | A | 2 | 1 | C | E | 6 | D | 4 | 8 | B | 9 | 3 |
| E | 6 | 1 | 7 | C | 3 | D | 5 | 8 | 9 | B | 0 | A | 2 | 4 |
| 2 | C | 8 | 6 | E | B | 0 | 4 | 9 | 7 | A | 3 | 1 | D | 5 |
| B | D | A | 4 | 9 | 8 | 3 | 7 | 2 | 5 | 1 | E | C | 6 | 0 |
| 9 | 4 | 3 | 5 | D | 0 | B | A | 1 | 2 | 6 | C | 7 | 8 | E |
| 3 | 1 | 9 | 2 | 6 | E | 4 | B | 0 | 8 | D | 7 | 5 | C | A |
| 6 | 8 | 7 | 9 | 4 | 5 | E | 2 | D | 0 | C | A | 3 | 1 | B |
| A | 0 | D | 1 | 3 | C | 5 | 8 | 7 | 4 | 9 | B | 6 | E | 2 |
| C | B | 2 | 8 | 7 | D | 6 | 3 | A | E | 5 | 1 | 0 | 4 | 9 |
| 4 | E | 5 | B | 0 | A | 1 | 9 | C | 3 | 2 | 6 | D | 7 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାସନର ଚେତା ପଶୁନି

ମହାଶୟ,

ରାଜ୍ୟର ବିଭିନ୍ନ ସ୍ଥାନରେ ଡଙ୍ଗାବୁଡିରେ ଲୋକେ ପ୍ରାଣ ହରାଉଛନ୍ତି। ଏଥିପାଇଁ ରାଜ୍ୟ ଓ ଜିଲା ପ୍ରଶାସନର ବେପରୁଆ ମନୋଭାବ ଦାୟୀ। ରାଜ୍ୟରେ ବହୁସଂଖ୍ୟକ ଡଙ୍ଗା ଲାଇସେନ୍ସବିହୀନ ଓ ବିନା ଜୀବନ ରକ୍ଷାକାରୀ ଜ୍ୟାକେଟରେ ଅବାଧରେ ଚଳପ୍ରଚଳ ହେଉଛି। ଅଧିକ ଭଡା ପାଇଁ ଡଙ୍ଗାର ଧାରଣ ଶକ୍ତିଠାରୁ ଅଧିକ ଯାତ୍ରୀ ନିଆଯାଉଛି। ଜିଲା ପ୍ରଶାସନ ତରଫରୁ ଏହାର ତଦାରଖ କରାଯାଉନାହିଁ। ତେଣୁ ଏବେଠୁ ଜିଲା ଓ ରାଜ୍ୟ ପ୍ରଶାସନ ସଜାଗ ହେଲେ ଅକାଳରେ ଝଡି ପଡୁଥିବା ମୂଲ୍ୟବାନ ଜୀବନ ରକ୍ଷା ହୋଇପାରନ୍ତା।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡା

### ଦେଶଭକ୍ତିର ନିଦର୍ଶନ

ବଲିଉଡ କଳାକାର ନାସିରୁଦ୍ଦିନ ଶାହା ନିକଟରେ ଗୋଚାଲାଣକୁ ନେଇ ଘଟିଥିବା ଏକ ହତ୍ୟାକାଣ୍ଡ ସମ୍ପର୍କରେ କହିଥିଲେ ଯେ, ଆମ ଦେଶରେ ମଣିଷ ମାରିବାଠାରୁ ଗାଈ ମାରିବାକୁ ଗୁରୁତ୍ୱ ଦିଆଯାଉଛି। ଏହି ମତକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ସମର୍ଥନ ଜଣାଇ କହିଥିଲେ– ଭାରତରେ ସଂଖ୍ୟାଲଘୁମାନଙ୍କୁ କିପରି ବ୍ୟବହାର କରାଯାଏ ଆମେ ମୋଦିଙ୍କୁ ଦେଖାଇବୁ। ଏହାର ଜବାବରେ ସେ କହିଥିଲେ ଯେ, ଇମ୍ରାନ ନିଜ ଦେଶ କଥା ବୁଝନ୍ତୁ, ଭାରତରେ କ'ଣ ହେଉଛି ସେ ବିଷୟରେ ଆମ ସରକାର ସଚେତନ ଅଛନ୍ତି। ଏହାଦ୍ୱାରା ବାସ୍ତବିକ ନାସିରୁଦ୍ଦିନ ଦେଶଭକ୍ତିର ନିଦର୍ଶନ ଦେଖାଇଛନ୍ତି।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ

## ସଂକ୍ଷେପରେ

### ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ କରି ଅଭିଯୁକ୍ତ କୋର୍ଟ ଚାଲାଣ

**ବାମରା, ୨୧।୧ (ସ୍ୱ.ପ୍ର.)-** ବାମରାସ୍ଥିତ ପଣ୍ଡରିପଥର ତୁରିପଡାଠାରେ ଜଣେ ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ ହୋଇଛି। ଏହି ଅଭିଯୋଗରେ ଗୋବିନ୍ଦପୁର ପୋଲିସ ଅଭିଯୁକ୍ତ ରମେଶ ମୁଣ୍ଡା ଓରଫ୍ ଭୀମଙ୍କୁ ଗିରଫ କରିଛି । ୫ଦିନ ତଳେ ପଣ୍ଡରିପଥର ତୁରିପଡାଠାରେ ୨ଜଣଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା। ସେହି ପଡ଼ାର ଯଶବୀର ସିଂ ଏଥିରେ ମଧ୍ୟସ୍ଥି ହୋଇ ଉଭୟଙ୍କୁ ଛଡାଇ ଥିଲେ। ଏଥିରେ ରାଗିଯାଇ ଆମକୁ କାହିଁକି ଛଡାଇଲୁ ବୋଲି ରମେଶ ମୁଣ୍ଡା ଓରଫ୍ ଭିମ ଯଶବୀରଙ୍କୁ ଏକ ରାତ୍ ପରେ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏଥିରେ ଯଶବୀରଙ୍କ ହାତ ଭାଙ୍ଗି ଯାଇଛି। ଅଭିଯୋଗକୁ ଭିତ୍ତି କରି ଭୀମଙ୍କୁ ପୋଲିସ ଗିରଫ କରିଛି।

### ହୃଦ୍‌ଘାତରେ ଆଇନଜୀବୀଙ୍କ ପରଲୋକ



**ସମ୍ବଲପୁର,୨୧।୧(ବ୍ୟୁରୋ)-** ସମ୍ବଲପୁର ସହରର ଭୀମ ଭୋଇ ନଗର ନିବାସୀ ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ପ୍ରଧାନଙ୍କ ହୃଦ୍‌ଘାତ ଯୋଗୁ ସୋମବାର ଅପରାହ୍ନ ୨ ଟାରେ ପରଲୋକ ହୋଇଛି । ତାଙ୍କୁ ୬୨ ବର୍ଷ ହୋଇଥିଲା । ପୈତୃକ ଗ୍ରାମ ରେଢାଖୋଲ ନିକଟସ୍ଥ ବଂଶାଜାଲ ଗ୍ରାମରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଏକମାତ୍ର ପୁଅ ରତିକ ମୁଖାଗ୍ନି ଦେଇଥିଲେ। ସମ୍ବଲପୁର ଓକିଲ ସଂଘ ସଭାପତି ବିଜିତେନ୍ଦ୍ରିୟ ପ୍ରଧାନ, ସବୀର ଅହମ୍ମଦ, ପ୍ରମୋଦ ରଥ, ରେଢାଖୋଲ ଓକିଲ ସଂଘ ସଭାପତି ଅଭୟ ବୀର, ସମ୍ପାଦକ ଗଣେଶ୍ୱର ପ୍ରଧାନ, ବରିଷ୍ଠ ଓକିଲ ଦୟାସାଗର ପ୍ରଧାନ ଓ ଅଚ୍ୟୁତାନନ୍ଦ ପୁରୋହିତଙ୍କ ସମେତ ବହୁ ଆଇନଜୀବୀ ଓ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ବଂଶାଜାଲରେ ପହଞ୍ଚି ଥିଲେ। ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଶେଷ ଦର୍ଶନ କରିଥିଲେ। ତାଙ୍କ ପରଲୋକ ଖବର ପ୍ରଚାର ହେବା ପରେ ସମ୍ବଲପୁର ଓ ରେଢାଖୋଲ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମଧ୍ୟ ଶୋକ ବ୍ୟକ୍ତ କରିଛନ୍ତି ।




ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ନେତୃବୃନ୍ଦ ଖବରଦାତାଙ୍କ କେନ୍ଦ୍ର ଓ ରାଜ୍ୟ ସରାକରଙ୍କ ମଧୁର ସମ୍ପର୍କ ଉପରେ ସୂଚନା ଦେଉଛନ୍ତି।

# କେନ୍ଦ୍ରକୁ ସମର୍ଥନ କରୁଛି ରାଜ୍ୟ

**ସମ୍ବଲପୁର,୨୧।୧ (ବ୍ୟୁରୋ)**

ନିଜକୁ ଚୌକିଦାର ବୋଲି ପ୍ରଧାନମନ୍ତ୍ରୀ ମୋଦି କହୁଛନ୍ତି । ହେଲେ ବଡ ବଡ କମ୍ପାନୀ ସହିତ ମିଶି ଦୁର୍ନୀତି କରୁଛନ୍ତି । ବିମୁଦ୍ରୀ କରଣ ପରେ ଭାଜପାର ଦଳୀୟ ଖାତାରେ ୮ ହଜାର ୩ ଶହ କୋଟି ଟଙ୍କା ଜମା ହୋଇଛି। ଅନ୍ୟପକ୍ଷେ ରାଜ୍ୟ ସରକାର ମଧ୍ୟ କେନ୍ଦ୍ର ବିରୋଧରେ ମୁହଁ ଖୋଲୁ ନାହାନ୍ତି । କେନ୍ଦ୍ରକୁ ଆଖି ବନ୍ଦ କରି ସମର୍ଥନ ଦେଉଛନ୍ତି । ରାଜ୍ୟ ସରକାର ମଧ୍ୟ ବିଭିନ୍ନ ଯୋଜନା କରି ଟଙ୍କା ଅପଚୟ କରୁଛନ୍ତି। ତେଣୁ ଏହି ଦୁର୍ନୀତିଗ୍ରସ୍ତ ଭାଜପା ଓ ବିଜେଡି ଦଳକୁ ଜବାବ ଦେବାକୁ ହେବ। ଓଡିଶାରେ ସରକାର ପରିବର୍ତ୍ତନ କରିବାର ସମୟ ଆସିଛି । ସୋମବାର କଂଗ୍ରେସ ନେତାମାନେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଏଭଳି ଅଭିଯୋଗ କରି ବର୍ଷିଛନ୍ତି। ମହାନଦୀ ସମସ୍ୟା, ହାଇକୋର୍ଟ ବେଞ୍ଚ ସମସ୍ୟା ପଶ୍ଚିମଓଡିଶାର ଏକ ବଡ ସମସ୍ୟା। ହାଇକୋର୍ଟ ବେଞ୍ଚ ସମସ୍ୟା କଂଗ୍ରେସ ଦଳ କ୍ଷମତାକୁ ଆସିଲେ ସମାଧାନ ହୋଇଯିବ । ମହାନଦୀ ସମସ୍ୟା ଉପରେ ମଧ୍ୟ କଂଗ୍ରେସ ଛତିଶଗଡ ସରକାର ସହିତ ଆଲୋଚନା କରି ସମାଧାନ କରିବ । ଏହା ସହ ବେକାରି ସମସ୍ୟା, ରାସ୍ତାଘାଟ, ବିଜୁଳି ଓ ପାଣି ସମସ୍ୟାକୁ କଂଗ୍ରେସ ଦଳ ଦୂର କରିବ । ଆସନ୍ତା ୨୫ ତାରିଖ ଭୁବନେଶ୍ୱରରେ ହେବାକୁ ଥିବା ପରିବର୍ତ୍ତନ ସମାରୋହରେ ପ୍ରାୟ ୩ ଲକ୍ଷ ଲୋକଙ୍କ ସମାଗମ ହେବ । ରାହୁଲଙ୍କ ଗସ୍ତକୁ ବାଧା ଦେବା ରାଜ୍ୟ ସରକାର ସବୁ ପ୍ରକାର ଚେଷ୍ଟା କରୁଛନ୍ତି, ହେଲେ ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି ଓ ସମାରୋହ ସଫଳ ହେବ ବୋଲି ଏଥିରେ କୁହାଯାଇଛି। ଏହି ଅବସରରେ ଅଖିଳ ଭାରତୀୟ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ମସ୍ତାନ ଭଲ୍ଲି, ପିସିସି ଉପ ସଭାପତି ସନ୍ତୋଷ ସିଂ ସାଲୁଜା, ଜିଲା ସଭାପତି ଅଶ୍ୱିନୀ ଗୁରୁ, ଆଶଫ ଅଲ୍ଲି ଖାନଙ୍କ ସମେତ ସୁତାପା ମିଶ୍ର, ସୁଧୀର ପଣ୍ଡା, ଆଶୁତୋଷ ସ୍ୱାଇଁ, ବିଜୟ ଭୁୟାଁ, ମନୋରଞ୍ଜନ ଦାସ, ମହମ୍ମଦ ଅଜଗର ଅଲ୍ଲି, ଅଦିତ୍ୟ ନାଥ, ଜୟରାମ ବଣିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ମିଶନ ଶକ୍ତି କାର୍ଯ୍ୟକ୍ରମ ରଥ ଶୁଭାରମ୍ଭ

**ସମ୍ବଲପୁର, ୨୧।୧ (ବ୍ୟୁରୋ)**

ମିଶନ ଶକ୍ତି କାର୍ଯ୍ୟକ୍ରମ ରଥ ସୋମବାର ଜିଲାପାଳ ଅଫିସ ପରିସରରେ ଶୁଭାରମ୍ଭ ହୋଇଛି । ଜିଲାପାଳ ସମର୍ଥ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହାପରେ ଏଲଇଡି ମାଧ୍ୟମରେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ରେଡକ୍ରସ ସମ୍ପାଦକ ଜୟ ଜର୍ଜ ଓ ଉପାଧ୍ୟକ୍ଷା ଡା. ଦୀପ୍ତିବାଲା ପଟ୍ଟନାୟକ ସମ୍ମାନିତ ଅତିଥି ଥିଲେ । ଗୀତାଞ୍ଜଳି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମ୍ବଲପୁର ମହାନଗର ନିଗମ ସିଡିପିଓ ବିଜୟା ମିଶ୍ର, ମାନେଶ୍ୱର ସିଡିପିଓ ମିତା ଶର୍ମା, ଝୁଝୁମୁରା ସିଡିପିଓ ସବିତା ନାୟକ, କାର୍ଯ୍ୟକ୍ରମ ଅଧିକାରୀ ସବିତା ଦାଶ, ମିଶନ ଶକ୍ତିର ମିନତି ପାଣିଗ୍ରାହୀ, ମିଶନ ଶକ୍ତି ଡିପିସି ନିରଞ୍ଜନ ପଣ୍ଡାଙ୍କ ସମେତ ଅଙ୍ଗନୱାଡି ସୁପରଭାଇଜର୍, ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଏହି ମିଶନ ଶକ୍ତି ରଥ ଜିଲାର ୯ଟି ବ୍ଲକ ୧୩୮ଟି ପଞ୍ଚାୟତ ଏବଂ ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ୬୦ ଦିନରେ ବୁଲିବ।



ସୋମବାର ସମ୍ବଲପୁର ଜିଲାପାଳ ସମର୍ଥ ବର୍ମା ମିଶନ ଶକ୍ତି ରଥକୁ ଶୁଭାରମ୍ଭ କରୁଛନ୍ତି ।

## ଅଙ୍ଗୁର ବୋଝେଇ ଟ୍ରକ୍ ଓଲଟିଲା, ବର୍ତ୍ତିଗଲେ ବାଟୋଇ

**ପଡିଆବାହାଲ, ୨୧।୧ (ଡି.ଏନ.ଏ.)**

ସମ୍ବଲପୁର ଜିଲା ପଡିଆବାହାଲ ଡାକ୍ତରଖାନା ଡାଇଭରଶନ୍‌ଠାରେ ସୋମବାର ସକାଳ ପ୍ରାୟ ସାଢ଼େ ୬ଟା ବେଳେ ଭାରସାମ୍ୟ ହରାଇ ଏକ ଅଙ୍ଗୁର ବୋଝେଇ ଟ୍ରକ୍ ରାସ୍ତା ଉପରେ ଓଲଟି ପଡିଛି। ଫଳରେ ଜଣେ ପଥଚାରୀ ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ସିରତ ଖେତ (୨୩) । ଡବ୍ଲୁବି-୨୩ ଡି- ୩୬୨୭ ନମ୍ବର ବିଶିଷ୍ଟ ଉକ୍ତ ଟ୍ରକ୍ ଦ୍ରୁତ ଗତିରେ ସମ୍ବଲପୁର ପଟୁ କଲିକତା ଅଭିମୁଖେ ଯାଉଥିଲା । ହେଲେ ପଡିଆବାହାଲ ଡାକ୍ତରଖାନା ପାଖ ଡାଇଭରଶନ୍‌ରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା । ସେତିକି ବେଳେ ଯୁବକ ଜଣକ ସେହିବାଟେ ଚାଲି ଚାଲି ଯାଉଥିଲେ। ଟ୍ରକଟି ତାଙ୍କ ଦେହରେ ଘସି ହୋଇ ଯିବା ଫଳରେ ମୁଣ୍ଡ, ଆଣ୍ଠୁରେ ଆଘାତ ଲାଗିଛି। ହେଲେ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସରେ ସଦର ଡାକ୍ତରଖାନାକୁ ପଠାଇଛନ୍ତି । ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ସହ ଚାଳକ ଏବଂ ଜଣେ ଖଲାସିଙ୍କୁ ନିଜ ହେପାଜତକୁ ନେଇ ତଦନ୍ତ ଚାଲୁ ରଖିଛି।

## ନାବାଳିକା ଗଣବଳାତ୍କାର ଘଟଣାରେ ୨ ନାବାଳକ ଧରାପଡ଼ିଲେ

**ବାମରା, ୨୧।୧ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ମହୁଲପାଲି ଥାନା ଅଞ୍ଚଳରେ ହୋଇଥିବା ନାବାଳିକା ଗଣବଳାତ୍କାର ଘଟଣାରେ ୨ଜଣ ନାବାଳକଙ୍କୁ ପୋଲିସ ଧରିଛି। ଗତ ୧୫ ତାରିଖ ବାମରା ବ୍ଲକ ତୁରେଇଠାରେ ଚାଲିଥିବା ମକର ଯାତ୍ରା ଦେଖି ନାବାଳିକା ଜଣକ ନିଜ ଭାଇ ସହିତ ଭୋରରୁ ଫେରୁଥିଲେ । ହେଲେ ପିଛା କରୁଥିବା ୪ଜଣ ଦୁର୍ବୃତ୍ତ ଜଙ୍ଗଲକୁ ଟାଣି ନେଇ ବଳାତ୍କାର କରିଥିଲେ । ଏ ବିଷୟରେ ୧୬ ତାରିଖ ନାବାଳିକା ଜଣକ ଘର ଲୋକଙ୍କ ସହ ମହୁଲପାଲି ଥାନାକୁ ଯାଇ ଅଭିଯୋଗ କରିଥିଲେ। ପୋଲିସ ଘଟଣାରେ ସଂପୃକ୍ତ ୪ଜଣଙ୍କ ମଧ୍ୟରୁ ୨ଜଣଙ୍କୁ ଧରି ପଚରାଉଚରା ଚଳାଇଥିଲା। ଉଭୟ ନାବାଳକ ଥିବାରୁ ରାଉରକେଲା ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି । ଅନ୍ୟ ୨ ଅଭିଯୁକ୍ତ ଫେରାର ଥିବା ବେଳେ ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଆଇଆଇସି ସୁଦାମ ମଲ୍ଲିକ ସୂଚନା ଦେଇଛନ୍ତି । ଘଟଣାଟି ଅଞ୍ଚଳରେ ଉଦ୍‌ବେଗ ସୃଷ୍ଟି କରିବା ସହିତ ଅନ୍ୟ ୨ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ପାଇଁ ପୀଡିତାଙ୍କ ପରିବାର ଲୋକେ ଦାବି ଜଣାଇଛନ୍ତି।

## ୨୨ରେ ଫୁଟବଲ ଖେଳାଳି ଚୟନ ଶିବିର

**ସମ୍ବଲପୁର, ୨୧।୧ (ବ୍ୟୁରୋ)**

ସମ୍ବଲପୁର ଫୁଟବଲ ଏକାଡେମୀ ପକ୍ଷରୁ ଆସନ୍ତା ୨୨ ଓ ୨୩ ତାରିଖରେ ଖେଳାଳି ଚୟନ ଶିବିର ହେବ । ପିତାପାଲିସ୍ଥିତ ସମ୍ବଲପୁର ଫୁଟବଲ ଏକାଡେମୀ ପରିସରରେ ଖେଳାଳିମାନେ ଶିବିରରେ ଯୋଗଦେଇ ପାରିବେ । ସେମାନଙ୍କୁ ଗସ୍ତ ଖର୍ଚ୍ଚସହ ସମସ୍ତ ସୁବିଧା ଯୋଗାଇଦିଆଯିବ । ସୋମବାର ଏକାଡେମୀର ନିର୍ଦ୍ଦେଶକ ଅତନୁ ଘୋଷ ଓ ମ୍ୟାନେଜର ମନୋଜ ଭୋଇ ପ୍ରେସ ବିବୃତିରେ ଏହି ସୂଚନା ଦେଇଛନ୍ତି।

## ଫଟୋରେ ଖବର






ଜିଲା କ୍ରୀଡା ସଂଘ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଭିଏସଏସ ଷ୍ଟାଡିୟମରେ ଅତିଥିମାନେ କୃତୀ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି । ଏହି ମ୍ୟାଚରେ ଖୁଲିଆ ଇନ୍ଦିରା କ୍ଲବ ୩-୨ ଗୋଲରେ ସାକ୍ଷୀପଡା ଆଦିବାସୀ କ୍ଲବକୁ ହରାଇଥିଲା (ବାମ)। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ବଦଳି ଦାବିରେ ସୋମବାର ଭାଜପା ମହିଳା ମୋର୍ଚ୍ଚା ସଭ୍ୟମାନେ ଜିଲାପାଳ ଅଫିସ ଆସିଛନ୍ତି ।

## ନେତାଜୀ, ସୁରେନ୍ଦ୍ର ସାଏ ଜୟନ୍ତୀରେ ମଶାଲ ଶୋଭାଯାତ୍ରା ବାହାରିବ

**ସମ୍ବଲପୁର,୨୧।୧ (ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ ହୀରାକୁଦ ଡ୍ୟାମ୍ ଡାକ ବଙ୍ଗଳାରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ସଞ୍ଜିତ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ । ଜାନୁୟାରୀ ୨୩ ନେତାଜୀ ସୁବାସଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ କିଭଳି ଭାବେ ପାଳନ କରାଯିବ ସେ ଦିଗରେ ଆଲୋଚନା କରାଯାଇଥିଲା । ବୁର୍ଲା ନେତାଜୀ ଛକ ଠାରେ ଏକ ବିଶାଳ ଜନ ସମାବେଶ କରିବାକୁ ସ୍ଥିର କରାଯାଇଥିଲା । ସେହି ପରି ବୁର୍ଲା ସମେତ ହୀରାକୁଦ ଓ ସହର ବିଭିନ୍ନ ସ୍ଥାନରୁ ଏକ ହଜାର ଲୋକଙ୍କୁ ନେଇ ବାଇକ ରାଲି କରାଯିବ ପ୍ରସ୍ତାବ ହୋଇଥିଲା । ମୋହିତ ନାଏକ, ମିଲନ ହୋତା, ଅନୁଜ ଜେନା, ଜୟନ୍ତ ପଟ୍ଟନାୟକ, ପ୍ରକାଶ ଡାଙ୍ଗ, ନରେଶ ବାରିକ, କୈଳାସ ନାଏକ, ଧୀରଜ ଯାଦବ, ଅମିତ ସିଂ, ଭିଜନ ପ୍ରଧାନ, ସନ୍ତୋଷ ମହାକୁଡ, ଶିବାନନ୍ଦ ଦାସ, ଅଙ୍କିତ ବିଶ୍ୱକର୍ମା, ଭୋଲା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ତାସ, ପଚ୍ଚିଖେଳ: ୩ ଗିରଫ

**ଧମା, ୨୧।୧ (ଡି.ଏନ.ଏ)**

ଧମା ଥାନା ଅଞ୍ଚଳରେ ବ୍ୟାପକ ପଚ୍ଚିଖେଳ ଓ ତାସ ଖେଳ ଚାଲିଛି। ଏହାକୁ ଭିତ୍ତି କରି ସୋମବାରଧମାପୋଲିସଅର୍ଜ୍ଜାପାଲିରେ ଚଢ଼ାଉ କରିଥିଲା । ସେଠାରୁ ଉକ୍ତ ଗ୍ରାମର ଦୁର୍ଗା ଚରଣ ଭୋଇ, ରାଜେନ୍ଦ୍ର ପାଣ୍ଡେଙ୍କୁ କାବୁ କରିଛି। ସେମାନଙ୍କଠାରୁ ଏକ ପୁଡା ତାସ ଓ ୨୬୦ ଟଙ୍କା ଜବତ କରିଥିଲା । ଅନୁରୂପ ଭାବେ ଖଣ୍ଡା ବେଡ୍ରାପଡାରେ ପଚ୍ଚି ଖେଳ ଚାଲିଥିବା ବେଳେ ଚଢ଼ାଉ କରି ବୁଧୁ ଭୈରବୀଙ୍କୁ ଗିରଫ କରି ୧୨୫ ଟଙ୍କା ଓ ଗୁଡୁଗୁଡୁ ପଚ୍ଚି ଜବତ କରିଛି।

## ପୁଷ୍‌ପୁନିରେ ବି ଅନଶନରେ ବସିଲେ ଓକିଲ




ସମ୍ବଲପୁର କଚେରି ଛକଠାରେ ଚାଲିଥିବା ରିଲେ ଆମରଣ ଅନଶନର ସୋମବାର ୬୪ ଦିନରେ ସାମିଲ ହୋଇଥିବା ବ୍ୟକ୍ତିମାନେ।

**ସମ୍ବଲପୁର, ୨୧।୧ (ବ୍ୟୁରୋ)**

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ଚାଲିଥିବା ଆନ୍ଦୋଳନ ସୋମବାର ୧୩୯ ଦିନରେ ପହଞ୍ଚିଛି । ଅନ୍ୟପକ୍ଷେ ସୋମବାର ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ପୁଷ୍‌ପୁନି ପାଳିତ ହୋଇଛି । ପ୍ରତି ଘରେ ବିଭିନ୍ନ ପ୍ରକାର ପିଠା ମଣ୍ଡା ତିଆରି ହୋଇଛି । ଅନେକ ସୁସ୍ୱାଦୁ ବ୍ୟଞ୍ଜନରେ ମହକି ଉଠିଛି ସମ୍ବଲପୁର ସହର । ତଥାପି ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ଓକିଲମାନେ ରିଲେ ଆମରଣ ଅନଶନରେ ବସିଛନ୍ତି । ୬୪ ଦିନ ହେଲା ରିଲେ ଆମରଣ ଅନଶନ ଚାଲିଛି। ସୋମବାର ମହମ୍ମଦ ସବୀର, ମହମ୍ମଦ ଅନୱର୍ ଅଲ୍ଲି, ଅଫତାବ ଆଲମ୍, ସମସଦ୍ ଖାନ୍ ଓ ମହମ୍ମଦ ସମସଦ୍ ଅଲ୍ଲି ପ୍ରମୁଖ ଅନଶନରେ ସାମିଲ ହୋଇଥିଲେ।

## ମିଥୁନ ଆଣ୍ଡ ପାର୍ଟନର ଚାମ୍ପିୟନ

**ରେଢ଼ାଖୋଲ,୨୧।୧ (ଡି.ଏନ.ଏ.)**

**ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ**

ରେଢ଼ାଖୋଲ ପଞ୍ଚଖଣ୍ଡା ବ୍ୟାଡମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ କଦମ୍ବ ପଡିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ଏକଦିବସୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ମିଥୁନ ଆଣ୍ଡ ପାର୍ଟନର ଚାମ୍ପିୟନ ହୋଇଛନ୍ତି। ବିକାଶ ଆଣ୍ଡ ପାର୍ଟନର ରନର୍ସ ଅପ୍ ହୋଇଛନ୍ତି। ଟୁର୍ନାମେଣ୍ଟରେ ରେଢ଼ାଖୋଲ ଉପଖଣ୍ଡର ୨୪ ଯୋଡି ଯୋଗ ଦେଇଥିଲେ। ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଅନ୍ତର୍ଯ୍ୟାମୀ ସାହୁ ଓ ରାଜେଶ ସାହୁ ମ୍ୟାଚଗୁଡିକ ପରିଚାଳନା କରିଥିବାବେଳେ ସୁଦାମ ସାହୁ, କାହ୍ନୁ ରାଉଳ ଓ ଦିଲ୍ଲୀପ ଲଉରିଆ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବିଶ୍ୱ ମହାରଣା ଧାରାବିବରଣୀ ପ୍ରଦାନ କରିଥିଲେ। ପଞ୍ଚଖଣ୍ଡା ବ୍ୟାଡମିଣ୍ଟନ ଆସୋସିଏଶନର ଉପଦେଷ୍ଟା ତଥା ଏନଏସି ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ଶଶାଙ୍କ ଶେଖର ଗିରି, ପ୍ରବୀଣ ମହାପାତ୍ର, ବୀରେନ୍ଦ୍ର ଦେଓ, ଜୟଦେବ ପୃଷ୍ଟେଠ, ମନୋଜ ରାୟ, ଅଜିତ ବାରିକ, ସଞ୍ଜୀବ ବେହେରା, ରଞ୍ଜିତ ମହାନ୍ତି ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।



ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### କୁକୁର ଆକ୍ରମଣରେ ଗଲା ନାବାଳକଙ୍କ ଜୀବନ

**ବାରିପଦା ଅଫିସ,୨୧।୧:** କୁକୁର ପଲ ଆକ୍ରମଣରେ ଗଲା ନାବାଳକଙ୍କ ଜୀବନ। ଏପରି ହୃଦୟ ବିଦାରକ ଘଟଣା ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅଧୀନ ରାହାନ୍ଦା ଅଞ୍ଚଳରେ ସୋମବାର ଘଟିଛି। ମୃତକ ହେଲେ ବାଲିସୁଦ୍ରା ଗ୍ରାମର ଶରମା ମହାରଣାଙ୍କ ପୁଅ ରିଙ୍କୁ (୭)। ସେ ଏକୁଟିଆ ସ୍କୁଲ ଯାଉଥିବାବେଳେ ଏପରି ଅଘଟଣର ସମ୍ମୁଖୀନ ହୋଇଥିବା ଜଣାଯାଇଛି। ପୋଲିସ ସୂଚନା ମୁତାବକ ରିଙ୍କୁ ରାହାନ୍ଦା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପାଠ ପଢ଼ନ୍ତି। ସେ ସୋମବାର ସକାଳେ ବିଲ ରାସ୍ତାରେ ଏକୁଟିଆ ସ୍କୁଲ ଯାଉଥିଲେ। ଉକ୍ତ ସମୟରେ ପ୍ରାୟ ୪ ଟି କୁକୁର ତାଙ୍କୁ ଆକ୍ରମଣ କରିଥିଲେ। ଅସହାୟ ହୋଇ ରିଙ୍କୁ ତଳେ ପଡିଯାଇଥିବା ବେଳେ କୁକୁରମାନେ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ କାମୁଡି ରକ୍ତାକ୍ତ କରି ଦେଇଥିଲେ। ଏହା ପରେ ଆହୁରି ଦୁଇ କୁକୁର ପହଞ୍ଚି ମିଳିତ ଆକ୍ରମଣ କରିବାରୁ ରିଙ୍କୁଙ୍କ ପେଟର ଅନ୍ତଃବୁଜୁଳା ବାହାରି ଯାଇଥିଲା। କୁକୁରଙ୍କ ଭୁକିବା ଶବ୍ଦ ଶୁଣି କିଛି ଦୂରରେ ଯାଉଥିବା ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ସେତେବେଳକୁ ରିଙ୍କୁଙ୍କ ମୃତ୍ୟୁ ହୋଇସାରିଥିଲା। ପରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଡାକ୍ତରଖାନା ପଠାଇଥିଲା। ଯଶିପୁର ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୨/୧୯) ରୁଜୁ କରାଯାଇଛି।

■ ଭାଜପା ମହିଳା ମୋର୍ଚ୍ଚାର ଲାଲଚୁଡ଼ି ପ୍ରତିବାଦ

# ସଚିବାଳୟ ଗେଟ୍‌ରେ ବାନ୍ଧିଲେ ଚୁଡ଼ି

- ■ଭାଜପା ନେତ୍ରୀଙ୍କୁ ପୋଲିସର ଗାଳି, ମାଡ଼ ଅଭିଯୋଗ
- ■ପୋଲିସ ଉପରକୁ ଚୁଡ଼ି ଓ ପାଣି ପାଉଚ ମାଡ଼
- ■ଧସ୍ତାଧସ୍ତି, ଜଣେ ମହିଳା କର୍ମୀ ଆହତ
- ■ସାମିଲ ହେଲେ ଏମ୍‌ପି ରୁପା ଗାଙ୍ଗୁଲି

**ଭୁବନେଶ୍ୱର,୨୧।୧ (ବ୍ୟୁରୋ)**

ରାଜ୍ୟରେ ମହିଳାଙ୍କ ଉପରେ ବଢ଼ୁଛି ନିର୍ଯାତନା। ଶିଶୁକନ୍ୟାଠାରୁ ଆରମ୍ଭ କରି ନାବାଳିକା, ଯୁବତୀ, ମହିଳାମାନେ ବଳାତ୍କାର ଓ ହତ୍ୟାର ଶିକାର ହେଉଛନ୍ତି। ରାଜ୍ୟ ସରକାର ସେମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି। ପିପିଲି ଗଣବଳାତ୍କାର ଓ ହତ୍ୟା ଘଟଣାରେ ପୀଡିତାଙ୍କୁ ନ୍ୟାୟ ବଦଳରେ ସରକାର ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା ପ୍ରତିବାଦରେ ଭାଜପା ମହିଳା ମୋର୍ଚ୍ଚା ସୋମବାର ସଚିବାଳୟ ଗେଟ୍‌ରେ ଲାଲ୍ ଚୁଡି ବାନ୍ଧିଛି। ଏଭଳି ଅଭିନବ ପ୍ରତିବାଦକୁ ପ୍ରତିହତ କରିବାରେ ପୋଲିସ ବିଫଳ ହୋଇଥିବାବେଳେ ଲୋୟର ପିଏମ୍‌ଜିରେ ଦୀର୍ଘ ସମୟ ଧରି ଭାଜପା ନେତ୍ରୀଙ୍କ ସହ ମୁହାଁମୁହିଁ ହୋଇଛି। ତେବେ ଧସ୍ତାଧସ୍ତି ବେଳେ ପୋଲିସ ମହିଳା ନେତ୍ରୀ ଓ କର୍ମଚୀଙ୍କ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଥିରେ ଜଣେ ମହିଳା କର୍ମୀ ଆହତ ହୋଇଥିବାବେଳେ ପୋଲିସ ୫୦ରୁ ଊର୍ଦ୍ଧ୍ୱ ଜଣଙ୍କୁ ଗିରଫ କରି ପରେ ଛାଡ଼ି ଦେଇଥିବା ଜଣାପଡିଛି। ତେବେ ଏହି ଘଟଣାକୁ ନେଇ ମାଷ୍ଟରକ୍ୟାଣ୍ଟିନ ଛକରୁ ଲୋୟର ପିଏମ୍‌ଜି ଦେଇ ସଚିବାଳୟ ପର୍ଯ୍ୟନ୍ତ ପ୍ରାୟ ୩ଘଣ୍ଟା ଧରି ଏକପ୍ରକାର ରଣକ୍ଷେତ୍ର ପାଲଟିଥିଲା।

ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଚୁଡି ସଂଗ୍ରହ କରାଯାଇଥିଲା। ସୋମବାର ସକାଳେ ଭାଜପା ମହିଳା କର୍ମୀମାନେ ପିପିଲି ପୀଡିତାଙ୍କ ଘରକୁ ଯାଇ ତାଙ୍କ ମା'ଙ୍କଠାରୁ ଚୁଡି ସଂଗ୍ରହ କରିଥିଲେ। ଦିନ ପ୍ରାୟ ୧୧ଟାରେ ରାଜ୍ୟ ଭାଜପା କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରିଥିଲା। ରାଜ୍ୟରେ ପ୍ରାୟ ୧୦ ହଜାରୁ ଊର୍ଦ୍ଧ୍ୱ କର୍ମୀମାନେ ଏଥିରେ ସାମିଲ ହୋଇଥିବାରୁ ପୋଲିସ ସୁରକ୍ଷାକୁ କଡାକଡି କରିଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଚୁଡି ପିନ୍ଧାଇବା ପାଇଁ ନବୀନ ନିବାସ ଯିବାକୁ ପ୍ରଥମେ ଭାଜପା ମହିଳା ମୋର୍ଚ୍ଚାର ଯୋଜନାଥିଲା। ହେଲେ ପୋଲିସର ବ୍ୟାପକ ପ୍ରସ୍ତୁତିକୁ ଦେଖି ରଣନୀତି ବଦଳିଯାଇଥିଲା। ନବୀନ ନିବାସ ଆଡକୁ ନ ଯାଇ ମାଷ୍ଟରକ୍ୟାଣ୍ଟିନ ଛକରୁ ପିଏମ୍‌ଜି ଛକ ଦେଇ ସଚିବାଳୟ ଅଭିମୁଖେ ବାହାରିଥିଲେ। ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡାଙ୍କ ନେତୃତ୍ୱରେ ଏହି ବିଶାଳ ରାଲିରେ ଏମ୍‌ପି ରୁପା ଗାଙ୍ଗୁଲି, ଉପାସନା ମହାପାତ୍ର, ଅନୁ ଚୌଧୁରୀ, ପିଙ୍କି ପ୍ରଧାନ, ମାହେଶ୍ୱତା ରାୟ, ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ବହୁ ନେତ୍ରୀ ଓ କର୍ମୀ ସାମିଲ ହୋଇଥିଲେ। ବାଟରେ ସେମାନଙ୍କୁ ପୋଲିସ ଅଟକାଇବାରୁ ଅନ୍ୟଏକ ଟିମ୍ ଚକମା ଦେଇ ସଚିବାଳୟ ୪ ନମ୍ବର ଗେଟରେ ପହଞ୍ଚିଯାଇଥିଲେ। ସେଠାରେ ପୋଲିସ କର୍ଡନ ଭାଙ୍ଗି ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଚିବାଳୟ ଗେଟରେ ଚୁଡି ବାନ୍ଧିଥିଲେ। ଏପଟେ ପୋଲିସ ଅଟକାଇବାରେ ବିଫଳ ହେବା ପରେ ଲୋୟରେ ପିଏମ୍‌ଜିରେ ପୂରା ବଳପ୍ରୟୋଗ କରିଦେଇଥିଲା। ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କିନ୍ତୁ ମହିଳାମାନେ ବ୍ୟାରିକେଡକୁ ଭାଙ୍ଗିବା ସହ ପୋଲିସ ଉପରକୁ ନାଲିଚୁଡି ଓ ପାଣି ପାଉଚ୍ ଫିଙ୍ଗିଥିଲେ। ଜଣେ ପୋଲିସ ଅଫିସର ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାରୁ ସେଠାରେ ପ୍ରତିବାଦ ଆହୁରି ତୀବ୍ର ହୋଇଥିଲା। ଏହି ସମୟରେ ଜଣେ ମହିଳା କର୍ମୀ ଆହତ ହୋଇଥିଲେ। ପୋଲିସ ମହିଳାଙ୍କୁ ମାଡମାରିଥିବା ଅଭିଯୋଗ ଆସିବାରେ ପରେ ଉତ୍ତେଜନା ବଢ଼ିଯାଇଥିଲା। ପୋଲିସର ଏଭଳି କାର୍ଯ୍ୟକୁ ସେମାନେ ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଆହତ ମହିଳାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶେଷରେ ପୋଲିସ ୫୦ରୁ ଊର୍ଦ୍ଧ୍ୱ ଭାଜପା ମହିଳା କର୍ମୀଙ୍କୁ ଗିରଫ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ଏନେଇ ଏମ୍‌ପି ରୁପା ଗାଙ୍ଗୁଲି କହିଛନ୍ତି, ନାଲି ଚୁଡି ମହିଳାଙ୍କୁ ସଶକ୍ତ କରିଥାଏ। ତେଣୁ ମହିଳାମାନଙ୍କୁ ତାଙ୍କ ସରକାର ସୁରକ୍ଷା ଦେଇପାରୁ ନ ଥିବାରୁ ନବୀନ ବାବୁଙ୍କୁ ଚୁଡି ପିନ୍ଧିଇବା ପାଇଁ ଏପରି କାର୍ଯ୍ୟକ୍ରମ କରାଯାଇଛି। ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ମହିଳାମାନଙ୍କୁ ସୁରକ୍ଷା ବଦଳରେ ଏଠାରେ ବଳାତ୍କାର ଓ ହତ୍ୟାର ଶିକାର ହେବାକୁ ପଡୁଛି। ରାଜ୍ୟ ସରକାର ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉଛନ୍ତି। ପ୍ରତିବାଦରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମହିଳାଙ୍କଠାରୁ ସଂଗ୍ରହ କରାଯାଇଥିବା ଚୁଡିକୁ ମୁଖ୍ୟମନ୍ତ୍ରୀ ପିନ୍ଧୁ ସଶକ୍ତ ହୁଅନ୍ତୁ। ପିପିଲି ଘଟଣାରେ ସିବିଆଇ ତଦନ୍ତ କରା ନ ଗଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସେ କହିଛନ୍ତି।

ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନା କହିଛନ୍ତି, ଭାଜପା ବହୁ ପଛରେ ଏପରି କଲା। ଆମ ଦାବି ଅନୁଯାୟୀ ମନ୍ତ୍ରୀ ପ୍ରଦୀପ ମହାରଥି ଇସ୍ତଫା ଦେଲେ। ସରକାର ସଚେତନ ନୁହନ୍ତି। ଆଗକୁ କଂଗ୍ରେସ ବିଧାନସଭା ଘେରାଉ କରିବ ବୋଲି ସେ କହିଛନ୍ତି। ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି, ଭାଜପା ପାଖରେ କୌଣସି ପ୍ରସଙ୍ଗ ନାହିଁ। ନାରୀ ନିର୍ଯାତନାକୁ ଭାଜପା ଆଳ କରିବା ହାସ୍ୟସ୍ପଦ ଓ ନିନ୍ଦନୀୟ ଘଟଣା। ଚୁଡି କ'ଣ ଦୁର୍ବଳତାର ଲକ୍ଷଣ ? ନିଜର ଦୁର୍ବଳତାକୁ ଭାଜପା ମହିଳା ମୋର୍ଚ୍ଚା ପଦାରେ ପରିପ୍ରକାଶ କରୁଛନ୍ତି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଦୁଇ ଦିନ ତଳେ ଭାଜପା ମହିଳା ମୋର୍ଚ୍ଚା ଶାସକ ଦଳର ନେତା ଓ ବିଧାୟକଙ୍କ ଘର ଗେଟରେ ନାଲିଚୁଡି ବାନ୍ଧିଥିଲେ। ସେତେବେଳେ ଗୋଇନ୍ଦା ପୋଲିସ ଖବର ପାଇବାରେ ବିଫଳ ହୋଇଥିଲା, ଆଜି ମଧ୍ୟ ବିଫଳତା ବାରି ହୋଇପଡିଥିଲା।




ଭାଜପା ମହିଳା ମୋର୍ଚ୍ଚା ନେତ୍ରୀମାନେ ଲାଲ୍ ଚୁଡ଼ି ଧରି ସଚିବାଳୟ ଆଡ଼କୁ ଶୋଭାଯାତ୍ରାରେ ଯାଉଛନ୍ତି।

### ଶାଢ଼ି ବନ୍ଧାଇଲେ ମୁଦିରସ୍ତ

**ପୁରୀ ଅଫିସ,୨୧।୧:** ପବିତ୍ର ପୁଷ୍ୟାଭିଷେକ ଅବସରରେ ସୋମବାର ଶ୍ରୀନଅରରେ ଶାଢି ବନ୍ଧା ଅନୁଷ୍ଠିତ ହୋଇଛି। ମୁଦିରସ୍ତ ଭାବେ ଆଦିତ୍ୟ ନାରାୟଣ ମୁଦିରସ୍ତ (୧୫ବର୍ଷ) ଶାଢି ବନ୍ଧାଇଛନ୍ତି। ମୁଦିରସ୍ତଙ୍କ ଶାଢି ବନ୍ଧାଇବା ପାଇଁ ପ୍ରଥମେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପଇତାଲାଗି ପରେ ଦେବାର୍ଚ୍ଚନା ଏବଂ ପୁଷ୍ପାଞ୍ଜଳି ସରିଥିଲା। ଏହାପରେ ମୁଦିରସ୍ତ ଶାଢି ବନ୍ଧାଇବା ପାଇଁ ଗଜପତିଙ୍କ ଗାଦି ନିକଟରେ ଉପସ୍ଥିତ ହୋଇଥିଲେ। ଗଜପତିଙ୍କ ଶ୍ରୀହସ୍ତରୁଆଁ ଶାଢି ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ଏବଂ ସୁଧାଂଶୁ ରାଜଗୁରୁ ଶ୍ରୀନଅର ସିଂହଦ୍ୱାରରେ ପାଟଶାଣୀକୁ ବାନ୍ଧିବା ପାଇଁ ପ୍ରଦାନ କରିଥିଲେ। ପାଟଶାଣୀ ଶ୍ୟାମସୁନ୍ଦର ଚ୍ୟାଉପଟ୍ଟନାୟକ ମୁଦିରସ୍ତଙ୍କ ମସ୍ତକରେ ଶାଢି ବାନ୍ଧିଥିଲେ। ମୁଦିରସ୍ତ ଗାଦି ଘର ନିକଟକୁ ଆସି ଗଜପତିଙ୍କୁ ପ୍ରଣାମ କରିଥିଲେ। ନିଷ୍ଠା ଏବଂ ଏକାଗ୍ରତାର ସହ ସମର୍ପଣଭାବ ରଖି ମହାପ୍ରଭୁଙ୍କ ସେବା କରିବା ପାଇଁ ଗଜପତି ମହାରାଜା ମୁଦିରସ୍ତଙ୍କୁ ପରାମର୍ଶ ଦେଇଥିଲେ। ଗଜପତି ମହାରାଜାଙ୍କ ପ୍ରତିନିଧି ହେଉଛନ୍ତି ମୁଦିରସ୍ତ। ଏହା ଏକ ନାବାଳକ ସେବା। ଗଜପତିଙ୍କ ଅନୁପସ୍ଥିତିରେ ମୁଦିରସ୍ତ ମହାପ୍ରଭୁଙ୍କ ସମସ୍ତ ସେବା କରିପାରିବେ। ନକ୍ଷତ୍ର ବନ୍ଦାପନା, ସର୍ବାଙ୍ଗ, ଚନ୍ଦନଲାଗି, ମଙ୍ଗଳାର୍ପଣ ଏମିତି ଅନେକ ଯାନିଯାତ୍ରାରେ ମୁଦିରସ୍ତ ସେବା କରିଥାନ୍ତି।

**ବିହନ ବିଶୋଧନ ଅଭିଯାନ-ରବି-୨୦୧୮-୧୯**
**ଜିଲ୍ଲା କୃଷି ଅଧିକାରୀ, ସୁନ୍ଦରଗଡ଼ ଆନୁକୂଲ୍ୟରେ**
ରାଜ୍ୟ ଯୋଜନା "ଗାଁ ଗାଁରେ ନୀରୋଗ ଫସଲ ପାଇଁ ବିହନ ବିଶୋଧନ ଅଭିଯାନ" କାର୍ଯ୍ୟକ୍ରମ ତା୨୨।୦୧।୨୦୧୯ ଠାରୁ ତା୩୧।୦୧।୨୦୧୯ ପର୍ଯ୍ୟନ୍ତ ଜିଲ୍ଲା କୃଷି ଅଧିକାରୀ, ସୁନ୍ଦରଗଡ଼ଙ୍କ ତତ୍ତ୍ୱାବଧାନରେ ସଦର, ସବଡେଗା ଓ ବାଲିଶଙ୍କରା ବ୍ଲକର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହେବ। ମୁଗ ଓ ବିରି ଫସଲର ବିହନ ବିଶୋଧନ କରାଯାଇ ଓ ଏହାର ଉପକାରିତା ଚାଷୀଙ୍କୁ ଜଣାଇ ଦିଆଯିବ।
**ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ସୁନ୍ଦରଗଡ଼**

ଆରମ୍ଭ ହୋଇପାରୁନି ଦିଘା-ଜଳେଶ୍ୱର ବ୍ରଡଗେଜ ରେଳ ପ୍ରକଳ୍ପ

# ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

**ଓଡ଼ିଶାରେ ହେଉ ସମ୍ପୂର୍ଣ୍ଣ ପ୍ରକଳ୍ପ**

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ଦିଘା-ଜଳେଶ୍ୱର ବ୍ରଡଗେଜ ରେଳ ପ୍ରକଳ୍ପ ଦୀର୍ଘ ୭ ବର୍ଷ ଧରି ପଡିରହିଛି। ପଶ୍ଚିମବଙ୍ଗରେ ଜମି ଅଧିଗ୍ରହଣ ହୋଇପାରୁ ନ ଥିବାରୁ ଏହି କାର୍ଯ୍ୟ ଆଗେଇ ପାରୁ ନାହିଁ। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପର ପଶ୍ଚିମବଙ୍ଗ ଅଂଶକୁ ବାଦଦେଇ ଓଡ଼ିଶା ପାଇଁ ନୂତନ ଭାବେ ପ୍ରକଳ୍ପ ପୁନଃ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ସୋମବାର ଚିଠି ଲେଖିଛନ୍ତି।

ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ୪୧ କିଲୋମିଟର ଦୀର୍ଘ ଦିଘା-ଜଳେଶ୍ୱର ବ୍ରଡଗେଜ ରେଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ୨୦୧୧-୧୨ରେ ଘୋଷଣା କରାଯାଇଥିଲା। ସେହି ପ୍ରକଳ୍ପର ୭ କିଲୋମିଟର ପଶ୍ଚିମବଙ୍ଗ ଦେଇ ଯାଉଥିବାବେଳେ ୩୪ କିଲୋମିଟର ବାଲେଶ୍ୱର ଜିଲା ଦେଇ ଗତି କରୁଛି। ପଶ୍ଚିମବଙ୍ଗ ସରକାର ଜମି ଯୋଗାଇ ଦେଇ ନ ଥିବାରୁ ଏହି ପ୍ରକଳ୍ପ ଆରମ୍ଭ ହୋଇ ପାରୁ ନାହିଁ। ମୁଖ୍ୟମନ୍ତ୍ରୀ ୨୦୧୧ ଜୁନ ୧୩ ତାରିଖରେ ଏହି ପ୍ରକଳ୍ପକୁ ପରିବର୍ତ୍ତନ କରିବାକୁ କେନ୍ଦ୍ର ସରକାରଙ୍କୁ ଜଣାଇଥିଲେ। ବ୍ରଡଗେଜ ରେଳ ପ୍ରକଳ୍ପ ରାଜ୍ୟର ଭୁବନେଶ୍ୱର, ଚନ୍ଦନେଶ୍ୱର,ତାଳସାରୀ - ଉଦୟପୁର ସମୁଦ୍ରକୂଳ ଭଳି ବହୁ ପର୍ଯ୍ୟଟନ ସ୍ଥଳ ଦେଇଯାଉଛି। ଏହି ପ୍ରକଳ୍ପକୁ ପରିବର୍ତ୍ତନ କରିବା ଦ୍ୱାରା କେବଳ ଓଡ଼ିଶାର ପର୍ଯ୍ୟଟନ ନୁହେଁ ସାମାଜିକ-ଅର୍ଥନୈତିକ ବିକାଶରେ ମଧ୍ୟ ସହଯୋଗ କରିବ। ଏଥିରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଲେ ଏହାର ସମସ୍ତ ଭାଗ ଓଡ଼ିଶା ଦେଇ ଅତିକ୍ରମ କରିବ। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ରେଳ ବିଭାଗକୁ ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ସମସ୍ତ ସହଯୋଗ ଯୋଗାଇ ଦେବେ। ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ପ୍ରଦୀପ ହତ୍ୟା ମାମଲା

# ସରପଞ୍ଚଙ୍କ ସମେତ ୧୦ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ

**ଆଠଗଡ଼,୨୧।୧(ସ୍ୱ.ପ୍ର.):** କଟକ ଜିଲା ତିଗିରିଆ ଥାନା ଅଧୀନ ଗଦାଧରପୁର ଗ୍ରାମରେ ଗତ ୫।୪।୨୦୧୨ରେ ଘଟିଥିବା ପ୍ରଦୀପ ହତ୍ୟା ମାମଲାର ସୋମବାର ରାୟ ପ୍ରକାଶ ପାଇଛି। ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଏହି ମାମଲାର ବିଚାର କରି ଜଣେ ସରପଞ୍ଚଙ୍କ ସମେତ ୧୦ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ଗ୍ରାମର ପ୍ରଦୀପ ରାଉତ ଘଟଣା ଦିନ ସକାଳ ୯ଟାରେ ରାମନବମୀ ବ୍ରତ ପାଳନ ନିମନ୍ତେ ସ୍ଥାନୀୟ ରଘୁନାଥ ମନ୍ଦିରକୁ ଯାଉଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ ନେଇ ସେହି ଗ୍ରାମର କାର୍ତ୍ତିକ ରାଉତ ଓ ଦିବାକର ରାଉତ ତାଙ୍କୁ ରାସ୍ତାରେ ଅଟକାଇ ଆକ୍ରମଣ କରିଥିଲେ। ସେମାନଙ୍କୁ ସରପଞ୍ଚ ଶରତ ସ୍ୱାଇଁ, ବିଶ୍ୱନାଥ ମହାପାତ୍ର, ବିଜୟ ମହାପାତ୍ର, କାଳନ୍ଦୀ ରାଉତ, ସନ୍ତୋଷ ରାଉତ, ପବିତ୍ର ରାଉତ, ରୂପ ମହାପାତ୍ର ଓ ଶତ୍ରୁଘ୍ନ ସହଯୋଗ କରିଥିଲେ। ପ୍ରଦୀପଙ୍କୁ ଉପରୋକ୍ତ ଅଭିଯୁକ୍ତମାନେ ଖଣ୍ଡା, ଭୁଜାଲି ଓ ଠେଙ୍ଗାରେ ଆକ୍ରମଣ କରିବା ପରେ ମୁମୂର୍ଷୁ ଅବସ୍ଥାରେ ଛାଡ଼ି ପଳାଇଥିଲେ। ଖବର ପାଇ ତିଗିରିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଦୀପଙ୍କୁ ଉଦ୍ଧାର କରି ତିଗିରିଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାପରେ ପ୍ରଦୀପଙ୍କ ଭାଉଜ ସତ୍ୟଭାମା ତିଗିରିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୫୭/୧୨ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ପରେ ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଏସଟି ୨୩୬/୧୩ ଓ ଏସଟି ୯୧/୧୫ ମତେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଶରତ କୁମାର ଦାଶ ମାମଲା ପରିଚାଳନା କରୁଥିଲେ। ମାମଲା ବିଚାରାଧୀନଥିବାବେଳେ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜାମିନରେ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଜଗରକୁ ଦାତାରାମ**
**ମୁଖେ ପଡ଼ିଲେ ରାମ୍ ରାମ୍ ।**

ଅଳସୁଆ ବ୍ୟକ୍ତି ସଦାସର୍ବଦା ନିଜ କର୍ମ ପ୍ରତି ବିମୁଖଭାବ ପ୍ରଦର୍ଶନ କରିଥାନ୍ତି। କାମ ନ କରିବା ଲାଗି ନାନାପ୍ରକାର ବାହାନା ଖୋଜିଥାନ୍ତି। ଅଳସୁଆ ବ୍ୟକ୍ତି ନିଜେ ପରିଶ୍ରମ ନ କରି ଦୈବ ଉପରେ ନିର୍ଭର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅବେଳରେ ଆଜି ବାଜିଲା ଶଙ୍ଖ**
**ମାଛ ନ ପାଇଣ ମନ୍ଥିଲି ପଙ୍କ**
**କପାଳ ମୋହର ପୋଡ଼ା**
**କିଏ ସେ ଖାଉଛି ଘିଅ ଶାକର**
**ମୋତେ ମିଳୁନାହିଁ ଖଡ଼ା ।**

ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାନ୍ତି। କାହା ଭାଗ୍ୟରେ ଖିରିପୁରି ଭଳି ମିଷ୍ଟାନ୍ନ ବ୍ୟଞ୍ଜନ ଖଞ୍ଜାହୋଇ ରହୁଥିବା ବେଳେ ଆଉ କେହି ଭୋକ ଉପାସରେ ପଡ଼ିରହି ଦିନ କାଟୁଥିବା ଦେଖିବାକୁ ମିଳିଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES) ମଳକଣ୍ଟକ (FISSURE) ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

**SMS JOBS DHAMAKA (PART/FULL TIME)**
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

**BISWAJIT FINANCE**
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

**!!ଋଣ ଋଣ ଋଣ!! ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**ଡିଜିଟାଲ ଉପକରଣ -କମ୍ପାନୀ- SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

**CO-OPERATIVE INADIA**
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

**BIKASA FINANCE**
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

**୧୯୮୫ରୁ ସହସ୍ରାଧିକଙ୍କୁ ଲାଭ**
ମହାକାଳୀ ଶକ୍ତିପୀଠ ଉତ୍ତରାଖଣ୍ଡ
**ପ୍ରଫେସର ବିପି ଖନ୍ନା**
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଲେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
09198771709
ସବୁଆଡ଼ୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

**MAHENDAR FINANCE**
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

**GET INSTANT CASH AGAINST GOLD**
GOLD CASH™
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ ଜନତା ଫାଇନାନ୍ସ**
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

**ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍**
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
**ବାବା ଆଲାମ ଖାନ**
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

**ଋଣ - ଋଣ - ଋଣ**
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
**ସତ୍ୟମ ଫାଇନାନ୍ସ**
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନ କାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କଠାରୁ ସାବଧାନ - ଯୋଗାଯୋଗ କରନ୍ତୁ -
7310616567, 7310612716
SCO- 106, Second Floor, Vishal Tower, Cannaught Place, Delhi.

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 70,000/-ଟଙ୍କା + 1 Bike ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**TARIFF — MORE SPACE • SAME PRICE** (* GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ

### ବାଇକ୍ ଧକ୍କାରେ ହୋମଗାର୍ଡଙ୍କ ମୃତ୍ୟୁ

ବାରିପଦା ଅଫିସ,୨୧।୧: ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧିନରେ କାର୍ଯ୍ୟ କରୁଥିବା ହୋମଗାର୍ଡ ଅନନ୍ତ ପ୍ରସାଦ ମଣ୍ଡଳ (୪୩)ଙ୍କର ସୋମବାର ଏକ ବାଇକ୍ ଧକ୍କାରେ ମତ୍ୟୁ ହୋଇଛି। ଏନେଇ ରାସଗୋବିନ୍ଦପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ସୋମବାର ଅନନ୍ତ ବାଙ୍କବଣଠାରେ ପାଟ୍ରାଲିଂ କରୁଥିଲେ। ଉକ୍ତ ସମୟରେ ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ଆକାଶ କୁମାର ପଣ୍ଡା ଦ୍ରୁତ ଗତିରେ ଆସି ଅନନ୍ତଙ୍କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅନନ୍ତଙ୍କୁ ମୃତ ଘୋଷଣା କରିଥିଲେ।

### ପୁଣି ମାଙ୍କଡ଼ କାମୁଡ଼ାରେ ୨ ଆହତ

ସୋର, ୨୧।୧(ଡ଼ି.ଏନ.ଏ.): ବାଲେଶ୍ୱର ଜିଲା ସୋର ଥାନା ଦହିସଡ଼ା ଗ୍ରାମରେ ଏକ ପାଗଳ ମାଙ୍କଡ଼ କାମୁଡାରେ ଦୁଇ ଜଣ ଆହତ ହୋଇଛନ୍ତି। ଗତ ଏକ ସପ୍ତାହେ ତଳେ ଏହି ମାଙ୍କଡ଼ କାମୁଡ଼ାରେ ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ବନବିଭାଗ କର୍ମଚାରୀମାନେ ପହଞ୍ଚି ମାଙ୍କଡ଼କୁ ଧରିପାରି ନ ଥିଲେ । ରବିବାର ମାଙ୍କଡ଼ କାମୁଡ଼ାରେ ଶରତ ମଳିକ ଓ ଅନ୍ୟଜଣେ ଆହତ ହୋଇଛନ୍ତି। ବନବିଭାଗ ତରଫରୁ କର୍ମଚାରୀ ପହଞ୍ଚି ମାଙ୍କଡ଼କୁ ଧରିବା ପାଇଁ ଜଗି ବସିଛନ୍ତି ।

### ବିଲ୍ ମଞ୍ଜୁର ପାଇଁ ଲାଞ୍ଚ

# ପୌରନିର୍ବାହୀ ଅଧିକାରୀଙ୍କ ସମେତ ୩ ଗିରଫ

**ସୁନ୍ଦରଗଡ଼/ରାଜଗାଙ୍ଗପୁର, ୨୧।୧(ଡି.ଏନ୍.ଏ.)**

ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ପିସିକୁ ନେଇ ରାଜ୍ୟ ସରକାରଙ୍କୁ ବିରୋଧୀ ଟାର୍ଗେଟ କରୁଥିବାବେଳେ ସୁନ୍ଦରଗଡ଼ ଜିଲାରେ ଉଚ୍ଚ ପଦସ୍ଥ ଅଧିକାରୀ ଲାଞ୍ଚ ନେବା ଘଟଣାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଜିଲାର ରାଜଗାଙ୍ଗପୁର ପୌରପାଳିକା ଅଞ୍ଚଳରେ ଏକ ପୋଖରୀ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ବିଲ୍ ମଞ୍ଜୁର କରିବା ପାଇଁ ଲାଞ୍ଚ କାରବାର ହେଉଥିବାବେଳେ ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ପୌର ନିର୍ବାହୀ ଅଧିକାରୀ ମୋହନଚରଣ ଜେନା, ସହକାରୀ ଯନ୍ତ୍ରୀ କୁମାରୀ ରାଜଲକ୍ଷ୍ମୀ ଓ ପିଅନ ସନ୍ତୋଷ ଯାଦବ। ଭିଜିଲାନ୍ସ ଅଧିକାରୀମାନେ ଏମାନଙ୍କ ନିକଟରୁ ରାସାୟନିକ ପ୍ରଲେପଦିଆ ୨୪ହଜାର ଟଙ୍କା ଜବତ କରିଛନ୍ତି। ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଏକ ମାମଲା (ନଂ. ୧/୧୯) ରୁଜୁ କରାଯାଇ ଏମାନଙ୍କୁ ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି।

ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜଗାଙ୍ଗପୁର ପୌରପରିଷଦ ଅନ୍ତର୍ଗତ ବାବା ତଲାବର ସୌନ୍ଦର୍ଯ୍ୟକରଣ ପାଇଁ ୧୯ ଲକ୍ଷ ୩୦ହଜାର ଟଙ୍କାର ଟେଣ୍ଡର କରାଯାଇଥିଲା। ରୋହିତ ଖେସ ନାମକ ଜଣେ ଠିକାଦାରଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ତେବେ କାର୍ଯ୍ୟର ବିଲ ପାଇଁ ରାଜଗାଙ୍ଗପୁରର ଏମ୍‌ଡି. ଜାବେଦ ନାମକ ବ୍ୟକ୍ତି ପୌର ପରିଷଦ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ଅନୁରୋଧ କରି ଆସୁଥିଲେ। ଏମ୍‌ଡି. ଜାବେଦଙ୍କ କହିବାନୁସାରେ କାର୍ଯ୍ୟାଦେଶ ରୋହିତଙ୍କ ନାମରେ ଥିଲେ ମଧ କାମ ସେ କରିଥିଲେ। ବିଲ୍ ପାଇଁ ପୌର ପରିଷଦ ସହକାରୀ ଯନ୍ତ୍ରୀ ରାଜଲକ୍ଷ୍ମୀଙ୍କୁ କହିବାରୁ ସେ ୪୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ଜାବେଦ କଟକ ଭିଜିଲାନ୍ସ ମୁଖ୍ୟାଳୟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ସୋମବାର ଅପରାହ୍ନ ସାଢ଼େ ୧୨ଟାରେ ଜାବେଦ ଭିଜିଲାନ୍ସ ଦ୍ୱାରା ପ୍ରଦାନ କରାଯାଇଥିବା ରାସାୟନିକ ପ୍ରଲେପଦିଆ ୨୪ ହଜାର ଟଙ୍କା ପୌର ପରିଷଦ ପିଅନ ସନ୍ତୋଷ ଯାଦବଙ୍କୁ ଦେଇଥିଲେ। ଏହି ସମୟରେ ୨୧ ଜଣିଆ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ସନ୍ତୋଷଙ୍କ ନିକଟରୁ ଉକ୍ତ ଟଙ୍କା ଜବତ କରିଥିଲେ। ଅନ୍ୟପକ୍ଷରେ ସହକାରୀ ଯନ୍ତ୍ରୀ ରାଜଲକ୍ଷ୍ମୀଙ୍କ ନିର୍ଦ୍ଦେଶକ୍ରମେ ଏହି ଟଙ୍କା ସେ ଗ୍ରହଣ କରିଥିବା ସନ୍ତୋଷ ପ୍ରକାଶ କରିଛନ୍ତି। ଭିଜିଲାନ୍ସ ଡିଏସ୍‌ପି ପ୍ରକାଶ କୁମାର ନାଏକ ଓ ଶ୍ରୀକାନ୍ତ କୁମାର ବେହେରା ରାଜଲକ୍ଷ୍ମୀଙ୍କୁ ଏ ବାବଦରେ ପଚାରିବାରୁ ସେ ପୌର ପରିଷଦ ନିର୍ବାହୀ ଅଧିକାରୀ ମୋହନ ଚରଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏହି ଟଙ୍କା ସନ୍ତୋଷଙ୍କୁ ଦେବା ପାଇଁ କହିଥିବା ପ୍ରକାଶ କରିଛନ୍ତି। ପରେ ଭିଜିଲାନ୍ସ ଅଧିକାରୀମାନେ ସନ୍ତୋଷ, ରାଜଲକ୍ଷ୍ମୀ ଓ ମୋହନଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛନ୍ତି।


ମୋହନଚରଣ ଜେନା।


କୁମାରୀ ରାଜଲକ୍ଷ୍ମୀ।


ସନ୍ତୋଷ ଯାଦବ।

### ୨୬ରେ ବର୍ଷା ସମ୍ଭାବନା: ୮ ଜିଲାରେ ପ୍ରବଳ ଘନ କୁହୁଡ଼ି

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ରାଜ୍ୟକୁ ପଶ୍ଚିମା ବାୟୁ ପ୍ରବାହ ଆରମ୍ଭ ହୋଇଛି। ଏଥିଯୋଗୁ ଦିନର ତାପମାତ୍ରାରେ ବୃଦ୍ଧି ଘଟିଛି। ପଶ୍ଚିମା ବାୟୁ ପ୍ରବାହ ପ୍ରଭାବରେ ଆସନ୍ତା ୨୬ରୁ ୨୮ ତାରିଖ ମଧ୍ୟରେ ଆଭ୍ୟନ୍ତରୀଣ ଏବଂ ଉପକୂଳ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ୨୫ ତାରିଖ ରାତିରୁ ବୌଦ୍ଧ, ଦେବଗଡ଼, କଳାହାଣ୍ଡି, ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼ ଆଦି ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୨୮ରେ ଉପକୂଳ ଓଡ଼ିଶାର ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଆଦି ଜିଲାରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବର୍ଷା ପରେ ରାଜ୍ୟରେ ଶୀତର ପ୍ରକୋପ ସାମାନ୍ୟ ବୃଦ୍ଧି ପାଇବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧା, ପୁରୀ, ନୟାଗଡ଼, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ଯାଜପୁର ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏହି ସମୟରେ ୨୦୦ ମିଟର ପର୍ଯ୍ୟନ୍ତ ଦେଖିବା ସମ୍ଭବ ହେବ ନାହିଁ। ମିଳିଥବା ସୂଚନା ଅନୁଯାୟୀ ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୭.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୮.୬, ଭବାନୀପାଟଣା ୯.୮, କୋରାପୁଟ ୯, ସୋନପୁର ୯ ଏବଂ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।

### ବାଇକ ଦୁର୍ଘଟଣାରେ ଜଣେ ଆହତ

**ଜହ୍ନାପଙ୍କ, ୨୧।୧ (ଡି.ଏନ.ଏ)**

ବୌଦ୍ଧ-ବଲାଙ୍ଗୀର ଜାତୀୟ ରାଜପଥ ନଂ. ୫୭ର କନେକପୁରଠାରେ ସୋମବାର ପୂର୍ବାହ୍ନ ୧୧ଟା ବେଳେ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ବାଇକ ଚାଳକ ଶରତ କହଁର ଆହତ ହୋଇଛନ୍ତି । ତାଙ୍କ ମୁଣ୍ଡ ଓ ଗୋଡରେ ଗଭୀର ଆଘାତ ଲାଗିଛି । ତାଙ୍କୁ ପ୍ରଥମେ ବୌଦ୍ଧ ମୁଖ୍ୟଡାକ୍ତରଖାନା ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଶରତ ନିଜ ଘର ମାନେଶ୍ୱରରୁ ବାଇକ ଯୋଗେ ବୌଦ୍ଧ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

# ପ୍ରତ୍ୟର୍ପଣ ଭୟ: ଚୋକ୍‌ସୀ ଭାରତୀୟ ନାଗରିକତ୍ୱ ଛାଡ଼ିଲେ

**ନୂଆଦିଲ୍ଲୀ,୨୧।୧**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତିର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ତଥା ନୀରବ ମୋଦିଙ୍କ ମାମୁ ମେହୁଲ ଚୋକ୍‌ସୀଙ୍କୁ ଏବେ ପ୍ରତ୍ୟର୍ପଣ ଭୟ ଘାରିଛି। ତାଙ୍କୁ ଆଣ୍ଟିଗୁଆ ସରକାର ଭାରତକୁ ପ୍ରତ୍ୟର୍ପଣ କରିପାରନ୍ତି ବୋଲି ଅନୁଭବ କରି ମେହୁଲ ତାଙ୍କ ଭାରତୀୟ ନାଗରିକତ୍ୱ ଛାଡ଼ିଛନ୍ତି। ସେ ଗୁଆନାସ୍ଥିତ ଭାରତୀୟ ହାଇକମିଶନରେ ପହଞ୍ଚି ତାଙ୍କର ଭାରତୀୟ ପାସପୋର୍ଟ ଜେଡ୍‌୩୩୯୬୭୩୨କୁ ହସ୍ତାନ୍ତର କରିଛନ୍ତି। ଏଥିସହିତ ସେ ୧୭୭ ଡଲାର ଫିସ୍ ମଧ ଦେଇଛନ୍ତି। ପାସପୋର୍ଟ ଜମା କଲା ବେଳେ ସେ ଜଲି ହାର୍ବର, ସେଣ୍ଟ ମାର୍କ୍ସ, ଆଣ୍ଟିଗୁଆ ବୋଲି ନିଜର ଠିକଣା ଦର୍ଶାଇଛନ୍ତି। ସୂଚନାଥାଉ କି, ଅନ୍ୟ ଦେଶର ନାଗରିକତ୍ୱ ଗ୍ରହଣ କଲେ ଭାରତୀୟ ନାଗରିକତ୍ୱ ଛାଡ଼ିବାକୁ ପଡିଥାଏ। ଚୋକ୍‌ସୀ ଭାରତୀୟ ନାଗରିକତ୍ୱ ଛାଡ଼ିଲେ ମଧ ପ୍ରତ୍ୟର୍ପିତ ହେବାରୁ ରକ୍ଷା ପାଇବେ ନାହିଁ ବୋଲି ଜଣେ ସରକାରୀ ଅଧିକାରୀ କହିଛନ୍ତି। ପିଏନ୍‌ବି ମାମଲାରେ ସେ ଏବେ ଫେରାର ଥିବା ବେଳେ ଆଣ୍ଟିଗୁଆ ନାଗରିକତ୍ୱ ଗ୍ରହଣ କରିସାରିଛନ୍ତି ବୋଲି ଜଣାପଡିଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଚୋକ୍‌ସୀଙ୍କୁ ପ୍ରତ୍ୟର୍ପଣ କରିବା ନେଇ ଆଣ୍ଟିଗୁଆ ହାଇକୋର୍ଟରେ ମାମଲା ଚାଲିଛି। ସେ ୨୦୧୭ରେ ଆଣ୍ଟିଗୁଆର ନାଗରିକତ୍ୱ ନେଇଥିଲେ ଏବଂ ୨୦୧୮ରୁ ସେଠାରେ ବସବାସ କରୁଛନ୍ତି। ଅନ୍ୟପକ୍ଷରେ ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ, ମେହୁଲ ଭାରତରେ ଅପରାଧ କରିଛନ୍ତି। ପ୍ରତ୍ୟର୍ପଣ ପ୍ରକ୍ରିୟା ସହ ପାସପୋର୍ଟ ହସ୍ତାନ୍ତରର କୌଣସି ସମ୍ପର୍କ ନାହିଁ। ଜଣେ ଅଭିଯୁକ୍ତ ଭାବେ ତାଙ୍କୁ ପ୍ରତ୍ୟର୍ପଣ କରାଯାଇପାରିବ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି କ୍ରିଶ୍ଚେନ ମିସେଲ। ସେ ଜଣେ ବ୍ରିଟିଶ ନାଗରିକ ଏବଂ ଦୁବାଇରେ ରହୁଥିଲେ। ତେବେ ଅଗଷ୍ଟା ୱେଷ୍ଟଲାଣ୍ଡ ମାମଲାରେ ତାଙ୍କୁ ଏବେ ଭାରତକୁ ପ୍ରତ୍ୟର୍ପଣ କରାଯାଇଛି।


**OFFICE OF THE MUNICIPAL COUNCIL: SUNDARGARH**
No. 305 Dt.21.01.2019
**COMPETITIVE BIDDING THROUGH e-Procurement**
**NOTICE INVITING TENDER**
**Bid Reference No. SNGM-17/2018-19/Dt.21.01.2019**

On behalf of the Sundargarh Municipality, on-line e-tender **Percentage Rate Bids** are invited by the Executive Officer, Sundargarh Municipality in Two Bid system (Part-I: General & Technical Bid and Part-II: Price Bid) from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/ empanelled under Sundargarh Municipality are also eligible to participate for the works.

1. Total No. of works for which Tenders invited: 1 No.
2. Place of Execution: Inside of Sundargarh Municipality.
3. Estimated Cost of work: Rs. 62,62,309/-
4. Eligible Class of Contractors: Registered Contractors of Class- "B" & Class-'A' as indicated against the work mentioned in the Tender Call Notice.
5. Intending bidders have to participate through "On-Line" bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from II A.M on 22.01.2019 to 5 P.M on 31.01.2019 for online bidding.
7. Bids received online will be opened at 11 A.M on 05.02,2019.
8. The bidder must possess valid and compatible Digital Signature Certificate (DSC).
9. The DTCN for 1 No. of work shall be available in the e-procurement portal https://www.tendersodisha.gov.in for on-line bidding.

**Sd./- Executive Officer, Sundargarh Municipality**



ବରଗଡ଼ ଧନୁଯାତ୍ରା: ମଥୁରା ଭ୍ରମଣ ବେଳେ କୃଷ୍ଣ ଓ ବଳରାମଙ୍କୁ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି ।

### କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସମ୍ମୁଖରେ ଧାରଣା

**ବୌଦ୍ଧ,୨୦।୧(ସ୍ୱ.ପ୍ର)**

ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର କର୍ମଚାରୀମାନେ ୨୧ ତାରିଖ ସୋମବାର ଠାରୁ ଦୁଇ ଦଫା ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବେ ଜଣାଇବା ପରେ ସେମାନଙ୍କ ଦାବି ପୂରଣ ନ ହେବାରୁ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଥିବା ସଂଘ ପକ୍ଷରୁ କୁହାଯାଇଛି । ସୂଚନା ମୁତାବକ ବ୍ୟାଙ୍କର କର୍ମଚାରୀମାନେ ଚାକିରିରେ ଯୋଗଦାନ କରିବା ଠାରୁ ଚାକିରି ଅବଧି ହିସାବ କରାଯାଇ ଆରସିପି ପ୍ରଦାନ କରିବା ଓ ଏଚଆର ପଲିସି ୨୦୧୧ ଅନୁସାରେ ସଂଘର କର୍ମଚାରୀ ମାନଙ୍କୁ ଅତିରିକ୍ତ ପରିଚାଳକ ପଦବୀକୁ ପଦୋନ୍ନତି ପାଇଁ ଦୀର୍ଘ ଦିନ ହେବ ଦାବି ହୋଇଆସୁଛି । ଦାବିଗୁଡିକ ୨୦ ତାରିଖ ସୁଧା ପୂରଣ କରା ନ ଗଲେ ୨୧ରୁ ବୌଦ୍ଧ କେନ୍ଦ୍ର ବ୍ୟାଙ୍କ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା । ତେଣୁ ଆଜିଠାରୁ ଦାବି ପୂରଣ ହେବା ପର୍ଯ୍ୟନ୍ତ ଏହି ଧାରଣା ଚାଲୁ ରହିବ ବୋଲି ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।


**IDBI BANK** | ଆଇଡିବିଆଇ ବ୍ୟାଙ୍କ ଲିଃ., ରିଟେଲ ଆସେଟ୍ସ ସେଣ୍ଟର, ୧ମ ମହଲା, ଆଇଡିବିଆଇ ହାଉସ୍, ୟୁନିଟ୍-୯, ଜନପଥ, ଭୁବନେଶ୍ୱର-୭୫୧୦୨୨, ଫୋନ୍ ନଂ.: ୦୬୭୪-୬୬୧୬୫୪୬ ସିଆଇଏନ୍- ଏଲ୬୫୧୯୦ଏମ୍ଏଚ୍୨୦୦୪ଜିଓଆଇ୧୪୮୮୩୮ | **ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆଇଡିବିଆଇ ବ୍ୟାଙ୍କ ଲିଃ.ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା **ଜାନୁଆରୀ ୧୦, ୨୦୧୯** ରିଖରେ ଦଖଲ ନିଆଯାଇଥିବା **ଶ୍ରୀ ଦିଲ୍ଲୀପ କୁମାର ସାହୁ ଏବଂ ଶ୍ରୀମତୀ ସ୍ମରଣିକା ସାହୁଙ୍କ**ର ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତି ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାରା ଅନୁସାରେ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଉକ୍ତ ସମ୍ପତ୍ତି ବିକ୍ରୟ କରାଯିବା ନିମନ୍ତେ ବନ୍ଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି ।

୧. **ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ : ଶ୍ରୀ ଦିଲ୍ଲୀପ କୁମାର ସାହୁ ଏବଂ ଶ୍ରୀମତୀ ସ୍ମରଣିକା ସାହୁଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତି ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଏସ୍ଆରଓ: ଖଣ୍ଡଗିରି, ଭୁବନେଶ୍ୱର, ଥାନା: ମଞ୍ଚେଶ୍ୱର, ନଂ.: ୨୩, ମୌଜା: ଚନ୍ଦ୍ରଶେଖରପୁର, ୟୁନିଟ୍-୪୧, ସ୍ଥିତିବାନ୍ ଖାତା ନଂ.: ୬୧୯/୧୧୭୦, ପ୍ଲଟ୍ ନଂ.: ୨୦୩, କ୍ଷେତ୍ର: ଏକର୦.୨୫୦ଡିସିମିଲି, କିସମ: ଘରବାରୀ, ଖଜଣା- ଟ.୭୫୦/-, ମୋଟ କ୍ଷେତ୍ର: ଏକର୦.୨୫୦ଡିସିମିଲି ରୁ ଅବିଭକ୍ତ ଅଂଶ କ୍ଷେତ୍ର: ଏକର୦.୦୨୦ ଡିସିମିଲି ଅର୍ଥାତ ୮୭୧ ବର୍ଗଫୁଟ ଯାହାକି କ୍ରେତାଙ୍କ ନାମକୁ ସ୍ଥାନାନ୍ତର କରାଯାଇଛି । ଏହି ସମ୍ପତ୍ତି ଶ୍ରୀ ରେସିଡେନ୍ସି ନାମକ ଆପାର୍ଟମେଣ୍ଟର ୪ର୍ଥ ମହଲାର ଫ୍ଲାଟ୍ ନଂ.: ୪୦୧ ଅଟେ ଯାହାର କ୍ଷେତ୍ର: ୨୦୩୫ବର୍ଗଫୁଟ ସହିତ ଭର୍ଟିଫାଏଡ୍ ଟାଇଲ୍ ଫ୍ଲୋରିଂ ଏବଂ ପାର୍କିଂ ଏରିଆ ଅଛି । ଏହାର ଚାରିପାର୍ଶ୍ୱରେ ଉତ୍ତର: ଫ୍ଲାଟ୍ ନଂ.: ୨୦୧, ଦକ୍ଷିଣ: ରାସ୍ତା, ପୂର୍ବ: ଫ୍ଲାଟ୍ ନଂ.: ୨୦୨, ପଶ୍ଚିମ: ଏଚ୍ଆଇଜି ନିର୍ମାଣାଧିନ ଗୃହ

୨. ଆଇଡିବିଆଇକୁ ପରିଶୋଧ କରିବାକୁ ଥିବା ତା.୧୦.୦୯.୨୦୧୮ ସୁଦ୍ଧା ମୋଟ ବକେୟା ରାଶି **ଟ.୬୦,୮୩,୦୬୨.୦୯** + ୧୧.୦୯.୨୦୧୮ ଠାରୁ ସେବାବଦ ସୁଧ ଏବଂ ଖର୍ଚ୍ଚ

| ୩. | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ସମ୍ପତ୍ତି ତନଖି ତାରିଖ | ବିଡ୍ ଫର୍ମ ଦାଖଲର ଅନ୍ତିମ ତାରିଖ ଏବଂ ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ |
|---|---|---|---|---|---|
| | ଟ.୭୬,୩୩,୦୦୦/- | ଟ.୭,୬୩,୩୦୦/- | ୧୦.୦୨.୨୦୧୯ ରୁ ୧୮.୦୨.୨୦୧୯(ଅପରାହ୍ନ ୨.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା) | ୨୨.୦୨.୨୦୧୯ ଅପରାହ୍ନ ୪.୦୦ଘଟିକା ପର୍ଯ୍ୟନ୍ତ / ଟ. ୧୦,୦୦୦/- | ୨୫.୦୨.୨୦୧୯ (ପୂର୍ବାହ୍ନ ୧୧.୦୦ ଘଟିକା ରୁ ମଧ୍ୟାହ୍ନ ୧୨.୦୦ଘଟିକା) |
| | | | | ୧ମ ମହଲା, ୟୁନିଟ୍-୯, ଜନପଥ, ଭୁବନେଶ୍ୱର-୭୫୧୦୨୨ | |

**୪. ବିଡ୍ କାଗଜାତ୍‌ରେ ଥିବା ନିୟମ ଏବଂ ସର୍ତ୍ତାବଳୀର ସାରାଂଶ :**

୧. ସୁରକ୍ଷିତ ଋଣଦାତା: **ଆଇଡିବିଆଇ ବ୍ୟାଙ୍କ ଲିଃ.** ପକ୍ଷରୁ ସୁରକ୍ଷିତ ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି", "ସେଠାରେ ଯେପରି ଅଛି"** ଏବଂ **"ବିନା ଆଇନଗତ ସହାୟତା ଭିତ୍ତି"**ରେ ବିକ୍ରୟ କରାଯିବ।
୨. ଉପର ଦର୍ଶିତ ସମ୍ପତ୍ତି ଦର୍ଶିତ ସଂରକ୍ଷିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ।
୩. ଏହି ନୋଟିସ୍ ପ୍ରକାଶନର ୩୦ଦିନ ପରେ ସମ୍ପତ୍ତି ବିକ୍ରି ହେବ।
୪. ବିଡ୍ ଯୋଗ୍ୟତା ପାଇଁ ଅମାନତ ରାଶି (EMD) ଡିମାଣ୍ଡଡ୍ରାଫ୍ଟ / ପେ ଅର୍ଡର ମାଧ୍ୟମରେ ଆଇଡିବିଆଇ ବ୍ୟାଙ୍କ ଲିଃ. ସପକ୍ଷରେ ଦାଖଲ କରିବେ କିମ୍ବା NEFT/RTGS ମାଧ୍ୟମରେ **ଆଇଡିବିଆଇ ବ୍ୟାଙ୍କ ଲିଃ.** ସପକ୍ଷରେ **IFSC Code-IBKL0001112, ଶାଖା: ଲୁଇସ୍ ରୋଡ୍, ଭୁବନେଶ୍ୱର, ଆକାଉଣ୍ଟ ନଂ.: ୧୧୧୨୩୪୯୧୫୦୧୦୦୧୪ରେ ଜମା କରିବେ।**
୫. ଅମାନତ ଜମାରାଶି ଉପରେ କୌଣସି ସୁଧ ଦିଆଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ୩ଜଣ ନିଲାମଧାରୀଙ୍କ ଅମାନତ ରାଶି ବିଡ୍ ଗୁଡିକ ଖୋଲାଯିବା ତାରିଖ ଠାରୁ ୩ମାସ ପର୍ଯ୍ୟନ୍ତ ଅଟକ ରଖିପାରିବେ।
୬. କ୍ଷମତାପ୍ରାପ୍ତ ଅଧିକାରୀ ପ୍ରଥମ ୩ଜଣ ନିଲାମଧାରୀଙ୍କ ମଧ୍ୟରେ ନିଲାମ ଡାକ କରିବା ପାଇଁ ଅନୁମତି ଦେଇପାରିବେ।
୭. ସଫଳ ନିଲାମଧାରୀ ବିକ୍ରୟ ମୂଲ୍ୟରେ ୨୫% (ଦାଖଲ କରିଥବା ଅମାନତରାଶି ବିଯୁକ୍ତ କରି) ବିକ୍ରୟ ଚୂଡାନ୍ତ ହେବା ସମୟରେ ଦାଖଲ କରିବେ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ରାଶି ବିକ୍ରୟ ଚୂଡାନ୍ତ ହେବାର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହମତି କ୍ରମେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ରାଶି ଦାଖଲ କରିବାରେ ଅସଫଳ ହେଲେ, ଅମାନତ ରାଶି ସହିତ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯିବ।
୮. କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଆଗ୍ରାହ୍ୟ/ଗ୍ରହଣ ଏବଂ କୌଣସି କାରଣ ନଦର୍ଶାଇ କୌଣସି ପ୍ରସ୍ତାବକୁ ସ୍ଥଗିତ / ରଦ୍ଦ କରିବା ଅଧିକାର ସଂରକ୍ଷିତ ରଖିଛନ୍ତି। ସମସ୍ତ ପ୍ରସ୍ତାବ ରଦ୍ଦ କ୍ଷେତ୍ରରେ କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାର୍ଯ୍ୟ କୌଣସି ବ୍ୟବସ୍ଥାନୁସାରେ ସମ୍ପତ୍ତି ବିକ୍ରୟ କରିପାରିବେ।
୯. ବିଡ୍ କାଗଜାତ୍‌ରେ ଦର୍ଶିତ ସୁରକ୍ଷିତ ସମ୍ପତ୍ତି ଋଣଗ୍ରହୀତାଙ୍କ ଦ୍ୱାରା ସୁରକ୍ଷିତ ଋଣଦାତାଙ୍କ ସପକ୍ଷରେ ବନ୍ଧକ ରଖାଯାଇଛି। ଆଗ୍ରହୀ ପକ୍ଷମାନେ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଅନୁରୋଧ କରି ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ, ରେକର୍ଡପତ୍ର ଇତ୍ୟାଦି ତନଖି କରିପାରିବେ।
୧୦. ସୁରକ୍ଷିତ ଋଣଦାତା ସୁରକ୍ଷିତ ସମ୍ପତ୍ତିର କୌଣସି ତ୍ରୁଟି ବିଚ୍ୟୁତି /ଘାଟତି କିମ୍ବା ଅନୁମତି ହାସଲ ଇତ୍ୟାଦି କିମ୍ବା କୌଣସି ଆଇନ ଅନୁସାରେ କର୍ତ୍ତୃପକ୍ଷଙ୍କୁ ଥିବା ଦେୟ ନିମନ୍ତେ ଦାୟୀ ନୁହନ୍ତି।
୧୧. ସୁରକ୍ଷିତ ସମ୍ପତ୍ତି କେବଳ ସୁରକ୍ଷିତ ଋଣଦାତାଙ୍କ ଠାରୁ ଏନ୍‌କମ୍ବ୍ରାନ୍ସ/ଚାର୍ଯ୍ୟ ମୁକ୍ତ ହୋଇ ବିକ୍ରି କରାଯିବ।
୧୨. ସଫଳ ନିଲାମଧାରୀ ସୁରକ୍ଷିତ ସମ୍ପତ୍ତି ହସ୍ତାନ୍ତରିତ ସମୟରେ ଷ୍ଟାମ୍ପ ଡ୍ୟୁଟି, ରେଜିଷ୍ଟ୍ରେସନ୍ ଖର୍ଚ୍ଚ, ଟିକସ ଦେୟ ଯଦି କରିଥାଏ ତାହା ବହନ କରିବେ।
୧୩. ବିଡ୍ କାଗଜାତ୍‌ଗୁଡିକ ଏବଂ ବିଜ୍ଞପ୍ତିରେ ପ୍ରଦତ୍ତ, ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରାଯିବ। ସମସ୍ତ କାର୍ଯ୍ୟଦିବସରେ ଆମର କୌଣସି କାର୍ଯ୍ୟାଳୟରୁ ବିଡ୍ କାଗଜାତ୍‌ଗୁଡିକ ପାଇପାରିବେ କିମ୍ବା ଆଇଡିବିଆଇ ୱେବ୍‌ସାଇଟ୍: **www.idbi.com** ଏବଂ **https://www.bankeauctions.com** ରୁ ଡାଉନ୍‌ଲୋଡ୍ କରିପାରିବେ।
୧୪. ସମ୍ପତ୍ତିର ଇ-ନିଲାମ ବିକ୍ରୟ ୱେବ୍‌ସାଇଟ୍: **https://www.bankeauctions.com**ର ପ୍ଲାଟ୍‌ଫର୍ମରେ ଇ-ନିଲାମ ସେବା ପ୍ରଦାନକାରୀ **C1 India Pvt. Ltd., Contact: Mr. Kingshuk Ghosh - 9836311889, Help Line e-mail ID: kolkata@c1india.com or support@bankeauctions.com** ଦ୍ୱାରା ଅନୁଷ୍ଠିତ ହେବ।
୧୫. ଆଗ୍ରହୀ ପକ୍ଷମାନେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଯୋଗାଯୋଗ କରନ୍ତୁ: **କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡିବିଆଇ ବ୍ୟାଙ୍କ ଲିଃ., ୧ମ ମହଲା, ୟୁନିଟ୍-୯, ଜନପଥ, ଭୁବନେଶ୍ୱର-୭୫୧୦୨୨, ଫୋନ୍ ନଂ.: +୯୧ ୦୬୭୪-୬୬୧୬୫୪୬ ଏବଂ ଶ୍ରୀ ଅମିତ କୁମାର ପ୍ରୁଷ୍ଟି-୦୯୯୦୩୪୨୭୯୦୬ (ମୋ), ଇ-ମେଲ୍ ଆଇଡି: amit.prusty@idbi.co.in**

**ସରଫେଶୀ ଆକ୍ଟ ୨୦୦୨ ର ରୁଲ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ**
ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କୁ ଏତଦଦ୍ୱାରା ଜଣାଇ ଦିଆଯାଉଛି କି ଏହି ନିଲାମ ବିଜ୍ଞପ୍ତିରେ ଉପର ଦର୍ଶିତ ବକେୟା ଦେୟ ସହିତ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ / ବିକ୍ରୟ ହେବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ତାହା ସୁଧ ଏବଂ ଖର୍ଚ୍ଚ ସହ ସେମାନଙ୍କ ଠାରୁ ଆଦାୟ ହେବ ।

ସ୍ଥାନ : ଭୁବନେଶ୍ୱର, ତାରିଖ: ୨୧.୦୧.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ , ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍


### ଇଙ୍କ୍‌ଫେଷ୍ଟର ପଞ୍ଚମ ସନ୍ଧ୍ୟାରେ ଅତିଥିଙ୍କ ମତ

# ଜୈବିକ କୃଷି ସମୟର ଆହ୍ୱାନ

**ସୋନପୁର,୨୧।୨(ନି.ପ୍ର.)**

ଖାଦ୍ୟ ସଙ୍କଟକୁ ଦୂର କରିବା ତଥା ଚାଷୀର ଅର୍ଥନୈତିକ ସ୍ଥିତିର ଉନ୍ନତି ପାଇଁ ଆଧୁନିକ ପ୍ରଣାଳୀରେ ଚାଷ କରାଯାଉଛି। କମ୍ ଜମିରୁ ଅଧିକ ଅମଳ ପାଇଁ ପ୍ରତିଯୋଗିତା ଚାଲିଛି। ଚାଷୀ ପାରମ୍ପରିକ ଦେଶୀ ବିହନକୁ ଛାଡି ଅଧିକ ଅମଳ କ୍ଷମ ବିହନକୁ ଆପଣାଇ ନେଇଛି । ଜମିରେ ଅଧିକ ପରିମାଣର ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ କରାଯାଉଛି। ଏହା ଜମିର ଗୁଣବତ୍ତାକୁ ନଷ୍ଟ କରୁଛି। ଜିଆ ସମେତ ଉପକାରୀ କୀଟପତଙ୍ଗ ମରି ଯାଉଛନ୍ତି। ଏହି ଖାଦ୍ୟଶସ୍ୟ ଖାଇବା ଦ୍ୱାରା ମଣିଷର ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପଡୁଛି। ତେଣୁ ସୁସ୍ଥ ଜୀବନ ଯାପନ ପାଇଁ ଜୈବିକ କୃଷି ସମୟର ଆହ୍ୱାନ ବୋଲି ରୟାଲ ପଡିଆଠାରେ ସୁବର୍ଣ୍ଣପୁର ପୁସ୍ତକ ଓ ସାହିତ୍ୟ ମେଳା ଇଙ୍କ୍‌ଫେଷ୍ଟର ପଞ୍ଚମ ସନ୍ଧ୍ୟାରେ ବହୁ ବିଶିଷ୍ଟ ବ୍ୟକ୍ତି ଏହି ମତବ୍ୟକ୍ତ କରିଛନ୍ତି। ସୋମବାର କୃଷି, ଉତ୍ପାଦନ ଓ ସ୍ୱାସ୍ଥ୍ୟ ସଙ୍କଟ ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଭାରତ ଏକ ଜନବହୁଳ ରାଷ୍ଟ୍ର। ଆଗକୁ ଏହି ଜନସଂଖ୍ୟା ଆହୁରି ବୃଦ୍ଧି ପାଇବ। ଖାଦ୍ୟ ସଙ୍କଟ ଦୂର କରିବା ପାଇଁ ଅଧିକ ଉତ୍ପାଦନ ଆବଶ୍ୟକ। ତେଣୁ ଆଧୁନିକ ପ୍ରଣାଳୀରେ ଯନ୍ତ୍ରପାତି ଦ୍ୱାରା ଚାଷ କାର୍ଯ୍ୟ କରିବାକୁ ଚାଷୀମାନଙ୍କୁ ପ୍ରବର୍ତ୍ତା ଯାଉଛି ବୋଲି କହିଥିଲେ। ବରଗଡର ଜୈବିକ ଚାଷୀ ସୁଦାମ ସାହୁ ଆଲୋଚକଭାବେ ଯୋଗଦେଇ ଜୈବିକ ଚାଷ କରିବାକୁ ଆହ୍ୱାନ ଦେଇଥିଲେ। ସାହୁ କହିଥିଲେ ଯେ, ବିଦେଶୀ କମ୍ପାନୀ ପ୍ରେମରେ ପଡି ସରକାର ହାଇବ୍ରିଡ୍ ବିହନକୁ ପ୍ରୋତ୍ସାହିତ କରି ଚାଲିଛନ୍ତି। ଏହାଦ୍ୱାରା ପାରମ୍ପରିକ ଦେଶୀ ବିହନ ଲୋପ ପାଇବାକୁ ବସିଛି। ଦେଶୀ ବିହନରେ ରୋଗପୋକ ସହ୍ୟ କ୍ଷମତା ଥିଲା। ବିଭିନ୍ନ ପ୍ରକାର ଦେଶୀ ଧାନ ଓ ପନିପରିବାରେ ଔଷଧୀୟ ଗୁଣ ରହିଥିଲା। ମାତ୍ର ଏବେ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ହେଉଥିବା ଫସଲକୁ ଖାଦ୍ୟ ଭାବେ ଗ୍ରହଣ କରିବା ଦ୍ୱାରା ଲୋକେ ନାନା ରୋଗରେ ପଡୁଛନ୍ତି। କ୍ୟାନସର ଭଳି ମାରାତ୍ମକ ରୋଗ ବ୍ୟାପୁଛି। ଦେଶୀ ଧାନ ଚାଷ କଲେ ମଧ ଚାଷୀ ଭଲ ଲାଭ ପାଇବ ଓ ଅମଳ ଭଲ ହେବ ବୋଲି ସାହୁ କହିଥିଲେ। ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ କଟକର ପ୍ରମୁଖ ବୈଜ୍ଞାନିକ ଡ. ଶରତ କୁମାର ପ୍ରଧାନ ଅନ୍ୟତମ ଆଲୋଚକଭାବେ ଯୋଗଦେଇ କହିଥିଲେ ଯେ, ଆମକୁ ଲୋକଙ୍କ ଚାହିଦା ଓ ଚାଷୀଙ୍କ ଲାଭ ପ୍ରତି ଦୃଷ୍ଟି ଦେବାକୁ ପଡିବ। ପାରମ୍ପରିକ ପଦ୍ଧତିରେ ଚାଷ କଲେ ଦେଶରେ ଖାଦ୍ୟ ସଙ୍କଟ ସୃଷ୍ଟି ହେବ। ଚାଷୀଙ୍କ ଅର୍ଥନୀତିର ସୁଧାର ଆସି ପାରିବ ନାହିଁ। ତେଣୁ ସନ୍ତୁଳିତ କୃଷିନୀତି ଗ୍ରହଣ କରିବା ଉପରେ ଡ. ପ୍ରଧାନ ଗୁରୁତ୍ୱ ଦେଇଥିଲେ। ଆର୍ତ୍ତତ୍ରାଣ ବାବୁ ସଭାରେ ଅଧ୍ୟକ୍ଷତା କରିଥିଲା ବେଳେ ଶ୍ୟାମା ଓଁ ପ୍ରସାଦ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ କବୟତ୍ରୀ ଗୀତାଞ୍ଜଳି ପ୍ରଧାନଙ୍କ କବିତା ପୁସ୍ତକ ଗଲିଚେ ସେ କୁଛ ଫୁଲକୁ ଅତିଥି ବୃନ୍ଦ ଉନ୍ମୋଚନ କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ମଞ୍ଚାସିନ ଅତିଥି, ଆଲୋଚକ ବୃନ୍ଦ ।


**ୟୁକୋ ବ୍ୟାଙ୍କ** | ବ୍ରଜରାଜନଗର ଶାଖା, ରେଳ ଷ୍ଟେସନ୍ ସମ୍ମୁଖ, ପୋ : ବ୍ରଜରାଜନଗର, ଜିଲ୍ଲା : ଝାରସୁଗୁଡା - ୭୬୮୨୧୬ (ଓଡିଶା) | **ଦଖଲ ନୋଟିସ**

**(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକିନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮)**

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା (ମାନ)ଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା (ମାନେ) ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଓ ୯ ଅନୁସାରେ କ୍ଷମତାପ୍ରାପ୍ତ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲ ନେଇଛନ୍ତି ।

ତେଣୁ ବିଶେଷତଃ ଋଣଗ୍ରହୀତା ଓ ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ ଅନୁଯାୟୀ ବକେୟାରାଶିର ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତ : **ଶ୍ରୀ ଆଲୋକ ରଞ୍ଜନ ପ୍ରଶାୟତ,** ପିତା : ନରସିଂହ ପ୍ରଶାୟତ, ସା : ସାମୋଡା ବଜାରପଡା, ପୋ : ବେଲପାହଡ, ଜିଲ୍ଲା : ଝାରସୁଗୁଡା, ପିନ୍ - ୭୬୮୨୧୭ / ଜାମିନଦାରମାନେ : **(୧) ଶ୍ରୀ ଦୀପକ ରଞ୍ଜନ ପ୍ରଶାୟତ,** ପିତା : ନରସିଂହ ପ୍ରଶାୟତ, ସା : ସାମୋଡା ବଜାରପଡା, ପୋ : ବେଲପାହଡ, ଜିଲ୍ଲା : ଝାରସୁଗୁଡା, ପିନ୍ - ୭୬୮୨୧୭, **(୨) ଶ୍ରୀ ରାଜେଶ ମଦକ,** ପିତା : ଜ୍ଞାନମୟ ମଦକ, ସା : ଗୁମାଡେରା, ପୋ : ବେଲପାହଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ | ୩୧.୦୩.୨୦୧୭ ସୁଦ୍ଧା ଟ.୨,୮୨,୪୫୮.୮୩ + ତତ୍‌ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୧୨.୧୧.୨୦୧୮ / ୧୫.୦୧.୨୦୧୯ | ✓ ନରସିଂହ ପ୍ରଶାୟତ, ପିତା : ✓ ନିଳାମ୍ବର ପ୍ରଶାୟତଙ୍କ ଆଇନଗତ ଉତ୍ତରାଧିକାରୀ **(୧) ଆଲୋକ ରଞ୍ଜନ ପ୍ରଶାୟତ, (୨) ଦୀପକ କୁମାର ପ୍ରଶାୟତ,** ଉଭୟଙ୍କ ପିତା : ✓ ନରସିଂହ ପ୍ରଶାୟତଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୧୨୬୧/୫୭୩, ପ୍ଲଟ ନଂ.: ୧୪୨୩, କ୍ଷେତ୍ର: ଏକର ୦.୦୬୦ଡିସିମିଲି ଏବଂ ପ୍ଲଟ ନଂ.: ୧୪୨୨/୯୨୯୧, କ୍ଷେତ୍ର: ଏକର ୦.୦୧୫ଡିସିମିଲି, **ମୋଟ କ୍ଷେତ୍ର : ଏକର୦.୦୭୫ ଡିସିମିଲି ।** |

ସ୍ଥାନ: ବ୍ରଜରାଜନଗର
ତାରିଖ : ୨୧.୦୧.୨୦୧୯
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ



ଆମେରିକା ଭାରତର ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସହଯୋଗୀ। ଗତ କିଛି ବର୍ଷ ହେଲା ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ଆସ୍ଥା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି।

-ନିର୍ମଳା ସୀଥାରାମନ୍, ପ୍ରତିରକ୍ଷା ମନ୍ତ୍ରୀ

## ସଂକ୍ଷେପରେ

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ,୨୧।୧(ସ୍ୱ.ପ୍ର)- ବାରକୋଟ ବ୍ଲକ ରବମପରଡ଼ା ପଞ୍ଚାୟତରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଉପସ୍ଥିତ ରହି ୧୯୨ଟି ଦରଖାସ୍ତର ଶୁଣାଣି କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକ ମଧ୍ୟରୁ ୧୭୨ଟି ବ୍ୟକ୍ତିଗତ ଥିବା ବେଳେ ୨୦ଟି ସାମୂହିକ ସମସ୍ୟା ରହିଥିଲା । ଜିଲାପାଳ ସାମଲ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଝରାବାହାଳର ଶ୍ରୀଧର ନାୟକଙ୍କୁ ୮ହଜାର, ବାସୁପାଲିର ପୂର୍ଣ୍ଣ କିଷାନଙ୍କୁ ୫ହଜାର ଏବଂ ମହାସିନ୍ଧୁର ପୂର୍ଣ୍ଣ ହରିଜନଙ୍କୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷିକା ଅନୁପମା ଜେମ୍ସ, ପ୍ରକଳ୍ପ ନିର୍ଦ୍ଦେଶକ ଡିଆରଡିଏ ଭିନସେଣ୍ଟ ପୁନମକାନ୍ତ ଏକ୍କା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟୁନୁ ମେହେର, ତହସିଲଦାରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୨ ଆହତ

ଦେବଗଡ,୨୧।୧(ସ୍ୱ.ପ୍ର.)- ଦେବଗଡ଼ ସହର ପୁରୁଣାଗଡ ଦେଇ ଯାଇଥିବା ୨୦୦ନମ୍ବର ଜାତୀୟ ରାଜପଥ ଚିକିଣି ଘାଟିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଦୁର ରାୟପୁର ଅଞ୍ଚଳର ଫିରଜ ଖାନ୍ ବୋଲି ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ରିଆମାଳରୁ ଦେବଗଡ଼ ଆସୁଥିବା ଏକ କ୍ରେନ ଗାଡିର ଚିକିଣି ଘାଟିରେ ବ୍ରେକ ଫେଲ ହୋଇଯାଇଥିଲା। ଫଳରେ ଭାରସାମ୍ୟ ହରାଇ ଗାଡିଟି ଘାଟିରୁ ୫୦ ମିଟର ତଳକୁ ଖସି ପଡିଥିଲା। ହେଲେ ହେଲଫର ଫିରଜ ଗାଡିରୁ ଡେଇଁ ପଡିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଡ୍ରାଇଭର ମହାରାଷ୍ଟ୍ର ଅଞ୍ଚଳର ପ୍ରଦୀପ ଗାଏକ୍ୱାଡ, ଶଶି କୁମାର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଦେବଗଡ଼ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଅନ୍ୟପକ୍ଷେ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ଗଣ୍ଡ ସମାଜର ମୁଖ୍ୟ କାର୍ଯ୍ୟାଳୟ ବନ୍ଦ ପ୍ରସ୍ତାବକୁ ବିରୋଧ

ବାରକୋଟ, ୨୧।୧ (ଡି.ଏନ.ଏ.)- ଦେବଗଡ଼ ଜିଲା ବାରକୋଟ ବ୍ଲକ ଶିରିଗିଡା ଗ୍ରାମରେ ଥିବା ଗଣ୍ଡ ସମାଜର ଖମାରବାଡ ପ୍ରଗଣା ମୁଖ୍ୟ କାର୍ଯ୍ୟାଳୟକୁ ବନ୍ଦ କରିବା ପ୍ରସ୍ତାବକୁ ବିରୋଧ କରି ଗଣ୍ଡ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କର୍ମକର୍ତ୍ତା ଓଡ଼ିଶା ପ୍ରଦେଶ କମିଟିର ପାରିତ ପ୍ରସ୍ତାବକୁ ବିରୋଧ କରିଥିଲେ। ଜିଲା କମିଟି ସଭାପତି ଦିବାକର ପାତ୍ର ମୁଖ୍ୟ ଅଫିସ ସଭାପତି ବିମ୍ବାଧର ମରେହୀ, ଶଙ୍କର୍ଷଣ ଧରୁଆ, ରାମଚନ୍ଦ୍ର କୁମୁରା, ବିନୋଦ ବିହାରୀ ପାତ୍ର, ଦାଶରଥି ନାୟକ, ଅକ୍ରୁର ନାୟକ, ସୌଭାଗ୍ୟ ନାୟକ, ଗୋକୁଳ ଚନ୍ଦ୍ର ପଙ୍ଗା ପ୍ରମୁଖ ଏହାର ବିରୋଧ କରିଥିଲେ। ଏହି ଅବସରରେ ସର୍ବ ସମ୍ମତିକ୍ରମେ ଅକ୍ରୁର ନାୟକଙ୍କୁ ମୁଖ୍ୟ କାର୍ଯ୍ୟାଳୟର ସଭାପତି ଭାବେ ମନୋନୟନ କରି ଅଫିସ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା।






ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ସମ୍ବଲପୁରୀ ଭାଷା ସଂସ୍କୃତିକ ପରିଷଦ ପକ୍ଷରୁ କୃଷି ଭିତ୍ତିକ ଗଣପର୍ବ ପୁଷପୁନି ଭେଟଘାଟ ଅବସରରେ ପିଠାମଡା ପ୍ରତିଯୋଗିତାର ପ୍ରତିଯୋଗୀ (ବାମ) ଓ ବିଚାରକ ।କକକକ

# ପୁଷ୍‌ପୁନି ଭେଟ୍‌ଘାଟ୍‌କୁ ମହକାଇଲା ପିଠାମଡ଼ା

ସମ୍ବଲପୁର, ୨୧।୧ (ବ୍ୟୁରୋ)

ସମ୍ବଲପୁରୀ ଭାଷା ସଂସ୍କୃତିକ ପରିଷଦ ପକ୍ଷରୁ କୃଷି ଭିତ୍ତିକ ଗଣପର୍ବ ପୁଷପୁନି ଭେଟଘାଟ ସୋମବାର ରାତିରେ ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ପାରମ୍ପାରିକ ପିଠାମଡା ପ୍ରତିଯୋଗିତାରେ ଅଞ୍ଚଳ ମହକି ଉଠିଥିଲା । ଏଥିରେ ୨୩ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । କଳ୍ପନା ମେହେରଙ୍କ ପୁଡାଲା ପିଠା ପ୍ରଥମ, ଭବାନୀ ପଣ୍ଡାଙ୍କ ରସବରା ଦ୍ୱିତୀୟ ଏବଂ ଜ୍ୟୋତିର୍ମୟୀ ପ୍ରଧାନଙ୍କ ତେଲେନ୍ ପିଠା ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରଫେସର ଶଙ୍କର ପ୍ରସାଦ ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ । ପ୍ରଫୁଲ୍ଲ କୁମାର ହୋତା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଶକୁନ୍ତଳା ପଣ୍ଡା, କଳ୍ପନା ମିଶ୍ର, ସ୍ମିତା ପଣ୍ଡା ବିଚାରକ ଥିଲେ । ପ୍ରତିଯୋଗିତା ପରେ ଭେଟଘାଟ ଉତ୍ସବ ହୋଇଥିଲା । ନରେନ୍ଦ୍ର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ସରୋଜ କୁମାର ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ । ନାଟ୍ୟବିତ ରାଜେନ୍ଦ୍ର ପ୍ରସାଦ ପଣ୍ଡା ମୁଖ୍ୟଅତିଥି, ସଂସ୍କୃତିବିତ୍ ଡ. ଶ୍ୟାମସୁନ୍ଦର ଧର ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁଷପୁନିର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଡ. ସିଦ୍ଧାର୍ଥ ପଣ୍ଡା ଓ ବୋଧରାମ ଦାଶ ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ । ଉପସଭାପତି ପ୍ରଶାନ୍ତ ପାଢୀଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ । ଡ. ଗୌରିଦାସ ପ୍ରଧାନ, ସତ୍ୟନାରାୟଣ ଠାକୁର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଯୁବତୀଙ୍କ ପ୍ରେମରେ ସରପଞ୍ଚ

ଜୁନାଗଡ,୨୧।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର ଏକ ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ଝିଅଙ୍କୁ ସ୍ଥାନୀୟ ସରପଞ୍ଚ ନେଇଯାଇଥିବା ଜୁନାଗଡ ଥାନାରେ ଅଭିଯୋଗ କରିଥିଲେ। ପରେ ଏକ ଘରୁ ପୋଲିସ ଉଭୟଙ୍କୁ ଆଣି ପଚରାଉଚୁରା କରିଛି। ସୂଚନା ଅନୁଯାୟୀ, ସରପଞ୍ଚ ଓ ଜଣେ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। କିଛିଦିନ ତଳେ ସରପଞ୍ଚ ପ୍ରେମିକାଙ୍କୁ ନେଇ ଅନ୍ୟ ଏକ ଗାଁରେ ରଖିଥିଲେ। ଝିଅର ବାପା ସ୍ଥାନୀୟ ସରପଞ୍ଚଙ୍କ ନାମରେ ତାଙ୍କ ଝିଅକୁ ଫେରାର କରିଥିବା ନେଇ ଜୁନାଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉଭୟଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ଯୁବତୀ ଜଣକ ନିଜ ଇଚ୍ଛାରେ ସରପଞ୍ଚଙ୍କ ପାଖକୁ ଆସିଥିବା ନେଇ ପୋଲିସ ସୂତ୍ରରୁ ଜଣାପଡିଛି। ସୋମବାର ଅପରାହ୍ନରେ ପ୍ରଥମ ସ୍ତ୍ରୀଙ୍କ ସହମତି ପରେ ସରପଞ୍ଚ ସ୍ୱାମୀ ଓ ତାଙ୍କ ପ୍ରେମିକାଙ୍କୁ ପୋଲିସ ଛାଡି ଦେଇଥିବା ଜଣାପଡିଛି। ପ୍ରକାଶ ଯେ, ସମ୍ପୃକ୍ତ ସରପଞ୍ଚଙ୍କ ସ୍ତ୍ରୀ ଓ ୨ ସନ୍ତାନ ଅଛନ୍ତି।

## ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ ଅନ୍ୟମାନେ।

ଦେବଗଡ,୨୧।୧(ସ୍ୱ.ପ୍ର.)

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ୨ଦିନ ଧରି ଚାଲିଥିବା ଦେବଗଡ଼ ମହାବିଦ୍ୟାଳୟର ୫୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ସନ୍ତୋଷିନୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଦେବଗଡ଼ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବ୍ରଜମୋହନ ଆଚାର୍ଯ୍ୟ, ଭୋଳେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ପ୍ରଧାପକ ଜିତେନ୍ଦ୍ର ପ୍ରଧାନ ଅତିଥି ପରିଚୟ କରିଥିବା ବେଳେ ଅଧାପକ ନିରଞ୍ଜନ ସାହୁ ଉତ୍ସବର ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ବିଭିନ୍ନ ପ୍ରତିଯୋଗିତାରେ ଯୁକ୍ତ ଦୁଇ ବାଳିକା ବିଭାଗର ନମିତା ନାୟକ, ବାଳକ ବିଭାଗର ପରେଶ ସାହୁ, ଯୁକ୍ତ ତିନି ବାଳିକା ବିଭାଗର ରୀଙ୍କି ସ୍ୱାଇଁ, ବାଳକ ବିଭାଗର ବିକାଶ କୁମାର ନାୟକ ଏବଂ ଦୁଷ୍ମନ୍ତ ସାହୁ ଚାମ୍ପିୟନ ହୋଇଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରଶିକ୍ଷକ ପ୍ରଭାତ ପ୍ରଧାନଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧାପକ ତଥା ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା କ୍ରୀଡ଼ା ପ୍ରଶିକ୍ଷକ ମହାବିଦ୍ୟାଳୟର କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧାପକ କୀର୍ତ୍ତନ କୁଅଁର ଧନ୍ୟବାଦ ଦେଇଥିଲେ।

### ବରଦୋଳିରେ ଟୋକୀ ପର୍ବରେ ଗଣ୍ଡଗୋଳରେ ଯୁବକ ମୃତ

କଲମପୁର,୨୧।୧(ଡି.ଏନ.ଏ.) କଳାହାଣ୍ଡି ଜିଲା କଲମପୁର ବ୍ଲକ ବରଦୋଳି ଗ୍ରାମରେ ରବିବାର ଟୋକୀପର୍ବ ଚାଲିଥିବା ବେଳେ ଧରନୀ ନିକଟରେ ବଳି ମାଂସ ନେବା ପାଇଁ ପ୍ରବଳ ଭିଡ ଲାଗିଥିଲା । ସେହି ସମୟରେ କୌଣସି ଅଜଣା ବ୍ୟକ୍ତି ବଡକୁଟ୍ଟ ଗ୍ରାମର ପ୍ରେମଲାଲ ବାଗ (୨୫) (ଟଟ) ଜଣେ ଯୁବକଙ୍କୁ ତାଙ୍କ ମୁଣ୍ଡରେ ଯୋରରେ ବାଡାଇ ଦେଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କଲମପୁର ଗୋଷ୍ଠୀ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ସେଠାରେ ତାଙ୍କ ଅବସ୍ଥା ଗୁରତର ହେବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସିତ ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ସୋମବାର ସକାଳେ ପ୍ରେମଲାଲଙ୍କ ମୃତ୍ୟୁ ଘଟିଛି । ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ଗ୍ରାମ ବଡକୁଟ୍ଟକୁ ଅଣାଯାଉଛି । ଏ ସମ୍ପର୍କରେ ପ୍ରେମଲାଲଙ୍କ ବାପା ରଣିକ ବାଗ ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏ ନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

## ଜମିଲା ଚିପିଲିମା ଉତ୍ସବ




ଚିପିଲିମା ଉତ୍ସବରେ ମଞ୍ଚାସୀନ ଅତିଥି।

ଚିପିଲିମା, ୨୧।୧ (ଡି.ଏନ.ଏ.)

ସମ୍ବଲପୁର ଜିଲା ଧନକଉଡା ବ୍ଲକ କର୍ଡୋଲା ଗ୍ରାମ ପଞ୍ଚାୟତ ଚିପିଲିମା ବୀର ସୁରେନ୍ଦ୍ର ସାଏ କ୍ରୀଡା ଓ ସାଂସ୍କୃତିକ ଆସୋସିଏସନ୍ ଆନୁକୂଲ୍ୟରେ ୩୩ତମ ଚିପିଲିମା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଛି । ଅତିଥି ଭାବରେ ଚିପିଲିମା ଜଳ ବିଦ୍ୟୁତ ପ୍ରକଳ୍ପ (ସିଏଚଇପି)ର ଡିଜାଇନ୍ ମ୍ୟାନେଜର ଇଂ. ଦିଲୀପ କୁମାର ସ୍ୱାଇଁ, ବରିଷ୍ଠ ନାଗରିକ ରଙ୍ଗିଲା ରାୟ, ରାଧାକାନ୍ତ ଦାସ, ରବି ରାଉତ, ବିଶ୍ୱଜିତ ମହାକୁଡ, ହରିଶ୍ଚନ୍ଦ୍ର ଦଳେଇ ପ୍ରମୁଖ ମଞ୍ଚାସୀନ ଥିଲେ । ଜୟଶଙ୍କର ତିୱାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଗଣେଶ ତାଣ୍ଡିଆ ସଭା ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ। ମହେନ୍ଦ୍ର କୁମାର ରାଉତଙ୍କ ସଂଯୋଜନାରେ ଅଞ୍ଚଳର କୁନିକୁନି ଛାତ୍ରୀଛାତ୍ରଙ୍କୁ ନେଇ ନାଚଗୀତ ଅନୁଷ୍ଠିତ ହୋଇଥିଲା।

## ବ୍ରାହ୍ମଣ ସମାଜର ବୈଠକ

ରିଆମାଳ,୨୧।୧(ଡି.ଏନ.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଧୀନ ତେନ୍ତଳାବାହାଲ ଗ୍ରାମରେ ବ୍ରାହ୍ମଣ ସମାଜର ତ୍ରୟମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଁକାର ଧ୍ୱନି, ଗାୟତ୍ରୀ ପାଠ ସହ ଗୀତାପାଠ କରାଯାଇଥିଲା। ସଭାପତି ପଦ୍ମଲୋଚନ ଶତପଥୀଙ୍କ ସଭାପତିତ୍ୱରେ ସମାଜ ଗଠନ ଓ ଆସନ୍ତା ଉତ୍କଳ ଦିବସ ଅବସରରେ ଗାୟତ୍ରୀ ଯଜ୍ଞ କରିବାକୁ ସ୍ଥିର କରାଯାଇଥିଲା। ସମ୍ପାଦକ ଅକ୍ଷୟ କୁମାର ନନ୍ଦ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ସହସମ୍ପାଦକ ପ୍ରକାଶ କୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ବୈଠକରେ ବ୍ରାହ୍ମଣ ସମାଜର ତେନ୍ତଳାବାହାଲ ମଣ୍ଡଳର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

## ମା’ ସମଲେଇଙ୍କ ପୁଷ୍ୟାଭିଷେକ





ସୋମବାର ସମ୍ବଲପୁର ଶାନ୍ତିନଗର ଛକଠାରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିକୁ ସ୍ୱାଗତ କରାଯାଉଛି (ବାମ) । ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଶୋଭାଯାତ୍ରାରେ ଘୁମୁରା ନାଚ ସାମିଲ ହୋଇଛି ।

ସମ୍ବଲପୁର, ୨୧।୧ (ବ୍ୟୁରୋ)

ସୋମବାର ପୌଷ ପୂର୍ଣ୍ଣିମା ତିଥିରେ ମା’ ସମଲେଇଙ୍କ ପୁଷ୍ୟାଭିଷେକ କରାଯାଇଛି। ସକାଳ ୯ଟାରେ କୁଳପୁରୋହିତ ହୃଷୀକେଶ ଦାଶ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ଏଥିରେ ମନ୍ଦିର ପୂଜକ ଯୋଗେନ୍ଦ୍ର ରାୟ କର୍ତ୍ତା ଥିଲେ । ରାତି ୯ଟାରେ ସମଲେଶ୍ୱରୀ ମଣ୍ଡପଠାରେ ରାଜପୁତ କ୍ଷେତ୍ରୀୟ ସମାଜ ପକ୍ଷରୁ ରାଜାଭିଷେକ କାର୍ଯ୍ୟକ୍ରମ ହୋଇଥିଲା । ସଭାପତି ପିତାମ୍ବର ରାୟ ଅଧ୍ୟକ୍ଷତା କରିଥିଲେ । ରାଜଗୁରୁ ମହନ୍ତ ହୃଷୀକେଶ ଦାଶ, କୁଳପୁରୋହିତ ହୃଷୀକେଶ ଦାଶ, କୁଳଗୁରୁମାତା କଲ୍ୟାଣ ପୁରୋହିତ ଏବଂ କୁଳଗୁରୁ ଶରତ ଚନ୍ଦ୍ର ପୁରୋହିତଙ୍କୁ ମନ୍ଦିର ପୂଜକମାନେ ରାଜାଭିଷେକ କରିଥିଲେ । ସମସ୍ତଙ୍କୁ ପଗଡି, ଉତ୍ତରୀୟ ଓ ଫୁଲମାଳ ଦିଆଯାଇଥିଲା । ମୁଖ୍ୟପୂଜକ ଅମ୍ବିକା ପ୍ରସାଦ ରାୟ, ସୁଧାଂଶୁ ରାୟ, ଦିନବନ୍ଧୁ ଦେଓ, ପ୍ରସନ୍ନ ଦେଓ, ସାରଙ୍ଗ ରାୟ, ସୁରେନ୍ଦ୍ର ରାୟ, ସୁରେନ୍ଦ୍ର ନାୟକ, ଗଣନାଥ ସିଂ, ଗୌମତୀ ରାୟ, ବୀଣାପାଣି ରାୟ, କଲ୍ୟାଣ ସିଂ ରାଜପୁତ କାର୍ଯ୍ୟକ୍ରମ ପରିଚୋଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ସ୍ୱାମୀ ବିବେକାନନ୍ଦ ପ୍ରତିମୂର୍ତ୍ତି ପରିକ୍ରମାକୁ ସ୍ୱାଗତ





ଶାନ୍ତିନଗର ଛକରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିକୁ ସ୍ୱାଗତ କରାଯାଉଛି (ବାମ) । ଶୋଭାଯାତ୍ରାରେ ଘୁମୁରା ନାଚ ସାମିଲ ହୋଇଛି ।

ସମ୍ବଲପୁର, ୨୧।୧ (ବ୍ୟୁରୋ)

ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଧର୍ମ ମହାସଭାରେ ଅଭିଭାଷଣର ୧୨୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ସୋମବାର ପ୍ରତିମୂର୍ତ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁରର ବିଭିନ୍ନ ଛକ ଗୁଡିକରେ ଜନସାଧାରଣ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସ୍ୱାଗତ କରିଥିଲେ । ଶାନ୍ତିନଗର ଛକଠାରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ପ୍ରତିମୂର୍ତ୍ତିକୁ ସ୍ୱାଗତ କରିଥିଲେ । ଏଥିରେ ଶତାଧିକ ଜନସାଧାରଣ ସାମିଲ ଥିଲେ । ବିଜେଡି ବୁର୍ଲା ନଗର ସଭାପତି ଦେବାଶିଷ ନନ୍ଦ, ଇଂ. ଗାନ୍ଧୀ ବେହେରା, ଅନୀଲ ଗୁପ୍ତା, ସୁମନ୍ତ୍ର ପଣ୍ଡା, ପ୍ରସନ୍ନ ସାହୁ, ଅନୀଲ ପାଣିଗ୍ରାହୀ, ପ୍ରଦୋଷ ମହାନ୍ତି, ଦିପେନ୍ଦ୍ର ପଟେଲ, ଅକ୍ଷୟ ବାଗ, ସୁଧାଂଶୁ ଶେଖର ମହାରଣା ସ୍ୱାଗତ କାର୍ଯ୍ୟରେ ଉପସ୍ଥିତ ଥିଲେ । ଆୟୋଜକ ମଦନପୁର ରାମପୁର ସ୍ଥିତ ଶ୍ରୀରାମ କୃଷ୍ଣ ଆଶ୍ରମର କଳାକାରମାନେ ଘୁମୁରା ନାଚ ପରିବେଷଣ କରିଥିଲେ ।

### ପୋଲ ତଳକୁ ଖସିଲା ବାଇକ୍, ଆରୋହୀ ମୃତ

ସୁନ୍ଦରଗଡ଼,୨୧।୧(ଡି.ଏନ୍.ଏ.)- ସୁନ୍ଦରଗଡ଼-ଧରୁଆଡିହି ରାସ୍ତାର ମେଦିନପୁର ନିକଟରେ ଥିବା ଏକ ପୋଲ ତଳକୁ ବାଇକ୍ ଖସିପଡ଼ି ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ରାଜେନ୍ଦ୍ର କିଷାନ (୨୪), ଘର ଧରୁଆଡିହି ଥାନା ଗଡ଼ିଆଯୋର ଗ୍ରାମ। ସୂଚନା ପାଇ ଟାଉନଥାନା ପୋଲିସ ସୋମବାର ସନ୍ଧ୍ୟାରେ ପୋଲତଳୁ ରାଜେନ୍ଦ୍ରଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନା ପଠାଇଛି। ରାଜେନ୍ଦ୍ର ରବିବାର ରାତି ପ୍ରାୟ ସାଢ଼େ ୩ଟାରେ ବାଇକ ଯୋଗେ ସୁନ୍ଦରଗଡ଼ରୁ ଫେରୁଥିଲେ। ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପାଣିରେ ପଡ଼ିଥିଲେ। ପୋଲ ତଳେ ପ୍ରାୟ ୫ ଫୁଟ ଗଭୀର ପାଣି ଥିଲା। ବାଇକ୍‌ର ହ୍ୟାଣ୍ଡେଲ ବାହାରକୁ ଦେଖାଯାଉଥିଲା। ଏହା ଦେଖି ରାସ୍ତାରେ ଯାଉଥିବା କିଛି ଲୋକ ତଳକୁ ଓହ୍ଲାଇ ରାଜେନ୍ଦ୍ରଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ।

## ପ୍ରକାଶ ପାଇଲା ଚୂଡାନ୍ତ ଭୋଟର ତାଲିକା



ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ଅନ୍ତିମ ଭୋଟର ତାଲିକା ଘୋଷଣା କରାଯାଉଛି ।

ସମ୍ବଲପୁର,୨୧।୧(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସୋମବାର ସର୍କିଟ ହାଉସରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଏଥିରେ ଉପଜିଲାପାଳ ପ୍ରଦୀପ କୁମାର ସାହୁ, ଏଡିଏମ ଅଜୟ କୁମାର ଜେନା, ନିର୍ବାଚନୀ ଅଧିକାରୀ ବ୍ରଜକିଶୋର ସାହୁ ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରହୀ, କଂଗ୍ରେସ ନେତା ଆଶଫ ଅଲୀଖାନ, ମହମ୍ମଦ ମୁସ୍ତୁକିମଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଉପସ୍ଥିତ ଥିଲେ ।

# TAHASIL OFFICE BANGIRIPOSI

## LAND ACQUISITION OFFICER AND COMPETENT AUTHORITY NH- 18 PROJECT, BANGIRIPOSI, DIST- MAYURBHANJ

## PUBLIC NOTICE

ଜାତୀୟ ରାଜପଥ ଆଇନ୍ ୧୯୫୬ (Act 48 of 1956) ର ଧାରା-୩ (କ) ଉପଧାରା-୩ (୧) ମୁତାବକ ଯେହେତୁ, ଭାରତ ସରକାର ସଡ଼କ ଓ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନଂ-୧୮ର ରାଜ୍ୟର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବାଙ୍ଗିରିପୋଷି ତହସିଲର ଗମ୍ଭାପୁର, ଜଗନ୍ନାଥଖୁଂଟା, କେନ୍ଦୁଡିଆ ଓ ଉଚ୍ଛଡ଼ିଆ ଗ୍ରାମ (ଝାରପୋଖରିଆ, ବାରିପଦା, ବାଲେଶ୍ୱର ସେକ୍ସନ)ର ସଂପ୍ରସାରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ବ୍ୟୟରେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ ( ୧୯୫୬ର ୪୮ ନଂ ଆଇନ୍)ର ଧାରା ୩ (କ)ର ଉପଧାରା ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ନଂ S.O. 6275 (E) ତା. ୨୧.୧୨.୨୦୧୮ ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଏତଦ୍ୱାରା ତଫସିଲଭୁକ୍ତ ଜମିର ସତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଅଧିସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ ତାହାଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ, ଜାତୀୟ ରାଜପଥ ପ୍ରକଳ୍ପ ନଂ. ୧୮, ବାଙ୍ଗିରିପୋଷି, ଜିଲ୍ଲା ମୟୂରଭଞ୍ଜଙ୍କ କାର୍ଯ୍ୟାଳୟ ଠିକଣାରେ ଉପରୋକ୍ତ ଆଇନର ଧାରା-୩ (ଗ)ର ଉପଧାରା (୧) ଅନୁସାରେ ଆପତ୍ତି ଦରଖାସ୍ତ ଦାଏର କରିପାରିବେ । ଏ ସମ୍ପର୍କରେ ଧାରା ୩ (ଗ)ର ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୂଡ଼ାନ୍ତ ବିବେଚିତ ହେବ ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦବିବରଣୀ ତହସିଲଦାର ତଥା ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ, ଭୂଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ) ଏନ୍.ଏଚ୍.-୧୮ ବାଙ୍ଗିରିପୋଷିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତେ ଲଭ୍ୟ ହେଉଅଛି ।

**ସ୍ୱା: ତହସିଲଦାର ତଥା ଭୂଅର୍ଜନ ଅଧିକାରୀ**
**ତଥା କ୍ଷମତାପନ୍ନ ପ୍ରାଧିକାରୀ,**
**ଜାତୀୟ ରାଜପଥ-୧୮ ପ୍ରକଳ୍ପ, ବାଙ୍ଗିରିପୋଷି**

## MINISTRY OF ROAD TRANSPORT AND HIGHWAYS

## NOTIFICATION

**New Delhi, the 21st December, 2018**

**S.O: 6275 (E).**—In exercise of the powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the schedule below, is required for building (widening/Two-lane with paved shoulder/four laning etc.), maintenance, management and operation of National Highway No.18, on the stretch of land from Km.1.5 to Km. 7 (At- Bangiriposi, Po.- Bangiriposi, P/S- Bangiriposi, Dist.- Mayurbhanj) in the district of MAYURBHANJ in the State of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section (1) of section 3C of the said Act.

Every such objection shall be made to the Competent Authority, namely, Competent Authority of Land Acquisition in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land covered under this notification are available and can be inspected by the interested person at the aforesaid office of the Competent Authority.

**SCHEDULE**

**Brief description of the land to be acquired, with or without structure, falling NH 18 in the stretch of land from NH 18 (At- Bangiriposi, Po.- Bangiriposi, P/S- Bangiriposi, Dist.- Mayurbhanj) in the district of MAYURBHANJ in the State of ODISHA.**

**State : ODISHA District : MAYURBHANJ**

| Sl. No. | Survey/Plot Number | Type of land | Nature of Land | Area (in Local Unit) | Area (in Hectare) |
|---|---|---|---|---|---|
| **TALUK : BANGIRIPOSI** | | | | | |
| **VILLAGE : GAMHAPUR** | | | | | |
| 1 | 332/795 | Private | Sarad I | 0.0040469 (Hectare) | 0.0040469 |
| 2 | 391 | Private | Sarad I | 0.0023877 (Hectare) | 0.0023877 |
| 3 | 392/794 | Private | Gharabari | 0.0004046 (Hectare) | 0.0041279 |
| 4 | 419 | Private | Sarad I | 0.0004046 (Hectare) | 0.0149737 |
| 5 | 422 | Private | Sarad I | 0.0004046 (Hectare) | 0.0112100 |
| 6 | 443 | Private | Sarad I | 0.0040874 (Hectare) | 0.0040874 |
| 7 | 444 | Private | Sarad I | 0.0042493 (Hectare) | 0.0042493 |
| 8 | 448 | Private | Sarad I | 0.0031971 (Hectare) | 0.0031971 |
| 9 | 450 | Government | Patharabani | 0.0012140 (Hectare) | 0.0012140 |
| 10 | 593 | Private | Sarad III | 0.0008093 (Hectare) | 0.0008093 |
| 11 | 594 | Private | Sarad III | 0.0040469 (Hectare) | 0.0040469 |
| 12 | 596 | Government | Rasta | 0.0182112 (Hectare) | 0.0182112 |
| 13 | 598 | Private | Sarad II | 0.0036422 (Hectare) | 0.0036422 |
| 14 | 660 | Private | Sarad II | 0.0035613 (Hectare) | 0.0035613 |
| 15 | 661 | Private | Sarad III | 0.0404694 (Hectare) | 0.0404694 |
| 16 | 662 | Private | Sarad II | 0.0028329(Hectare) | 0.0028329 |
| 17 | 663 | Private | Sarad II | 0.0084986 (Hectare) | 0.0084986 |
| 18 | 664 | Private | Sarad II | 0.0307568 (Hectare) | 0.0307568 |
| **VILLAGE :JAGANNATHKHUNTA** | | | | | |
| 1 | 1007 | Private | Sarad II | 0.2590044 (Hectare) | 0.2590044 |
| 2 | 1008 | Private | Sarad II | 0.0404694 (Hectare) | 0.0404694 |
| 3 | 1010 | Government | Asu Dofasali | 0.0283286 (Hectare) | 0.0283286 |
| 4 | 1020 | Private | Sarad II | 0.1821125(Hectare) | 0.1821125 |
| 5 | 1021 | Private | Sarad II | 0.1295022 (Hectare) | 0.1295022 |
| 6 | 1024 | Private | Sarad II | 0.0566572 (Hectare) | 0.0566572 |
| 7 | 1025 | Private | Sarad II | 0.1052205 (Hectare) | 0.1052205 |
| 8 | 1031 | Private | Sarad II | 0.1456900 (Hectare) | 0.1456900 |
| 9 | 1031/2556 | Private | Sarad II | 0.0566572 (Hectare) | 0.0566572 |
| 10 | 1032 | Private | Sarad II | 0.0526103 (Hectare) | 0.0526103 |
| 11 | 1035 | Private | Sarad II | 0.1011736 (Hectare) | 0.1011736 |
| 12 | 1036 | Private | Sarad II | 0.0323755 (Hectare) | 0.0323755 |
| 13 | 1037 | Private | Sarad II | 0.0647511 (Hectare) | 0.0647511 |
| 14 | 1041 | Private | Sarad I | 0.0768919 (Hectare) | 0.0768919 |
| 15 | 1042 | Government (Bhanda) | Jalasaya I | 0.1456900 (Hectare) | 0.1456900 |
| 16 | 1043 | Government Rail Line Pakha) | Patharabani | 0.0242817 (Hectare) | 0.0242817 |
| 17 | 1044 | Private | Sarad I | 0.1254553 (Hectare) | 0.1254553 |
| 18 | 1044/2601 | Private | Sarad I | 0.1456900 (Hectare) | 0.1456900 |
| 19 | 1044/2602 | Private | Sarad I | 0.0323755 (Hectare) | 0.0323755 |
| 20 | 1045 | Government | Sarad I | 0.0242817 (Hectare) | 0.0242817 |
| 21 | 1046 | Private | Sarad I | 0.1133144 (Hectare) | 0.1133144 |
| 22 | 1047 | Private | Sarad I | 0.1537839 (Hectare) | 0.1537839 |
| 23 | 1047/3009 | Private | Sarad I | 0.1214083 (Hectare) | 0.1214083 |
| 24 | 1064 | Government (Bhanda) | Jalasaya I | 0.0283286 (Hectare) | 0.0283286 |
| 25 | 1438 | Government (Kachha Rasta) | Rasta | 0.0647511 (Hectare) | 0.0647511 |
| 26 | 1442 | Government (Kachha Rasta) | Rasta | 0.0647511 (Hectare) | 0.0647511 |
| 27 | 1443 | Private | Sarad II | 0.2144881 (Hectare) | 0.2144881 |
| 28 | 1444 | Private | Sarad II | 0.0526103 (Hectare) | 0.0526103 |
| 29 | 1445 | Private | Sarad II | 0.0080938 (Hectare) | 0.0080938 |
| 30 | 1446 | Private | Sarad II | 0.0283286 (Hectare) | 0.0283286 |
| 31 | 263/2501 | Private | Sarad I | 0.0016188 (Hectare) | 0.0016188 |
| 32 | 327 | Private | Sarad I | 0.0008093 (Hectare) | 0.0008093 |
| 33 | 328 | Private | Sarad I | 0.0016188 (Hectare) | 0.0016188 |
| 34 | 331/2628 | Private | Sarad I | 0.0008093 (Hectare) | 0.0008093 |
| 35 | 334 | Private | Sarad II | 0.0028329 (Hectare) | 0.0028329 |
| 36 | 350 | Private | Sarad I | 0.0012140 (Hectare) | 0.0012140 |
| 37 | 252 | Private | Sarad I | 0.0016188 (Hectare) | 0.0016188 |
| 38 | 353 | Private | Sarad I | 0.0004046 (Hectare) | 0.0004046 |
| 39 | 361 | Private | Sarad I | 0.0008093 (Hectare) | 0.0008093 |
| 40 | 380 | Private | Sarad I | 0.0016188 (Hectare) | 0.0016188 |
| 41 | 420 | Private | Sarad I | 0.0004046 (Hectare) | 0.0004046 |
| 42 | 422 | Private | Sarad I | 0.0016188 (Hectare) | 0.0016188 |
| 43 | 424 | Private | Sarad II | 0.0647511 (Hectare) | 0.0647511 |
| 44 | 428 | Private | Sarad I | 0.0008093 (Hectare) | 0.0008093 |
| 45 | 437 | Private | Sarad I | 0.0008093 (Hectare) | 0.0008093 |
| 46 | 438 | Private | Sarad I | 0.0016188 (Hectare) | 0.0016188 |
| 47 | 438/2545 | Private | Sarad I | 0.0728450 (Hectare) | 0.0728450 |
| 48 | 439 | Private | Sarad I | 0.0016188 (Hectare) | 0.0016188 |
| 49 | 583 | Private | Sarad II | 0.0012141 (Hectare) | 0.0012141 |
| 50 | 611/2680 | Private | Sarad II | 0.1092675 (Hectare) | 0.1092675 |
| 51 | 611/2681 | Private | Sarad II | 0.2468636 (Hectare) | 0.2468636 |
| 52 | 615 | Private | Sarad II | 0.0012141 (Hectare) | 0.0012141 |
| 53 | 628 | Private | Sarad II | 0.0004046 (Hectare) | 0.0004046 |
| 54 | 629 | Private | Sarad II | 0.0036422 (Hectare) | 0.0036422 |
| 55 | 939 | Private | Sarad II | 0.0040469 (Hectare) | 0.0040469 |
| 56 | 940 | Private | Sarad II | 0.0016188 (Hectare) | 0.0016188 |
| 57 | 940/2530 | Private | Sarad II | 0.0028323 (Hectare) | 0.0028323 |
| 58 | 941 | Private | Sarad II | 0.0032375 (Hectare) | 0.0032375 |
| 59 | 943 | Private | Sarad II | 0.0105220 (Hectare) | 0.0105220 |
| 60 | 948 | Private | Sarad II | 0.0012140 (Hectare) | 0.0012140 |
| **VILLAGE : KENDUDHIA** | | | | | |
| 1 | 83 | Private | Sarad II | 0.0080938 (Hectare) | 0.0080938 |
| 2 | 84 | Private | Sarad II | 0.0242816 (Hectare) | 0.0242816 |
| **VILLAGE : UNCHADIHA** | | | | | |
| 1 | 1038 | Private | Sarad I | 0.1011736 (Hectare) | 0.1011736 |
| 2 | 1039 | Private | Sarad I | 0.0485633 (Hectare) | 0.0485633 |
| 3 | 1039/1278 | Private | Sarad I | 0.0809388 (Hectare) | 0.0809388 |
| | | | **Total** | **3.6484** | **3.6484** |

**[F.No. NHAI/BOT/11012/58/2005/Pt./LA/NHI-5/Notifications/3a/3A]**
**RAJESH GUPTA, DY. SECY**

# ସାଙ୍ଗିଆ ପରିବର୍ତ୍ତନ

– ଡା. ସରୋଜିନୀ ଷଡ଼ଙ୍ଗୀ

**ନିଜ ସାଙ୍ଗିଆକୁ କିଏ ବା ଭଲ ନ ପାଏ । କାରଣ ନାଁ ପରେ ଏହା ବି ମଣିଷର ପରିଚୟ ପାଲଟିଥାଏ। ତେବେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ଶୈଶବରୁ ଆରମ୍ଭ କରି ଜୀବନର ଶେଷ ସମୟ ଯାଏ ଅପରିବର୍ତ୍ତିତ ରହିଥିବା ବେଳେ ମହିଳାଙ୍କ କ୍ଷେତ୍ରରେ ଅନେକ ସମୟରେ ଏହା ବଦଳି ଯାଇଥାଏ...**







ନିଜ ନାଁ ପରେ ସାଙ୍ଗିଆ ହିଁ ମଣିଷକୁ ଦେଇଥାଏ ଏକ ସ୍ୱତନ୍ତ୍ର ପରିଚୟ, ସ୍ୱାଭିମାନ ଓ ସ୍ୱତନ୍ତ୍ର ଆତ୍ମବିଶ୍ୱାସ। ନାଁ ନ କହିଲେ ବି ଅନେକେ ନିଜ ସାଙ୍ଗିଆ ଦ୍ୱାରା ଚିହ୍ନଟ ହୋଇଥାନ୍ତି, ଯାହା ତାଙ୍କୁ ପାରିବାରିକ, ସାମାଜିକ ତଥା କର୍ମକ୍ଷେତ୍ରରେ ଏକ ଭିନ୍ନ ସ୍ୱତନ୍ତ୍ରତା ଦେଇଥାଏ। ନିଜ ସାଙ୍ଗିଆକୁ ସମସ୍ତେ ଭଲ ପାଇଥାନ୍ତି। ତେବେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ଶୈଶବରୁ ଆରମ୍ଭ କରି ଜୀବନର ଶେଷ ସମୟ ଯାଏଁ ଅପରିବର୍ତ୍ତିତ ରହିଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଅନେକ ସମୟରେ ଏହା ବଦଳି ଯାଇଥାଏ।

‘‘ସବୁବେଳେ ଝୁଲୁଥାଏ ପରିଚୟ ପତ୍ରଟିଏ ଝିଅର ଗଳାରେ। କେତେବେଳେ ପିତା ପୁଣି କେତେବେଳେ ପତି ଆଉ ପୁଣି କେତେବେଳେ ପୁଅଟିର ମାର୍ଫତରେ ରହିଥାଏ ନାରୀଟିଏ।’’ ତେବେ ସାଙ୍ଗିଆ ପରିବର୍ତ୍ତନ କେତେ ଜରୁରୀ ? ଜନ୍ମ ହେବା ପରଠାରୁ ପିଲା ଦିନରୁ ନିଜ ପିତାଙ୍କର ସାଙ୍ଗିଆରେ ଝିଅଟିଏ ନାମିତ ହୋଇଥାଏ ଏବଂ ବାପଘରର ଏଇ ସାଙ୍ଗିଆଟିକୁ ନାଁ ପଛରେ ଯୋଡି ଦେଲା ପରେ ତାକୁ ସ୍ୱର୍ଗ ଦି’ ଅଙ୍ଗୁଳି ଭଳି ଲାଗିଥାଏ। ବେଳେ ବେଳେ ବାପଘରର ନାମ, ସାଙ୍ଗିଆ ଓ ଗୋତ୍ର ତା’ର ଏତେ ପ୍ରିୟ ହୋଇଥାଏ ଯେ’ ସେ ଶାଶୁଘରେ ରହି ମଧ୍ୟ ବାପଘର ସାଙ୍ଗିଆକୁ ସାରା ଜୀବନ ଭୁଲି ପାରେ ନାହିଁ। ପିଲା ଦିନୁ ଝିଅଟି ବାପାଙ୍କ କେୟାର ଅଫ୍‌ରେ ଥିବା ବେଳେ ଯୌବନରେ ସ୍ୱାମୀ, ପୌଢ଼ ବୟସରେ ପୁଅ ଏବଂ ବେଳେ ବେଳେ ନାତି ନାତୁଣୀଙ୍କର କେୟାର ଅଫ୍‌ରେ ମଧ୍ୟ ସେ ଚିହ୍ନିତ ହୋଇଥାଏ।

ବେଳେ ବେଳେ ଏମିତି ମଧ୍ୟ ପରିସ୍ଥିତି ଉପୁଜିଥାଏ, ଯେଉଁଠାରେ ଝିଅଟିଏ ବିବାହ ପରେ ଘର ସଂସାର ଓ ସନ୍ତାନ ସନ୍ତତିଙ୍କର ଜଞ୍ଜାଳରେ ପଡ଼ି ଅମୁକର ସ୍ତ୍ରୀ, ଅମୁକର ବୋହୂ, ଅମୁକର ମା’ ବୋଲି ପରିଚୟଟିଏ ପାଇଥାଏ ଏବଂ କାମ କରୁ କରୁ ସକାଳ ପାହି ରାତି ହୋଇଯାଏ ସିନା ନିଜକୁ ମନେ ପକାଇବା ପାଇଁ ସେ ଆଦୌ ସମୟ ପାଏ ନାହିଁ। ସାଙ୍ଗିଆ କଥା ଛାଡ଼ନ୍ତୁ ତା’ ନିଜ ନାଁ ମଧ୍ୟ ନାରୀଟିଏ ବେଳେବେଳେ ଭୁଲିଯାଏ।

ତେବେ ବିବାହ ପରେ ସାଙ୍ଗିଆ ପରିବର୍ତ୍ତନ ପାଇଁ କାହିଁକି ନାରୀଟିକୁ ବାଧ୍ୟ କରାଯାଏ ? ଆମ ଦେଶରେ ବୈଦିକ ଯୁଗରୁ ଆରମ୍ଭ କରି ଆଧୁନିକ ଯୁଗ ଯାଏ ସବୁ ସ୍ଥାନରେ ପିତୃକୈନ୍ଦ୍ରିକ ପରିବାରକୁ ଗୁରୁତ୍ୱ ଦିଆଯାଏ, ଯେଉଁଠି ପିତାଙ୍କୁ, ସ୍ୱାମୀଙ୍କୁ ତଥା ପୁରୁଷ ଓ ଗୁରୁଜନମାନଙ୍କୁ ସମ୍ମାନ କରାଯାଏ ଏବଂ ପରିବାରର ମୁଖ୍ୟ ଭାବେ ବିବେଚନା କରାଯାଏ। ତେଣୁ ତାଙ୍କରି ସାଙ୍ଗିଆ ହିଁ ପୁଅ ଝିଅ ସମସ୍ତେ ନେଇଥାନ୍ତି। ବିବାହ ପରେ ଝିଅ ଅନ୍ୟ ଏକ ଗୋତ୍ର ଓ ଅନ୍ୟ ଏକ ପରିବାରର ବୋହୂ ହୋଇ ଚାଲିଯାଏ ଏବଂ ମନକୁମନ ତା ସାଙ୍ଗିଆ ବଦଳିଯାଏ। କିନ୍ତୁ ଏବେ ଯୁଗ ବଦଳି ଯାଇଛି, ବଦଳି ଯାଇଛି ସମ୍ପର୍କର ପରିଭାଷା ଏବଂ ବଦଳି ଯାଇଛି ଝିଅଟି ସାକ୍ଷର ହେବା ପରେ କର୍ମଜୀବୀ ଭାବେ କାମ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ଖୋଜି ପାଇବା।

ଏବେ ନାରୀଟିଏ ପୁରୁଷମାନଙ୍କ ସହ ତାଳ ମିଳାଇ ପାଠପଢ଼ା କ୍ଷେତ୍ରଠାରୁ ଆରମ୍ଭ କରି ଚାକିରି କ୍ଷେତ୍ରରେ ସମାନ ସ୍ଥାନ ଓ ଅଧିକାର ପାଇବାକୁ ହକ୍‌ଦାର ହୋଇ ପାରୁଛି। ଅନେକ କ୍ଷେତ୍ରରେ ଏଇ ସ୍ୱାତନ୍ତ୍ର୍ୟତା ବଜାୟ ରଖିବା ଲାଗି ସେ ସାଙ୍ଗିଆ ପରିବର୍ତ୍ତନ କରିବାକୁ ଚାହୁଁନାହିଁ। କାଳେ ଏହା ପରିବର୍ତ୍ତନ କଲେ ତାକୁ କେହି ଚିହ୍ନିପାରିବେ ନାହିଁ, ତା’ର ପଦମର୍ଯ୍ୟାଦାରେ ଆଞ୍ଚ ଆସିବ କିମ୍ବା ନିଜ ଆତ୍ମମର୍ଯ୍ୟାଦା ବଳି ପଡିଯିବ, ନିଜର ନିଜତ୍ୱ ହଜିଯିବ ଇତ୍ୟାଦି ଇତ୍ୟାଦି। ଆଉ କେତେକ କ୍ଷେତ୍ରରେ ସେ ଏତେଦିନ ଧରି ପରିଚୟ ପାଇ ଆସିଥିବା କୁମାରୀ ନାଁଟିକୁ ହଜେଇ ଦେବାକୁ ମଧ୍ୟ ଚାହେଁ ନାହିଁ। ସେଥିପାଇଁ ଅନେକ ନାରୀ ନିଜ ନାଁ ଓ ସାଙ୍ଗିଆ ପରିବର୍ତ୍ତନ କରନ୍ତି ନାହିଁ। ଏହାଛଡ଼ା ମାଟ୍ରିକ ପରୀକ୍ଷା ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରରେ ନିଜ ବାପଘର ନାଁ ଓ ସାଙ୍ଗିଆ ଥାଏ, ସାଙ୍ଗିଆ ବଦଳେଇଲେ ସାର୍ଟିଫିକେଟ୍ ମଧ୍ୟ ନୂଆ ନାଁରେ ବଦଳାଇବାକୁ ପଡିଥାଏ ତେଣୁ କେତେକ ସ୍ଥଳରେ ଅସୁବିଧା ହୋଇଥାଏ।

ତେବେ ପ୍ରଶ୍ନ ଉଠେ, ଯେଉଁଠି ସ୍ୱାମୀ, ଶାଶୁ, ଶ୍ୱଶୁର ଓ ଅନ୍ୟାନ୍ୟ ଗୁରୁଜନମାନେ ସାଙ୍ଗିଆ ପରିବର୍ତ୍ତନ ପାଇଁ ଏକଦମ୍ ଜୋର୍ ଜବରଦସ୍ତି କରନ୍ତି ଓ ନାରୀଟିଏ ନିଜ ଅନିଚ୍ଛା ସତ୍ତ୍ୱେ ସାଙ୍ଗିଆ ପରିବର୍ତ୍ତନ କରିବାକୁ ବାଧ୍ୟ ହୁଏ। ଅପରପକ୍ଷରେ ଯେଉଁ ଝିଅ ବାହାଘର ଆଗରୁ ବାପାଙ୍କୁ ନିଜର ଗୁରୁଜନ ଭାବରେ ମାନୁଥାଏ, ଶାଶୁଘରେ ମଧ୍ୟ ସ୍ୱାମୀ ଓ ଶ୍ୱଶୁରଙ୍କୁ ଗୁରୁଜନ ଭାବେ ଶ୍ରେୟତା ଦେଇଥାଏ, ସେ ସ୍ଥିତିରେ ତାଙ୍କ ସାଙ୍ଗିଆ ଅନୁସାରେ ନାରୀଟିର ସାଙ୍ଗିଆ ପରିବର୍ତ୍ତନ କଲେ ସେ କିଛି ଅସୁବିଧା ଅନୁଭବ କରେ ନାହିଁ ବରଂ ସେ ଏହି ପରମ୍ପରାକୁ ଆଦରରେ ଆପଣେଇ ନେଇଥାଏ। କେବଳ ସାଙ୍ଗିଆ ପରିବର୍ତ୍ତନ କଲେ ତ ନିଜତ୍ୱ ହଜିଯାଏ ନାହିଁ ବା ସିଏ ନିଜକୁ ହଜାଇ ଦିଏ ନାହିଁ ବରଂ ଏକ ବଳିଷ୍ଠ ବ୍ୟକ୍ତିତ୍ୱରେ ସେ ଉଜ୍ଜ୍ୱଳ ହୋଇଥାଏ।

ତେବେ ଗୋଟିଏ କଥା ମନେ ରଖିବାକୁ ହେବ, ଗୋଟିଏ ବ୍ୟକ୍ତି ବିଶେଷ ସେ ନାରୀ ହେଉ କି ପୁରୁଷ ତା’ର ନାଁ ଓ ତା’ର ବ୍ୟକ୍ତିତ୍ୱରେ ହିଁ ସେ ଚାରିଆଡ଼େ ଚିହ୍ନଟ ହୋଇଥାଏ, ତା’ର ଯଶ, କୀର୍ତ୍ତି, ଜ୍ଞାନ ଓ ଗରିମାରେ ବଡ଼ ହୋଇଥାଏ। ତା ପାଇଁ ଜରୁରୀ ହୁଏ ନାହିଁ ସାଙ୍ଗିଆ , କେବଳ ନାଁ ହିଁ ତା’ ପାଇଁ ଯଥେଷ୍ଟ। ତେଣୁ ସାଙ୍ଗିଆ ପରିବର୍ତ୍ତନ କିଛି ବଡକଥା ନୁହେଁ କି ନିଜତ୍ୱ ହରାଇବାର ମାପକାଠି ନୁହଁ ଏହା କେବଳ ନୂତନ ପୋଷାକ ପରିବର୍ତ୍ତନ କରିବା ଭଳି ଏକ ଚମତ୍କାର ବେହରଣଟିଏ ମାତ୍ର। ନାରୀଟିଏ ତା’ର ନିଜସ୍ୱ ବ୍ୟକ୍ତିତ୍ୱରେ, ନିଜସ୍ୱ ସତ୍ତାରେ, ନିଜର ଚମତ୍କାରିତାରେ ଓ ସୁନ୍ଦର ନାଁଟିରେ ଚିର ଜାଜ୍ୱଲ୍ୟମାନ ହୋଇ ରହିଥାଏ। ସାଙ୍ଗିଆ ପରିବର୍ତ୍ତନ ଏକ ନିମିତ୍ତ ମାତ୍ର।

– ଲିଙ୍କ୍‌ରୋଡ, କଟକ
ମୋ–୯୪୩୭୦୫୫୦୦୭



## ଫିଟ୍ ରଖେ ଯୋଗାସନ

*ଦୈନିକ ଯୋଗାସନ କରିବା ମହିଳାଙ୍କ ଲାଗି ବେଶ୍ ଲାଭପ୍ରଦ। ଏହା ଶରୀରକୁ ଫିଟ୍ ଏବଂ ରୋଗମୁକ୍ତ ରଖିବାରେ ସାହାଯ୍ୟ କରିଥାଏ। ଆସନ୍ତୁ ଜାଣିବା ଏହାର ବିଭିନ୍ନ ଉପକାରିତା ସମ୍ପର୍କରେ...*

- ଯୋଗ କରିବା ସମୟରେ ବିଭିନ୍ନ ଯୋଗମୁଦ୍ରା ଏବଂ ଶ୍ୱାସକ୍ରିୟା ମଧ୍ୟରେ ସାମଞ୍ଜସ୍ୟ ଯୋଗୁ ଶରୀରର ରକ୍ତ ସଞ୍ଚାଳନ ପ୍ରକ୍ରିୟା ସୁଚାରୁରୂପେ ହୋଇଥାଏ। ଫଳରେ ଶରୀରରେ ଅମ୍ଳଜାନ ଏବଂ ପୋଷକ ତତ୍ତ୍ୱ ଭଲ ଭାବେ ପହଞ୍ଚିବା ଯୋଗୁ ତ୍ୱଚା ଏବଂ ଅନ୍ତଃ ଅଙ୍ଗଗୁଡିକ ମଧ୍ୟ ସୁସ୍ଥ ରହିଥାଏ।
- ନିୟମିତ ଯୋଗାସନ ମାନସିକ ସନ୍ତୁଳନ ରକ୍ଷା କରିଥାଏ। ଫଳରେ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ହୋଇଥାଏ। ଚିଡିଚିଡା ପଣ, ଅବସାଦ ଆଦି ଦୂର ହୋଇ ମାନସିକ ଶାନ୍ତି ମିଳିଥାଏ।
- ଶରୀରରେ ହରମୋନ୍ ପରିବର୍ତ୍ତନ ଯୋଗୁ ବିଶେଷ କରି ଋତୁସ୍ରାବ ବିରତି ପରେ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ଯୋଗାସନ ସାହାଯ୍ୟ କରିଥାଏ। ଶରୀରରେ ନମନୀୟତା ଏବଂ ଶକ୍ତି ବୃଦ୍ଧିପାଉଥିବାରୁ ପିଠି, ଆଣ୍ଠୁ ଗଣ୍ଠି, ବେକ ଆଦି ସ୍ଥାନରେ ହେଉଥିବା ଯନ୍ତ୍ରଣା ଶୀଘ୍ର ଭଲ ହୋଇଯାଇଥାଏ।
- ବିଭିନ୍ନ ଯୋଗାସନ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ଉନ୍ନତି କରିବା ସହ ମଣିଷକୁ ନୀରୋଗ, ଗତିଶୀଳ ଏବଂ ଖୁସି ରଖିଥାଏ।
- ବର୍ତ୍ତମାନ ମେଦବହୁଳତା ପାଲଟିଛି ଅଧିକାଂଶ ମହିଳାଙ୍କ ଲାଗି ଏକ ବଡ ସମସ୍ୟା। ଏଥିଯୋଗୁ ଡାଇବେଟିସ୍, ରକ୍ତଚାପ ଭଳି ସମସ୍ୟା କମାଇ ଫିଟ୍ ରଖିବା ଲାଗି ଯୋଗାସନ କରିବା ବେଶ୍ ଲାଭଦାୟକ।
- ଯୋଗାସନ କରିବାଦ୍ୱାରା ହାର୍ଟ ଏବଂ ଧମନୀ ସୁସ୍ଥ ରହିଥାଏ। ଅପରପକ୍ଷେ ରକ୍ତ ସଞ୍ଚାଳନ ଭଲ ଭାବେ ହେବା କାରଣରୁ ମଧ୍ୟ ହୃଦ୍‌ରୋଗ ଆଶଙ୍କା କମିଥାଏ।
- ନିୟମିତ ଯୋଗାଭ୍ୟାସ କଲେ ଦୃଷ୍ଟିଶକ୍ତି ଏବଂ ପାଚନଶକ୍ତି ବୃଦ୍ଧି ପାଇଥାଏ।
- ଏହା ମାଂସପେଶୀଗୁଡିକୁ ଶକ୍ତି ପ୍ରଦାନ କରିବା ସହ ମେଦ ହ୍ରାସ ଏବଂ ପତଳା ଶରୀରକୁ ବଳିଷ୍ଠ କରିଥାଏ।
- ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣା କମାଇବାରେ ମଧ୍ୟ ଯୋଗାସନ ଫଳପ୍ରଦ। କେବଳ ଏତିକି ନୁହେଁ ନିୟମିତ ଯୋଗ କରିବା ଦ୍ୱାରା ସ୍ତନକର୍କଟ ଆଶଙ୍କା ମଧ୍ୟ କମିଥାଏ।
- ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ। ଏହା ନିଦ୍ରାହୀନତା ସମସ୍ୟା ଭୋଗୁଥିବା ମହିଳାଙ୍କ ଲାଗି ଅତି ଉତ୍ତମ।
- ଯୋଗ କରିବା ଦ୍ୱାରା ଚର୍ମ ଚିକ୍କଣ ଏବଂ ସୁନ୍ଦର ରହିବା ସହ କେଶ ମଜଭୁତ ରହିଥାଏ। ଶରୀର ଗଠନକୁ ସୁଠାମ କରିଥାଏ।



ଖାଦ୍ୟରୁଚି

## କଡ଼ାଇ ମଶ୍ରୁମ୍

### ଆବଶ୍ୟକ ସାମଗ୍ରୀ

୨୦୦ ଗ୍ରାମ୍ ବଟନ୍ ମଶ୍ରୁମ୍, ୧/୨ କପ୍ କଟା ହୋଇଥିବା କ୍ୟାପ୍ସିକମ୍, ୧ ଟିସ୍ପୁନ୍ ଧନିଆ, ଗୋଟିଏ ଶୁଖିଲା ଲାଲ୍ ଲଙ୍କା(ମଞ୍ଜି ବାହାର କରି ୩–୪ ଖଣ୍ଡ ହୋଇଥିବା), ଗୋଟିଏ ଗୁଜୁରାତି, ୧/୨ ଇଞ୍ଚ ଡାଲଚିନି ଖଣ୍ଡ, ଗୋଟିଏ ବଡ ପିଆଜ କଟା ହୋଇଥିବା, ୨ଟି ଟମାଟୋ କଟା ହୋଇଥିବା, ୧ ଟିସ୍ପୁନ୍ ଅଦା ରସୁଣ ପେଷ୍ଟ, ୧/୨ ଟିସ୍ପୁନ୍ ଲାଲ୍ ଲଙ୍କା ପାଉଡର, ଚିମୁଟାଏ ହଳଦୀ ଗୁଣ୍ଡ, ୧/୨ ଟିସ୍ପୁନ୍ କସ୍ତୁରୀ ମେଥି, ୧/୪ କପ୍ କ୍ଷୀର, ୧/୨ କପ୍ ପାଣି, ୧.୫ ଟେବ୍‌ଲସ୍ପୁନ୍ ତେଲ, ୧ ଟେବ୍‌ଲସ୍ପୁନ୍ ବଟର, ଲୁଣ ସ୍ୱାଦାନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ମଶ୍ରୁମ୍‌କୁ ଭଲ ଭାବେ ଧୋଇ କାଟି ଦିଅନ୍ତୁ। ଚୁଲାରେ କଡେଇ ବସାଇ ୧/୨ ଟେବ୍‌ଲସ୍ପୁନ୍ ତେଲ ଗରମ କରି ସେଥିରେ କଟା ମଶ୍ରୁମ୍ ପକାଇ ୩–୪ ମିନିଟ୍ ଭାଜନ୍ତୁ। ସେଥିରେ କଟା କାପ୍ସିକମ୍ ଏବଂ ଲୁଣ ପକାଇ ଭାଜନ୍ତୁ। ମଶ୍ରୁମ୍‌ରୁ ପାଣି ଶୁଖିଯିବା ଏବଂ କ୍ୟାପ୍ସିକମ୍ ନରମ ହୋଇଯିବା ଯାଏ ଭାଜନ୍ତୁ। ଏହାକୁ ଏକ ପ୍ଲେଟ୍‌ରେ କାଢି ଦିଅନ୍ତୁ। କଡେଇରେ ୧ ଟେବ୍‌ଲସ୍ପୁନ୍ ତେଲ ଗରମ କରି ସେଥିରେ ଧନିଆ, ଶୁଖିଲା ଲଙ୍କା, ଗୁଜୁରାତି ଏବଂ ଡାଲଚିନି ପକାଇ ଭାଜନ୍ତୁ। ଭାଜି ହୋଇଗଲେ ସେଥିରେ କଟା ପିଆଜ, ଅଦା ରସୁଣ ପେଷ୍ଟ ପକାଇ ଭାଜନ୍ତୁ। ଏହା ହାଲୁକା ଲାଲ୍ ହେବା ପରେ କଟା ଟମାଟୋ ଏବଂ ଲୁଣ ପକାଇ ନରମ ହେବାଯାଏ ଭାଜନ୍ତୁ। ଗ୍ୟାସ୍ ବନ୍ଦ କରି କିଛି ସମୟ ଛାଡି ଦିଅନ୍ତୁ। ଥଣ୍ଡା ହୋଇଯିବା ପରେ ଏହାକୁ ଗ୍ରାଇଣ୍ଡ କରିଦିଅନ୍ତୁ।

ପୁନର୍ବାର ଗ୍ୟାସ୍‌ରେ କଡେଇ ବସାଇ ସେଥିରେ ଏକ ଚାମଚ ବଟର ଗରମ କରନ୍ତୁ। ସେଥିରେ ଗ୍ରାଇଣ୍ଡ ହୋଇଥିବା ପେଷ୍ଟ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ ପକାଇ ଘାଣ୍ଟନ୍ତୁ। ୨ମିନିଟ୍ ପର୍ଯ୍ୟନ୍ତ ଏହାକୁ ଘାଣ୍ଟିବା ପରେ ସେଥିରେ ପୂର୍ବରୁ ଭାଜି ରଖିଥିବା ମଶ୍ରୁମ୍ ଏବଂ କ୍ୟାପ୍ସିକମ୍ ପକାଇ ୨–୩ ମିନିଟ୍ ଭଲ ଭାବେ ଗୋଳାନ୍ତୁ। ସେଥିରେ ଦେଢ କପ୍ ପାଣି ଦେଇ ୪–୫ ମିନିଟ୍ ଫୁଟାନ୍ତୁ। ବହଳିଆ ହେବା ପରେ ସେଥିରେ ୧/୪ କପ୍ କ୍ଷୀର ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଶେଷରେ ଉପରେ କସ୍ତୁରୀ ମେଥି ପକାଇ ଗୋଳାନ୍ତୁ ଏବଂ ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କଡେଇ ମଶ୍ରୁମ୍। ଏହାକୁ ପରଟା, ବଟର ନାନ୍ ଆଦି ସହିତ ଖାଇବାର ମଜା ନିଅନ୍ତୁ।

ସୌନ୍ଦର୍ଯ୍ୟ

**ଶୀତଦିନେ ଅଧିକାଂଶ ଗାଧୋଇବା ଲାଗି ଗରମ ପାଣି ବ୍ୟବହାର କରିଥାନ୍ତି। ଯଦିଓ ଏହା ଆରାମଦାୟକ, ହେଲେ ଏଥି ଯୋଗୁ ତ୍ୱଚା ଡ୍ରାଏ ହେବା, ଫାଟିବା ଏବଂ କଳା ପଡିବା ସମସ୍ୟା ଦେଖା ଦେଇଥାଏ। ତେଣୁ କେଉଁ ଉପାୟ ଆପଣାଇଲେ ଆପଣ ଗରମ ପାଣିରେ ଗାଧେଇବାର ସୁବିଧା ନେବା ସହ ପୂର୍ବ ପରି ତ୍ୱଚାର ଗ୍ଲୋ ରକ୍ଷା କରିପାରିବେ, ଜାଣି ରଖନ୍ତୁ ସେ ସମ୍ପର୍କରେ...**

## ଶୀତରେ ବି ରହିବ ଗ୍ଲୋ





➢ ସାବୁନ ବଦଳରେ ଲିକ୍ୱିଡ୍ ବଡି ୱାଶ୍ ବ୍ୟବହାର କରନ୍ତୁ। ବର୍ତ୍ତମାନ ଶୀତଦିନ ଲାଗି ବିଭିନ୍ନ କମ୍ପାନୀର ମଶ୍ଚରାଇଜର ବେସ୍‌ଡ ସାୱାର୍ ଜେଲ୍ ମଧ୍ୟ ଉପଲବ୍ଧ, ଯାହା ମଧ୍ୟ ଆପଣଙ୍କ ତ୍ୱଚାକୁ ଡ୍ରାଏ ହେବାକୁ ଦେବ ନାହିଁ।

➢ ଏହି ଦିନେ ସପ୍ତାହରେ ଅତନ୍ତଃ ଦୁଇଥର ବେସନ ଏବଂ କ୍ଷୀର ପ୍ୟାକ୍ ଲଗାନ୍ତୁ। ଗାଧୋଇବା ପୂର୍ବରୁ ଏହି ପ୍ୟାକ୍‌କୁ ସାରା ଶରୀରରେ ଲଗାଇ କିଛି ସମୟ ରଖିବା ପରେ ସାବୁନ ବଦଳରେ କେବଳ ପାଣିରେ ହାଲୁକା ରଗଡି ଧୋଇ ଦିଅନ୍ତୁ। ଏହା ତ୍ୱଚାର ଡ୍ରାଏନେସ୍ ଦୂର କରି ଗ୍ଲୋ ବଢାଇବା ସହ ରଙ୍ଗ ସଫା କରିବାରେ ସାହାଯ୍ୟ କରିବ।

➢ ଯଦି ଆପଣ ଗାଧୋଇବାର ଅଧଘଣ୍ଟା ପୂର୍ବରୁ ଦେହରେ ଭଲ ଭାବେ ତେଲ ମସାଜ କରିବେ ତେବେ ତ୍ୱଚା ଆଦୌ ରୁକ୍ଷ ହେବ ନାହିଁ।

➢ କ୍ଷୀରରେ ଅଧିକ ପରିମାଣରେ ମଶ୍ଚରାଇଜିଂ ତତ୍ତ୍ୱ ଭରି ରହିଛି, ଯାହାକି ତ୍ୱଚାର ଡ୍ରାଏନେସ୍ ଦୂର କରିବା ସହ ରଙ୍ଗ ମଧ୍ୟ ଗୋରା କରାଇଥାଏ। ତେଣୁ ଏକ ତୁଳା ସାହାଯ୍ୟରେ କ୍ଷୀର ନେଇ ମୁହଁ ଏବଂ ଦେହରେ ଭଲ ଭାବେ ଘଷି ଘଷି ଲଗାନ୍ତୁ। କିଛି ସମୟ ରଖିବା ପରେ ଗାଧେଇ ପଡନ୍ତୁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.28 (9) | 36,578.96 (192.35) | 10,961.85 (54.90) | 33,200.00 (`40) | 40,100.00 (`0) |

ଭାରତୀୟ ଅଟୋମୋବାଇଲ ଶିଳ୍ପ ନିରନ୍ତର ଭିତ୍ତିରେ ଅଭିବୃଦ୍ଧି ହାସଲ କରୁଥିବା ବେଳେ ନୂତନତ୍ୱ ସହ ଆଗକୁ ବଢ଼ୁଛୁ।
– କେନିଚି ଆୟୁକାୱାୟା, ପରିଚାଳନା ନିର୍ଦ୍ଦେଶକ, ମାରୁତି ସୁଜୁକି ଇଣ୍ଡିଆ



ଗୁଣବତ୍ତାଯୁକ୍ତ ପ୍ରଡକ୍ଟ ଦ୍ୱାରା ଗତ ୫ ଦଶନ୍ଧି ଧରି ଗ୍ରାହକଙ୍କ ବିଶ୍ୱାସ ଜିଣିବାକୁ ସକ୍ଷମ ହୋଇଛୁ।
– ସୁଦିପ ଶାହ, ମୁଖ୍ୟ ମାର୍କେଟିଂ ଅଧିକାରୀ, ଆମୱେ ଇଣ୍ଡିଆ



## ସଂକ୍ଷେପରେ

### ଚଳିତ ବର୍ଷରୁ ଭାରତର ଜିଡିପି ବୃଦ୍ଧି ପାଇବ: ଆଇଏମ୍ଏଫ୍




**ୱାଶିଂଟନ,୨୧-୧:** ଭାରତୀୟ ଅର୍ଥନୀତି ଅଭିବୃଦ୍ଧି(ଜିଡିପି) ହାର ଚଳିତ ବର୍ଷ ୭.୫% ତଥା ୨୦୨୦ରେ ୭.୭ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଉଛି। ଅନ୍ତରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ସୋମବାର ଏ ସଂକ୍ରାନ୍ତରେ ଏକ ରିପୋର୍ଟ ଜାରି କରିଛି। ଏଥିରେ କୁହାଯାଇଛି ଯେ, ଚଳିତବର୍ଷଠାରୁ ଭାରତର ଜିଡିପି ହାର ବୃଦ୍ଧି ପାଇବ। ଏଥିରେ କୁହାଯାଇଛି ଯେ, ଚାଇନା ତୁଳନାରେ ଭାରତର ଜିଡିପି ୧% ଅଧିକ ରହିବ। ଅପରପକ୍ଷରେ ଚାଇନାର ଜିଡିପି ୨୦୧୯ ଓ ୨୦୨୦ରେ ୬.୨% ରହିବାର ସମ୍ଭାବନା ରହିଛି। ଆଇଏମ୍ଏଫ୍ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ଭାରତର ଅର୍ଥନୀତି ସବୁଠାରୁ ଦ୍ରୁତ ରହିବ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବା ତଥା ମୁଦ୍ରାସ୍ଫୀତି ଚାପ କମିବା କାରଣରୁ ମୁଦ୍ରାନୀତି କୋହଳ ରହିବ। ଏଥିରେ କୁହାଯାଇଛି ଯେ, ଏସିଆର ବିକାଶଶୀଳ ଦେଶର ଅଭିବୃଦ୍ଧି ହାର ୨୦୧୮ରେ ୬.୫% ରହିଥିବା ବେଳେ ୨୦୧୯ରେ ୬.୩% ଏବଂ ୨୦୨୦ରେ ୬.୪% ରହିବ। ଏଥିରେ ଆହୁରି କୁହାଯାଇଛି ଯେ, ଚଳିତ ବର୍ଷ ଅର୍ଥନୀତିରେ ବ୍ରିଟେନକୁ ପଛରେ ପକାଇବେ ଭାରତ ଓ ଫ୍ରାନ୍ସ।

### ପଲିସିଧାରୀଙ୍କୁ କିସ୍ତିରେ ମିଳିପାରେ ଦୁର୍ଘଟଣା-ସ୍ୱାସ୍ଥ୍ୟ ବୀମା ଦାବି

**ନୂଆଦିଲ୍ଲୀ,୨୧-୧:** ଦୁର୍ଘଟଣା ଓ ଲାଭ ଆଧାରିତ ସ୍ୱାସ୍ଥ୍ୟ ବୀମାର ଦାବି କରିଥିବା ପଲିସିଧାରୀଙ୍କୁ ସମ୍ପୃକ୍ତ ବୀମା କମ୍ପାନୀ ଏକତ୍ର ବୀମାରାଶି ଦେବା ବଦଳରେ କିସ୍ତିରେ ପ୍ରଦାନ କରିବ। ବୀମା କରିବା ବେଳେ ପଲିସିଧାରୀ ଏ ସମ୍ପର୍କରେ ସେମାନଙ୍କ ଇଚ୍ଛା ଜଣାଇପାରିବେ। ଏଭଳି ଏକ ସୁପାରିସ ସ୍ୱତନ୍ତ୍ର କମିଟି ପକ୍ଷରୁ କରାଯାଇଛି। ବୀମା ନିୟନ୍ତ୍ରକ ଆଇଆର୍ଡିଏଆଇ ଏହାକୁ ଗ୍ରହଣ କଲେ ନୂଆ ନିୟମ ଖୁବଶୀଘ୍ର ଲାଗୁ ହୋଇଯିବ। ଏକାଧିକ ସାଧାରଣ/ସ୍ୱାସ୍ଥ୍ୟ ବୀମା କମ୍ପାନୀଗୁଡ଼ିକ ପଲିସିଧାରୀଙ୍କୁ ଏଭଳି ସୁବିଧା ଦେବା ଲାଗି ଇଚ୍ଛା ପ୍ରକାଶ କରିଛନ୍ତି। ସେମାନେ ଏନେଇ ଆଇଆର୍ଡିଏଆଇକୁ ବହୁବାର ଅନୁରୋଧ ମଧ କରିଛନ୍ତି। ସାଧାରଣ/ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ଏଭଳି ବିଚାର ନୂଆ ହୋଇଥିଲେ ହେଁ ଜୀବନ ବୀମା କ୍ଷେତ୍ରରେ ଏଭଳି ବ୍ୟବସ୍ଥା ଦୀର୍ଘଦିନରୁ ଚାଲିଛି। ବିଶେଷକରି ଏଣ୍ଡୋମେଣ୍ଟ ପଲିସିରେ ପରିପକ୍ୱତା ରାଶିକୁ କିସ୍ତି ଆକାରରେ ପଲିସିଧାରୀଙ୍କୁ ଦିଆଯାଏ। ବୀମା କମ୍ପାନୀଙ୍କ ଅନୁରୋଧ ପରେ ଏହାର ତର୍ଜମା ଲାଗି ଆଇଆର୍ଡିଏଆଇ ପକ୍ଷରୁ ଏକ ୱାର୍କିଂ ଗ୍ରୁପ୍ ଗଠନ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଦୁର୍ଘଟଣା ଅଥବା ସ୍ୱାସ୍ଥ୍ୟ ବୀମା ରାଶି ଦାବିକୁ ଏକତ୍ର ଅଥବା କିସ୍ତି ଆକାରରେ ନେବା ନେଇ କେବଳ ପଲିସିଧାରୀ ନିଷ୍ପତ୍ତି ନେବେ। ଏନେଇ ବୀମା କମ୍ପାନୀ ନିଜେ ନିଷ୍ପତ୍ତି ନେଇପାରିବ ନାହିଁ।

# ଦେଶର ୯ ଧନୀଙ୍କ ନିକଟରେ ୫୦% ଲୋକଙ୍କ ସମ୍ପତ୍ତି

## ୨୦୧୮ରେ ଦୈନିକ ବଢ଼ିଛି ୨୨୦୦କୋଟି ଟଙ୍କା



**ନୂଆଦିଲ୍ଲୀ,୨୧-୧**

'ଧନୀ ଦିନକୁ ଦିନ ଧନୀ ହେଉଛି' ଏହା ଆଜିକାଲି ଏକ ପ୍ରଚଳିତ ବାକ୍ୟ ହୋଇଛି। କିନ୍ତୁ ରିପୋର୍ଟ କହୁଛି, ଏହା ସମ୍ପୂର୍ଣ୍ଣ ସତ। ଏଥିରେ କୁହାଯାଇଛି ଯେ, ଗତବର୍ଷ ଦେଶରେ ଥିବା କୋଟିପତିଙ୍କ ସମ୍ପତ୍ତିରେ ଦୈନିକ ୨୨୦୦ କୋଟି ଟଙ୍କା ବୃଦ୍ଧି ପାଇଛି। ଦେଶର ୧ ପ୍ରତିଶତ ଲୋକଙ୍କ ସମ୍ପତ୍ତି ଗତବର୍ଷ ୩୯ ପ୍ରତିଶତ ହିସାବରେ ବଢ଼ିଛି। ଅକ୍ସଫାମ୍ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରି କୁହାଯାଇଛି ଯେ, ଭାରତର ପ୍ରାୟ ୫୦% ଲୋକଙ୍କ ସମ୍ପତ୍ତି ମାତ୍ର ୯ ଜଣ କୋଟିପତିଙ୍କ ନିକଟରେ ରହିଛି। ରିପୋର୍ଟରେ କୁହାଯାଇଛି ଯେ, ୫୦ ପ୍ରତିଶତ ଲୋକଙ୍କ ସମ୍ପତ୍ତି ୩ ପ୍ରତିଶତ ହିସାବରେ ଗତ ବର୍ଷ ବଢ଼ିଛି। ସେହିପରି ବିଶ୍ୱରେ ରହିଥିବା କୋଟିପତିଙ୍କ ସମ୍ପତ୍ତି ଦୈନିକ ୧୨% ହାରରେ ବଢ଼ିଛି। ଅନ୍ୟପକ୍ଷରେ ବିଶ୍ୱରେ ରହିଥିବା ଗରିବଙ୍କ ସମ୍ପତ୍ତି ୧୧ ପ୍ରତିଶତ ହ୍ରାସ ପାଇଛି। ଏଥିରେ କୁହାଯାଇଛି ଯେ, ଭାରତର ମୋଟ୍ ଜନସଂଖ୍ୟାର ୧୦ ପ୍ରତିଶତ ଅର୍ଥାତ୍ ୧୩.୬ କୋଟି ଗରିବ ଯିଏ କି, ଏବେ ସୁଦ୍ଧା ଋଣୀ ରହିଥିବା ଜଣାପଡ଼ିଛି। ସୂଚନାଥାଉ କି, ଡାଭୋସ୍‌ରେ ବିଶ୍ୱ ଆର୍ଥିକ ଫୋରମ୍ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଅକ୍ସଫାମର ରିପୋର୍ଟ ବିଶେଷ ଗୁରୁତ୍ୱ ବହନ କରୁଛି। ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱର ପ୍ରାୟ ୨୬ ଜଣଙ୍କ ନିକଟରେ ୩.୮ ବିଲିୟନ ଲୋକଙ୍କଠାରୁ ଅଧିକ ସମ୍ପତ୍ତି ରହିଛି। ଗତ ବର୍ଷ ଏହା ୪୪ ଥିଲା। ଉଦାହରଣ ସ୍ୱରୂପ ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କ ନିକଟରେ ୧୧୨ ବିଲିୟନ ଡଲାର ସମ୍ପତ୍ତି ରହିଛି, ଯାହାକି ଇଥିଓପିଆ ଭଳି ଦେଶର ମୋଟ୍ ସ୍ୱାସ୍ଥ୍ୟ ବଜେଟ୍ ସହ ସମାନ। ସେହିପରି ଭାରତରେ ୧୦ ପ୍ରତିଶତ ଲୋକଙ୍କ ନିକଟରେ ଦେଶର ୭୭.୪% ସମ୍ପତ୍ତି ରହିଛି। ଏମାନଙ୍କ ଭିତରୁ ୧ ପ୍ରତିଶତଙ୍କ ନିକଟରେ ୫୧.୫୩ ପ୍ରତିଶତ ସମ୍ପତ୍ତି ରହିଥିବା ଜଣାପଡ଼ିଛି। ସେହିପରି ୬୦ ପ୍ରତିଶତ ଲୋକଙ୍କ ନିକଟରେ ମାତ୍ର ୪.୮% ସମ୍ପତ୍ତି ରହିଛି। ଏହାଛଡ଼ା ୨୦୧୮ରୁ ୨୦୨୨ ମଧ୍ୟରେ ଭାରତରେ ଦୈନିକ ୭୦ ଜଣ ଧନୀ ବଢ଼ିବେ। ୨୦୧୮ରେ ଦେଶରେ ପ୍ରାୟ ୧୮ ନୂଆ ଧନୀ ସୃଷ୍ଟି ହୋଇଥିଲେ। ବର୍ତ୍ତମାନ ମୋଟ୍ ଧନୀଙ୍କ ସଂଖ୍ୟା ୧୧୯ରେ ପହଞ୍ଚିଛି। ସେମାନଙ୍କ ନିକଟରେ ୨୮ ଲକ୍ଷ କୋଟି ଟଙ୍କାର ମୋଟ୍ ସମ୍ପତ୍ତି ରହିଥିବା ଜଣାପଡ଼ିଛି।

# ନେକ୍ସନର ଲେଭଲ୍ ନେକ୍ସ ଏସ୍‌ୟୁଭି ଆଣିଲା ଟାଟା




**ଭୁବନେଶ୍ୱର,୨୧-୧**

ଗ୍ରାହକଙ୍କ ପରିବର୍ତ୍ତିତ ଏସ୍‌ୟୁଭି ଚାହିଦାକୁ ଧ୍ୟାନରେ ରଖି ପ୍ରମୁଖ କାର ନିର୍ମାତା ଟାଟା ମୋଟର୍ସ ପକ୍ଷରୁ ଏହାର ଅନ୍ୟତମ ଲୋକପ୍ରିୟ ମଡେଲ ନେକ୍ସନର 'ଲେଭଲ ନେକ୍ସ ଏସ୍‌ୟୁଭି'କୁ ପ୍ରସ୍ତୁତ କରାଯାଇଛି। ଏହି ମଡେଲରେ ଗ୍ରାହକମାନେ ଲେଭଲ୍ ନେକ୍ସ ଡିଜାଇନ ପାଇ ପାରିବେ। ଏହା ସ୍ପୋର୍ଟସ କପ୍ ସହ ଏସ୍‌ୟୁଭି ଅନୁଭୂତି ଦେବ। ପ୍ରୋଜେକ୍ଟର ହେଡ୍ ଲ୍ୟାମ୍ପ, ପଛ ସ୍ଲିଟ୍ ଏଲ୍ଇଡି ଲ୍ୟାମ୍ପ ମଡେଲଟିକୁ ଡିଜାଇନଯୁକ୍ତ କାର ଭାବେ ପରିଗଣିତ କରୁଛି। ଏଥିରେ ସୋନିକ୍ ସିଲଭର ଡୁଆଲ ଟୋନ୍ ରୁଫ କଲର, ଆକର୍ଷଣୀୟ ଇଣ୍ଟେରିୟର, ଟ୍ରି ଟୋନ୍ ଡ୍ୟାସ୍ ବୋର୍ଡ, ଗ୍ରାଣ୍ଡ ସେଣ୍ଟ୍ରାଲ କନ୍‌ସୋଲ ରହିଛି। ଯାନଟିର ଗ୍ୟାଜେଟ ତଥା ଟେକ୍ନୋଲୋଜି ସାମିଲ ରହିଛି। ନେକ୍ସ ଜେନ୍ କନେକ୍ଟିଭିଟି, ଇନ୍‌ଫୋଟେନମେଣ୍ଟ ସିଷ୍ଟମ, ଭଏସ୍ ଆଲର୍ଟ ସିଷ୍ଟମ, ପାର୍କିଂ ବ୍ରେକ୍ ଆଲର୍ଟ ସିଷ୍ଟମ, ଡୋର୍ ଓପନ ୱାର୍ନିଂ, ସିଟ୍ ବେଲ୍ଟ ରିମାଇଣ୍ଡର ଲୋ ଫୁଏଲ ୱାର୍ନିଂ ଭଳି ସୁବିଧା ଏଥିରେ ଦିଆଯାଇଛି।

ଏହାବାଦ ଲେଭଲ ନେକ୍ସ ପରଫରମାନ୍ସ ମଧ୍ୟରେ ଶକ୍ତିଶାଳୀ ରେଭୋଟର୍କ ଡିଜେଲ ଇଞ୍ଜିନ ଏବଂ ରେଭୋଟ୍ରନ ପେଟ୍ରୋଲ ଇଞ୍ଜିନ ସ୍ଥାନିତ ହୋଇଛି। ଇକୋ, ସିଟି ,ସ୍ପୋର୍ଟ, ଭଳି ମଲ୍ଟି ଡ୍ରାଇଭ ମୋଡ୍ ଗ୍ରାହକ ପାଇ ପାରିବେ। ଗ୍ରାହକଙ୍କ ନିରାପତ୍ତା ପଦକ୍ଷେପକୁ ଧ୍ୟାନରେ ରଖି କମ୍ପାନୀ ଏଥିରେ ଡୁଆଲ୍ ଫ୍ରଣ୍ଟ ଏୟାରବ୍ୟାଗ, ଏବିଏସ୍ ସହ ଇବିଡି, ରିଜର୍ଭ ପାର୍କିଂ ଆସିଷ୍ଟ, ଆଡ୍‌ଜଷ୍ଟ ହୋଇ ପାରୁଥିବା ସିଟ୍ ବେଲ୍ଟ ସୁବିଧା କରିଛି। ସେହିଭଳି ଆରାମ ପାଇଁ ଏଥିରେ ପୁସ୍ ବଟନ୍ ଷ୍ଟାର୍ଟ, ଇଲେକଟ୍ରିକ ପାୱାର ଷ୍ଟିଅରିଂ, ଡୁଆଲ ପାଥ୍ ସସ୍‌ପେନଶନ, ସୁବିଧାଜନକ ଡ୍ରାଇଭ ସୁବିଧା, ସ୍ପେଶିୟସ କ୍ୟାବିନ ଭଳି ଅନ୍ୟାନ୍ୟ ଅତ୍ୟାଧୁନିକ ବୈଶିଷ୍ଟ୍ୟ ଗ୍ରାହକ ଲାଭ କରି ପାରିବେ ବୋଲି କମ୍ପାନୀ ପ୍ରକାଶ କରିଛି।

# ବୋକା ବନିଗଲା ଆୟକର ବିଭାଗ

## ୫୦୦୦ କୋଟିର କ୍ରେଡିଟ ନେଇଗଲେ ଟିକସଦାତା

**ନୂଆଦିଲ୍ଲୀ,୨୧-୧**




- ସେଲ୍‌ଫ ଆସେସ୍‌ମେଣ୍ଟ ଟିକସ ପ୍ରଦାନ ଦର୍ଶାଇଲେ
- ଆଦାୟ ପାଇଁ ଆୟକର ବିଭାଗର ବଢ଼ିଛି ଚିନ୍ତା
- ରିଟର୍ନ ପ୍ରୋସେସିଂ ପାଇଁ କ୍ରେଡିଟ ଫେରାଇବାକୁ କୁହାଯାଉଛି
- ଗତବର୍ଷର ଆୟକର ରିଟର୍ନ ପ୍ରୋସେସିଂ ନ ହେବା କାଳ ହେଲା

ଆୟକର ବିଭାଗକୁ ସମ୍ପୂର୍ଣ୍ଣ ବୋକା ବନାଇଛନ୍ତି ଟିକସଦାତା। ସେମାନେ ନିଜର ବକେୟା ତ ଦେଲେନି ବରଂ ସେଲ୍‌ଫ ଆସେସ୍‌ମେଣ୍ଟ ଟ୍ୟାକ୍ସ ପ୍ରଦାନ କରିଛନ୍ତି ଦର୍ଶାଇ ୫୦୦୦ କୋଟି ଟଙ୍କାର କ୍ରେଡିଟ ହାସଲ କରିଛନ୍ତି। ଏଭଳି ଟିକସଦାତାଙ୍କ ଉପରେ ଆୟକର ବିଭାଗର ଏବେ ଏହି ଟଙ୍କା ବକେୟା ହେଲାଣି। ଏବେ ସେମାନଙ୍କଠାରୁ ଏତେ ଅଧିକ ଅର୍ଥ ଆଦାୟ କରିବା ନେଇ ବିଭାଗର ଚିନ୍ତା ବଢ଼ିଯାଇଛି। ବକେୟା ଆଦାୟ ପାଇଁ ବିଭାଗ ସେହି ସମସ୍ତ ଟିକସଦାତାଙ୍କ ପିଛା ଛାଡୁନି।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଆୟକର ବିଭାଗ ଗତବର୍ଷର ଆୟକର ରିଟର୍ନ ପ୍ରୋସେସିଂ କରିପାରି ନାହିଁ। ଏହି କାରଣରୁ ଟିକସଦାତାମାନେ ଉକ୍ତ ଟଙ୍କା କ୍ରେଡିଟ ଦର୍ଶାଇ ନେଇଯାଇପାରିଲେ। ଏବେ ବିଭାଗୀୟ ଅଧିକାରୀମାନେ ଟିକସଦାତାଙ୍କ ସହ ଯୋଗାଯୋଗ ରକ୍ଷା କରୁଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, କ୍ରେଡିଟ ନେଇଥିବା ଏଭଳି ଟିକସଦାତାଙ୍କୁ ବାରମ୍ବାର ରିମାଇଣ୍ଡର ପଠାଯାଉଛି। ଟିକସ ରିଟର୍ନର ପ୍ରୋସେସିଂ ପାଇଁ କ୍ରେଡିଟ ଫେରସ୍ତ ଅତ୍ୟନ୍ତ ଆବଶ୍ୟକ ବୋଲି କୁହାଯାଉଛି। ଏମାନଙ୍କ ମଧ୍ୟରୁ କେତେକ ଟିକସଦାତା ସେଲ୍‌ଫ ଆସେସ୍‌ମେଣ୍ଟ ଟ୍ୟାକ୍ସ ବାବଦରେ ନେଇଥିବା କ୍ରେଡିଟ ଫେରାଇବାକୁ ରାଜି ହୋଇଛନ୍ତି। ତେବେ ଆଜିର କମ୍ପ୍ୟୁଟର ଯୁଗରେ ସବୁ କିଛି ହାତପାହାନ୍ତରେ ଥିବା ସତ୍ତ୍ୱେ ଟିକସଦାତାମାନେ ବକେୟା ପ୍ରଦାନ ନ କରି କ୍ରେଡିଟ ନେଲେ କିପରି ବୋଲି ଟିକସ ବିଶେଷଜ୍ଞମାନେ ପ୍ରଶ୍ନ କରିଛନ୍ତି। ଅଧିକାରୀଙ୍କ କହିବାନୁଯାୟୀ ଟିକସ ରିଟର୍ନ ଦାଖଲ କଲା ବେଳେ ବ୍ୟାଙ୍କ ଚାଲାଣ ସହିତ ସାଧାରଣତଃ ବିଏସ୍‌ଆର୍ ନମ୍ବର ଯୋଡାଯାଇଥାଏ। ଆୟକର ବିଭାଗର ଟିକସ ପ୍ଲାଟଫର୍ମରେ ଦେୟର ବିବରଣୀ ଦେଖାଯାଇଥାଏ। ଅତୀତରେ ଏଭଳି ଜାଲିଆତି ହୋଇଥାଇପାରେ, କିନ୍ତୁ ବିଭାଗ ଏବେ ଇଲେକ୍ଟ୍ରୋନିକ ଫାଇଲିଂ ଲାଗି ଟେକ୍ନୋଲୋଜି ବ୍ୟବହାର କରୁଛି। ଏଣୁ ଗଡ଼ବଡ଼ ସହଜରେ ଧରି ହେବା କଥା ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଉଲ୍ଲେଖଥାଉ କି, ଚଳିତ ଆର୍ଥିକ ବର୍ଷ ଲାଗି ପ୍ରତ୍ୟକ୍ଷ ଟିକସ ଆଦାୟ କମିବାର କାରଣ ଖୋଜୁ ଖୋଜୁ ଉକ୍ତ ତ୍ରୁଟି ଧରାପଡ଼ିଛି। ଅନ୍ୟପକ୍ଷରେ ଏଭଳି କାର୍ଯ୍ୟଧାରା ଦ୍ୱାରା ଜିଏସ୍‌ଟି ପ୍ରଦାନରେ ଅନିୟମିତତା ହୋଇଥାଇପାରେ ବୋଲି ସରକାର ମନେକରୁଛନ୍ତି। ଏନେଇ ଅଧିକ ଖୋଳତାଡ଼ କରିବାକୁ କୁହାଯାଇଛି।

# ବଜେଟ ଉପସ୍ଥାପନ କରିବେ ଜେଟ୍‌ଲୀ

## ଶୁକ୍ରବାର ସନ୍ଧ୍ୟାରେ ଫେରୁଛନ୍ତି



**ନୂଆଦିଲ୍ଲୀ,୨୧-୧**

କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଫେବୃୟାରୀ ପହିଲାରେ ଅନ୍ତରୀଣ ତଥା ତାଙ୍କର ଶେଷ ବଜେଟ୍ ଉପସ୍ଥାପନ କରିବେ। ଆସନ୍ତା ଶୁକ୍ରବାର ସନ୍ଧ୍ୟାରେ ସେ ଆମେରିକାରୁ ଫେରିବେ ବୋଲି ଜଣେ ବରିଷ୍ଠ ସରକାରୀ ଅଧିକାରୀ ସୋମବାର ପ୍ରକାଶ କରିଛନ୍ତି। ୬୬ ବର୍ଷୀୟ ଜେଟ୍‌ଲୀ ଗତ ୧୩ରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆମେରିକା ଯାଇଛନ୍ତି। ୨୦୧୮ ମେ'ରେ ତାଙ୍କର କିଡନୀ ଟ୍ରାନ୍ସପ୍ଲାଣ୍ଟ ହୋଇଥିଲା। ବଜେଟ ପାଖେଇ ଆସୁଥିବା ବେଳେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଅଚାନକ ଆମେରିକା ଗସ୍ତକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଥିଲା। ଜେଟ୍‌ଲୀ ଏନ୍‌ଡିଏ ସରକାରଙ୍କ ଶେଷ ବଜେଟ୍ ଉପସ୍ଥାପନ କରିପାରିବେ ନାହିଁ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା।

# ସାମସଙ୍ଗ ପକ୍ଷରୁ ଏକ୍ସିନସ୍ ୭ ସିରିଜ୍ ୭୯୦୪

**ଗୁରୁଗ୍ରାମ,୨୧-୧**




ସେମିକଣ୍ଡକ୍ଟର ଟେକ୍ନୋଲୋଜି କ୍ଷେତ୍ରରେ ପ୍ରମୁଖ କମ୍ପାନୀ ସାମସଙ୍ଗ ପକ୍ଷରୁ ଏକ୍ସିନସ୍ ୭ ସିରିଜ ୭୯୦୪ ମୋବାଇଲ ପ୍ରୋସେସର ବଜାରକୁ ଆସିଛି । ଏଥିରେ ପରିବର୍ଦ୍ଧିତ ମଲ୍ଟିମିଡିଆ ସପୋର୍ଟ ରହିଛି। ଏହା ମଧ୍ୟମ ଶୃଙ୍ଖଳାର ସ୍ମାର୍ଟଫୋନରେ ହାଇଏଣ୍ଡ ମଲ୍ଟିମିଡ଼ିଆ କ୍ଷମତା ପ୍ରଦାନ କରିବାକୁ ସକ୍ଷମ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ସ୍ମାର୍ଟଫୋନରେ ନିମ୍ଭଲ ୱେବ ବ୍ରାଉଜିଂ ଏବଂ ଆପ୍ ଲଞ୍ଚିଂ ପାଇଁ ଏହା ଫାଷ୍ଟ ଅକ୍ଟାକୋର ପରଫରମାନ୍ସ ପ୍ରଦାନ କରିଥାଏ। ସେହିଭଳି ଦ୍ରୁତ ନେଟୱର୍କ ସ୍ପିଡ ଏବଂ କମ୍ ପାୱାରରେ ମଲ୍ଟିଟାସ୍କିଂ ସୁବିଧା ରହିଥିବା କମ୍ପାନୀ କହିଛି। ଗ୍ରାହକଙ୍କୁ ବିଶ୍ୱସ୍ତରୀୟ ସେବା ପ୍ରଦାନ ଦିଗରେ କାର୍ଯ୍ୟକ୍ରମ ଜାରି ରହିଥିବା କମ୍ପାନୀର ସେଲ୍‌ସ ମାର୍କେଟିଂ ବରିଷ୍ଠ ନିର୍ଦ୍ଦେଶକ ଏବଂ ମୁଖ୍ୟ ରାଜୀବ ସେଠୀ କହିଛନ୍ତି।

# ବଜାଜର ନୂଆ ବ୍ରାଣ୍ଡ ପରିଚୟ ଉନ୍ମୋଚନ




**ନୂଆଦିଲ୍ଲୀ,୨୧-୧**

ବଜାଜ ଅଟୋ ଲିମିଟେଡ ପକ୍ଷରୁ ନୂଆ ବ୍ରାଣ୍ଡ ପରିଚୟ 'ଦି ୱାର୍ଲଡ୍‌ସ ଫେଭରାଇଟ ଇଣ୍ଡିଆନ' ଉନ୍ମୋଚନ କରାଯାଇଛି। ଏକ ସ୍କୁଟର ନିର୍ମାତାରୁ ୧୭ ବର୍ଷ ମଧ୍ୟରେ ବିଶ୍ୱ ସ୍ତରୀୟ ମୋଟର ସାଇକେଲ ମହାଶକ୍ତିରେ ପରିବର୍ତ୍ତିତ ହେବାର ନାଟକୀୟ ପରିବର୍ତ୍ତନକୁ ପ୍ରତିଫଳିତ କରିବାକୁ ଏହା ଆରମ୍ଭ ହୋଇଛି। ୨୦୦୧ରେ ଏହି ଯାତ୍ରା ଚାକନ କାରଖାନାରୁ ପଲସର ଉତ୍ପାଦନ ସହ ଆରମ୍ଭ ହୋଇଥିଲା। ଏହି ମଡେଲ ବର୍ତ୍ତମାନ ବିଶ୍ୱରେ ଏକ ନୂଆ ବଜାର ସୃଷ୍ଟି କରିଛି। ନୂତନତ୍ୱ ଆଣିବା ଦିଗରେ କମ୍ପାନୀ ନିବେଶ କରିଛି। କମ୍ପାନୀର ମଡେଲଗୁଡ଼ିକୁ ବିଶ୍ୱର ୭୦ ଦେଶର ଗ୍ରାହକ ବେଶ୍ ପସନ୍ଦ କରିଛନ୍ତି। ରପ୍ତାନୀ ହେଉଥିବା ପ୍ରତି ୩ ମୋଟର ସାଇକେଲ ମଧ୍ୟରୁ ୨ଟିରେ ବଜାଜ ବ୍ୟାଜ୍ ସହ ଦେଶର ଦୁଇ ଚକିଆ ନିର୍ମାଣ କ୍ଷେତ୍ରରେ ଏହା ଏକ ଅଗ୍ରଣୀ କମ୍ପାନୀ ହୋଇପାରିଛି। କମ୍ପାନୀର ୪୦% ରାଜସ୍ୱ ବିଶ୍ୱ ବଜାରରୁ ଆସୁଛି। ବିଗତ ୧୦ ବର୍ଷରେ ଏହା ୧୩ ବିଲିୟନ ଡଲାର ରାଜସ୍ୱ ଲାଭ କରିଛି। ୨୦୧୮ରେ ଏହାର ଅନ୍ତର୍ଜାତୀୟ ବିକ୍ରି ୨ ନିୟୁତ ୟୁନିଟ ଟପିଛି। ଡିଜାଇନ,ପ୍ରଯୁକ୍ତି, ଗୁଣାତ୍ମକ ମାନ ଏବଂ ଗ୍ରାହକ ସନ୍ତୁଷ୍ଟି ନେଇ ପ୍ରତିବଦ୍ଧତା ରହିଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରାଜୀବ ବଜାଜ ସୂଚନା ଦେଇଛନ୍ତି।

# ହାଲ୍‌ୱା ସେରିମନି ସହ ବଜେଟ ବହି ଛପା ଆରମ୍ଭ

**ନୂଆଦିଲ୍ଲୀ,୨୧-୧**

କେନ୍ଦ୍ର ସରକାର ଫେବୃୟାରୀ ପହିଲାରେ ତାଙ୍କର ଶେଷ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ବଜେଟ୍ ବହି ଛାପିବା ଲାଗି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ହାଲ୍‌ୱା ସେରିମନି ପାଳନ କରାଯାଇଛି। ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଅସୁସ୍ଥତା କାରଣରୁ ଆମେରିକାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ଅନୁପସ୍ଥିତିରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶିବ ପ୍ରତାପ ଶୁକ୍ଳା ଏହି ସେରିମନି ପାଳନର ନେତୃତ୍ୱ ନେଇଥିବା ବେଳେ ଅନ୍ୟତମ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପି.ରାଧାକ୍ରିଷ୍ଣନ, ଅର୍ଥ ସଚିବ ସୁଭାଷ ଗର୍ଗଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



### କାହିଁକି ପାଳନ କରାଯାଏ ଏହି ସେରିମନି

ଭାରତୀୟ ପରମ୍ପରା ଅନୁଯାୟୀ, ମିଠା ଖାଇ କୌଣସି ଶୁଭ କାର୍ଯ୍ୟ ଆରମ୍ଭ କରାଯାଏ ବୋଲି ପ୍ରଚଳିତ ରହିଛି। ହାଲ୍‌ୱା ସେରିମନି ସେଭଳି ଏକ ପରମ୍ପରା ଯାହା ଅର୍ଥ ମନ୍ତ୍ରଣାଳୟ ପାଳନ କରିଆସୁଛି। ଏହି ସେରିମନି ପାଳନ ହେବା ପରେ ବଜେଟ୍ ପୁସ୍ତକ ଛାପିବା ଲାଗି ଅର୍ଥ ମନ୍ତ୍ରଣାଳୟର ପାଖାପାଖି ୧୦୦ କର୍ମଚାରୀ ନର୍ଥ ବ୍ଲକ୍‌ର ବେସ୍‌ମେଣ୍ଟରେ ଥିବା ଛାପାଖାନାରେ ଦିନ ରାତି କାମରେ ଲାଗିଥାନ୍ତି। ଅନ୍ୟ ଅର୍ଥରେ କହିବାକୁ ଗଲେ ବଜେଟ୍‌କୁ ସମ୍ପୂର୍ଣ୍ଣ ଗୋପନୀୟ ରଖିବା ପାଇଁ ଏଭଳି ବ୍ୟବସ୍ଥା ଆପଣାଯାଇଥାଏ। ଏହି ସମୟରେ କର୍ମଚାରୀମାନେ ସେମାନଙ୍କ ପରିବାରଠାରୁ ଦୂରେଇ ରହିଥାନ୍ତି ଏବଂ ସେମାନଙ୍କ ଉପରେ ୨୪ଘଣ୍ଟା ନଜର ରଖାଯାଏ। ସଂସଦରେ ବଜେଟ୍ ଉପସ୍ଥାପନ ପରେ ହିଁ ସେମାନେ ବାହାରକୁ ଆସିପାରନ୍ତି। ସାଧାରଣତଃ ବଜେଟ୍ ଉପସ୍ଥାପନ ପୂର୍ବରୁ ଅର୍ଥମନ୍ତ୍ରୀ ହିଁ ହାଲ୍‌ୱା ସେରିମନି ପାଳନର ନେତୃତ୍ୱ ନେଇଥାନ୍ତି। ଚଳିତଥର ଏହାର ବ୍ୟତିକ୍ରମ ହୋଇଛି। ଆଗକୁ ଲୋକ ସଭା ନିର୍ବାଚନ ଥିବାରୁ ଏନ୍‌ଡିଏ ସରକାର ଅନ୍ତରୀଣ ବଜେଟ୍ ଉପସ୍ଥାପନ କରିବାକୁ ଯାଉଛନ୍ତି।

# ଜେନାପୁରଠାରେ ରହିବ ଭୁବନେଶ୍ୱର-କେନ୍ଦୁଝରଗଡ଼ ଫାଷ୍ଟ ପାସେଞ୍ଜର




**ଭୁବନେଶ୍ୱର,୨୧-୧**

ଜେନାପୁର ରେଳଷ୍ଟେଶନ ଉପରେ ନିର୍ଭର କରୁଥିବା ଯାତ୍ରୀଙ୍କ ପାଇଁ ଖୁସି ଖବର। ଯାତ୍ରୀଙ୍କର ଦୀର୍ଘଦୀନର ଦାବିକୁ ପୂରଣ ହେବାକୁ ଯାଉଛି। ଜାନୁୟାରୀ ୨୬ଠାରୁ ଜେନାପୁର ଷ୍ଟେଶନଠାରେ ଭୁବନେଶ୍ୱର-କେନ୍ଦୁଝରଗଡ-ଭୁବନେଶ୍ୱର ଫାଷ୍ଟ ପାସେଞ୍ଜର ପରୀକ୍ଷାମୂଳକ ଭାବେ ଛଅ ମାସ ପାଇଁ ରହଣି ବ୍ୟବସ୍ଥା କରିବାକୁ ସ୍ଥିର କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ଧାର୍ଯ୍ୟ ଦିନଠାରୁ କେନ୍ଦୁଝର ଭୁବନେଶ୍ୱର ଫାଷ୍ଟ ପାସେଞ୍ଜର ଜେନାପୁରଠାରେ ପୂର୍ବାହ୍ନ ୯.୩୩ ମିନିଟରେ ପହଞ୍ଚି ୯.୩୫ ମିନିଟରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ। ଫେରିବା ବାଟରେ ଭୁବନେଶ୍ୱର କେନ୍ଦୁଝରଗଡ ଫାଷ୍ଟ ପାସେଞ୍ଜର ଅପରାହ୍ନ ୫.୪୮ ମିନିଟରେ ପହଞ୍ଚି ୫.୪୯ ମିନିଟରେ କେନ୍ଦୁଝରଗଡ ଅଭିମୁଖେ ଯାତ୍ରା କରିବ।

## ସଂକ୍ଷେପରେ

### ଖେଳାଳିଙ୍କୁ ମୁଣ୍ଡନ ପାଇଁ କହିବା ତିନି ଜଣିଆ କମିଟି ତଦନ୍ତ କରିବ

**କୋଲକାତା, ୨୧।୧ (ପି.ଟି.):** ଏକ ମ୍ୟାଚ ହାରିବା ପରେ ରାଜ୍ୟ ୧୯ ବର୍ଷରୁ କମ୍ ଖେଳାଳିଙ୍କୁ ମୁଣ୍ଡନ ପାଇଁ କୁହାଯାଇଥିବା ଘଟଣାର ତଦନ୍ତ ପାଇଁ ଏକ ୩ ଜଣିଆ କମିଟି ଗଠନ କରାଯିବ। ବେଙ୍ଗଲ ହକି ଆସୋସିଏଶନ (ବିଏଚ୍ଏ) ସମ୍ପାଦକ ସପନ ବାନାର୍ଜୀ ସୋମବାର ସୂଚନା ଦେଇଛନ୍ତି। ଜବଲପୁରଠାରେ ଜାତୀୟ ଜୁନିୟର ଚାମ୍ପିୟନଶିପ୍ (ଡିଭିଜନ-ବି) କ୍ୱାର୍ଟରଫାଇନାଲରେ ବେଙ୍ଗଲର ୧୯ ବର୍ଷରୁ କମ୍ ଦଳ ନାମଧାରୀ ଏକାଦଶଠାରୁ ୧୦୫ ଗୋଲରେ ପରାସ୍ତ ହୋଇଯାଇଥିଲା। ପ୍ରଥମାର୍ଦ୍ଧ ଖେଳପରେ କୋଚ୍ ଆନନ୍ଦ କୁମାର କୁଆଡେ ଖେଳାଳିମାନଙ୍କୁ କହିଥିଲେ ମ୍ୟାଚରେ ପରାଜିତ ହେଲେ ସେମାନଙ୍କୁ ଲଣ୍ଡା ହେବାକୁ ପଡ଼ିବ। ଦଳର କେତେଜଣ ଖେଳାଳି କହିଛନ୍ତି ସେମାନେ କଲିକତା ଫେରିବା ପରେ ମୁଣ୍ଡନ କରିଥିଲେ। ଅନ୍ୟ କେତେଜଣ କହିଛନ୍ତି, ସେମାନଙ୍କୁ ଏଥିଲାଗି ବାଧ କରାଯାଇଥିଲା। ଖବର ଅନୁସାରେ କେବଳ ଦୁଇ ଜଣଙ୍କୁ ଛାଡ଼ି ୧୮ ଜଣିଆ ୧୯ ବର୍ଷରୁ କମ୍ ଦଳର ଅନ୍ୟ ସମସ୍ତ ଖେଳାଳି ଲଣ୍ଡା ହୋଇଥିଲେ। ଏମାନଙ୍କ ମଧ୍ୟରେ ୧୨ ଜଣ ଖେଳାଳି ହେଉଛନ୍ତି ସଲ୍ଟଲେକ୍‌ସ୍ଥିତ (ସ୍ପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆ) ସାଇର ଇଷ୍ଟର୍ନ ରିଜିଓନାଲ ସେଣ୍ଟରର ଅନ୍ତେବାସୀ। କୋଚ୍ ଜଣକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି, ମ୍ୟାଚ ବେଳେ ମୁଁ ଖେଳାଳିମାନଙ୍କୁ ଗାଳିଦେଇଥିଲି। ପରେ କିନ୍ତୁ ସେମାନଙ୍କୁ କିଛି କହି ନ ଥିଲି। ମୁଁ କାହିଁକି ଅବା ସେମାନଙ୍କୁ ବାଧ କରିବି। ବରଂ ସେମାନେ ଏପରି କାହିଁକି କଲେ ବୋଲି ପ୍ରଶ୍ନ କରିଥିଲି। ଅନ୍ୟପକ୍ଷରେ ସାଇ ନିର୍ଦ୍ଦେଶକ ମନ୍‌ମିତ୍ ସିଂ ଗୋଇଣ୍ଡି କହିଛନ୍ତି ଖେଳାଳିମାନଙ୍କ ସହ ଆଲୋଚନା ପରେ ଆବଶ୍ୟକ ପଦକ୍ଷେପ ନେବା।

### ଅଷ୍ଟ୍ରେଲିଆ ଟିମ୍‌ରେ ପ୍ୟାଟରସନ ସାମିଲ

**ସିଡ୍‌ନୀ, ୨୧।୧(ଏଏଫ୍‌ପି):** ଭ୍ରମଣକାରୀ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ମଧ୍ୟରେ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଗୁରୁବାରଠାରୁ ବ୍ରିସବେନଠାରେ ଆରମ୍ଭ ହେବ। ଏଥିଲାଗି ଘରୋଇ ଅଷ୍ଟ୍ରେଲିଆ ଦଳରେ ଇନ୍‌ଫର୍ମ ବ୍ୟାଟ୍ସମ୍ୟାନ କର୍ଟିସ ପ୍ୟାଟରସନଙ୍କୁ ସାମିଲ କରାଯାଇଛି। ୨୫ ବର୍ଷୀୟ ଏହି ନ୍ୟୁ ସାଉଥ୍ ୱେଲ୍ସ ବାମହାତୀ ବ୍ୟାଟ୍ସମ୍ୟାନ ନିକଟରେ ଘରୋଇ କ୍ରିକେଟରେ ଲଗାତର ୨ଟି ଅପରାଜିତ ଶତକ ହାସଲ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଥିଲେ। ତେଣୁ ସେ ଦଳରେ ସ୍ଥାନ ପାଇବାକୁ ହକ୍‌ଦାର ଥିଲେ ବୋଲି ଅଷ୍ଟ୍ରେଲିଆ ଚୟନ କମିଟିର ସଦସ୍ୟ ଟ୍ରେଭର ହେନ୍ସ କହିଛନ୍ତି। ଅଷ୍ଟ୍ରେଲିଆ ଟିମ୍ ନିକଟରେ ଭାରତ ବିପକ୍ଷ ଟେଷ୍ଟ ସିରିଜରେ ନୈରାଶ୍ୟଜନକ ପ୍ରଦର୍ଶନ କରି ୨-୧ରେ ପରାଜୟବରଣ କରିଥିଲା। ଏହି ସିରିଜରେ ଅଷ୍ଟ୍ରେଲିଆ ବ୍ୟାଟିଂ ଲାଇନ୍‌ଅପ୍ ଭାରତୀୟ ବୋଲରଙ୍କୁ ସାମ୍ନା କରିବାରେ ବିଫଳ ହୋଇଥିଲେ।



" ମୁଁ ବାଲ୍ୟକାଳରୁ ଜଣେ ସ୍ପଷ୍ଟବାଦୀ ହୋଇଥିବାରୁ ମୋତେ କେତେକେ ଅହଂକାରୀ ବୋଲି କହିଥାନ୍ତି, ହେଲେ ସେମାନଙ୍କ କଥା ମୋତେ ପ୍ରଭାବିତ କରି ନ ଥାଏ ।

–ଭିନେଶ ଫୋଗତ, ଭାରତୀୟ କୁସ୍ତି ଯୋଦ୍ଧା



" ଆସନ୍ତା ସୀମିତ ଓଭର ବିଶିଷ୍ଟ ସିରିଜରେ କେବଳ କୋହଲିଙ୍କ ପଛରେ ନ ପଡ଼ି ଆମକୁ ଭାରତୀୟ ଟପ୍ ଅର୍ଡରକୁ କବଳିତ କରିବାକୁ ପଡ଼ିବ ।

–ରସ୍ ଟେଲର, ନ୍ୟୁଜିଲାଣ୍ଡର ବରିଷ୍ଠ ବ୍ୟାଟ୍ସମ୍ୟାନ





ମ୍ୟାଚ୍ ବିଜୟ ପରେ ସେରେନା ୱିଲିୟମ୍ସ ଓ ନାଓମି ଓସାକାଙ୍କ ପ୍ରତିକ୍ରିୟା।

# କ୍ୱାର୍ଟରରେ ସେରେନା, ଜୋକୋଭିଚ୍

**ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍**

**ମେଲବୋର୍ନ,୨୧।୧(ଏଏଫପି)** ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ନାମେଣ୍ଟରେ ଦୁଇ ଅଭିଜ୍ଞ ଖେଳାଳି ଆମେରିକାର ସେରେନା ଉଇଲିୟମ୍ସ ଓ ନୋଭାକ୍ ଜୋକୋଭିଚ୍‌ଙ୍କ ବିଜୟ ଅଭିଯାନ ଜାରି ରହିଛି। ଅନ୍ୟକେତେକ ସିଡେଡ ଖେଳାଳିଙ୍କ ସହ ଏହି ଦୁଇ ଖେଳାଳି ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ୧୬ତମ ସିଡ ମାନ୍ୟତା ପାଇଥିବା ସେରେନା ୬-୧, ୪-୬, ୬-୪ ସେଟରେ ଟପ୍ ସିଡ ରୋମାନିଆର ସିମୋନା ହାଲେପଙ୍କୁ ପରାସ୍ତ କରି ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲର ନିକଟତର ହୋଇଛନ୍ତି। ମା' ହେବାପରେ ସେରେନାଙ୍କର ଏହା ସର୍ବବୃହତ୍ ବିଜୟ ସାବ୍ୟସ୍ତ ହୋଇଛି। ସେହିପରି ପୁରୁଷ ସିଙ୍ଗଲ୍ସରେ ଟପ୍‌ସିଡ ଜୋକୋଭିଚ୍ ୬-୪, ୬-୭, ୬-୨, ୬-୩ ସେଟରେ ୧୫ତମ ସିଡ୍ ଖେଳାଳି ଡାନିଲି ମେଡଭେଡେଭଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରରେ ଜୋକୋଭିଚ୍ ଜାପାନର କେଇ ନିଶିକୋରୀଙ୍କୁ ଭେଟିବେ।

ପୁରୁଷ ସିଙ୍ଗଲ୍ସର ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଅଷ୍ଟମ ସିଡ କେଇ ନିଶିକୋରୀ ୬-୭, ୪-୬, ୭-୬, ୬-୪, ୭-୬ ମାରାଥନ ସେଟରେ ସ୍ପେନର ପାବ୍ଲୋ କାରେନୋ ବୁଷ୍ଟାଙ୍କୁ ହରାଇ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ ସ୍ପେନ୍‌ର ରାଫାଲ ନାଡାଲ ୬-୦, ୬-୧, ୭-୬ ସେଟରେ ଚେକ୍ ଗଣରାଜ୍ୟର ଟମାସ ବର୍ଡିଚ୍‌ଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ନାଡ଼ାଲ କ୍ୱାର୍ଟରରେ ଆମେରିକାର ଫ୍ରାନସେସ୍ ଟିଆଫୋଙ୍କୁ ଭେଟିବେ। ଫ୍ରାନସେସ୍ ୭-୫, ୭-୬, ୬-୭, ୭-୫ ସେଟରେ ୨୦ତମ ସିଡ ଗ୍ରିସର ଡିମିଟ୍ରୋଭଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି କାନାଡ଼ାର ମିଲୋସ ରାଓନିକ୍ ଚତୁର୍ଥ ସିଡ ଜର୍ମାନୀର ଆଲେକଜାଣ୍ଡାର ଭେରେଭଙ୍କୁ ୬-୧, ୬-୧, ୭-୬ ସେଟରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି। କ୍ୱାର୍ଟରରେ ସେ ଲୁକାସ ପାଓଲିଙ୍କୁ ଭେଟିବେ। ପାଓଲି ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ୬-୭, ୬-୪, ୭-୫, ୭-୬ ସେଟରେ ବର୍ନା କୋରିକଙ୍କୁ ହରାଇ, ସ୍ପେନର ରୋବେର୍ଟୋ ବତିସ୍ତା ଅଗୁଟ ୬-୭, ୬-୩, ୬-୨, ୪-୬, ୬-୪ ସେଟ୍‌ରେ କ୍ରୋଏସିଆର ମାରିନ ସିଲିକଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ତେବେ ଅଭିଜ୍ଞ ରୋଜର ଫେଡରରଙ୍କ ବିପର୍ଯ୍ୟୟ ଘଟିଛି। ତୃତୀୟ ସିଡ ଫେଡରର ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ୭-୬, ୬-୭, ୫-୭, ୬-୭ ସେଟରେ ୧୪ତମ ସିଡ ଗ୍ରୀସ୍‌ର ଷ୍ଟିଫାନୋସ ସିଟ୍‌ସିପାସଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

ମହିଳା ସିଙ୍ଗଲ୍ସରେ ସେରେନା କ୍ୱାର୍ଟର ଫାଇନାଲରେ ସପ୍ତମ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭାଙ୍କୁ ଭେଟିବେ। ପ୍ଲିସ୍କୋଭା ଚତୁର୍ଥ ରାଉଣ୍ଡରେ ୬-୩,୬-୧ ସେଟରେ ଗାର୍ବାଇନ୍ ମୁଗୁରୁଜାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଚତୁର୍ଥ ସିଡ ଜାପାନର ନାଓମି ଓସାକା ୪-୬, ୬-୩, ୬-୪ ସେଟରେ ଲାଟଭିଆର ଅନାଷ୍ଟାସିଜା ସେଭାଶୋଭାଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ତେବେ ଦ୍ୱିତୀୟ ସିଡ ଆଞ୍ଜେଲିକ୍ କର୍ବର ୦-୬, ୨-୬ ସେଟରେ ଆମେରିକାର ଡାନିଏଲେ କଲିନ୍ସଙ୍କଠାରୁ ଚତୁର୍ଥ ରାଉଣ୍ଡରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ସେହିପରି ଅଭିଜ୍ଞ ରୁଷିଆ ଖେଳାଳି ମାରିଆ ସାରାପୋଭା ୬-୪,୧-୬ ୪-୬ ସେଟରେ ଅଷ୍ଟ୍ରେଲିଆର ଆସେଲେ ବାର୍ଟିଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଚେକ୍ ଗଣରାଜ୍ୟର ପେଟ୍ରା କ୍ଭିଟୋଭା ୬-୨, ୬-୧ ସେଟ୍‌ରେ ଆମେରିକାର ଅମାଣ୍ଡା ଆନିସିମୋଭାଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି।

## ଅଞ୍ଜଳି, କାଜଲଙ୍କ ଅର୍ଦ୍ଧଶତକ, ଓଡ଼ିଶା ବିଜୟୀ

**କଟକ ଅଫିସ,୨୧।୧:** ରାଜକୋଟର ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ୨୩ ବର୍ଷରୁ କମ୍ ଟି-୨୦ ଟୁର୍ନାମେଣ୍ଟରେ ଓଡ଼ିଶା ୮୬ ରନରେ ଜମ୍ମୁ କଶ୍ମୀରକୁ ପରାସ୍ତ କରିଛି । ଟୁର୍ନାମେଣ୍ଟର ପ୍ରଥମ ୩ଟି ମ୍ୟାଚ ବିଜୟୀ ହେବା ପରେ ଗତ ମ୍ୟାଚ୍‌ରେ ଓଡ଼ିଶା ୬ ଉଇକେଟରେ ବିଦର୍ଭଠାରୁ ପରାସ୍ତ ହୋଇଥିଲା। ଜମ୍ମୁ-କଶ୍ମୀର ବିପକ୍ଷ ମ୍ୟାଚ୍‌କୁ ସହଜରେ ଜିତି ଓଡ଼ିଶା ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଛି । ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ନେତୃତ୍ୱାଧୀନ ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ବିନା ଉଇକେଟରେ ୧୬୦ରନ ସଂଗ୍ରହ କରିଥିଲା ଦୁଇ ଓପନର କାଜଲ ଜେନା ଓ ଅଞ୍ଜଳି ସିଂ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ ଆକ୍ରମଣାତ୍ମକ ଶୈଳୀରେ ବ୍ୟାଟିଂ କରିଥିବା ଓଡ଼ିଶା ୬.୩ ଓଭରରେ ୫୦ରନ ପୂରଣ କରିଥିଲା। ଅଞ୍ଜଳି ୪୨ଟି ବଲରୁ ଓ କାଜଲ ୩୯ଟି ବଲରୁ ଅର୍ଦ୍ଧଶତକ ହାସଲ କରିଥିଲେ। ୧୬ଟି ଚୌକା ବଳରେ ଅଞ୍ଜଳି ଅପରାଜିତ ୯୭ ରନ କରିବା ସହ ଶତକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। କାଜଲ ୫୬ରନରେ ଅପରାଜିତ ଥିଲେ। ୧୬୧ରନର ପିଛା କରି ବ୍ୟାଟିଂ କରିଥିବା ଜମ୍ମୁ କଶ୍ମୀର ୯ ଉଇକେଟ ହରାଇ ୭୪ ରନ କରିଥିଲା। ୭ ରନରେ ପ୍ରଥମ ୩ଟି ଓ ୧୮ ରନରେ ଦଳ ୬ଟି ଉଇକେଟ ହରାଇଥିଲା। ନିମ୍ନକ୍ରମର ବ୍ୟାଟ୍ସଓମ୍ୟାନ ହୁମାଇରା ଫାରୁକ ଦ୍ରୁତ ୪୧ରନ କରିଥିଲେ। ଓଡ଼ିଶା ପକ୍ଷରୁ ବର୍ଷାରାଣୀ ସିଂ ସର୍ବାଧିକ ୩ଟି ଉଇକେଟ ଦଖଲ କରିଥିବା ବେଳେ ଶୁଭ୍ର ନିର୍ଝରିଣୀ ସ୍ୱାଇଁ ଓ ରାଜଶ୍ରୀ ସ୍ୱାଇଁ ୨ଟି ଲେଖାଏ, ସୁଶ୍ରୀ ଦିବ୍ୟଦର୍ଶିନୀ, ଲୁଇସା ଦାସ, ଇନ୍ଦ୍ରାଣୀ ଛତ୍ରିଆ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



କାଜଲ ଜେନା ଓ ଅଞ୍ଜଳି ସିଂ।

## ଆନନ୍ଦ ମିଳିତ ଅଗ୍ରଣୀ

**ୱିଜ୍ ଆନ୍ ଜୀ (ନେଦରଲାଣ୍ଡ୍ସ), ୨୧।୧ (ପି.ଟି.):** ଏଠାରେ ଚାଲିଥିବା ଟାଟା ଷ୍ଟିଲ ଚେସ୍ ଟୁର୍ନାମେଣ୍ଟରେ ୫ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଆଜରବୈଜାନର ଶାଖ୍ରିୟାର ମାମେଦୟାରୋଭଙ୍କୁ ହରାଇ ଦେଇଛନ୍ତି। ଏହି ବିଜୟ ଦ୍ୱାରା ୮ମ ରାଉଣ୍ଡ ଖେଳ ପରେ ଆନନ୍ଦ ନରୱେର ମାଗ୍ନସ କାର୍ଲସେନଙ୍କ ସହିତ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ଭାରତୀୟ ଖେଳାଳି ବର୍ତ୍ତମାନ ସମ୍ଭାବ୍ୟ ୮ରୁ ୫.୫ ପଏଣ୍ଟ ଅର୍ଜନ କରିପାରିଛନ୍ତି। ଅନ୍ୟପକ୍ଷରେ ବିଶ୍ୱ ଚାମ୍ପିୟନ କାର୍ଲସେନ ୮ମ ରାଉଣ୍ଡରେ ହଙ୍ଗେରୀର ରିଚାର୍ଡ ରାପୋର୍ଟଙ୍କୁ ପରାସ୍ତ କରିଛନ୍ତି। ମିଳିତ ଅଗ୍ରଣୀ ଲାଭ କରିଥିବା ଆନନ୍ଦ ଓ କାର୍ଲସେନଙ୍କଠାରୁ ଅଧା ପଏଣ୍ଟ ପଛରେ ରୁଷିଆର ଇଆନ ନେପମନିଆଚି, ଚାଇନାର ଡିଙ୍ଗ୍ ଲିରେନ ଏବଂ ସ୍ଥାନୀୟ ଷ୍ଟାର ଖେଳାଳି ଆନିଶ ଗିରି ରହିଛନ୍ତି। ଆଜରବୈଜାନର ତିମୋର ରାଦ୍‌ଜାବୋଭ ୪.୫ ପଏଣ୍ଟ ସହ ଏକମାତ୍ର ଖେଳାଳି ଭାବେ ୬ଷ୍ଠ ସ୍ଥାନରେ ଅଛନ୍ତି। ଅନ୍ୟଜଣେ ଭାରତୀୟ ଖେଳାଳି ଭିଦିତ୍ ଗୁଜରାଟୀ ୪ପଏଣ୍ଟ ସହ ମିଳିତ ୭ମ ସ୍ଥାନରେ ଅଛନ୍। ୱିଜ୍ ଆନ୍ ଜୀ ଫେଭରାଇଟ୍ ଗ୍ରାଉଣ୍ଡ ହୋଇଥିବାରୁ ଫର୍ମରେ ଥିବା ଆନନ୍ଦଙ୍କଠାରୁ ଭଲ ଆଶା କରାଯାଉଛି।

## କିଲିମାଞ୍ଜାରୋ ଆରୋହଣ ଅଭିଯାନରେ କୁଶ, ଲିପିକା




ଫ୍ଲାଗ୍-ଅଫ୍ ସେରିମନି ଅବସରରେ କୁଶ ଆର୍ଲବ ଓ ଲିପିକା ସେଠ୍।

**ଭୁବନେଶ୍ୱର, ୨୧।୧(କ୍ରୀଡ଼ା ପ୍ରତିନିଧି):** ଆଫ୍ରିକା ମହାଦେଶର ଉଚ୍ଚତମ ଶୃଙ୍ଗ କିଲିମାଞ୍ଜାରୋ (୫,୮୯୫ ମି/୧୯,୩୪୦ ଫୁଟ) ଆରୋହଣ କରିବେ ଓଡ଼ିଶାର ଦୁଇ ପର୍ବତାରୋହି ପ୍ରତିଭା କୁଶ ଆର୍ଲବ ଓ ଲିପିକା ସେଠ୍। ଏହି ଅଭିଯାନରେ କୋରାପୁଟ ଜିଲାର କୁଶ ଓ ବରଗଡ଼ର ଲିପିକା ସୋମବାର ଦକ୍ଷିଣ ଆଫ୍ରିକା ଅଭିମୁଖେ ଯାତ୍ରା କରିଛନ୍ତି। କୁଶ ଓ ଲିପିକାଙ୍କୁ ବିଦାୟ ଜଣାଇବା ପାଇଁ ଏଠାରେ ଏକ ଫ୍ଲାଗ୍ ଅଫ୍ ସେରିମନି ଆୟୋଜନ ହୋଇଥିଲା। ଏଥିରେ ଏସିଆ ପାସିଫିକ୍ ହାବିଟାଟ୍ ସୋସାଇଟି ସମ୍ପାଦକ ଡ. ୱିଲିୟମ ହେନେଜ ଉପସ୍ଥିତ ରହି ଦୁଇ ଉଦୀୟମାନ ପର୍ବତାରୋହୀଙ୍କୁ ଜାତୀୟ ପତାକା ଦେଖାଇ ଶୁଭକାମନା ଜଣାଇଥିଲେ। ଭୁବନେଶ୍ୱର ଜିଲା ଯୁବ ବିଜେଡି ସଭାପତି ଅମରଜିତ ସେନାପତି ଓ ଉପସଭାପତି ସଞ୍ଜିତ ସେନାପତି, ଦିବାକର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ କିଲିମାଞ୍ଜାରୋ ଆରୋହଣ ଅଭିଯାନ ଚଳିତ ମାସ ୩୦ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଏମସିଏଲ ସହଯୋଗରେ ଲିପିକା ଏବଂ ଭୁବନେଶ୍ୱର ସ୍କୁଲ ଅଫ୍ ଆଡ୍‌ଭେଞ୍ଚର୍ସ ସହଯୋଗରେ କୁଶ ଏହି ଅଭିଯାନରେ ବାହାରିଛନ୍ତି। ଲିପିକା ଜବାହର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାଉଣ୍ଟେନରିଂ ପର୍ବତାରୋହଣ ଅନୁଷ୍ଠାନରୁ ଶିକ୍ଷାଲାଭ କରିଛନ୍ତି। ସେ ପୂର୍ବରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଦ୍ୱାରା ପରିଚାଳିତ ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନ ପ୍ରଥମ ସଂସ୍କରଣର ସଦସ୍ୟଭାବେ ରୁଦୁଗାଇରା(୧୯,୦୯୧ଫୁଟ) ଶୃଙ୍ଗକୁ ସଫଳତାର ସହ ଆରୋହଣ କରିଥିଲେ। ସେହିପରି କୋରାପୁଟ ଜିଲା ଆଦିବାସୀ ସମ୍ପ୍ରଦାୟର କୁଶ ହିମାଳୟାନ ମାଉଣ୍ଟେନରିଂ ଇନ୍‌ଷ୍ଟିଚ୍ୟୁଟ୍‌ରୁ ପ୍ରଶିକ୍ଷଣ ନେଇଛନ୍ତି। କିଲିମାଞ୍ଜାରୋ ଅଭିଯାନରେ ଦେଶ ବିଦେଶରୁ ମୋଟ ୮ ପର୍ବତାରୋହୀ ଭାଗ ନେଉଛନ୍ତି। ସେମାନଙ୍କ ମଧ୍ୟରେ ଭାରତର ୩ ପର୍ବତାରୋହୀ ସାମିଲ।

# ହକି ସିରିଜ୍ ଫାଇନାଲ୍ସ: ଭୁବନେଶ୍ୱରରେ ପୁରୁଷ, ହିରୋସିମାରେ ମହିଳା ଦଳ ଖେଳିବ

**୨୦୨୦ ଟୋକିଓ ଅଲିମ୍ପିକ୍ସର ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ଏଫଆଇଏଚ୍ ସିରିଜ ଫାଇନାଲ୍ସ ଚଳିତ ବର୍ଷ ଅନୁଷ୍ଠିତ ହେବ । ଭାରତୀୟ ପୁରୁଷ ଦଳ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଏବଂ ମହିଳା ଦଳ ଜାପାନର ହିରୋସିମାଠାରେ ଏହି ପ୍ରତିଯୋଗିତା ଖେଳିବ ।**

**ଭୁବନେଶ୍ୱର, ୨୧।୧(କ୍ରୀଡ଼ା ପ୍ରତିନିଧି):** ଗତବର୍ଷ ହକି ବିଶ୍ୱକପ କଳିଙ୍ଗ ଷ୍ଟାଡିୟମରେ ସଫଳତାର ସହ ସମ୍ପନ୍ନ ହୋଇଥିବାବେଳେ ଚଳିତ ବର୍ଷ ଏଠାରେ ଅନୁଷ୍ଠିତ ହେବାକୁ ଯାଉଛି ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍) ସିରିଜ ଫାଇନାଲ୍ସ। ୨୦୧୯ରେ ହକି ସିରିଜ ଫାଇନାଲ୍ସର ମୋଟ ୩ଟି ଚରଣ ଅନୁଷ୍ଠିତ ହେବ। ପୁରୁଷ ବିଭାଗର ଦ୍ୱିତୀୟ ଚରଣ ଜୁନ ୬ରୁ ୧୬ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଖେଳାଯିବ। ଏଫଆଇଏଚ୍ ପକ୍ଷରୁ ଲାଉସାନେଠାରେ ସୋମବାର ଆନୁଷ୍ଠାନିକଭାବେ ଏହା ଘୋଷଣା କରାଯାଇଛି। ୨୦୨୦ ଅଲିମ୍ପିକ୍ସର ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ଏହା କ୍ୱାଲିଫାଇଂ ପ୍ରତିଯୋଗିତାଭାବେ ବିବେଚିତ ହେଉଛି। ଏହି ଟୁର୍ନାମେଣ୍ଟର ଶ୍ରେଷ୍ଠ ୨ଟି ଦଳ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟ ବିବେଚିତ ହେବ। ପ୍ରକାଶ ଯୋଗ୍ୟ ଯେ, ଭୁବନେଶ୍ୱରରେ ଏହି ଟୁର୍ନାମେଣ୍ଟ ହେବ ବୋଲି ଗତ ହକି ବିଶ୍ୱକପ ଅବସରରେ ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍) ସଭାପତି ନରିନ୍ଦର ବାତ୍ରାଙ୍କ ଉପସ୍ଥିତିରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ୨୦୧୮ ଡିସେମ୍ବର ୧୨ ତାରିଖରେ ଘୋଷଣା କରିଥିଲେ। ଏଥିରେ ଭାରତ, ଜାପାନ, ଦକ୍ଷିଣ ଆଫ୍ରିକା, ମେକ୍ସିକୋ, ପୋଲାଣ୍ଡ, ରୁଷିଆ, ଉଜବେକିସ୍ତାନ ଓ ଆମେରିକା ଭାଗନେବେ। ଏସିଆ କପ୍ ଜିତିଥିବାରୁ ଜାପାନ ଅଲିମ୍ପିକ୍ସ ଯୋଗ୍ୟତା ପାଇ ସାରିଛି। ତେଣୁ ଏଥିରେ ଯଦି ଜାପାନ ଚାମ୍ପିୟନ ହୁଏ କିମ୍ବା ଦ୍ୱିତୀୟ ସ୍ଥାନରେ ରୁହେ ତେବେ ପରବର୍ତ୍ତୀ ସ୍ଥାନରେ ଥିବା ଦଳ ଥି କରିବା ସମ୍ଭାବନା ରହିଛି। ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଚଳିତବର୍ଷ ଅକ୍ଟୋବର/ନଭେମ୍ବରରେ ଖେଳାଯିବ। ପୁରୁଷ ଦଳ ଭଳି ଭାରତୀୟ ମହିଳା ଦଳ ମଧ୍ୟ ହକି ସିରିଜ ଫାଇନାଲ୍ସ ଖେଳିବ। ହିରୋସିମାରେ ଜୁନ ୧୫ରୁ ୨୩ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଭାରତ, ଚିଲି, ଫିଜି, ମେକ୍ସିକୋ, ପୋଲାଣ୍ଡ, ରୁଷିଆ ଓ ଉରୁଗୁଏ ଭାଗନେବେ।

ପୁରୁଷ ହକି ସିରିଜ ଫାଇନାଲ୍ସର ପ୍ରଥମ ଚରଣ ମାଲେସିଆର କୁଆଲାଲମ୍ପୁରଠାରେ ଅନୁଷ୍ଠିତ ହେବ। ୨୦୧୯ ଏପ୍ରିଲ ୨୬ରୁ ମେ ୪ ପର୍ଯ୍ୟନ୍ତ ହେବାକୁଥିବା ପ୍ରତିଯୋଗିତାରେ କାନାଡ଼ା, ଚାଇନା, ମାଲେସିଆ, ଅଷ୍ଟ୍ରିଆ, ବ୍ରାଜିଲ, ଇଟାଲି, ଭାନୁଆଟୁ ଓ ୱେଲ୍ସ ଭାଗନେବେ। ସେହିପରି ତୃତୀୟ ଚରଣ ଜୁନ ୧୫ରୁ ୨୩ ପର୍ଯ୍ୟନ୍ତ ଫ୍ରାନ୍ସର ଲି ଟୌକ୍ୱେଟଠାରେ ଖେଳାଯିବ। ଏଥିରେ ଫ୍ରାନ୍ସ, ଆୟର୍ଲାଣ୍ଡ, ଦକ୍ଷିଣ କୋରିଆ, ଚିଲି, ସିଙ୍ଗାପୁର, ସ୍କଟଲାଣ୍ଡ ଓ ଇଜିପ୍ଟ ଭାଗନେବେ। ଅଲିମ୍ପିକ୍ସରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ମହାଦେଶୀୟ ଟୁର୍ନାମେଣ୍ଟର ଟାଇଟଲ ହାସଲକାରୀ ୬ଟି ଦଳ ସିଧାସଳଖ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପାଇବେ। ଅନ୍ୟ ୬ଟି ସ୍ଥାନ ପାଇଁ ଏକ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ହେବ। ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରେ ମଧ୍ୟ ୧୨ଟି ଦଳ ଅଂଶଗ୍ରହଣ କରିବେ। ଏଫଆଇଏଚ୍ ପ୍ରୋ ଲିଗ୍‌ର ଶ୍ରେଷ୍ଠ ୪ଟି ଦଳ, ତିନୋଟି ହକି ସିରିଜ ଫାଇନାଲ୍ସରୁ ୨ଟି ଲେଖାଏ ଦଳ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ କ୍ୱାଲିଫାଇ କରିବେ। ଅବଶିଷ୍ଟ ୨ଟି ସ୍ଥାନ ପାଇଁ ର୍‍ୟାଙ୍କିଙ୍ଗ୍ ଦେଖାଯିବ। ଯୋଗ୍ୟତା ପାଇ ନ ଥିବା ଦଳଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ର୍‍ୟାଙ୍କ୍‌ପ୍ରାପ୍ତ ୨ଟି ଦଳ ଏଥିରେ ସାମିଲ ହେବେ। ଏହି ୧୨ଟି ଦଳକୁ ନେଇ ହେବାକୁ ଥିବା ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରୁ ୬ଟି ଦଳ ଅଲିମ୍ପିକ୍ସ ଯୋଗ୍ୟତା ପାଇବେ। ଏହି ୬ ଦଳ ଏବଂ ମହାଦେଶୀୟ ଟୁର୍ନାମେଣ୍ଟ ବିଜେତା ୬ ଦଳ ଏହିପରି ୧୨ଟି ଦଳ ଅଲିମ୍ପିକ୍ସରେ ଭାଗନେବେ। ଏଫଆଇଏଚ୍ ପ୍ରୋ ଲିଗ୍ ନେଦରଲାଣ୍ଡ୍ସର ଆମଷ୍ଟେଲଭିନଠାରେ ୨୦୧୯ ଜୁନ ୧୯ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲଜିୟମ, ଜର୍ମାନୀ, ଗ୍ରେଟ୍ ବ୍ରିଟେନ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ସ୍ପେନ ଭାଗ ନେବାର କାର୍ଯ୍ୟକ୍ରମ ରହିଛି।

**କଳିଙ୍ଗରେ ଖେଳିବେ**

**ଭାରତ, ଜାପାନ, ଦକ୍ଷିଣ ଆଫ୍ରିକା, ମେକ୍ସିକୋ, ପୋଲାଣ୍ଡ, ରୁଷିଆ, ଉଜବେକିସ୍ତାନ ଓ ଆମେରିକା ।**

## ପୂର୍ଣ୍ଣଚନ୍ଦ୍ର-ଆଲୋକ ସ୍ମାରକୀ କ୍ରିକେଟ: ବଙ୍କୁଦ ଚାମ୍ପିୟନ

**ଫୁଲନଖରା, ୨୧।୧ (ଡି.ଏନ୍.ଏ.)** କଟକ ସଦର ଉତ୍ତର ଉଷୁମା ଗ୍ରାମରେ ଅନୁଷ୍ଠିତ ପୂର୍ଣ୍ଣଚନ୍ଦ୍ର-ଆଲୋକ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ମୂଳକୋଦିଣ୍ଡା ଟିମ୍‌କୁ ପରାସ୍ତ କରି ବଙ୍କୁଦର ମା ଯୋଗୀଆଣି କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିତି ବଙ୍କୁଦ ୧୬ ଓଭରରେ ୬ ଉଇକେଟ୍ ହରାଇ ୧୫୧ ରନ କରିଥିଲା। ଜବାବରେ ମୂଳକୋଦିଣ୍ଡା ୮ ଉଇକେଟ୍ ବିନିମୟରେ ୧୨୨ ରନ କରିବାକୁ ସକ୍ଷମ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସରପଞ୍ଚ ଯତୀନ୍ଦ୍ର ନାଥ ସାହୁ ମୁଖ୍ୟଅତିଥି ଭାବେ ଏବଂ ଗଣେଶ ଚନ୍ଦ୍ର ସାହୁ ଓ ପ୍ରଣୟ ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ବଙ୍କୁଦର ବୁଲୁ ସ୍ୱାଇଁ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଓ ମୂଳକୋଦିଣ୍ଡାର ସରୋଜ ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଚାମ୍ପିୟନ ବଙ୍କୁଦର ଯୋଗୀଆଣି କ୍ରିକେଟ କ୍ଲବକୁ ୧୦ ହଜାର ଟଙ୍କା ଓ ଟ୍ରଫି ଏବଂ ମୂଳକୋଦିଣ୍ଡା ଟିମ୍‌କୁ ୬ ହଜାର ଟଙ୍କା ଓ ଟ୍ରଫି ମୁଖ୍ୟ ଅତିଥି ପ୍ରଦାନ କରିଥିଲେ।



ଚାମ୍ପିୟନ ବଙ୍କୁଦ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଏଟିପି ମାନ୍ୟତାରେ ଟପ୍-୫ରୁ ଖସିଲେ ଫେଡରର

**ମେଲବୋର୍ନ, ୨୧।୧:** ଅଷ୍ଟ୍ରେଲିଆନ ଓପନ୍‌ର ରାଉଣ୍ଡ-୧୬ରେ ପରାଜୟବରଣ କରିବା ସୁଇଜରଲାଣ୍ଡ ଟେନିସ ତାରକା ରୋଜର ଫେଡରର ପାଇଁ ମହଙ୍ଗା ପଡ଼ିଛି। ରବିବାର ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଫେଡରର ଗ୍ରୀକର ଷ୍ଟିଫାନୋସ ସିତ୍‌ସିପାସଙ୍କଠାରୁ ହାରିଯାଇଥିଲେ। ଫଳରେ ବିଶ୍ୱ ପୁରୁଷ ସିଙ୍ଗଲ୍ସ ମାନ୍ୟତାରେ ଫେଡରର ଟପ୍-୫ରୁ ବାହାର ହୋଇଛନ୍ତି। ସଦ୍ୟ ପ୍ରକାଶିତ ଏଟିପି ମାନ୍ୟତାରେ ଏହି ସୁଇସ୍ ତାରକା ୩ଟି ପାହାଚ ତଳକୁ ଖସି ୬ଷ୍ଠ ସ୍ଥାନରେ ରହିଛନ୍ତି। ଜର୍ମାନୀର ଆଲେକ୍ସଜାଣ୍ଡର ଜେଭରେଭ ୩ୟ ସ୍ଥାନକୁ ଉଠିଛନ୍ତି। ଅଷ୍ଟ୍ରେଲିଆନ୍ ଓପନ୍‌ର ୨ୟ ରାଉଣ୍ଡରେ ପରାଜୟବରଣ କରିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକାର କେଭିନ ଆଣ୍ଡରସନ ଗୋଟିଏ ସ୍ଥାନ ଉପରକୁ ଉଠି ଟପ୍-୫ରେ ରହିଛନ୍ତି।

## ଏପ୍ରିଲରେ ଓସିଏ ଘରୋଇ ଟୁର୍ନାମେଣ୍ଟ

# ଦୁଇଦିନିଆ ହେବ କଳାହାଣ୍ଡି କପ୍

**କଟକ ଅଫିସ, ୨୧।୧**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ହେବାକୁ ଥିବା ଆଗାମୀ ଘରୋଇ ଟୁର୍ନାମେଣ୍ଟଗୁଡ଼ିକର ଖେଳ ସୂଚୀ ଘୋଷଣା କରାଯାଇଛି। ଆସନ୍ତା ଏପ୍ରିଲରୁ ୧୬ ବର୍ଷରୁ କମ୍ ବାଳକ ଆନ୍ତଃ ଜିଲା, ୧୯ ବର୍ଷରୁ କମ୍ ବାଳକ ଆନ୍ତଃ ଜିଲା, ଆନ୍ତଃ ଜିଲା ମହିଳା ଓ କଳାହାଣ୍ଡି କପ୍ ଆରମ୍ଭ ହେବ। ପ୍ରଥମ ଥର ନିମନ୍ତେ କଳାହାଣ୍ଡି କପ ମ୍ୟାଚ୍ ଗୁଡ଼ିକ ଦ୍ୱି-ଦିବସୀୟ କରାଯାଇଛି। ସିନିୟର ମହିଳା ଟୁର୍ନାମେଣ୍ଟକୁ ବାଦ ଦେଇ ଅନ୍ୟ ଦୁଇଟି ଯାକ ଟୁର୍ନାମେଣ୍ଟ ମଧ୍ୟ ଏହି ପର୍ଯ୍ୟାୟରେ କରାଯିବ। ତେବେ କେବଳ ଲିଗ୍ ପର୍ଯ୍ୟାୟ ଦ୍ୱି-ଦିବସୀୟ ହେବାକୁ ଥିବା ବେଳେ ସୁପର ଲିଗ୍ ଓ ନକଆଉଟ ପର୍ଯ୍ୟାୟ ମ୍ୟାଚ ଏକଦିବସୀୟ ବିଶିଷ୍ଟ ହେବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଦ୍ୱାରା ବିଭିନ୍ନ ବୟସ ବର୍ଗରେ ହେଉଥିବା ଟୁର୍ନାମେଣ୍ଟର ଫର୍ମାଟରେ ଓଡ଼ିଶା ଖେଳାଳିଙ୍କୁ ତାଲିମ କରିବା ଉଦ୍ଦେଶ୍ୟରେ ଦୁଇଦିନିଆ ମ୍ୟାଚ୍‌ର ଯୋଜନା ହୋଇଛି ବୋଲି ଓସିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ରବିବାର ମଧ୍ୟାହ୍ନରେ ଓସିଏ କାର୍ଯ୍ୟକାରୀ କମିଟି ପକ୍ଷରୁ ଏ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା ।

ଏପ୍ରିଲ ୨ ତାରିଖରୁ ଓସିଏର ଘରୋଇ ଟୁର୍ନାମେଣ୍ଟ ଆରମ୍ଭ ହେବ। ୨ରେ ୧୬ ବର୍ଷରୁ କମ୍ ବାଳକ ଆନ୍ତଃ ଜିଲା ଟୁର୍ନାମେଣ୍ଟ ହେବାକୁ ଥିବା ବେଳେ ୧୫ରୁ ୧୯ ବର୍ଷରୁ କମ୍ ବାଳକ ଆନ୍ତଃ ଜିଲା, ୨୦ରୁ ସିନିୟର ମହିଳା ଆନ୍ତଃ ଜିଲା ଓ ୨୫ରୁ କଳାହାଣ୍ଡି କପ୍ ହେବ। କଟକର ବିଭିନ୍ନ ଭେନ୍ୟୁରେ ମ୍ୟାଚଗୁଡ଼ିକ ଖେଳାଯିବ। ମ୍ୟାଚ୍ ସୂଚୀ ଓ ନିୟମ ସମ୍ପର୍କରେ ଖୁବ୍‌ଶୀଘ୍ର ଓସିଏ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇବ। ଦଳଗୁଡ଼ିକ ପ୍ରବେଶ ଦେୟ ଦାଖଲର ଶେଷ ତାରିଖ ଫେବୃୟାରୀ ୨୦ ଧାର୍ଯ୍ୟ କରାଯାଇଛି। ମାର୍ଚ୍ଚ ୩ ତାରିଖ ସୁଦ୍ଧା ଭାଗ ନେବାକୁ ଥିବା ଦଳଗୁଡ଼ିକ ସେମାନଙ୍କ ଖେଳାଳି ତାଲିକା ପଠାଇବେ। ଅତିବେଶିରେ ୨୫ଜଣ ଖେଳାଳିଙ୍କ ନାମ ଗୋଟିଏ ଟୁର୍ନାମେଣ୍ଟ ନିମନ୍ତେ ପଞ୍ଜୀକରଣ କରିପାରିବେ। ଅରିଜିନାଲ ଜନ୍ମଗତ ପ୍ରମାଣପତ୍ର ସମେତ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ ହୋଇଥିବା ସତ୍ୟପାଠ ଓ ବିଭିନ୍ନ ଆବଶ୍ୟକୀୟ ସାର୍ଟିଫିକେଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ୧୬ ବର୍ଷରୁ କମ୍ ଟୁର୍ନାମେଣ୍ଟରେ ଭାଗ ନେବାକୁ ଥିବା ଖେଳାଳିଙ୍କ ଜନ୍ମ ୨୦୦୩ ସେପ୍ଟେମ୍ବର ୧ ତାରିଖ କିମ୍ବା ଏହା ପରେ ହୋଇଥିବା ଆବଶ୍ୟକ। ସେହିପରି ୧୯ ବର୍ଷରୁ କମ ଟୁର୍ନାମେଣ୍ଟରେ ଭାଗ ନେବାକୁ ଥିବା ଖେଳାଳିଙ୍କ ଜନ୍ମ ୨୦୦୦ ମସିହା ସେପ୍ଟେମ୍ବର ୧ ତାରିଖ କିମ୍ବା ଏହା ପରେ ହୋଇଥିବା ଆବଶ୍ୟକ ବୋଲି ମାପଦଣ୍ଡ ସ୍ଥିର କରାଯାଇଛି ।




## ପାଣ୍ଡ୍ୟା-ରାହୁଲ ପ୍ରଭାବ

# ବ୍ୟବହାରିକ ପରାମର୍ଶ କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ, ୨୧।୧ (ପି.ଟି.):** ମହିଳାଙ୍କ ଉପରେ ବିବାଦୀୟ ମନ୍ତବ୍ୟ ପରେ କ୍ରିକେଟର କେ.ଏଲ୍. ରାହୁଲ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଅଡୁଆରେ ପଡ଼ିଛନ୍ତି। ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ଘଟେ ସେଥିଲାଗି ପ୍ରଶାସକ କମିଟି (ସିଓଏ) ଭାରତୀୟ ଟିମ୍ ପାଇଁ ବ୍ୟବହାରିକ ପରାମର୍ଶ କାର୍ଯ୍ୟକ୍ରମ ପ୍ରଚଳନ ଲାଗି ବିଚାର କରୁଛି। ରାହୁଲ ଓ ପାଣ୍ଡ୍ୟା ଇତିମଧ୍ୟରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ସସ୍‌ପେଣ୍ଡ ହୋଇସାରିଛନ୍ତି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଣେ ଅମ୍ବୁଡ୍‌ସମ୍ୟାନ ଏହି କ୍ରିକେଟରଦ୍ୱୟଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ପ୍ରସ୍ତାବିତ କାର୍ଯ୍ୟକ୍ରମରେ ସମସ୍ତ ବୟସ ବର୍ଗର ଜାତୀୟ ଦଳ ଏବଂ ଏ' ଦଳକୁ ସାମିଲ କରାଯିବ। ଭାରତୀୟ ସିନିୟର ଦଳ ସହିତ ଇମର୍ଜିଂ ଏ' ଦଳ ଏବଂ ୧୯ ବର୍ଷରୁ କମ୍ ଦଳର ଖେଳାଳିମାନଙ୍କୁ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନସିଏ)ଠାରେ ବ୍ୟବହାରିକ ପରାମର୍ଶ କାର୍ଯ୍ୟକ୍ରମରେ ସାମିଲ ହେବାକୁ ପଡ଼ିବ। ଏଥିରେ ଜଣେ ପ୍ରଫେସନାଲ ଖେଳାଳିଙ୍କ ବ୍ୟବହାର ଆଚରଣ କିଭଳି ହେବା ଉଚିତ ବିଭିନ୍ନ ଦିଗରୁ ସେମାନଙ୍କୁ ଉପଯୁକ୍ତ ପରାମର୍ଶ ଦିଆଯିବ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ବୋର୍ଡ ସଭାପତି ଏକାଦଶ ବିଜୟୀ

**ତ୍ରିଭେନ୍ଦ୍ରମ, ୨୧।୧**

ଭାରତ ଗସ୍ତରେ ଆସିଥିବା ଇଂଲଣ୍ଡ ଲାୟନ୍ସ କ୍ରିକେଟ ଦଳ ବିପକ୍ଷ ଉଭୟ ୱାର୍ମଅପ୍ ମ୍ୟାଚ୍ (ଏକଦିବସୀୟ)କୁ ବୋର୍ଡ ସଭାପତି ଏକାଦଶ ଦଳ ଜିତିନେଇଛି। ରବିବାର ଖେଳାଯାଇଥିବା ୨ୟ ଦିନିକିଆ ମ୍ୟାଚ୍‌କୁ ଇଶାନ କିଶାନଙ୍କ ନେତୃତ୍ୱାଧୀନ ବୋର୍ଡ ସଭାପତି ଏକାଦଶ ଦଳ ୫ ଉଇକେଟ୍‌ରେ ଜିତିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ଲାୟନ୍ସ ୨୨.୩ ଓଭରରେ ମାତ୍ର ୧୦୪ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଘରୋଇ ଦଳ ପକ୍ଷରୁ ପଙ୍କଜ ଜୈଶ୍ୱାଲ ଓ ନବଦୀପ୍ ସାଇନି ୪ଟି ଲେଖାଏ ଉଇକେଟ୍ ନେଇଥିଲେ। ବାମହାତୀ ଓଡ଼ିଆ ସ୍ପିନର ଏହି ମ୍ୟାଚ୍‌ରେ ଗୋଟିଏ ଓଭର ବୋଲିଂ କରି ୧୨ ରନ ବ୍ୟୟ କରିଥିଲେ। ଜବାବରେ ବୋର୍ଡ ସଭାପତି ଦଳ ଦୀପକ ହୁଡାଙ୍କ ୩୬* ଓ ଇଶାନଙ୍କ ୩୪ ରନ ବଳରେ ୫ ଉଇକେଟ୍ ହରାଇ ମ୍ୟାଚ୍‌କୁ କବ୍‌ଜା କରିନେଇଥିଲା। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଦିନିକିଆ ଅଭ୍ୟାସ ମ୍ୟାଚ୍‌ରେ ମଧ୍ୟ ବୋର୍ଡ ସଭାପତି ଦଳ ବିଜୟ ହାସଲ କରିଥିଲା। ଆଲେକ୍ସ ଡାଭିସଙ୍କ ଶତକ ବଳରେ ଇଂଲଣ୍ଡ ଲାୟନ୍ସ ୫୦ ଓଭରରେ ୬ ଉଇକେଟ୍ ହରାଇ ୨୫୫ ରନ କରିଥିଲା। ବୋର୍ଡ ସଭାପତି ଏକାଦଶ ଓପନର୍ ଋତୁରାଜ ଗାଏକୱାଡ (୧୧୦)ଙ୍କ ଶତକ ଓ ରିକି ଭୁଇଙ୍କ ଅପରାଜିତ ୯୩ ରନ ବଳରେ ୬ ଉଇକେଟ୍ ହରାଇ ସଂଗ୍ରହ କରିନେଇଥିଲା। ଏହି ମ୍ୟାଚ୍‌ରେ ମଧ୍ୟ ଓଡ଼ିଆ ସ୍ପିନର ପପୁ ୬ ଓଭରରେ ୩୬ ରନ ବ୍ୟୟ କରି ଗୋଟିଏ ଉଇକେଟ ନେଇଥିଲେ।




## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

always with U

ଆଞ୍ଚଳିକ କାର୍ଯ୍ୟାଳୟ: ଢେଙ୍କାନାଳ,
ସା/ପୋ/ଜିଲ୍ଲା : ଢେଙ୍କାନାଳ, ପିନ୍-୭୫୯୦୦୧, ଫୋନ୍-୦୬୭୬୨-୨୨୩୩୬୫

**ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ନିୟମାନୁଯାୟୀ ଜବତ ହୋଇଥିବା ନିମ୍ନଦର୍ଶିତ ଗାଡି ଗୁଡିକ ବିକ୍ରୟ ନିମିତ୍ତ ଜଉମୁଦା ଟେଣ୍ଡର ସହ ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ''ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ'' ନିମ୍ନଲିଖିତ ସମ୍ପୃକ୍ତ ଶାଖାରେ (ନିମ୍ନ ଦର୍ଶିତ ସାରଣୀ ଅନୁସାରେ) ତା.୧୨.୦୨.୨୦୧୯ରିଖ ଅପରାହ୍ନ ୨.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ ।

| କ୍ର. ନଂ. | ଶାଖା / ଫୋନ୍ ନଂ. / ଆକାଉଣ୍ଟ ନଂ. / ଋଣଗ୍ରହୀତାମାନଙ୍କ ନାମ | ଗାଡ଼ିର ମଡ଼େଲ / ଗାଡି ନଂ. | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି | ଅମାନତ ଜମା ଦଖଲ କରିବା ତାରିଖ / ପୈଠ କରିବା ଶାଖାର ନାମ | ନିଲାମ ତାରିଖ / ସମୟ / ସ୍ଥାନ | ପାର୍କିଂ ସ୍ଥାନ |
|---|---|---|---|---|---|---|
| ୧. | ଚଷାଗୁରୁଜଙ୍ଗ ଶାଖା / ଫୋନ୍ ନଂ.: ୯୯୩୮୫୪୩୨୧୩ (ମୋ)/ ୦୫୪୪୦୩୧୭୧୩୦୦୦୦୫ / ଜିତେନ୍ଦ୍ର ମହନ୍ତ | SONALIKA MINI TACTOR & TRAILER / NR / | ଟ.୧,୦୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଚଷାଗୁରୁଜଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୨. | ଚଷାଗୁରୁଜଙ୍ଗ ଶାଖା / ଫୋନ୍ ନଂ.: ୯୯୩୮୫୪୩୨୧୩ (ମୋ)/ ୦୫୪୪୦୩୧୭୧୨୦୦୦୧୯ / ବିଜୟ ସାହୁ | YUBRAJ TACTOR & TRAILER MINI / NR / | ଟ. ୬୫,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଚଷାଗୁରୁଜଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୩. | ଚଷାଗୁରୁଜଙ୍ଗ ଶାଖା / ଫୋନ୍ ନଂ.: ୯୯୩୮୫୪୩୨୧୩ (ମୋ)/ ୦୫୪୪୦୩୧୭୧୨୦୦୦୧୨ / ଯୋଗେନ୍ଦ୍ର କୁମାର ଆଚାର୍ଯ୍ୟ | SHAKTIMAN TRACTOR / NR / | ଟ.୮୨,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଚଷାଗୁରୁଜଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୪. | ଚଷାଗୁରୁଜଙ୍ଗ ଶାଖା / ଫୋନ୍ ନଂ.: ୯୯୩୮୫୪୩୨୧୩ (ମୋ)/ ୦୫୪୪୦୩୧୭୧୨୦୦୦୩୦ / ନିରଞ୍ଜନ ସାହୁ | JOHN DEERE TRACTOR / NR / | ଟ. ୬୬,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଚଷାଗୁରୁଜଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୫. | ଚଷାଗୁରୁଜଙ୍ଗ ଶାଖା / ଫୋନ୍ ନଂ.: ୯୯୩୮୫୪୩୨୧୩ (ମୋ)/ ୦୫୪୪୦୩୧୭୧୨୦୦୦୫୫ / ସାଗର ସାହୁ | SHAKTIMAN TRACTOR & TRAILER / NR / | ଟ. ୧,୦୨,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଚଷାଗୁରୁଜଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୬. | ଚଷାଗୁରୁଜଙ୍ଗ ଶାଖା / ଫୋନ୍ ନଂ.: ୯୯୩୮୫୪୩୨୧୩ (ମୋ)/ ୦୫୪୪୦୩୧୭୧୨୦୦୦୪୯ / ଶଙ୍କର୍ଷଣ ସାହୁ | TATA ACE / OD-19-0849 / | ଟ. ୪୮,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଚଷାଗୁରୁଜଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୭. | ଚଷାଗୁରୁଜଙ୍ଗ ଶାଖା / ଫୋନ୍ ନଂ.: ୯୯୩୮୫୪୩୨୧୩ (ମୋ)/ ୦୫୪୪୦୩୧୭୧୨୦୦୦୧୮ / ଶୁକ୍ରୁ ବିଶ୍ୱାଳ | JOHN DEERE TRACTOR& TRAILER / OD-19F-2929/30 / | ଟ. ୧,୦୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଚଷାଗୁରୁଜଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୮. | ଢେରଙ୍ଗ ଶାଖା / ଫୋନ୍ ନଂ.: ୯୭୭୬୦୯୧୮୯୮(ମୋ)/ ୦୫୫୭୦୩୧୭୧୨୦୦୦୧୪ / ସୁଧାକର ବେହେରା | TATA ACE / OR-19P-7531 / | ଟ. ୮୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଢେରଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ଦୁବେ ପ୍ରଫୁଲ କୁମାର ପ୍ରଧାନ, ମୋ : ୯୯୩୮୫୪୦୬୭୦ |
| ୯. | ଢେରଙ୍ଗ ଶାଖା / ଫୋନ୍ ନଂ.: ୯୭୭୬୦୯୧୮୯୮(ମୋ)/ ୦୫୫୭୦୩୧୭୧୧୦୦୦୦୪ / ସୁନିଲ କୁମାର ଦେହୁରୀ | INDGO ECS/ OR-19L-7395 / | ଟ. ୧,୨୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଢେରଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ଦୁବେ ପ୍ରଫୁଲ କୁମାର ପ୍ରଧାନ, ମୋ : ୯୯୩୮୫୪୦୬୭୦ |
| ୧୦. | ଗୁରୁଜଙ୍ଗ ଶାଖା / ଫୋନ୍ ନଂ.: ୭୯୭୮୨୭୭୮୪୦(ମୋ)/ ୦୫୪୧୦୩୬୪୧୩୦୦୦୦୦୧ / ମୁରୁଲିଧର ଦାସ | APE DS PASSENGER AUTO / OD-19A-3028 / | ଟ. ୩୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଗୁରୁଜଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ଦୁବେ ପ୍ରଫୁଲ କୁମାର ପ୍ରଧାନ, ମୋ : ୯୯୩୮୫୪୦୬୭୦ |
| ୧୧. | ହାଣ୍ଡିଧୁଆ ଶାଖା / ଫୋନ୍ ନଂ.: ୮୬୫୮୧୮୮୮୨୬(ମୋ)/ ୦୫୫୩୦୩୧୭୧୧୦୦୦୭୬/ କେଶରୀ ବିବି | BOLERO XL 2WD / OD-02BU-4480 / | ଟ. ୧,୪୫,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ଦୁବେ ପ୍ରଫୁଲ କୁମାର ପ୍ରଧାନ, ମୋ : ୯୯୩୮୫୪୦୬୭୦ |
| ୧୨. | କଳମଛୁଇଁ ଶାଖା / ଫୋନ୍ ନଂ.: ୯୪୩୭୩୩୫୧୯୬(ମୋ)/ ୦୫୧୪୦୩୧୭୧୨୦୦୦୨୯ ରୂପବତୀ ସାହୁ | SONALIKA DI 35 TRACTOR / OR-19P-2894 / | ଟ. ୧,୦୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, କଳମଛୁଇଁ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୧୩. | ନାଲମ ଶାଖା / ଫୋନ୍ ନଂ.: ୯୦୯୦୬୦୭୬୪୪(ମୋ)/ ୦୫୪୨୦୩୧୭୧୨୦୦୦୧୦ ବସନ୍ତ ସାହୁ | SONALIKA DI 35 TRACTOR / OD-19A-5983 / | ଟ. ୧,୨୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୧୪. | ପାତ୍ରପଡା ଶାଖା / ଫୋନ୍ ନଂ.: ୯୭୭୭୨୫୨୩୫୫ (ମୋ)/ ୦୫୫୮୦୩୧୭୧୨୦୦୦୦୭ / ଜୟକୃଷ୍ଣ ବାରିକ | SONALIKA DI 35 TRACTOR / OD-19-0513 / | ଟ. ୧,୦୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ପାତ୍ରପଡା ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ଦୁବେ ପ୍ରଫୁଲ କୁମାର ପ୍ରଧାନ, ମୋ : ୯୯୩୮୫୪୦୬୭୦ |
| ୧୫. | ପାତ୍ରପଡା ଶାଖା / ଫୋନ୍ ନଂ.: ୯୭୭୭୨୫୨୩୫୫(ମୋ)/ ୦୫୫୮୦୩୧୭୧୨୦୦୦୦୪ / ପ୍ରକାଶ ସାହୁ | POWER TRACTOR-445 WITH TRAILER / NR / | ଟ. ୧,୧୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ପାତ୍ରପଡା ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ଦୁବେ ପ୍ରଫୁଲ କୁମାର ପ୍ରଧାନ, ମୋ : ୯୯୩୮୫୪୦୬୭୦ |
| ୧୬. | ରାଇଝରଣ ଶାଖା / ଫୋନ୍ ନଂ.: ୯୪୩୭୩୩୨୭୨୮(ମୋ)/ ୦୫୫୫୦୩୧୭୧୨୦୦୦୦୪ / ବାଳକୃଷ୍ଣ ସାହୁ | MAHINDRA VERITO / OR-02BV-7100 / | ଟ. ୧,୦୫,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ରାଇଝରଣ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୧୭. | ରାଇଝରଣ ଶାଖା / ଫୋନ୍ ନଂ.: ୯୪୩୭୩୩୨୭୨୮(ମୋ)/ ୦୫୫୫୦୩୧୭୧୧୦୦୦୦୪ / କଣ୍ଢ ସାହୁ | MF1035DI TRACTOR & TRAILER / OR-19M-1023/24 / | ଟ. ୧,୪୫,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ରାଇଝରଣ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |

ଆଗ୍ରହୀ ନିଲାମଧାରୀମାନେ ପଠାଇଥିବା ଜଉମୁଦା ଟେଣ୍ଡର ଲଫାପାଗୁଡ଼ିକ **ତା୧୨.୦୨.୨୦୧୯ରିଖ (ଉପର ଦର୍ଶିତ ସାରଣୀ ଅନୁସାରେ) ଅପରାହ୍ନ ୩.୦୦ ଘଟିକା** ସମୟରେ ନିଲାମଧାରୀଙ୍କ ଉପସ୍ଥିତିରେ ଉପର ଦର୍ଶିତ ସ୍ଥଳରେ ଦର୍ଶାଯାଇଥିବା ସ୍ଥାନରେ ଖୋଲାଯାଇ ନିଲାମ ଆରମ୍ଭ କରାଯିବ । ଇଚ୍ଛୁକ ନିଲାମଧାରୀମାନେ ଗାଡ଼ିଗୁଡ଼ିକ ନିରୀକ୍ଷଣ କରିବା ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରି ଗାଡିଗୁଡିକ ପାର୍କିଂୟାର୍ଡରେ ଦେଖିଲା ପରେ ଟେଣ୍ଡର ପକାଇବେ । ସର୍ବୋଚ୍ଚ ନଲାମରାଶି ୧୦% ସେହିଦିନ ନିଲାମ ପରେ ପରେ ଏବଂ ଅବଶିଷ୍ଟ ଅର୍ଥ ଆବଶ୍ୟକ ଜିଏସ୍‌ଟି ସହିତ (ବିଯୁକ୍ତ ଅମାନତ ଜମାରାଶି ଓ ଅନ୍ୟାନ୍ୟ ଟଙ୍କା) ୭ ଦିନ ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ /ବ୍ୟାଙ୍କରସ୍ ଚେକ୍ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ** ସପକ୍ଷରେ ଏବଂ **ଉପର ଦର୍ଶିତ ସ୍ଥଳରେ ଦର୍ଶିତ ପୈଠ ସ୍ଥାନକୁ** ପୈଡ ଦର୍ଶାଇ ଜମାକରିବେ । ନିର୍ଦ୍ଧାରିତ ସମୟ ମଧ୍ୟରେ ନିଲାମ ରାଶି ଜମା ନକଲେ ନିଲାମଧାରୀମାନେ ଜମା କରିଥିବା ଅମାନତ ସହ ଜମାକରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଗାଡ଼ିକୁ ପୁଣି ନିଲାମ କରାଯିବ । ଗାଡ଼ିଗୁଡ଼ିକର ମାଲିକାନା ପରିବର୍ତ୍ତନ / ବୈଧାନିକ ଦେୟ / ଅନ୍ୟାନ ଆନୁସାଙ୍ଗିକ ଖର୍ଚ୍ଚ ଯାହା ଦରକାର ତାହା ନିଲାମଧାରୀ ବହନ କରିବେ । ଗାଡ଼ିଟି **"ଯାହା ଯେପରି ଯେଉଁଠାରେ ଯେପରି ଅଛି"** ଭିତ୍ତିରେ ନିଲାମ କରାଯିବ । ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟା ଗ୍ରହଣ/ନାକଚ/ବାତିଲ କରିବାର ନିରଙ୍କୁଶ କ୍ଷମତା ଅଛି ଏବଂ କେହି ଏ ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ ଦାୟୀ କରିପାରିବେ ନାହିଁ । ଏହି ବିଜ୍ଞପ୍ତି ମାଧ୍ୟମରେ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ସେମାନଙ୍କର ସମସ୍ତ ଦେୟ ନିଲାମ ତାରିଖ ପୂର୍ବରୁ ପରିଶୋଧ କରନ୍ତୁ, ନଚେତ୍ ଗାଡ଼ିଗୁଡ଼ିକୁ ସର୍ବସାଧାରଣରେ ନିଲାମ କରାଯିବ । ଏହାବ୍ୟତୀତ ଯଦି କିଛି ବକେୟା ଦେୟ ରହିଗଲା ତାହା ସୁଧ ଓ ଖର୍ଚ୍ଚ ସହିତ ସେମାନଙ୍କଠାରୁ ନିୟମାନୁଯାୟୀ ଆଦାୟ କରାଯିବ ।

ସ୍ଥାନ: ଢେଙ୍କାନାଳ
ତାରିଖ: ୨୧.୦୧.୨୦୧୯

ଆଞ୍ଚଳିକ ପ୍ରବନ୍ଧକ
ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଢେଙ୍କାନାଳ

# CLASSIFIED DISPLAY













| MORE SPACE • SAME PRICE | | | |
|---|---|---|---|
| **CLASSIFIED DISPLAY** | | | |
| (On Tuesday & Friday All Orissa Edition) | | | |
| | SIZE | COLOR | B/W |
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 — 5% GST Applicable



### ଶର୍ଟ ସର୍କିଟ: ରାଜଧାନୀ ଏକ୍ସପ୍ରେସ୍ ବିଦ୍ୟୁତ୍ ପ୍ୟାନେଲ ବୋର୍ଡରେ ନିଆଁ

# ଧୂଆଁରେ ଭରିଗଲା ୨ ବଗି, ଯାତ୍ରୀ ସୁରକ୍ଷିତ



ଶର୍ଟ ସର୍କିଟ ଯୋଗୁ ରାଜଧାନୀ ଏକ୍ସପ୍ରେସ ୭ନଂ ବଗିର ପ୍ୟାନେଲ ବୋର୍ଡରୁ ପ୍ରବଳ ଧୂଆଁ ବାହାରିବାରୁ ଟ୍ରେନ୍ ରାଉରକେଲା ଷ୍ଟେଶନରେ ଅଟକି ରହିଛି।

**ରାଉରକେଲା ଅଫିସ,୨୧।୧**

ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯାଉଥିବା ରାଜଧାନୀ ଏକ୍ସପ୍ରେସର ଗୋଟିଏ ବଗିର ବିଦ୍ୟୁତ୍ ପ୍ୟାନେଲ ବୋର୍ଡରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ତେବେ ଏଥିରେ କାହାର କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ରେଳ କର୍ମଚାରୀଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ଏକ ବଡ଼ଧରଣର ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଛି। ରାଉରକେଲା ରେଳ ଷ୍ଟେଶନରେ ଟ୍ରେନ୍‌କୁ ଅଟକାଇ ପ୍ୟାନେଲ ବୋର୍ଡ ମରାମତି କରାଯାଇଥିଲା। ପରେ ଟ୍ରେନ୍ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଛି।

ସୂଚନାନୁସାରେ, ରାଉରକେଲାଠାରୁ ୧୦ କିଲୋମିଟର ଦୂର ବନ୍ଧମୁଣ୍ଡା ଷ୍ଟେଶନ ତିଲକନଗର ନିକଟରେ ରାଜଧାନୀ ଏକ୍ସପ୍ରେସ୍‌ର ଶୀତତାପ ନିୟନ୍ତ୍ରିତ ୭ନଂ ବଗିରେ ଥିବା ବିଦ୍ୟୁତ୍ ପ୍ୟାନେଲ ବୋର୍ଡରେ ଶର୍ଟ ସର୍କିଟ ଘଟି ବିସ୍ଫୋରଣ ପରି ପ୍ରଚଣ୍ଡ ଶବ୍ଦ କରିବା ସହ ହଠାତ୍ ଜଳି ଉଠିଥିଲା। ଏଥିରୁ ପ୍ରବଳ ଧୂଆଁ ବାହାରିଥିଲା। ୮ନଂ ବଗିକୁ ମଧ ଧୂଆଁ ବ୍ୟାପିଯାଇଥିଲା। ଫଳରେ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ। ଖବରପାଇ ରେଳ କର୍ମଚାରୀମାନେ

**ରାଉରକେଲାରେ ଘଣ୍ଟାଏ ଅଟକିଲା ଟ୍ରେନ୍**

ଉକ୍ତ ବଗିରେ ପହଞ୍ଚି ପ୍ୟାନେଲ ବୋର୍ଡ ମରାମତି କରିଥିଲେ। ତେବେ ସେଠାରୁ କିଛିବାଟ ଟ୍ରେନ୍ ଗଡ଼ିବା ପରେ ବୋର୍ଡରୁ ପୁଣି ଧୂଆଁ ବାହାରିଥିଲା। ଯାତ୍ରୀମାନେ ଚେନ୍ ଟାଣିଥିଲେ ମଧ ତାହା କାମ କରି ନ ଥିଲା ବୋଲି କେତେଜଣ ଅଭିଯୋଗ କରିଛନ୍ତି। ଟ୍ରେନ୍ ଅପରାହ୍ନ ଗୋଟାଏରେ ରାଉରକେଲା ଷ୍ଟେଶନରେ ଅଟକିବା ପରେ ବିଭାଗୀୟ କର୍ମଚାରୀ ପୁନର୍ବାର ପ୍ୟାନେଲ ବୋର୍ଡ ମରାମତି କରିଥିଲେ। ଅପରାହ୍ନ ୨ଟା ୧୦ରେ ଟ୍ରେନ୍ ଏଠାରୁ ଛାଡ଼ିଥିଲା। ପ୍ୟାନେଲ ବୋର୍ଡ ଭିତରେ ମୂଷା ପଶିଯିବାରୁ ଏଭଳି ଅଘଟଣ ଘଟିଥିବା ବିଭାଗୀୟ କର୍ମଚାରୀ ସୁଶାନ୍ତ ହେମ୍ବ୍ରମ କହିଛନ୍ତି। ତେବେ ଏହା ସେଭଳି କିଛି କ୍ଷତି ଘଟାଇବା ଆଶଙ୍କା ନ ଥିଲା ବୋଲି ହେମ୍ବ୍ରମ ପ୍ରକାଶ କରିଛନ୍ତି। ଅପରପକ୍ଷେ ଶୀତତାପ ନିୟନ୍ତ୍ରିତ ବଗିରେ ମୂଷା ପଶିବା ଘଟଣାକୁ ଯାତ୍ରୀମାନେ ସହଜରେ ଗ୍ରହଣ କରିପାରି ନ ଥିଲେ। ଏ ନେଇ ଯାତ୍ରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଅନୁକମ୍ପା ପାଇଁ ଚୋରିକୁ ପ୍ରୋତ୍ସାହନ

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ଓଡିଶାରେ ଅସାଧାରଣ ମୃତ୍ୟୁ ଘଟିଲେ ଆର୍ଥିକ ଅନୁକମ୍ପା(କମ୍ପାନସେସନ୍) ନିଶ୍ଚିତ। ଏହାର ଉଦାହରଣ ଖୋଜିବାକୁ ଗଲେ ୧୬ ଜାନୁୟାରୀ ୨୦୧୯ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ନିରାକାରପୁର ପଞ୍ଚାୟତ ନନପଡା ମଲୁଖଆଡିଆନାଳ ନିକଟସ୍ଥ ବିଲରେ ଲକ୍ଷ୍ମୀଧର ବେହେରାଙ୍କ ଆତ୍ମହତ୍ୟା କରିଥିବା ଘଟଣା ଦୃଷ୍ଟିକୁ ଆସେ। ଏଭଳି କଠୋର ପଦକ୍ଷେପ ନେବା ପୂର୍ବରୁ ଲକ୍ଷ୍ମୀଧର ଏକ ଭିଡିଓ ରେକର୍ଡିଂ ମାଧ୍ୟମରେ ତାଙ୍କର ଅସନ୍ତୋଷର କାରଣ ଦର୍ଶାଇଥିଲେ। ଏହି ରେକର୍ଡିଂରେ ଲକ୍ଷ୍ମୀଧର କହିଥିଲେ ଯେ, ଅନେକ ବର୍ଷ ଧରି ବହୁତଥର ସମ୍ପୃକ୍ତ ଅଧିକାରୀଙ୍କୁ ଏକ ବାସଗୃହ ପାଇଁ କରିଆସୁଥିବା ଅନୁରୋଧରେ ବିଫଳ ହୋଇଥିବାରୁ ଏଭଳି ଆତ୍ମହତ୍ୟା କରିବାକୁ ମନସ୍ଥ କରିଥିଲେ। ଏହି ଭିଡିଓ ପଦାକୁ ଆସିବାର ଦୁଇଦିନ ପରେ ତାଙ୍କ ପରିବାରକୁ ବିଜୁ ପକ୍କାଘର କାର୍ଯ୍ୟାଦେଶ ଦିଆଯାଇଥିଲା। ଏହାସହ ଆର୍ଥିକ ଅନୁକମ୍ପା ଯାଚିବାକୁ ଜିଲା ପ୍ରଶାସନ ତତ୍ପର ହୋଇପଡିଥିଲା ବୋଲି ମଧ ଜଣାପଡିଛି। ତେବେ ଏହି ଅର୍ଥ ଆସିବ କୁଆଡୁ?

ସ୍ଥାନୀୟ ଥାନାର ଜଣେ ପୋଲିସ ଅଧିକାରୀଙ୍କ କହିବାନୁଯାୟୀ, ପ୍ରଶାସନଠାରୁ ନିର୍ଦ୍ଦେଶ ଆସିଲା ଜରିମାନା ଆଦାୟ କରାଯାଉ। ଏହାକୁ ଫଳପ୍ରଦ କରିବାକୁ ଯାଇ ସେହି ଅଞ୍ଚଳରେ ଦିନରାତି ଚାଲିଥିବା ବେଆଇନ ମାଙ୍କଡା ପଥର ଚୋରି ଓ ପରିବହନରେ ସମ୍ପୃକ୍ତ ୪ଟି ଟ୍ରକକୁ ଅଟକାଇ ଦିଆଗଲା। ପୋଲିସ୍ ଅଧିକାରୀ ଜଣଙ୍କ କହିଲେ, ତୁମର ଭାଗ୍ୟ ଖରାପ ତୁମେ ଏଥିରେ ପଡିଗଲ। ଟ୍ରକ ପିଛା ୨୫ହଜାର ଟଙ୍କା ଆଦାୟ ପାଇଁ କୁହାଯାଇଛି। ସେହି ଅର୍ଥ ଆଦାୟ କରି ଲକ୍ଷ୍ମୀଧରଙ୍କ ପରିବାରକୁ ଅନୁକମ୍ପା ଦେବାର ଅଣଆନୁଷ୍ଠାନିକ ନିଷ୍ପତ୍ତି ନିଆଗଲା। ଏହି ଖବର ମିଳିବାପରେ ଧରିତ୍ରୀ ତରଫରୁ ଉପଜିଲାପାଳ ସରୋଜ ସାହୁଙ୍କୁ ଘଟଣା ସମ୍ପର୍କରେ ପଚରାଯାଇଥିଲା। ଉତ୍ତରଦେଇ ଉପଜିଲାପାଳ କହିଥିଲେ, ଲକ୍ଷ୍ମୀଧରଙ୍କ ଘରକୁ ଯିବା ଘଟଣା ଠିକ୍। ଅନ୍ୟଜଣେ ଅଧିକାରୀଙ୍କୁ ଅପେକ୍ଷା କରିବା ଠିକ୍। ମୋ ସମ୍ମୁଖରେ ପଥର ଚୋରାଚାଲଣ କରୁଥିବା ଟ୍ରକ୍ ଜବତ୍ କରିବା ମଧ ଠିକ୍। ଏଥିସହ ପଚରାଯିବାରୁ ଉପଜିଲାପାଳ କହିଥିଲେ, ପଥର ଚୋରି ହେଉଥିବା କଥା ସତ୍ୟ। ସେହି ସ୍ଥାନଗୁଡିକରେ ୧୪୪ଧାରା ମଧ ଜାରି କରାଯାଇଛି। କେତେକ ମାମଲା ରୁଜୁ ହୋଇଛି। ଆମେ ଜାଣିବାରେ ପଥର ଚୋରା ଖନନ ବନ୍ଦ ହୋଇଛି।

ଉପଜିଲାପାଳ ଏହା କହୁଥିବା ସତ୍ତ୍ୱେ ବାସ୍ତବ ପରିସ୍ଥିତି ଏକ ଭିନ୍ନ ଚିତ୍ର ଦର୍ଶାଉଛି। ଦୈନନ୍ଦିନ ଚୋରା ପଥର କଟା ଏବଂ ଖୋଲାଖୋଲି ପରିବହନରେ ଲାଗି ପଡିଥିବା ଅନେକ ଶହ ଟ୍ରକ୍ ସେହି ବାଟ ଦେଇ ଯିବା ଆସିବା କରୁଛନ୍ତି। ରାଜଧାନୀ ଭୁବନେଶ୍ୱରରେ ରାଜ୍ୟ ସରକାରଙ୍କ ସବୁ କ୍ଷମତାସୀନ ବ୍ୟକ୍ତି ଥିବା ସତ୍ତ୍ୱେ ତାଙ୍କର ନାକ ତଳେ ଏହିଭଳି ବେଆଇନ ଚୋରି ସେହି ଅଞ୍ଚଳରେ ପରିବେଶକୁ ସଦାସର୍ବଦା ନଷ୍ଟ କରିଦେଉଛି। ସମତଳ ଭୂଇଁକୁ କାଟି ଦେଇ ଏହି ପଥର ଚୋରମାନେ ସରକାରୀ କର୍ମଚାରୀ ଏବଂ ପୋଲିସ୍‌ଙ୍କ ସହିତ ସିଧାସଳଖ ମେଣ୍ଟରେ ଅଛନ୍ତି ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ରାଜ୍ୟ ସରକାରଙ୍କୁ ଆର୍ଥିକ ଅନୁକମ୍ପା ଦେବାକୁ ହେଲେ ହୁଏତ ଏହିଭଳି ଚୋରା ବ୍ୟବସାୟକୁ ପ୍ରୋତ୍ସାହନ ଦେବା ସହଜ ହୋଇପଡୁଛି।

## ଶାଳପତ୍ରରୁ ରୟାଲଟି ଛାଡ଼ କଲେ ସରକାର

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ସାଧାରଣ ନିର୍ବାଚନ ପୂର୍ବରୁ ସବୁ ବର୍ଗର ଲୋକଙ୍କୁ ଖୁସି କରିବାକୁ ରାଜ୍ୟ ସରକାର ପୂରାଦମ୍ ଲଗାଇ ଦେଇଛନ୍ତି। ଚାଷୀଙ୍କ ପାଇଁ କାଳିଆ ଯୋଜନା ଘୋଷଣା କରିବା ପରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ରାଶି ବୃଦ୍ଧି, ଅଙ୍ଗନୱାଡି କର୍ମୀଙ୍କ ଦରମା ୧୫୦୦ ବୃଦ୍ଧି, ସାମାଜିକ ସୁରକ୍ଷା ଯୋଜନାରେ ବୃଦ୍ଧାବୃଦ୍ଧଙ୍କ ପାଇଁ ୨୦୦ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସୋମବାର ଶାଳପତ୍ର ତୋଳାଳିଙ୍କୁ ଖୁସି କରିବାକୁ ମୁଖ୍ୟମନ୍ତ୍ରୀ ଶାଳପତ୍ର ଉପରୁ ରୟାଲଟି ଉଚ୍ଛେଦ କରିଛନ୍ତି। ଏହାଦ୍ୱାରା ରାଜ୍ୟରେ କାର୍ଯ୍ୟରତ ୨୫ ଲକ୍ଷ ଶାଳପତ୍ର ତୋଳାଳି ଉପକୃତ ହେବେ। ରାଜ୍ୟ ସରକାର ପୂର୍ବରୁ ଶାଳପତ୍ର କୁଇଣ୍ଟାଲ ଉପରୁ ୮୬ ଟଙ୍କା ରୟାଲଟି ନେଉଥିଲେ।

**ସାଇବର ବିଶେଷଜ୍ଞଙ୍କ ଅଭିଯୋଗ**

# ୨୦୧୪ ନିର୍ବାଚନରେ ଇଭିଏମ୍ ଜାଲିଆତି ହୋଇଥିଲା

**ଲଣ୍ଡନ/ନୂଆଦିଲ୍ଲୀ, ୨୧।୧(ପି.ଟି.)**

୨୦୧୪ ସାଧାରଣ ନିର୍ବାଚନ ବେଳେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ଜାଲିଆତି ହୋଇଥିଲା ବୋଲି ଜଣେ ସାଇବର ବିଶେଷଜ୍ଞ ସୋମବାର ଗୁରୁତର ଅଭିଯୋଗ ଆଣିଛନ୍ତି। ଏହାକୁ ହ୍ୟାକିଂ କରାଯାଇପାରିବ ବୋଲି ସେ ଦାବି କରିଛନ୍ତି। ତେବେ ଭାରତର ନିର୍ବାଚନ କମିଶନ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଆମେରିକାରେ ରହୁଥିବା ଭାରତୀୟ ସାଇବର ବିଶେଷଜ୍ଞ ବୋଲି ପରିଚୟ ଦେଇଥିବା ସୟେଦ ଶୁଜା ସ୍କାଇପେ ମାଧ୍ୟମରେ ଲଣ୍ଡନରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଉପରୋକ୍ତ ଅଭିଯୋଗ ଆଣିଛନ୍ତି। ତାଙ୍କର କେତେଜଣ

**ଇସିଙ୍କ ଖଣ୍ଡନ**

ଟିମ୍ ସଦସ୍ୟଙ୍କୁ ହତ୍ୟା କରାଯିବା ପରେ ସେ ୨୦୧୪ରେ ଭାରତରୁ ପଳାଇଯାଇଥିଲେ ବୋଲି କହିଛନ୍ତି। ସ୍କାଇପେ ମାଧ୍ୟମରେ ସେ ସ୍କ୍ରିନ୍‌ରେ ଦେଖାଦେଇଥିଲେ ହେଁ ମୁହଁକୁ ଘୋଡାଇ ରଖିଥିଲେ। ଆମେରିକାରେ ରାଜନୈତିକ ଆଶ୍ରୟ ଚାହୁଁଥିବା ଶୁଜା ଆହୁରି ଅଭିଯୋଗ କରିଛନ୍ତି, ରିଲାଏନ୍ସ ଜିଓ ଭାଜପାକୁ ଇଭିଏମ୍ ହ୍ୟାକିଂ ଲାଗି ନିମ୍ନ ଫ୍ରିକ୍ୱେନ୍ସି ସିଗ୍‌ନାଲ ପାଇବାରେ ସହଯୋଗ କରିଥିଲା। ସୂଚନା ଦିଆଯାଇପାରେ ଯେ, ୨୦୧୪ରେ ଜିଓ ଟେଲିସେବା ଆରମ୍ଭ କରି ନ ଥିଲା। ୨୦୧୬ ସେପ୍ଟେମ୍ବରରେ ଜିଓ ସେବାର ଶୁଭାରମ୍ଭ ହୋଇଥିଲା। ତେବେ ଶୁଜାଙ୍କ ଅଭିଯୋଗର କୌଣସି ପ୍ରମାଣ ମଧ ତାଙ୍କ ପାଖରେ ନ ଥିବା ଜଣାପଡିଛି। କେବଳ ଭାଜପା ନୁହେଁ, ଏସ୍‌ପି, ବିଏସ୍‌ପି, ଏଏପି ଏବଂ କଂଗ୍ରେସ ମଧ ଇଭିଏମ୍ ଜାଲିଆତିରେ ସମ୍ପୃକ୍ତ ବୋଲି ଶୁଜା ଅଭିଯୋଗ ଆଣିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ନିକଟରେ ଶେଷ ହୋଇଥିବା ରାଜସ୍ଥାନ, ଛତିଶଗଡ ଏବଂ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ଯଦି ତାଙ୍କ ଟିମ୍ ଭାଜପାର ହ୍ୟାକିଂ ଉଦ୍ୟମକୁ ପ୍ରତିରୋଧ କରି ନ ଥାନ୍ତା ତେବେ ଗୈରିକ ଦଳ ବିଜୟ ଲାଭ କରିପାରିଥାନ୍ତା। ତେବେ ଶୁଜାଙ୍କ ଅଭିଯୋଗ ପରେ କୌଣସି ରାଜନୈତିକ ଦଳ ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି।

# କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ

**ଲାଞ୍ଜିଗଡ଼,୨୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ରୋଡ୍ ରେଳ ଷ୍ଟେଶନ ନିକଟରେ ସୋମବାର ସକାଳେ କୋଇଲା ବୋଝେଇ ଏକ ଟ୍ରେନ୍‌ରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବିଭାଗର ଠିକ୍ ପଦକ୍ଷେପ ଯୋଗୁ ଏକ ବଡଧରଣର ବିପଦ ଟଳିଯାଇଛି। ଏଥିରେ ବିଶେଷ କ୍ଷୟକ୍ଷତି ଘଟି ନ ଥିବା ଜଣାପଡିଛି। ସୂଚନାନୁଯାୟୀ ଭୋରରୁ ବିଶାଖାପାଟଣାରୁ ରାୟପୁର ଯାଉଥିବା ୫୯ ବଗି ବିଶିଷ୍ଟ କୋଇଲା ବୋଝେଇ ଟ୍ରେନ୍‌ରେ ଧୂଆଁ ବାହାରୁଥିବା ଜଣାପଡ଼ିଥିଲା। ଡ୍ରାଇଭର ଲାଞ୍ଜିଗଡ଼ ରୋଡ଼ ରେଳ ଷ୍ଟେଶନର ପଶ୍ଚିମ ଫାଟକ ପାଖରେ ଟ୍ରେନ୍‌କୁ ଅଟକାଇଥିଲେ। ଟ୍ରେନର ପ୍ରାୟ ୨୦ଟି ବଗିରେ ଧୂଆଁ ବାହାରିବା ସହ ନିଆଁ ଲାଗିଥିବା ଜାଣିବା ପରେ ସ୍ଥାନୀୟ ଷ୍ଟେଶନ ପରିଚାଳକ ଓ ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ନିଆଁ ଲିଭାଇବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ନିଆଁ



ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

ବ୍ୟାପିବା ଦେଖି ଲାଞ୍ଜିଗଡ ଅଗ୍ନିଶମ ବିଭାଗ ଓ ପରେ ବେଦାନ୍ତ ଅଗ୍ନିଶମ ବିଭାଗର ସହାୟତାରେ ନିଆଁକୁ ଆୟତ କରାଯାଇଥିଲା। ଦୀର୍ଘ ୫ ଘଣ୍ଟାର ପରେ ନିଆଁକୁ ଆୟତ କରାଯାଇଥିଲା। ଟ୍ରେନ୍‌ର ସୁରକ୍ଷା ଯାଞ୍ଚ ପରେ ଏହାକୁ ଗନ୍ତବ୍ୟ ପଥରେ ଛଡାଯାଇଥିଲା। ତେବେ ନିଆଁ ଲାଗିବାର କୌଣସି କାରଣ ଏଯାଏଁ ଜଣାପଡି ନାହିଁ।

### ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ନୀତି

# ରତ୍ନସିଂହାସନରେ ଦାରୁଦିଅଁଙ୍କ ସୁନାବେଶ

**ପୁରୀ ଅଫିସ,୨୧।୧**

ପୌଷପୂର୍ଣ୍ଣମୀ ଅବସରରେ ସୋମବାର ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ନୀତି ସମ୍ପନ୍ନ ହୋଇଛି। ରତ୍ନସିଂହାସନରେ ଦାରୁଦିଅଁ ରାଜରାଜେଶ୍ୱର ବା ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ରବିବାର ଚନ୍ଦନଲାଗି ପରେ ୮୭ ଗରା ଜଳ ଏବଂ ୨୧ ଗରା ଘିଅ ଭୋଗମଣ୍ଡପ ଘରେ ଅଧିବାସ ହୋଇଥିଲା। ସୋମବାର ସକାଳଧୂପ ବଢି ଅଭିଷେକ ନୀତି ଆରମ୍ଭ ହୋଇଥିଲା। ମଇଲମ ପରେ ପୂର୍ବଦିନ ଅଧିବାସ ହୋଇ ରହିଥିବା ୧୦୮ ଗରା ଘିଅ ମିଶ୍ରିତ ଜଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅଭିଷେକ କରାଯାଇଥିଲା। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ସାତପାହାଚ ତଳେ ଥିବା ପାଲିଙ୍କିରେ ମହାଲକ୍ଷ୍ମୀ ମନ୍ଦିର ଜଗମୋହନକୁ ବିଜେ କରିଥିଲେ। ସେଠାରେ ଶ୍ରୀଦେବୀଙ୍କ ମାଜଣା, ବନକଲାଗି ଏବଂ ବେଶ କରାଯାଇଥିଲା। ଶ୍ରୀମନ୍ଦିରରେ ଠାକୁରଙ୍କ ସୁବର୍ଣ୍ଣ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶରେ ତିନିଠାକୁର ସୁବର୍ଣ୍ଣ କିରୀଟ, ଶ୍ରୀପୟର, ଶ୍ରୀଭୁଜ ଆଦି ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ଜଗନ୍ନାଥ ମହାପ୍ରଭୁ ସୁବର୍ଣ୍ଣର ଚକ୍ର, ରୁପାର ଶଙ୍ଖ, ବଳଭଦ୍ର ସୁବର୍ଣ୍ଣ ହଳମୁଷଳ ଧାରଣ କରିଥିଲେ। ସୁନାବେଶ ବଢ଼ିବା ପରେ ଯାତ୍ରାଙ୍ଗୀ ଭୋଗ ଶ୍ରୀଛାମୁକୁ ଆସିଥିଲା। ଭୋଗ ସମୟରେ ଭିତରଚ୍ଛ ମହାପାତ୍ର ଲକ୍ଷ୍ମଣ ରୂପରେ ଦଣ୍ଡଛତ୍ର ଧାରଣ କରିଥିବା ବେଳେ ହନୁମାନ ରୂପରେ ଜଣେ ପାଳିଆ ମେକାପ ଦଣ୍ଡଛତ୍ର ମୂଳକୁ ଧାରଣ କରିଥିଲେ। ଏହି ବେଶରେ ମହାପ୍ରଭୁ ଫୁଲ ଧନୁଶର ଧାରଣ କରିଥିଲେ।

### ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର ମାମଲା

# ଆବେଦନ ଖାରଜ କଲେ ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ, ୨୧।୧**

ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର କରିବା ପାଇଁ ଇଣ୍ଟର କଣ୍ଟିନେଣ୍ଟାଲ ଆସୋସିଏଶନ ଅଫ ଲୟର୍ସ ପକ୍ଷରୁ ଆଗତ ଜନସ୍ୱାର୍ଥ ମାମଲାକୁ ସୋମବାର ସୁପ୍ରିମ୍‌କୋର୍ଟ ଖାରଜ କରିଛନ୍ତି। ଏଥିସହିତ ଘରୋଇ କମ୍ପାନୀଗୁଡ଼ିକୁ ବିକ୍ରି ହୋଇଥିବା ଶ୍ରୀମନ୍ଦିର ସମ୍ପତ୍ତିକୁ ଫେରାଇ ଆଣିବା ଆବେଦନକୁ ମଧ ଅଗ୍ରାହ୍ୟ କରିଛନ୍ତି। ପୂର୍ବରୁ ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ନେଇ ଏକ ଜନସ୍ୱାର୍ଥ ମାମଲା ବିଚାରାଧୀନ ରହିଥିବାରୁ ଉପରୋକ୍ତ ମାମଲାରେ ହସ୍ତକ୍ଷେପ କରିବାକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ବିଚାରପତି ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମନା କରିଦେଇଛନ୍ତି। ଇଣ୍ଟର କଣ୍ଟିନେଣ୍ଟାଲ ଆସୋସିଏଶନ ଅଫ ଲୟର୍ସର ଜନସ୍ୱାର୍ଥ ମାମଲାରେ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବାକୁ ଆବେଦନ କରାଯାଇଥିଲା। ଶ୍ରୀମନ୍ଦିର ପରିଚାଳନାରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ବିଫଳ ହୋଇଛି। ଏଭଳି ବିଫଳତା ଯୋଗୁ ଗତ ଅକ୍ଟୋବର ୩ରେ ଧାଡ଼ି ଦର୍ଶନକୁ ନେଇ ପୁରୀ ହିଂସା ଘଟିଲା ବୋଲି ଆସୋସିଏଶନ ପକ୍ଷରୁ ଆବେଦନରେ ଦର୍ଶାଯାଇଥିଲା। ଆବେଦନକାରୀ ୧୯୫୨ ମସିହାରୁ ମନ୍ଦିର ପ୍ରଶାସନ ସଂଗ୍ରହ କରିଥିବା ପାଣ୍ଠି ସମ୍ପର୍କରେ ସୂଚନା ଚାହିଁଥିଲେ। ଏହାଛଡ଼ା ରତ୍ନଭଣ୍ଡାରର ତଦାରଖ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଟିମ୍ ଗଠନ କରିବାକୁ ନିବେଦନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଇନଜୀବୀ ଶ୍ୱେତକେତୁ ମିଶ୍ର ଏହି ମାମଲାକୁ ତୀବ୍ର ବିରୋଧ କରିଥିଲେ। ଆବେଦନକାରୀ ତାଙ୍କ ଆବେଦନରେ ବ୍ୟକ୍ତିଗତ ଆକ୍ଷେପ କରିଛନ୍ତି ବୋଲି ସେ ଯୁକ୍ତି ବାଢ଼ିଥିଲେ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ସୁନାରେ ସୁଗନ୍ଧ, ଆଖୁରେ ଫଳ, ଚନ୍ଦନରେ ଫୁଲ ନ ଥାଏ। ବିଦ୍ୱାନ ଧନୀ ହୋଇ ନ ଥାନ୍ତି କି ରାଜା ଦୀର୍ଘଜୀବୀ ହୋଇ ନ ଥାନ୍ତି।

- ଚାଣକ୍ୟ



## ସଂକ୍ଷେପରେ

### ସତ୍‌ସଙ୍ଗ କେନ୍ଦ୍ରର ବନ ମହୋତ୍ସବ

**ପାଇକମାଳ, ୨୧।୧ (ଡି.ଏନ.ଏ):** ପାଇକମାଳ ସତ୍‌ସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ସାଲେପାଲି ଗ୍ରାମ ନିକଟରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପବିତ୍ର ବନମହୋତ୍ସବ ସୋମବାର ମହାସମାରୋହରେ ପାଳିତ ହୋଇଯାଇଛି । ପୂର୍ବାହ୍ନ ସାଢେ ୧୧ଟା ସମୟରେ ସାମୂହିକ ବିନତି ପ୍ରାର୍ଥନା ପରେ ସତ୍ତ୍ୱାନୁସରଣ ଓ ନାରୀ ନୀତିଗ୍ରନ୍ଥ ପାଠ କରାଯାଇଥିଲା । ପରେ ଭଜନ କୀର୍ତ୍ତନ ପରିବେଷଣ କରାଯାଇଥିଲା । ସହ ପ୍ରତିଋତ୍ୱିକ ଶ୍ୟାମସୁନ୍ଦର ନାୟକ ପୌରୋହିତ୍ୟ କରିଥିବାବେଳେ ଗୋପାଳ ଚନ୍ଦ୍ର ଲେଙ୍କା ସହଯୋଗ କରିଥିଲେ ।

### ବୁଲା କୁକୁର ଦୌରାତ୍ମ୍ୟ, ୩ ଆହତ

**ଅତାବିରା, ୨୧।୧ (ଡି.ଏନ.ଏ):** ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଗୋଡଭଗା-ସୋନପୁର ରାଜ୍ୟ ରାଜପଥ ଓ ବରଗଡ-ସମ୍ବଲପୁର ଜାତୀୟ ରାଜପଥ ପାର୍ଶ୍ୱ ଗାଁ ଗୁଡିକରେ ଦିନକୁ ଦିନ ବୁଲା କୁକୁରଙ୍କ ଦୌରାତ୍ମ ବଢିବାରେ ଲାଗିଛି । ଫଳରେ ରାସ୍ତାରେ ଯିବା ଆସିବା କରିବାରେ ଲୋକେ ଅସୁବିଧା ଭୋଗୁଛନ୍ତି । ସ୍କୁଲ, କଲେଜକୁ ଯାଉଥିବା ଛାତ୍ରୀଛାତ୍ରମାନେ ଭୟଭୀତ ହେଉଛନ୍ତି । ବିଭିନ୍ନ ସମୟରେ କୁକୁର ରାସ୍ତା ଉପରକୁ ହଠାତ୍ ପଶିଆସୁଥିବାରୁ ବାଇକ୍ ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଝାରସୁଗୁଡା, ସମ୍ବଲପୁର ଅଞ୍ଚଳରୁ ଟ୍ରକ ଯୋଗେ କୁକୁରମାନଙ୍କୁ ଆଣି ଏଠାରେ ଛାଡି ଦିଆଯାଉଥିବାରୁ କୁକୁର ସଂଖ୍ୟା ବଢୁଛି । ସୋମବାର ଅତାବିରା ସାପ୍ତାହିକ ବଜାର ନିକଟରେ ବୁଲା କୁକୁର କାମୁଡାରେ ୩ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ମାଳୀ ସମାଜ କର୍ମକର୍ତ୍ତା ଚୟନ

**ଗାଇସିଲେଟ, ୨୧।୧ (ଡି.ଏନ.ଏ):** ଗାଇସିଲେଟ ବ୍ଲକ କୌଶଲିଆ ମାଳୀ ସମାଜର ଏକ ସାଧାରଣ ସଭା ଗାଇସିଲେଟ ନିକଟସ୍ଥ ଅଙ୍ଗ ନଦୀ ବ୍ରିଜ ପାଖରେ ବ୍ରାହ୍ମଣ ବୁଧ ପୁଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅଞ୍ଚଳର ପ୍ରତ୍ୟେକ ଗ୍ରାମରୁ ଜାତି ଭାଇ ତଥା ବରଗଡ ମାଳୀ ସମାଜ ସଭାପତି ଭୀଷ୍ମଦେବ ପୁଟେଲ, ସମ୍ପାଦକ ଟେକରାଜ ପୁଟେଲ ଏବଂ ପଦ୍ମପୁର, ବୁଡିମାଳ, ପାଇକମାଳର କର୍ମକର୍ତ୍ତା ଯୋଗଦେଇ ସମାଜର ଉନ୍ନତି ସକାଶେ ଆଲୋଚନା କରିଥିଲେ । ଏହି ଅବସରରେ ଟେଙ୍ଗାପାଲି ଗ୍ରାମର ବ୍ରାହ୍ମଣ ବୁଧ ପୁଟେଲ ସଭାପତି, ଭେଲୁଆଁପଦର ଗ୍ରାମର ବିରେନ୍ଦ୍ର ପୁଟେଲ ଉପସଭାପତି, ଖୁଣ୍ଟପାଲିର ସରୋଜ ପୁଟେଲ ସହସମ୍ପାଦକ, ବଡସାହାଜବାହାଲର ମହାତ୍ମା ପୁଟେଲ ଏବଂ ଟେଙ୍ଗାନାପାଲିର ପ୍ରବୀଣ ପୁଟେଲଙ୍କୁ ରାଜ୍ୟ କୋର୍ଡିନେଟର ଭାବେ ସର୍ବସମ୍ମତିକ୍ରମେ ମନୋନିତ କରାଯାଇଥିଲା ।



### ୮ରେ ବିଧାନସଭା ସମ୍ମୁଖରେ ଧାରଣା

**ପାଇକମାଳ, ୨୧।୧ (ଡି.ଏନ.ଏ):** ଅନୁସୁଚିତ ଜାତି ଓ ଜନଜାତି ସେବାଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ମେଟ୍ରନ ମାନଙ୍କର ଏକ ଜିଲାସ୍ତରୀୟ ଏକ ବୈଠକ ପାଇକମାଳର ନୃସିଂହନାଥ କପିଳମୁନି ଆଶ୍ରମ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାସଂଘ ରାଜ୍ୟ ଆବାହକ ଦିଗମ୍ବର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ମେଟ୍ରନ ମାନଙ୍କର ସାତ ଦଫା ଦାବି ବିଷୟରେ ଆଲୋକପାତ କରିଥିଲେ। ମେଟ୍ରନମାନଙ୍କୁ ୭,୫୦୦ଟଙ୍କା ପ୍ରଦାନ କରାଯାଉଥିବା ବେଳେ ତଳିଆ କର୍ମଚାରୀମାନଙ୍କୁ ୧୦,୫୦୦ ଟଙ୍କା ପ୍ରଦାନ କରାଯାଉଛି । ଏହି ଦରମାକୁ ବଢାଇବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଦେବାକୁ ଦାବି କରି ଫେବୃୟାରୀ ୮ ତାରିଖରେ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଜିଲା ସଭାନେତ୍ରୀ ପଦ୍ମିନୀ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ମୁଲତା ସେଠ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଭିନୟ, ସାଜସଜ୍ଜା ଥିଲା ନିଆରା

୧୧ଦିନର ଦୃଶ୍ୟାଭିନୟ ପରେ ସୋମବାର ୭୦ତମ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଯବନିକା ପଡ଼ିଛି । ମହୋତ୍ସବରେ ଏଥର ଥିଲେ ବହୁ ନୂଆ, ପୁରୁଣା କଳାକାର । ପୁରୁଷ ଅପେକ୍ଷା ନାରୀ ଚରିତ୍ରରେ ଅଧିକାଂଶ କଳାକାର ଥିଲେ ନବାଗତା । ସେହିପରି ସଙ୍ଗୀତ ସଂଯୋଜନାରେ ଯେଉଁ ଶିଳ୍ପୀମାନେ ନିୟୋଜିତ ଥିଲେ ସେମାନେ ମଧ୍ୟ ଏଠାରେ ପ୍ରଥମ । ଅନ୍ୟପଟେ ଧନୁଯାତ୍ରା ଅବ୍ୟବହିତ ପୂର୍ବରୁ କଂସ ଅଭିନେତା କିଏ ହେବ, ସେ ନେଇ କୌତୂହଳ ସୃଷ୍ଟି ହୋଇଥିଲା । ଏଥର କ୍ରମାଗତ ଦ୍ୱିତୀୟଥର ପାଇଁ ସେହି ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନଙ୍କ ଅଭିନୟ କିଭଳି ରହିବ, ତାକୁ ସମସ୍ତେ ଚାହିଁ ବସିଥିଲେ । ଏପରିକି ଲକ୍ଷାଧିକ ଦର୍ଶକଙ୍କ ସମ୍ମୁଖରେ ସତେ ଯେଭଳି ତାଙ୍କ ପାଇଁ ଏହି ମହୋତ୍ସବ ଏକ ଅଗ୍ନି ପରୀକ୍ଷା ସଦୃଶ ରହିଥିଲା । ଦିଗ୍‌ଦର୍ଶକଙ୍କ ଦିଗଦର୍ଶନ ପାଇ ନବାଗତ କଳାକାରଙ୍କ ସହିତ ତାଳ ଦେଇ କଂସ ଅଭିନେତା ଭୁବନେଶ୍ୱର ଏଥର ଯେଭଳି ନିଖୁଣ ଅଭିନୟ କଲେ ଏବଂ ସାଜସଜ୍ଜାରେ ମଧ୍ୟ ଯେଭଳି ସୁନ୍ଦରତା ଭରି ରହିଥିଲା, ଏଥର ଧନୁଯାତ୍ରା ମହୋତ୍ସବ ଅନ୍ୟବର୍ଷ ତୁଳନାରେ ଯଥେଷ୍ଟ ଗୁଣରେ ଆକର୍ଷଣୀୟ ଥିଲା ବୋଲି ଆଲୋଚନା ଚାଲିଛି ।



ଧନୁଯାତ୍ରା ମହୋତ୍ସବରେ ମୋର ଅଭିନୟ ପ୍ରଥମ ରହିଥିଲା। ପୁତନା ଏବଂ କଂସଙ୍କ ଦାସୀ ଚରିତ୍ରରେ ଅଭିନୟ କରିଥିଲି। ବରଗଡ଼ ଭଟଲି ଛକ(ଭାରତୀ ନଗର)ରେ ମୋର ଘର । ମୁଁ ଜଣେ ଗୃହିଣୀ । ପୂର୍ବରୁ ଟୁକୁର୍ଲା ଲକ୍ଷ୍ମୀପୂଜାରେ ଅଭିନୟ କରିଥିଲି । କିନ୍ତୁ ଏଥର ମହାରାଜଙ୍କ ଦରବାରରେ ଅଭିନୟ କରି ଯେଉଁ ଆତ୍ମତୃପ୍ତି ପାଇଲି, ତାକୁ କେବେ ଭୁଲିବି ନାହିଁ ।**-ପଦ୍ମା ପ୍ରଧାନ**



ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୩ ମନାବନ୍ଧ ପଡ଼ାରେ ମୋ ଘର । ଏହି ଧନୁଯାତ୍ରା ମହୋତ୍ସବରେ ବହୁବର୍ଷ ହେଲା ମୁଁ ତ୍ରିକାଳ ଭୂମିକାରେ ଅଭିନୟ କରି ଆସୁଛି । ଏନଟିପିସିରେ ଜଣେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରେ । ନିଜେ ମଥୁରାନଗରୀ ଭାବେ ପରିଚିତ ବରଗଡ଼ ସହର ବାସିନ୍ଦା ଏବଂ ଏଠାକାର ମହୋତ୍ସବରେ ଅଭିନୟ କରି ବହୁତ ଭଲ ଲାଗୁଛି ।**-ଛୋଟୁ ପାଣିଗ୍ରାହୀ**



ସମ୍ବଲପୁର ଜିଲା ପରମାଣପୁର ଥାନା ମୁରା ଗ୍ରାମରେ ଘର। ଆଗରୁ କେବେ, କେଉଁଠି ଅଭିନୟ କରି ନ ଥିଲି । ଧନୁଯାତ୍ରାରେ ହେତୀ ଓ କଂସଙ୍କ ଦାସୀ ଭୂମିକାରେ ଅଭିନୟ କରିଥିଲି । ଏହା ହିଁ ମୋ ପ୍ରଥମ ଅଭିନୟ । ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଦିନେ ଅଭିନୟର ସୁଯୋଗ ପାଇବି ବୋଲି ଜୀବନରେ କେବେ ସୁଦ୍ଧା ଭାବି ନ ଥିଲି ।**-ସୁରମା ବେହେରା**



କଳାକାର ଭଲ ଅଭିନୟ କଲେ ଦର୍ଶକଙ୍କ ତାଳି ଏବଂ ଅଭିନୟ ଠିକ୍ ନ ହେଲେ ଗାଳିଶୁଣିବାକୁପଡେ । ଏଥର ଯଥାସମ୍ଭବ ସମସ୍ତ କଳାକାରଙ୍କୁ ଦିଗଦର୍ଶନ ଦିଆଯାଇଛି । ରିହର୍ସାଲ ବେଳେ କଂସ ସମେତ ସମସ୍ତ କଳାକାର ଉତ୍ତମ ପ୍ରଦର୍ଶନ କରିଥିଲେ । ଅଭିନୟରେ ବହୁଗୁଣରେ ଉନ୍ନତି ଘଟିଛି । ତେବେ ମଞ୍ଚରେ ସେମାନେ କିଭଳି ଅଭିନୟ କଲେ, ଦର୍ଶକମାନେ ତାର ଉତ୍ତର ରଖିଲେ ଭଲ ହେବ ।**-ଅଶୋକ ବେହେରା**



ବାଲେଶ୍ୱର ଜିଲା ଗୋପାଳ ଗାଁରେ ଘର । ୧୪/୧୫ବର୍ଷ ହେବ ବରଗଡ଼ ଧନୁଯାତ୍ରାରେ ମଲ୍ଲ ଭୂମିକାରେ ଅଭିନୟ କରି ଆସୁଛି। ଏହାବାଦ୍ ପୁରୀ ରଥଯାତ୍ରା, ପାଇକ ଆଖଡ଼ା, ସମ୍ବଲପୁର ଶୀତଳଷଷ୍ଠୀ, କଟକର ବାଲିଯାତ୍ରା, ଝାରସୁଗୁଡ଼ା, ସୁନ୍ଦରଗଡ଼ର ରମ ନବମୀରେ ମଧ୍ୟ ଅଭିନୟ କରେ । କିନ୍ତୁ ଏଠାରେ ଯେଉଁ ଖୁସି ମିଳେ, ତାହା ନିଆରା ।**-ଦିଲୀପ ଭୂୟାଁ**



ଅନ୍ୟବର୍ଷ ତୁଳନାରେ ଏଥର ଧନୁଯାତ୍ରା ବହୁତ ଆକର୍ଷଣୀୟ ରହିଥିଲା। ସେହି ଦୃଷ୍ଟିରୁ ଲକ୍ଷାଧିକ ଦର୍ଶକଙ୍କ ମଧ୍ୟ ସମାଗମ ହୋଇଥିଲା। ଏହା କେବଳ ଧନୁଯାତ୍ରା ମହୋତ୍ସବ ସମିତି ନୁହେଁ, ସାରା ମଥୁରାବାସୀ ଏବଂ ଧନୁଯାତ୍ରା ଦର୍ଶକଙ୍କ ସହଯୋଗ ଯୋଗୁ ସମ୍ଭବ ହୋଇପାରିଛି ।**-ସୁରେଶ୍ୱର ଶତପଥୀ**

**ଉପସ୍ଥାପନା: ;ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍**

## ରାମଲୀଳା ପାଇଁ ରାମ ଲକ୍ଷ୍ମଣ ବରଣ



ଭେଡ଼େନ ରାମଲୀଳା ପାଇଁ ରାମ ଲକ୍ଷ୍ମଣ କଳାକାର ବରଣ କରାଯାଉଛି ।

**ଭେଡ଼େନ, ୨୧।୧ (ଡ଼ି.ଏନ.ଏ)**

ଆସନ୍ତା ୨୭ ତାରିଖରୁ ବରଗଡ଼ ଜିଲା ଭେଡ଼େନର ପ୍ରସିଦ୍ଧ ନବରାତ୍ର ରାମଲୀଳା ମହୋତ୍ସବ ଆରମ୍ଭ ହେବ। ଏହି ମହୋତ୍ସବରେ ରାମ ଏବଂ ଲକ୍ଷ୍ମଣ ଚରିତ୍ରରେ ଅଭିନୟ କରିବା ପାଇଁ ସୋମବାର କଳାକାର ବରଣ କରାଯାଇଛି। ରାମ ଚରିତ୍ର ପାଇଁ ଭେଡ଼େନ ଗ୍ରାମର ଅଭିନେତା ମହେନ୍ଦ୍ର ସେଠ ଏବଂ ଲକ୍ଷ୍ମଣ ପାଇଁ କୁମ୍ଭାରୀ ଗ୍ରାମର ସଚିନ ମହାପାତ୍ରଙ୍କୁ ଭେଡ଼େନ ରାମଲୀଳା ପରିଚାଳନା କମିଟି ତରଫରୁ ନାରିକେଳ, ଉପାୟନ, ପୁଷ୍ପମାଲ୍ୟ ଆଦି ପ୍ରଦାନ କରି ବରଣ କରାଯାଇଛି । ଏହି ଅବସରରେ କମିଟିର ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ସିଆର୍‌ପିଏଫ୍‌ର ଜନସମ୍ପର୍କ ଶିବିର



ଗରିବ ଲୋକଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଉଛି ।

**ପାଇକମାଳ, ୨୧।୧ (ଡି.ଏନ.ଏ)**

ପାଇକମାଳ ବ୍ଲକ ବରତୁଣ୍ଡା ପଞ୍ଚାୟତ କଲୋନୀ ପଡାଠାରେ ୧୮୯ ବାଟାଲିଏନ ସିଆରପିଏଫ ତରଫରୁ ଏକ ଜନସମ୍ପର୍କ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮୯ ସିଆରପିଏଫ ବାଟାଲିୟନର କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୋରିଆ ମୁଖ୍ୟଅତିଥି, ଡେପୁଟି କମାଣ୍ଡାଣ୍ଟ ସୁରେଶ ସୈନିକ, ପାଇକମାଳ ବିଡିଓ ସଦାଶିବ ନାୟକ, ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗ, ସରପଞ୍ଚ ଜୟନ୍ତୀ ପୁଟ୍ଟା, କୁମାର ଭୋଇ, ଡା. ସଙ୍ଗୀତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବରୁତୁଣ୍ଡା ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗୁଲସନ ଶର୍ମା ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ପରେ ଅତିଥିମାନଙ୍କ ଦ୍ୱାରା ଗରିବ, ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ୨୪୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟାଯାଇଥିଲା ।

# ଲକ୍ଷ୍ୟ ହାସଲ ପାଇଁ ନିରନ୍ତର ଅଧ୍ୟବସାୟ ଆବଶ୍ୟକ

**ବିଜେପୁର, ୨୧।୧ (ଡି.ଏନ.ଏ)**

ବିଜେପୁର ମହାବିଦ୍ୟାଳୟର ଦ୍ୱାତ୍ରିଂଶତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି । ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହକୁ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟିକା ରୀତା ସାହୁ ସମ୍ମାନିତ ଅତିଥି, ଭୀମସାର ବୁର୍ଲାର ପ୍ରଫେସର ଡା. ସାଧୁଚରଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ହୋଇଥିଲା। ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ



ବିଜେପୁର କଲେଜର ଛାତ୍ରୀମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି ।

ରହି ନିରନ୍ତର ସେବା କାର୍ଯ୍ୟ ସମ୍ପାଦନ କରିଆସୁଥିବା ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗତିକୃଷ୍ଣ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଆତ୍ମବିଶ୍ୱାସର ସହିତ ପ୍ରୟାସ କଲାବେଳେ ଯେତେ ବାଧାବିଘ୍ନ ଆସିଲେ ମଧ ଭାଙ୍ଗିପଡିବା ଅନୁଚିତ। ବରଂ ନିରନ୍ତର ଅଧ୍ୟବସାୟ କଲେ ଲକ୍ଷ୍ୟ ହାସଲ ସୁନିଶ୍ଚିତ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଅଧ୍ୟାପକ ରେବନ୍ତ କୁମାର ମେହେର ମାନପତ୍ର ପାଠ କରିଥିଲେ । ସାଫଲ୍ୟ ସ୍ମାରକୀ ସ୍ମୃତି ସମ୍ମାନରେ ଧର୍ମୁ ରତାଇ, ରାହୁଲ ସାହୁ ଏବଂ ଯଶୋବନ୍ତ ସା ସ୍ମୃତି ସମ୍ମାନରେ ବିଗତ ବର୍ଷର ବିଜ୍ଞାନ ବିଭାଗର ଶ୍ରେଷ୍ଠ ଛାତ୍ରୀ ଶୁଭ୍ରଜ୍ୟୋତ୍ସ୍ନା ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସୁରଲକ୍ଷ୍ମୀ ବୃନ୍ଦା ସମ୍ମାନରେ ଓଡ଼ିଆ ଭାଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ଶୁଭ୍ରଜ୍ୟୋତ୍ସ୍ନା ବାରିକ ଓ ଛାତ୍ର ରାହୁଲ ସାହୁ ସମ୍ବର୍ଦ୍ଧିତ ହୋଇଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଚିନ୍ମୟ ସାହୁ ଅତିଥି ପରିଚୟ ପ୍ରଦାନ, ଅଧ୍ୟାପକ ପରମାନନ୍ଦ ବ୍ରହ୍ମଚାରୀ ସଭା ସଞ୍ଚାଳନ ଓ ଅଧ୍ୟାପକ ପ୍ରଫୁଲ୍ଲ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ପାଇକମାଳ, ୨୧।୧ (ଡି.ଏନ.ଏ)**

ପାଇକମାଳ ବ୍ଲକ ଫ୍ରେଜରପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବକୁ ବିଡିଓ ସଦାଶିବ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସୋମବାର ଉଦ୍‌ଘାଟନ କରିଥିଲେ । ବଡ ସତପଥୀ, ସୁରଥ ସାହୁ, ଗୌରାଙ୍ଗ ଦାସ, ଗୋପୀନାଥ ପ୍ରଧାନ, ଭୁବନେଶ୍ୱର ସାହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା କ୍ଷୀତି ଭୂଷଣ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ । କ୍ରୀଡାଶିକ୍ଷକ, ରତ୍ନଶ୍ରୀ ନାୟକ, ବିଜୟଲକ୍ଷ୍ମୀ ପଧାନ, କଣ୍ଟେଶ୍ୱର ପ୍ରଧାନ, ରୀନା ଭୋଇ, ପ୍ରିୟାବତୀ ପଧାନ, ପି. ଉମେଶ, ଗଜପତି ନାୟକ, ଭାଗ୍ୟବତୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ପରିଚାଳନା କମିଟିର ଏକ ବୈଠକ ବରଗଡ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଦୀପକ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜବୋଡାସମ୍ବର ବ୍ଲକରେ ଜନ ଅଭିଯୋଗ ଶୁଣାଣି

**ପଦ୍ମପୁର, ୨୧।୧ (ଡି.ଏନ.ଏ)**

ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭା ଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନଶୁଣାଣି ଶିବିରରେ ବରଗଡ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ପଦ୍ମପୁର ତହସିଲଦାର ସରୋଜିନୀ ପ୍ରସନ୍ନ କୁଲୁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏଲିଜା ମିଶ୍ର, ସହକାରୀ ଜିଲାପାଳ ଅନୀଲ କୁମାର ହୋତା, ଦୀପ୍ତିମୟୀ ଭୁଏ ପ୍ରମୁଖ ଯୋଗଦାନ କରି ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଗୁଡିକ ଶୁଣାଣି କରି ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ବିହିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଉକ୍ତ ଶିବିରରେ ୧୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ତନ୍ମଧ୍ୟରୁ ଗୋଷ୍ଠୀଗତ ୩ଟି ଏବଂ ବ୍ୟକ୍ତିଗତ ଅଭିଯୋଗ ୧୫ଟି ଅର୍ନ୍ତଭୁକ୍ତ ଥିଲା । ଅଭିଯୋଗ ଗୁଡିକ ମଧ୍ୟରେ ମୁଖ୍ୟତଃ ବିଧବା ଏବଂ ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁରୀ, ବିଦ୍ୟୁତ୍ ଯୋଗାଣ ସମ୍ବନ୍ଧୀୟ, ବିଜୁ ପକ୍କାଘର ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ କାର୍ଡ ପ୍ରଦାନ ତଥା ଶୌଚାଳୟ ନିର୍ମାଣ ଆଦି ଅର୍ନ୍ତଭୁକ୍ତ ଥିଲା । ଜିଲା କଲ୍ୟାଣ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ, ଜିଲା ସମାଜ ମଙ୍ଗଳ ଅଧିକାରୀ ନବକୃଷ୍ଣ ସାହୁ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଚୈତନ୍ୟ ମାଝୀ, ସହକାରୀ ଯୋଗାଣ ଅଧିକାରୀ ଶମ୍ଭୁପ୍ରସାଦ ହରପାଲ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଶୋକ ପାତ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଜନୀକାନ୍ତ ବହିଦାରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ । ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ପ୍ରକାଶ ଚନ୍ଦ୍ର ମିଶ୍ର, ଆଶିଷ ବାଗ ତଥା ରାଜବୋଡାସମ୍ବର ବ୍ଲକର କର୍ମଚାରୀମାନେ ସହଯୋଗ କରିଥିଲେ ।

# ଝରାଡେରାବାସୀଙ୍କୁ ସାତ୍ ସପନ ଇନ୍ଦିରା ଆବାସ

**ଅତାବିରା, ୨୧।୧ (ଡି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍ ମହାନଦୀ ଖଁଡ଼ିରେ ଗଲା ୧୫୦ ବଛରରୁ ଅଧିକା ହେବା ଝରା ସମାଜର ୮ ପରିବାର ରହି ଆସୁଛନ୍। ଇମାନକର ଜୀବନ୍ ଜୀବ୍‌କା ମହାନଦୀର ସଂଗେ ଜୁଡ଼ି ହେଇ ରହିଛେ। ସଖାଲ ପାଏଲେ ମହାନଦୀରେ ମାଛ ମାରୁଛନ୍, ସେଟାକେ ଆସର ପାସର ଗାଁଗଡ଼ା, ବଜାରରେ ବିକି ପେଟ ପାଳୁଛନ୍। ଇମାନକର ଜମିଭୂମି ବଲି କିଛି ନାଇଁ, ବାପ୍ ଅଜା ଅମଲୁ ନଏଦ୍ ଖଁଡ଼ିରେ କୁଡିଆ ମାରି ରହିଆସୁଛନ୍। ହେଲେ ଇ ପରିବାରମାନେ ଆଏଜ୍ ତକ୍ ସରକାରୀ ଯୋଜ୍‌ନାରେ ଇନ୍ଦିରା ଆବାସ ପାଏବାରୁ ବଁଚିତ ହେଇଥିବାର ଅଭିଯୋଗ କରିଛନ୍। ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ ମହାନଦୀ ଖଁଡ଼ି ଝରାଡ଼େରାରେ ଝରା ସମାଜର ଶାକିର ବେହେରା, ବିଜୟ ବେହେରା, ଅଶ୍ୱିନୀ ବେହେରା, ସାଗର ବେହେରା, ଯୋଗ

**ଭେଡେନ ବ୍ଲକ**



ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍‌ର ଝରାଡେରାବାସୀ।

- ୧୫୦ ବଛର ହେଲା ବାପ୍ ଅଜା ଅମଲୁ ରହିଆସୁଛନ୍
- ପରଶାସନ ଘର ବନାକେ ଜାଗା ଦେଇଛେ ୪ କି.ମି. ଦୂରେ
- ପଡ଼ା ପାସେ ଜଗା ଦେବାକେ କହେଲେ କେହି ନାଇଁ ଶୁନବାର
- ଜାଗା ଛାଡ଼ଲେ ଜୀବ୍‌କା ବୁଡ଼ବା, ଅରକଲେ ପକଉଛେ ପରଶାସନ

ବେହେରା, ଚୈତନ୍ୟ ବେହେରା, ବିଜୁଳି ବେହେରା, ସିଂହ ବେହେରା ମୋଟ ୮ଟା ପରିବାର ୩୪ ଲୋକ୍ ରହିଆସୁଛନ୍। ହେଲେ ଇମାନେ ସଭେ ଜମିଭୂମି ହୀନ ହେଇଥିଲା ବେଳେ ସରକାରୀ ଯୋଜ୍‌ନାରେ ଆଏଜ୍‌ତକ୍ ଘରଖଁଡ଼େ ଲେଖେଁ ନାଇଁ ପାଇଥିବାର କହିଛନ୍। ସରକାରୀ ଯୋଜ୍‌ନାରେ ଘର ଖଁଡ଼େ ମିଳବା ମିଳବା ବଲି ଶେଷେ ଆଏଁଖ୍ ମୁଜି ଦେଇଛନ୍ ପଡ଼ାର ସିଂହ ବେହେରା। ଇମାନକୁ ପରଶାସନ ୪ ଡିସିମିଲ ଲେଖେଁ ଜାଗା ଖୁଣ୍ଟୁଲିପାଲିରେ ଜୁଗେଇ ଦେଇଛେ ସତ୍ ହେଲେ ଇମାନେ ରହୁଥିବାର ପଡ଼ାନୁ ସେଟା ୪ କି.ମି. ଦୂରିଆ। ପରଶାସନକେ ଆମର ପଡ଼ା ପାସେ ଜମି ଯୁଗେଇ ଦେବାକେ କହେଲେ ନାଇଁ ଶୁନବାର। ଯେନ୍‌ଠାନେ ଜମି ଜୁଗେଇ ଦେଇଛେ ସେଠାନେ ବାସ କଲେ ଆମେ ଜୀବ୍‌କା ହରାବାର ସଂଗେ ଆମର ପିଲାଛୁଆ କୁଟୁମ ଭୁଖେ ମରବେ ବଲି ପଡ଼ାର ଅଶ୍ୱିନୀ ବେହେରା କହିଛନ୍। ୧୫୦ ବଛରରୁ ଅଏଦ୍‌କା ହେଲା ଆମେ ଇଠାନେ ବାପ୍ ଅଜା ଅମଲୁ ରହି ଆସୁଛୁଁ। ପରଶାସନ ଆସେ ପାସେ ଜମି ଯୁଗେଇ ଦେଇ ଇନ୍ଦିରା ଆବାସଟେ ଲେଖେଁ ଦେଲେ ହେତା, ହେଲେ କିଏ କାହାର କଥା ଶୁନୁଛେ, ଆଏଜକାଲି ତ ପରଶାସନ ବି ତେଲିଆର ମୁଡ଼େ ତେଲ ଦେବାର ଶିଖିଲାନ ବଲି ପଡ଼ାର ଚୈତନ୍ୟ ବେହେରା କହିଛନ୍। ଇ ବାବ୍‌ଦେ ଭେଡ଼େନ ବ୍ଲକ ବିଡିଓ ମୂରଲୀଧର ନାୟକଙ୍କୁଁ ପଚରାଲାରୁ ଯଦି ସେମାନକର ପଡ଼ାପାସେ ନିରାପଦ ଜାଗାରେ ସରକାରୀ ଜମିଥିବା ତଦଁତ୍ କରି ଇନ୍ଦିରା ଅବାସ ତିଆରି ଲାଗି ଯୁଗେଇ ଦିଆଯାଇ ପାରବା। ସେମାନେ ଆଗରୁ ପାଇଥିବାର ଜମି ବି ଥାଉ ଭବିଷତରେ ତାକର କାମେ ଲାଗବା ବଲି ସେ କହିଥିଲେ। ସେନ୍‌ତା ଦେଶଭଟିଲି ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ଦାଶଙ୍କୁଁ ପଚରାଲାରୁ ଝରାଡ଼େରାର କେତେ ପରିବାରକେ ଇନ୍ଦିରା ଅବାସ ଦେବାର ଲାଗି ତାଲିକା ଆସିଛେ। ହେଲେ ସେମାନେ ତାହାକୁ ମିଳିଥିବାର ଜାଗାରେ ଘର ତିଆରି କରବାକେ ନାଇଁ ମଂଗବାର ବଲି ସେ କହିଥିଲେ।

## ପଦ୍ମପୁର ଜିଲା ଘୋଷଣା ଦାବିକୁ ସମର୍ଥନ

**ପଦ୍ମପୁର, ୨୧।୧(ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ସବ୍‌ଡିଭିଜନକୁ ଜିଲା ଘୋଷଣା ଦାବି ନେଇ ଉପଜିଲାପାଳଙ୍କ ଅଫିସ୍ ଆଗରେ ୮ତାରିଖରୁ ଚାଲିଥିବା ଗଣଧାରଣା ସୋମବାର ୧୪ ଦିନରେ ପହଞ୍ଚିଛି। ଏହି ଗଣାଧାରଣାକୁ ରାଷ୍ଟ୍ରୀୟ ହିନ୍ଦୁ ଏକତା ମଞ୍ଚ ପଦ୍ମପୁର ଶାଖା ତରଫରୁ ସମର୍ଥନ ଦିଆଯାଇଛି । ଆଶିଷ କୁମାର ମିଶ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଆସି ଗଣଧାରଣା ମଞ୍ଚରେ ବସିଥିଲେ । ଭାସ୍କର ଦାଶ, ଡ. ବାଞ୍ଛାନିଧି ପଣ୍ଡା, ଗୌରଚନ୍ଦ୍ର ମେହେର, ସୁଧାଂଶୁ ଶେଖର ପତି, କାହ୍ନୁ ଚରଣ ମେହେର, ଯୁବରାଜ ପଧାନ, କଲ୍ୟାଣୀ ମିଶ୍ର, ସୁଷମା ବିଶ୍ୱାଳ, ମମତା ଗଡତିଆ, ପ୍ରଦୀପ କୁମାର ରାଜହଂସ, ଚୈତନ୍ୟ ମେହେର, ସତ୍ୟନାରାୟଣ ସାହା, ଦୁର୍ବାଦଳ ସାହୁ, ସୁକାନ୍ତ କିଶୋର ସାହୁ ପ୍ରମୁଖ ଗଣଧାରଣାରେ ଉପସ୍ଥିତ ଥିଲେ। ଏ ନେଇ ଅତିରିକ୍ତ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍

## ସଂକ୍ଷେପରେ

### ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ : ଭଣ୍ଡାର ଚାମ୍ପିୟନ

**ବିନିକା, ୨୧।୧(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ଅଧିନ ନୂଆଁପାଲି ଗ୍ରାମର ପୂର୍ବତନ କ୍ରିକେଟ ଖେଳାଳି ସ୍ୱର୍ଗତ ଅବ୍ୟୟ ଖଣ୍ଡାୟତ, କୁମୁଦ ଭୋଇ ଓ ଜବଦା ଗ୍ରାମର ଅବିନାଶ ବେହେରାଙ୍କ ସ୍ମୃତିରେ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ନୂଆଁପାଲି କ୍ରିକେଟ ଆସୋସିଏଶନ ତରଫରୁ ନୂଆଁପାଲି ଖେଳପଡିଆରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ରହିଲା, ଭଣ୍ଡାର, ଉର୍ଲେ, ଅରିଗାଁ, ଅନ୍ତର୍ଡା, ସିଂଘିଯୁବା, ପାଣିସିଆଲି, ଝିଙ୍କି ପ୍ରଭୃତି ଦଳ ଭାଗ ନେଇଥିଲେ । ପ୍ରତିଯୋଗିତାକୁ ସ୍ୱର୍ଗତ କୁମୁଦ ଭୋଇଙ୍କ ପିତା ତଥା ଗ୍ରାମର ବରିଷ୍ଠ ନାଗରିକ ଦେବରାଜ ଭୋଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ସେମିଫାଇନାଲରେ ଝିଙ୍କିକୁ ହରାଇ ଭଣ୍ଡାର ଓ ଦ୍ୱିତୀୟ ସେମିଫାଇନାଲରେ ଉର୍ଲେକୁ ହରାଇ ସିଂଘିଯୁବା ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ଖେଳ ଭଣ୍ଡାର ବନାମ ସିଂଘିଯୁବା ମଧ୍ୟରେ ହୋଇଥିଲା। ସିଂଘିଯୁବା ପ୍ରଥମେ ବ୍ୟାଟିଂ କରି ୨ଓଭରରେ ୨ଉଇକେଟ୍ ହରାଇ ୨୭ରନ୍ କରିଥିଲା। ଜବାବ୍‌ରେ ଭଣ୍ଡାର ୨ଓଭର୍‌ରେ ୧ ଉଇକେଟ୍ ହରାଇ ୨୮ରନ୍ କରି ବିଜୟୀ ହୋଇଥିଲା। ନୂଆଁପାଲି କ୍ରିକେଟ ଆସୋସିଏଶନ ସଭାପତି ସୋମନାଥ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିନିକା ଏନ୍‌ଏସିର ପୂର୍ବତନ ଉପାଧକ୍ଷା ତପସ୍ୱିନୀ ମେହେର ମୁଖ୍ୟ ଅତିଥି, ବିଜେଡି ସଂଗଠକ ହାଡିବନ୍ଧୁ ମେହେର, ପୂର୍ବତନ ଖେଳାଳି ସୁଜିତ ଦାଶ, ଚିତ୍ତରଞ୍ଜନ ମହାନ୍ତି, ଅକ୍ଷୟ ପଣ୍ଡା, ବଶିଷ୍ଠ ଖଣ୍ଡାୟତ, ଅଭି ଭୁଏ, ସନ୍ତୋଷ ମଣ୍ଡଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଜୟୀ ଭଣ୍ଡାର, ରନର୍ସ ଅପ୍ ସିଂଘିଯୁବା ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିବା ସିଂଘିଯୁବାର ନାରାୟଣ, ମ୍ୟାନ୍ ଅଫ୍ ଦ ମ୍ୟାଚ ଭଣ୍ଡାରର ସଞ୍ଜୟ ହୋତାଙ୍କୁ ପୁରସ୍କୃତ କାରାଯାଇଥିଲା।



### ସୁବର୍ଣ୍ଣପୁରରେ ଗଡ଼ିଲା ମିଶନ ଶକ୍ତି ରଥ

**ସୋନପୁର,୨୧।୧(ନି.ପ୍ର.):** ସୁବର୍ଣ୍ଣପୁର ଜିଲାର ମହିଳାମାନଙ୍କୁ ସଚେତନ କରିବା ପାଇଁ ସୋମବାର ଦୁଇଟି ମିଶନ ଶକ୍ତି ରଥର ଶୁଭାରମ୍ଭ ହୋଇଛି। ଜିଲାପାଳ ମଧୁସୂଦନ ମିଶ୍ର ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ୬୦ଦିନ ପର୍ଯ୍ୟନ୍ତ ଜିଲାର ୬ଟି ବ୍ଲକ ଓ ସହରର ସମସ୍ତ ୱାର୍ଡ ପରିକ୍ରମା କରିବ। ମିଶନ ଶକ୍ତି ସମ୍ପର୍କରେ ଓ ସରକାରୀ ଯୋଜନା ବିଷୟରେ ସଚେତନ କରାଯିବ। ଏହି ଅବସରରେ ଅଙ୍ଗନୱାଡି ସୁପରଭାଇଜର ଓ କର୍ମୀ ସ୍ଥାନୀୟସ୍ତରରେ ମହିଳାଙ୍କ ମଧରେ ଲଡୁ ଓ ମ୍ୟୁଜିକ୍ ଚେୟାର ଭଳି ଖେଳର ଆୟୋଜନ କରିବେ ବୋଲି ଜଣାପଡିଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ର, ପ୍ରୋଗ୍ରାମ ଅଧିକାରୀ ଅନିତା ଗୁରୁ, ସୋନପୁର ସିଡିପିଓ ନିବେଦିତା ସରାଫ, ମିଶନ ଶକ୍ତିର ଡିପିସି କାର୍ତ୍ତିକ ଚନ୍ଦ୍ର ନାୟକ ଓ ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର ପ୍ରମୁଖ ଉପସ୍ଥିତ ଥିଲେ।

ତରଭାରେ ଶିକ୍ଷକ ମହୋତ୍ସବ

# ଚରିତ୍ର ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ତରଭା, ୨୧।୧(ଡି.ଏନ.ଏ.)**



ତରଭା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଶିକ୍ଷକ ମହୋତ୍ସବ-୧୯ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

ସୁବର୍ଣ୍ଣପୁର ଜିଲା ତରଭା ସରକାରୀ ବାଳକ ହାଇସ୍କୁଲ ଖେଳ ପଡିଆରେ ତରଭା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ତୃତୀୟ ଶିକ୍ଷକ ମହୋତ୍ସବ-୧୯ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବସନ୍ତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଡ. ହଳଧର ନାଗ ଯୋଗ ଦେଇଥିଲେ। ମୁଖ୍ୟବକ୍ତା କଣ୍ଟାବଞ୍ଜି ଡିଗ୍ରୀ କଲେଜ ଅଧକ୍ଷ ସତ୍ୟବ୍ରତ ମିଶ୍ର, ସମ୍ମାନୀତ ଅତିଥିଭାବେ ପୂର୍ବତନ ଶିକ୍ଷକ ସଂଘ ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ଦିଲୀପ କୁମାର ପାଣିଗ୍ରାହୀ, ଏବିଇଓ ଅଞ୍ଜନ କୁମାର ଚୌଧୁରୀ, ମୁନୁ କୁମାର ମିଶ୍ର ଓ ହରିଶ୍ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷକ ସଞ୍ଜୀବ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ରାଧେଶ୍ୟାମ କୁଅଁର ସଭାର ଆଭିମୁଖ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ପଦ୍ମଶ୍ରୀ ନାଗ ତାଙ୍କ ବକ୍ତବ୍ୟରେ ଚରିତ୍ର ଗଠନ କରିବାରେ ଶିକ୍ଷକମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବର୍ତ୍ତମାନ ଗୁରୁ ଓ ଶିଷ୍ୟ ସମ୍ପର୍କ ହଜିଯାଇ ଟିଚର ଓ ଷ୍ଟୁଡେଣ୍ଟର ରୂପ ନେଇଛି । ଅଧକ୍ଷ ସତ୍ୟବ୍ରତ ମିଶ୍ର ଶିକ୍ଷକମାନଙ୍କ ଉପରେ ଅଯଥା ବୋଝ ଓ ଦଣ୍ଡମୁକ୍ତ ବ୍ୟବସ୍ଥା ଯୋଗୁଁ ଶିକ୍ଷାର ଶିକ୍ଷାର ଅଧୋପତନ ହେଉଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଉମେଶ କୁମାର ଗୁରୁ, ମଧୁସୂଦନ ମିଶ୍ର, କଳାନିଧି ସେଠ୍, ସୁଦାମ ବାଗ, ସନ୍ତୋଷିନୀ ସାହୁ ଓ ହେମବନ୍ତି ପାଢୀଙ୍କୁ ଅତିଥିମାନେ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନାଗଙ୍କୁ ମିଳିତ ଶିକ୍ଷକ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ନୀଳକଣ୍ଠ ବଗର୍ତ୍ତୀ ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରହଲ୍ଲାଦ ଚୌହାନ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗିତଜ୍ଞ ଅଞ୍ଜନ କୁମାର ଚୌଧୁରୀ ଓ ବୈକୁଣ୍ଠେଶ୍ୱର ବାରିକଙ୍କୁ ଅତିଥିମାନଙ୍କ ଦ୍ୱାର ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି, ଭରତ ମଲ୍ଲିକ, ଦାଶରଥି ସେଠ, ପଦାରବିନ୍ଦ ନାଏକ, ନିଳାଞ୍ଚଳ ଭୋଇ, ପ୍ରକାଶ ଦଳବେହେରା, ସୁଶାନ୍ତ ମେହେର, ସାରଙ୍ଗଧର ପଧାନ, ଯଶୋବନ୍ତି ନାଏକ, ନିଳକାନ୍ତି ପଟ୍ଟନାୟକ, ଉର୍ବଶୀ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଭାରିଯାନ ଚଳାଚଳକୁ ବିରୋଧ, ଜିଲାପାଳଙ୍କୁ ଫେରାଦ

**ବୌଦ୍ଧ,୨୧।୧(ସ୍ୱ.ପ୍ର):** ବୌଦ୍ଧ ଜିଲା ଗୋଛାପଡା ପଞ୍ଚାୟତ ଅଧୀନସ୍ଥ ବିଜାପଦର ଓ ଖମସିରିଝୁଲି ମୌଜାରେ କ୍ରସର ଯୋଗୁ ଅଞ୍ଚଳବାସୀ ସମସ୍ୟାର ସମ୍ମୁଖିନ ହେଉଥିବା ବେଳେ ବର୍ତ୍ତମାନ ବହୁ ସଂଖ୍ୟକ ଭାରିଯାନ ଚଳାଚଳ ଅଞ୍ଚଳବାସୀଙ୍କ ସମସ୍ୟାକୁ ବଢାଇ ଦେଇଛି। ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ବାଉଁଶୁଣୀ ଠାରୁ ଗୁନ୍ଦୁଳିଆ ପର୍ଯ୍ୟନ୍ତ ୧୫ କିଲୋମିଟର ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀନରେ ରହିଛି । କ୍ରସର ଗୁଡିକରୁ ଦିନରାତି ଭାରିଯାନ ଦ୍ୱାରା ମାଲ ବୋଝେଇ ହୋଇ ଏହି ରାସ୍ତାରେ ଯାତାୟାତ କରୁଥିବାରୁ ରାସ୍ତା ସାରା ଖାଲଖମାରେ ପରିଣତ ହୋଇଛି । ଫଳରେ ଏହି ରାସ୍ତାରେ ସାଧାରଣ ଲୋକଙ୍କ ଜୀବନ ଯାତ୍ରା ବିପଜ୍ଜନକ ହୋଇପଡିଛି। ସେହିପରି ରାସ୍ତା କଡ ବାସଗୃହ ଧୂଳିରେ ଭର୍ତ୍ତି ହୋଇପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସୋମବାର ବୌଦ୍ଧଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଚାଲିଥିବାବେଳେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ନିଜର ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

## ବ୍ଲକ ଅଫିସ୍‌ରେ ତାଲା ପକାଇଲେ ଗାଁସାଥୀ

**ବୌଦ୍ଧ,୨୧।୧(ସ୍ୱ.ପ୍ର)**

ସରକାର ଗ୍ରାମସାଥୀମାନଙ୍କୁ ତାଲିମ ପ୍ରଦାନ ବ୍ୟବସ୍ଥା କରିଥିବାବେଳେ ବୌଦ୍ଧ ବ୍ଲକରେ ଏହି କାର୍ଯ୍ୟକ୍ରମ ବାରମ୍ବାର ବାତିଲ କରାଯାଉଛି । ଏହାର ପ୍ରତିବାଦରେ ସୋମବାର ଗାଁସାଥୀ ସଂଘ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ସହିତ ଗେଟ୍‌ରେ ତାଲା ପକାଇ ଦିଆଯାଇଥିଲା ।

ସୂଚନା ମୁତାବକ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଚିଠି ନମ୍ବର ୨୧୦୬ ତା ୧୨।୧୧।୧୮ ରିଖରେ ଜିଲାର ତିନୋଟି ବ୍ଲକରେ ଗାଁସାଥୀମାନଙ୍କୁ ତାଲିମ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ବୌଦ୍ଧ ବ୍ଲକର ଗାଁସାଥୀମାନଙ୍କୁ ଗତ ନଭେମ୍ବର ୧୯,୨୨ ଓ ୨୪, ହରଭଙ୍ଗା ବ୍ଲକରେ ୨୬ ଓ ୨୯ ଏବଂ କଣ୍ଟାମାଳ ବ୍ଲକରେ ୩୦ ଓ ୦୩ ତାରିଖରେ ତାଲିମ ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ହରଭଙ୍ଗା ଓ କଣ୍ଟାମାଳ ବ୍ଲକରେ ଏହି ତାଲିମ କାର୍ଯ୍ୟକ୍ରମ ହୋଇସାରିଥିବା ବେଳେ ବୌଦ୍ଧ ବ୍ଲକ ପକ୍ଷରୁ ବାରମ୍ବାର ତାରିଖ ଧାର୍ଯ୍ୟ କରାଯାଇ ବାତିଲ କରାଯାଉଥିବାରୁ ଗାଁସାଥୀମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସୋମବାର ବୌଦ୍ଧ ବ୍ଲକ ଅଫିସ୍‌ରେ ଗାଁସାଥିମାନେ ପହଞ୍ଚି କର୍ମଚାରୀମାନେ ଭିତରେ ଥିବାବେଳେ ଗେଟ୍‌ରେ ତାଲା ପକାଇ ଦେଇଥିଲେ ଓ ଅଫିସ୍ ଭିତରକୁ କୌଣସି ଲୋକଙ୍କୁ ଛାଡି ନ ଥିଲେ । ବିଡିଓ ଯୋଗେଶ୍ୱର ନାଏକ ପହଞ୍ଚିବା ପରେ ଏହାକୁ ନେଇ ଗାଁସାଥୀମାନଙ୍କ ସହିତ ତାଙ୍କର ଦୀର୍ଘ ସମୟ ପାଟିତୁଣ୍ଡ ହୋଇଥିଲା। ପରିସ୍ଥିତି ଅଣାୟତ୍ତ ହେଉଥିବା ସୂଚନା ପାଇ ବୌଦ୍ଧ ମଡେଲ ଥାନା ଅଧିକାରୀ ସେଠାରେ ପହଞ୍ଚି ବିଡିଓଙ୍କ ଉପସ୍ଥିତିରେ ଗାଁସାଥୀମାନଙ୍କ ସହିତ ଆଲୋଚନା କରିଥିଲେ। ସୋମବାର ତାଲିମ ପାଇଁ ଦିନ ଧାର୍ଯ୍ୟ ହୋଇଥିଲେ ମଧ୍ୟ କାଳିଆ ଯୋଜନାର ତାଲିମ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବାକୁ ସରକାରୀ ନିର୍ଦ୍ଦେଶ ଆସିଥିଲା । ଏକ ସଙ୍ଗରେ ଦୁଇଟି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇବାକୁ ସ୍ଥାନାଭାବ ଯୋଗୁ ଏହାକୁ ବାତିଲ କରାଯାଇଥିବା ଓ ଏ ନେଇ ଆଗୁଆ ଗାଁସାଥୀ ସଂଘର କର୍ମକର୍ତ୍ତାଙ୍କୁ ସୂଚନା ଦିଆଯାଇଥିବା ବିଡିଓ ନାଏକ ପ୍ରକାଶ କରିଥିଲେ । ଥାନା ଅଧିକାରୀ ସୁଶ୍ରୀ କହଁରଙ୍କ ଉଦ୍ୟମକ୍ରମେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପଞ୍ଚାୟତ ଭବନ ଠାରେ ସେମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଯିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ଉଲୁଣ୍ଡା, ୨୧।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଭାଗୃହରେ ଜିଲାପାଳଙ୍କ ବ୍ଲକସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୫୧ଗୋଟି ଅଭିଯୋଗ ହୋଇଥିବା ବେଳେ ତନ୍ମଧ୍ୟରୁ ୪୫ଟି ବ୍ୟକ୍ତିଗତ ଥିଲା। ତେବେ ଶିବିରକୁ ଜିଲାପାଳଙ୍କ ସମେତ ଜିଲାସ୍ତରୀୟ ବହୁ ଅଧିକାରୀ ନିର୍ଦ୍ଦିଷ୍ଟ ସମୟରୁ ପ୍ରାୟ ୨ ଘଣ୍ଟା ବିଳମ୍ବରେ ଆସିଥିବାରୁ ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପୂର୍ବାହ୍ନ ପ୍ରାୟ ୧୨ଟା ପର୍ଯ୍ୟନ୍ତ ପିଡି ସୂର୍ଯ୍ୟନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ଅଭିଯୋଗର ଶୁଣାଣି ହୋଇଥିବା ବେଳେ ପରେ ଜିଲାପାଳ ମଧୁସୂଦନ ଦାଶ ଶିବିରରେ ଯୋଗଦେଇଥିଲେ। ପଞ୍ଚମହଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କପାସିରା ଗାଁରେ କେତେକ ପରିବାର ନିଜସ୍ୱ ଜମି ନ ଥିବା ଯୋଗୁଁ ଆବାସ ଯୋଜନାରେ ସାମିଲ ହୋଇ ମଧ ଘର ତିଆରି କରିପାରୁ ନାହାନ୍ତି। ଏଥିନେଇ ଜମିପଟ୍ଟା ଦାବି ନେଇ ଗ୍ରାମର ୩୦ ମହିଳା ଜିଲାପାଳଙ୍କୁ ଭେଟିଥିଲେ। ସେହିପରି ସହରାପାଲି ଗ୍ରାମରେ ଘରକାନ୍ଥ ପଡି ୨୦୧୧ ମସିହାରେ ମୃତ୍ୟୁବରଣ କରିଥିବା ମୃତ ଝିଅଙ୍କ ପିତା ବାବୁ ନାଏକଙ୍କୁ ଅଭିଯୋଗକୁ ଶିବିରରେ ଗ୍ରହଣ ନ କରି ଫେରାଇ ଦିଆଯାଇଥିବା ଅଭିଯୋଗ ହୋଇଛି।

### ଶ୍ରୀଜଗନ୍ନାଥ ସାଂସ୍କୃତିକ ସଂଗ୍ରହାଳୟ, ମୁକ୍ତି ମଣ୍ଡପ ଶିଳାନ୍ୟାସ

**ବୌଦ୍ଧ,୨୦।୧(ସ୍ୱ.ପ୍ର)**

ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ଏକ ସାଂସ୍କୃତିକ ସଂଗ୍ରହାଳୟ ଓ ମୁକ୍ତି ମଣ୍ଡପ ନିର୍ମାଣ ପାଇଁ ବାଚସ୍ପତି ପ୍ରଦୀପ କୁମାର ଅମାତ ସୋମବାର ଶିଳାନ୍ୟାସ କରିଛନ୍ତି । ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏହି ସଂଗ୍ରହାଳୟ ଓ ମୁକ୍ତି ମଣ୍ଡପ ନିର୍ମାଣ କରାଯିବ । ଏହି ସଂଗ୍ରହାଳୟରେ ପୁରୀରୁ ଏକ ରଥଚକ ଓ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ଆଣି ସ୍ଥାପନ କରାଯିବା ସହିତ ବୌଦ୍ଧର ଶ୍ରୀଜଗନ୍ନାଥଙ୍କ ବ୍ୟବହୃତ ପୁରୁଣା ସାମଗ୍ରୀକୁ ଭକ୍ତମାନଙ୍କ ଦର୍ଶନାର୍ଥେ ରଖାଯିବ। ଜିଲାପାଳ ସୀତାଂଶୁ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରାହ୍ମଣ ସମାଜ ସଭାପତି ଅଚ୍ୟୁତାନନ୍ଦ ମିଶ୍ର, ଜିଲା ଓକିଲ ସଂଘ ସଭାପତି ତାରେଣୀ ମହାପାତ୍ର ଓ ପତଞ୍ଜଳି ଯୋଗ ସମିତି ସଭାପତି ଦେବାଶିଷ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ ।

ମହାନଦୀ ନେତ୍ର ଚିକିତ୍ସାଳୟର ପ୍ରତିଷ୍ଠା ଦିବସ

## ଉତ୍ସର୍ଗୀକୃତ କାର୍ଯ୍ୟଧାରା ଆଣିଥାଏ ଉତ୍କର୍ଷ

**ବୀରମହାରାଜପୁର, ୨୧।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ଲେପ୍ରା ସୋସାଇଟି ଦ୍ୱାରା ପ୍ରତିଷ୍ଠିତ ମହାନଦୀ ନେତ୍ର ଚିକିତ୍ସାଳୟର ୧୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପଣ୍ଡାପଲ୍ଲୀସ୍ଥିତ ଚିକିତ୍ସାଳୟ ପରିସରରେ ରବିବାର ସକାଳଠାରୁ ରାତି ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ବିବିଧ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ସମାରୋହ ସଭାରେ ଲେପ୍ରା ସୋସାଇଟିର ଓଡିଶା ନିର୍ଦ୍ଦେଶକ ହରିଶଚନ୍ଦ୍ର ସିଂହ ପୌରୋହିତ୍ୟ କରିଥିବା ବେଳେ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥିଭାବେ ସମ୍ବୋଧିତ କରିଥିଲେ। ଜିଲାପାଳ ମଧୁସୂଦନ ମିଶ୍ର, ଏମଏନସି ଉପଦେଷ୍ଟା କମିଟି ଅଧକ୍ଷ ପ୍ରଫେସର ରାଧାମୋହନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ, ଲେପ୍ରାସୋସାଇଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅସୀମ ଚାୱାଲା ଏବଂ ଏହାର ପ୍ରମୁଖ କର୍ମକର୍ତ୍ତା ଜୟନ୍ତ କୁମାର(ବାଙ୍ଗାଲୁରୁ) ସମ୍ମାନିତ ଅତିଥିଭାବେ ଉଦ୍‌ବୋଧନ ଦେଇ ଏହି ଦାତବ୍ୟ ଚିକିତ୍ସାଳୟର ଅଗ୍ରଗତି ତଥା କାର୍ଯ୍ୟଧାରା ଉପରେ ସନ୍ତୋଷ ପ୍ରକାଶ କରିବା ସହ ଉଚ୍ଚ ପ୍ରଶଂସା କରିଥିଲେ।



ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଏହି ଅବସରରେ ଅତିଥିବୃନ୍ଦ ମତପୋଷଣ କରିଥିଲେ ଯେ, ଉତ୍କର୍ଷୀକୃତ ଚିନ୍ତାଧାରା ସହ କାର୍ଯ୍ୟକ୍ରମ ଜାରି ରହିଲେ ଉତ୍କର୍ଷତା ଆସିଥାଏ। ଏହି ପରିପ୍ରେକ୍ଷୀରେ ବୀରମହାରାଜପୁରର ମହାନଦୀ ନେତ୍ର ଚିକିତ୍ସାଳୟର ସଫଳତା ଏକ ଉଦାହରଣ। ଉତ୍ସବ ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଜିଲାର ୨୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଏବଂ କୃତୀ ଛାତ୍ରୀଛାତ୍ରଙ୍କୁ ସହଯୋଗୀ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦ୍‌ବ୍ୟତୀତ ପ୍ରତିଷ୍ଠାନ ପକ୍ଷରୁ ପ୍ରକାଶିତ ୧୪ବର୍ଷର ରିପୋର୍ଟ ପୁସ୍ତିକାକୁ ମଞ୍ଚାସୀନ ଅତିଥି ବୃନ୍ଦ ଉନ୍ମୋଚନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ବିଭୁରଞ୍ଜନ ବଳିୟାରସିଂହ। ଶେଷରେ ମେଡିକାଲ ଅଧିକ୍ଷକ ଡା. ଦେବେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଷ୍ଠା ଦିବସ ଉପଲକ୍ଷେ ପୂର୍ବାହ୍ନରେ ପ୍ରାକ୍ତନ ଆଞ୍ଚଳିକ ନିର୍ଦ୍ଦେଶକ ମାଧବ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନଙ୍କ ପାଇଁ ବକ୍ତୃତା ପ୍ରତିଯୋଗିତା ଏବଂ ସନ୍ଧ୍ୟାରେ ଏମଏନସିର ସୁପରଭାଇଜର ଗୁର୍ଜା ଗୋପାଳଙ୍କ ପରିଚାଳନାରେ କର୍ମଚାରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମହାନଦୀ ନେତ୍ର ଚିକିତ୍ସାଳୟରେ ଏଯାବତ୍ ୨ଲକ୍ଷ ୭୨ହଜାର ଚକ୍ଷୁ ରୋଗୀ ପଞ୍ଜୀକୃତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୬ହଜାର ରୋଗୀଙ୍କୁ ଅସ୍ତ୍ରୋପଚାର କରାଯାଇଛି ଏବଂ ପ୍ରାୟ ୧ଲକ୍ଷ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ମାଗଣାରେ ଚଷମା ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି ।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରଙ୍ଗୋଲି ପ୍ରତିଯୋଗିତା

**ବୀରମହାରାଜପୁର, ୨୧।୧ (ଡି.ଏନ.ଏ)**

ବୀରମହାରାଜପୁର ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ ଉପଲକ୍ଷେ ସ୍ଥାନୀୟ ମୈତ୍ରୀସଦନ ପରିସରରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଓ କନିଷ୍ଠ ବିଭାଗରେ ଆୟୋଜିତ ପ୍ରତିଯୋଗିତାରେ ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଚୂଡାନ୍ତ ପର୍ଯ୍ୟାୟକୁ ଯଥାକ୍ରମେ ୭ ଏବଂ ୨୨ପ୍ରତିଯୋଗି ଉତ୍ତୀର୍ଣ୍ଣ ହୋଇଥିଲେ। ଏଥିରେ ଏହି ଚିତ୍ରକଳାର ବିଷୟବସ୍ତୁ ଥିଲା ନିର୍ବାଚନ। ବିଚାରକ ମଣ୍ଡଳୀର ନିଷ୍ପତ୍ତିକ୍ରମେ କନିଷ୍ଠ ବିଭାଗର ଲକ୍ଷ୍ମୀପ୍ରିୟା ଦେହେରୀ (ହିଲୁଙ୍ଗ ଉପ୍ରା ସ୍କୁଲ) ପ୍ରଥମ, ଶ୍ରାବଣୀ ମହାକୁର (ଓଡିଶା ଆଦର୍ଶ ବିଦ୍ୟାଳୟ) ଦ୍ୱିତୀୟ ଏବଂ ବିଷ୍ଣୁପ୍ରିୟା କର୍ମୀ (ଅରବିନ୍ଦ ସ୍କୁଲ) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ବରିଷ୍ଠ ବିଭାଗରେ ସୂର୍ଯ୍ୟସ୍ନାତା କର୍ଣ୍ଣ (ଆଦର୍ଶ ବିଦ୍ୟାଳୟ) ପ୍ରଥମ, ସୁଶ୍ରୀତା ପଧାନ (ଗଣପତି ଆଦର୍ଶ ଶିକ୍ଷା ନିକେତନ) ୨ୟ ଏବଂ ଲିପସାରାଣୀ ହୋତା (ଶିଶୁ ବିଦ୍ୟାମନ୍ଦିର) ୩ୟ ସ୍ଥାନ ଅଧିକାର କରିଥିବା ଘୋଷଣା କରାଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବିଦ୍ୟାପତି ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ସିଡିପିଓ ସଞ୍ଜୁରାଣୀ ମିଶ୍ର, ଅଧ୍ୟାପିକା ଯାମିନୀ ଦାଶ ଓ ଅଧ୍ୟାପିକା ସାଗରିକା ବିଶି ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

## ଛତିଶଗଡ଼ ଭଳି ଓଡ଼ିଶା ସରକାର ଚାଷୀଙ୍କୁ ବୋନସ ଦିଅନ୍ତୁ

**ସୋନପୁର,୨୧।୧(ନି.ପ୍ର.)**

ପଡୋଶୀ ରାଜ୍ୟ ଛତିଶଗଡରେ ଚାଷୀ ଧାନ କୁଇଣ୍ଟାଲ ପ୍ରତି ୨୫୦୦ଟଙ୍କା ପାଉଛି। ସେଠାକାର କଂଗ୍ରେସ ସରକାର ଧାନ କୁଇଣ୍ଟାଲ ପ୍ରତି ସାଢେ ୭ଶହ ଟଙ୍କା ବୋନସ ଦେଉଛନ୍ତି। ମାତ୍ର ଓଡିଶାର ଚାଷୀ ଦୁଃଖରେ ଅଛନ୍ତି, ଆତ୍ମହତ୍ୟା କରୁଛନ୍ତି। ଚାଷୀଙ୍କୁ ସରକାରଙ୍କ ସର୍ବ ନିମ୍ନ ସହାୟକ ଦର ମଧ୍ୟ ମିଳୁନି। ଯଦି ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ସାମାନ୍ୟ ଆନ୍ତରିକତା ଥାଏ ତାହା ହେଲେ ଛତିଶଗଡ ସରକାରଙ୍କ ଭଳି ବୋନସ ଦିଅନ୍ତୁ ବୋଲି କଂଗ୍ରେସ ରାଜ୍ୟ ସହ ପ୍ରଭାରୀ ତଥା ଏଆଇସିସି ସମ୍ପାଦକ ଜନାବ ମସ୍ତାନ ୱାଲି ସୋମବାର ସୋନପୁରଠାରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ୱାଲି କହିଛନ୍ତି ଯେ, କଂଗ୍ରେସ କ୍ଷମତାକୁ ଆସିବା ପରେ ମଧ୍ୟପ୍ରଦେଶ, ଛତିଶଗଡ ଓ ରାଜସ୍ଥାନରେ କୃଷି ଋଣ ଛାଡ କରିଛି। ଉପା ସରକାର କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ବେଳେ କୃଷକଙ୍କ ଋଣ ଛାଡ କରିଥିଲା। ବର୍ତ୍ତମାନର ଏନଡିଏ ସରକାର ଧାନର ଏମଏସପି ବୃଦ୍ଧି କରୁ ନ ଥିବା ବେଳେ ରାଜ୍ୟ ସରକାର କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ରାଜ୍ୟରେ କଂଗ୍ରେସର ବରିଷ୍ଠ ନେତାମାନେ ଦଳ ଛାଡିବା ପ୍ରଶ୍ନର ଉତ୍ତରରେ ୱାଲି କହିଲେ ନିର୍ବାଚନର ଠିକ୍ ପୂର୍ବରୁ ଏଭଳି ହୋଇଥାଏ। କିନ୍ତୁ ଦଳ ଉପରେ ଏହାର କୌଣସି ପ୍ରଭାବ ପଡିବନି। ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା କହିଥିଲେ ଯେ, ୧୯ ବର୍ଷ କ୍ଷମତାରେ ବିଜେଡି ସରକାର ରାଜ୍ୟବାସୀଙ୍କୁ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛି। ବରିଷ୍ଠ ମୁଖପାତ୍ର ହମିଦ ହୁସେନ କହିଲେ ଯେ ଓଡିଶାର ଜନସଂଖ୍ୟାର ୬୫% ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ୮୫% ଶିକ୍ଷିତ ଯୁବକ ବେକାର ଅଛନ୍ତି। ଆସନ୍ତା ୨୫ତାରିଖରେ ଏଆଇସିସି ସଭାପତି ରାହୁଲ ଗାନ୍ଧୀ ଭୁବନେଶ୍ୱରରେ ଅନୁଷ୍ଠିତ ପରିବର୍ତ୍ତନ ସଙ୍କଳ୍ପ ସମାବେଶରେ ଯୋଗଦେବେ ବୋଲି ନେତୃବୃନ୍ଦ ସୂଚନା ଦେଇଥିଲେ। ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଲକ୍ଷ୍ମଣ ମେହେର, ସର୍ବେଶ୍ୱର ପୁରୋହିତ, ଜିତେନ୍ଦ୍ର ପଟ୍ଟନାୟକ, ସୁବ୍ରତ ସେଠୀ, ତ୍ରିପୁରାରି ସେଠୀ, ଇଂ ସୁମିତ ପୂଜାରୀ, ସୁଧୀର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ସୁବର୍ଣ୍ଣପୁରରେ ପ୍ରକାଶ ପାଇଲା ଚୂଡାନ୍ତ ଭୋଟର ତାଲିକା

# ବଢ଼ିଛନ୍ତି ୮,୭୫୦ ଭୋଟର

**ସୋନପୁର,୨୧।୧(ନି.ପ୍ର.)**

ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସୋମବାର ପ୍ରକାଶ ପାଇଛି ଚୂଡାନ୍ତ ଭୋଟର ତାଲିକା। ଏହିକ୍ରମରେ ସୁବର୍ଣ୍ଣପୁର ଜିଲାରେ ମଧ୍ୟ ତାଲିକା ପ୍ରକାଶ ପାଇଛି। ଏଥିରେ ସୁବର୍ଣ୍ଣପୁର ଜିଲାରେ ମୋଟ ୪ ଲକ୍ଷ ୫୦ ହଜାର ୭୯୫ ଭୋଟର ଅଛନ୍ତି। ୬୫-ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୪୬ ହଜାର ୧୧ ଭୋଟର ଓ ୬୪-ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୪ ହଜାର ୭୮୪ ଜଣ ଭୋଟର ରହିଛନ୍ତି। ତାଲିକାରେ ମୋଟ ୮ ହଜାର ୭୫୦ ଭୋଟର ବୃଦ୍ଧି ପାଇଛନ୍ତି। ୧୬ ହଜାର ୨୫୪ ନୂଆ ଭୋଟର ଯୋଡି ହୋଇଛନ୍ତି। ସେହିପରି ୮ ହଜାର ୨୪୨ ଭୋଟର ତାଲିକାରୁ ବାଦ୍ ପଡିଛନ୍ତି। କିଛି ଭୋଟର ମୃତ୍ୟୁବରଣ କରିବା ଓ ଏକାଧିକ ସ୍ଥାନରେ ନାମ ଥିବାରୁ ସେମାନେ ବାଦ୍ ପଡିଥିବା ଦର୍ଶାଯାଇଛି। ପୂର୍ବରୁ ଜିଲାରେ ମୋଟ ୫୭୫ଟି ବୁଥ୍ ଥିଲା। ଚଳିତ ନିର୍ବାଚନ ୫୮୬ଟି ବୁଥ୍‌ରେ ହେବ। ସୋମବାର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ମିଶ୍ର ତାଙ୍କ ପ୍ରକୋଷ୍ଠରେ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନୂଆ ଭୋଟର ତାଲିକା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ ଓ ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଭାଜପାର ଦିଲ୍ଲିପ ପୂଜାହାରୀ, ବିଜେଡିର କଇରୁ ସ୍ୱାଇଁ, ଜାତୀୟ କଂଗ୍ରେସର ବରୁଣ ସୁନା ଓ ବହୁଜନ ସମାଜ ପାର୍ଟିର ଅନିଲ ତାଣ୍ଡି ଜିଲାପାଳ ମିଶ୍ରଙ୍କଠାରୁ ନୂଆ ଭୋଟର ତାଲିକା ଗ୍ରହଣ କରିଥିଲେ ।



ରାଜନୈତିକ ଦଳର ପ୍ରତିନିଧି ଜିଲାପାଳଙ୍କଠାରୁ ଚୂଡାନ୍ତ ଭୋଟର ତାଲିକା ଗ୍ରହଣ କରୁଛନ୍ତି।

ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ

### ଯୋଡ଼ିହେଲେ ୬୧୩୫ ନୂଆ ଭୋଟର

**ବୀରମହାରାଜପୁର, ୨୧।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ୬୪ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ପାଇଁ ଚୂଡାନ୍ତ ମତଦାତା ତାଲିକା ସୋମବାର ପ୍ରକାଶ ପାଇଛି। ଉପଜିଲାପାଳ ତଥା ମତଦାତା ପଞ୍ଜିକରଣ ଅଧିକାରୀ ସୁବ୍ରତ କୁମାର ବେହେରାଙ୍କ ପକ୍ଷରୁ ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୧ ଜାନୁୟାରୀ, ୨୦୧୯ ଆଧାରରେ ପୂର୍ବରୁ ପ୍ରକାଶିତ ଚିଠା ଭୋଟର ତାଲିକାରେ ୬୧୩୫ ନୂତନ ଭୋଟର ସାମିଲ ହୋଇଛନ୍ତି। ବିଭିନ୍ନ କାରଣରୁ ୩୧୯୯ ମତଦାତାଙ୍କ ନାମ ତାଲିକାରୁ ବାଦ୍ ପଡିଛି। ଏହିକ୍ରମରେ ୨୦୧୯ ସାଧାରଣ ନିର୍ବାଚନ ସକାଶେ ପ୍ରସ୍ତୁତ ଚୂଡାନ୍ତ ଭୋଟର ତାଲିକାରେ ସର୍ବମୋଟ ୨ଲକ୍ଷ ୪ହଜାର ୭୮୪ ଜଣ ମତଦାତା ରହିଛନ୍ତି । ତନ୍ମଧ୍ୟରେ ଅଛନ୍ତି ୧ଲକ୍ଷ ୭ହଜାର ୫୯୬ ପୁରୁଷ, ୯୭୧୮୭ ମହିଳା ତଥା ଜଣେ ମାତ୍ର ତୃତୀୟ ଲିଙ୍ଗ ମତଦାତା ଅନ୍ତର୍ଭୁକ୍ତ। ସବିଶେଷ ତଥ୍ୟ ଅନୁସାରେ ୨୬୭ ବୁଥ ବିଶିଷ୍ଟ ଉକ୍ତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତିନୋଟି ବ୍ଲକ ଅଞ୍ଚଳ ମଧ୍ୟରୁ ବିନିକାର ସମୁଦାୟ ଭୋଟର ସଂଖ୍ୟା ୭୦୨୬୮, ଉଲୁଣ୍ଡାରେ ୬୬୩୪୧ ଏବଂ ବୀରମହାରାଜପୁର ବ୍ଲକରେ ଅଛନ୍ତି ୬୮୧୭୫ ମତଦାତା। ଲିଙ୍ଗ ଅନୁପାତରେ ଚଳିତ ଥର ପୂର୍ବାପେକ୍ଷା ମହିଳା ମତଦାତାଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ନେଇ ସୂଚନା ଦିଆଯାଇଛି। ଆସନ୍ତା ୨୫ତାରିଖ ଜାତୀୟ ମତଦାତା ଦିବସରେ ନୂତନ ଭାବେ ତାଲିକାଭୁକ୍ତ ଭୋଟରମାନଙ୍କୁ ପରିଚୟ ପତ୍ର ବିତରଣ କରାଯିବ ।

ଧରିତ୍ରୀ DHARITRI
ସମ୍ବଲପୁର, ମଙ୍ଗଳବାର, ୨୨ ଜାନୁୟାରୀ, ୨୦୧୯



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।

-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ରାମଚରିତ ମାନସ ପାରାୟଣ

**ଲୋଇସିଂହା, ୨୧।୧ (ଡି.ଏନ.ଏ.):** ଲୋଇସିଂହା କସ୍ତୁରୀବାଇ ଆଶ୍ରମ (ବାବାମଠ)ଠାରେ ରମଣଦାସ ତ୍ୟାଗୀ ମାହାରାଜଙ୍କ ପଞ୍ଚବିଂଶତମ ବାର୍ଷିକ ଉତ୍ସବ ଉପଲକ୍ଷେ ନବଦିନାତ୍ମକ ରାମଚରିତ ମାନସ ପାରାୟଣ, ହବନ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୧୧ତାରିଖରୁ ଆରମ୍ଭ ହୋଇଥିବା ଯଜ୍ଞ ୧୯ରେ ଉଦ୍‌ଯାପିତ ହୋଇଛି। ଆଶ୍ରମ ମହନ୍ତ କାହ୍ନୁଚରଣ ଦାସଙ୍କ ଆବାହକତ୍ୱରେ ବେନ୍ଦ୍ର ମଠ ମହନ୍ତ ବାସୁଦେବ ଦାସ ପୌରୋହିତ୍ୟ କରିଥିଲେ। ଯଜ୍ଞାଚାର୍ଯ୍ୟ ଟଙ୍କଧର ଦାଶଙ୍କ ପରିଚାଳନାରେ ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଗୋପାଳକୃଷ୍ଣ ମିଶ୍ର ହିନ୍ଦୀ, ସୁରେନ୍ଦ୍ର କୁମାର ତ୍ରିପାଠୀ ଓଡିଆ ରାମାୟଣ ପାରାୟଣ କରିଥିଲେ। ଗୋକୁଳାନନ୍ଦ ପଧାନ ପ୍ରବଚକଭାବେ ଯୋଗଦେଇଥିଲେ। କମିଟି ସଭାପତି ଗୌରଚରଣ ନାଏକ ଓ ସହଯୋଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଫୁଟବଲ ଟୁର୍ଣ୍ଣାମେଣ୍ଟ: ଚଲକି, ରାଡ଼ବାହାଲ ସେମିରେ

**ଟିକ୍ରାପଡା,୨୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ହାଇସ୍କୁଲ ଫୁଟବଲ ପଡ଼ିଆରେ ଲାନ୍ତେଶ୍ୱର ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଲାନ୍ତେଶ୍ୱର କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ସୋମବାର ଥିଲା ଦ୍ୱିତୀୟ ଦିବସ। ଏହି ଅବସରରେ ଚଲକି ଦଳ ଏବଂ ଖଜୁରପଡ଼ା ଦଳ ମଧ୍ୟରେ ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଜୁରପଡା ଦଳକୁ ୨-୦ ଗୋଲରେ ହରାଇ ଚଲକି ଦଳ ସେମିରେ ପ୍ରବେଶ କରିଛି। ଚତୁର୍ଥ କ୍ୱାଟର ଫାଇନାଲ ଖେଳ ରାଡବାହାଲ ଦଳ ଓ ଝରବାହାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଡବାହାଲ ଦଳକୁ ଟାଇବ୍ରେକର ଯୋଗେ ୧-୦ ଗୋଲରେ ହରାଇ ଝରବାହାଲି ସେମିରେ ପ୍ରବେଶ କରିଥିଲା। ଦୀପକ ରାଜହଂସ, ଚିତ୍ତରଞ୍ଜନ ପାଣ୍ଡେ, ଦେବେନ୍ଦ୍ର ଥନାପତି, ସୁଜିତ ରାଜହଂସ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମନଧର ଦୀପ, ତୀର୍ଥରାଜ ସରାପ ଧାରାବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ହୃଷୀକେଶ ରାଜପଲିଆ, ଅକ୍ଷୟ ରଣା, ବିଭୁତି ଭୂଷଣ ବଗର୍ତ୍ତି, ଲମ୍ବୋଦର ହୋତା, ପିଇଓ ଜନାର୍ଦ୍ଦନ ଯୋଶୀ ଅତିଥି ଭାବେ ଯୋଗଦେଇଥିଲେ।

### ସାଧାରଣତନ୍ତ୍ର ଦିବସ ପାଳନ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା

**କଣ୍ଟାବାଞ୍ଜି,୨୧।୧(ଡି.ଏନ୍.ଏ.):** କଣ୍ଟାବାଞ୍ଜି ପୌରାଞ୍ଚଳସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପୂର୍ବ ପ୍ରସ୍ତାବ ମୁତାବକ ସୋମବାର ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ସହରର ୨ଟି ଯୁକ୍ତ ଦୁଇ ଏବଂ ୨ଟି ଡିଗ୍ରୀ କଲେଜ ସହିତ ୨୦ଟି ସରକାରୀ ବେସରକାରୀ ସ୍କୁଲର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ଅଧାପକ ସତ୍ୟବ୍ରତ ମିଶ୍ର, ଲୋହିତାକ୍ଷ ଯୋଷୀ, ଦେବେନ୍ଦ୍ର ପଣ୍ଡା, ଜଗଦାନନ୍ଦ ପାଣିଗ୍ରାହୀ, ରୋହିତ କୁମ୍ଭାର, ପୁଷ୍ପାଞ୍ଜଳି ପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, ପବନ କୁମାର ମିଶ୍ର, ବୃନ୍ଦାବନ ନାଗ, ଏଚ୍ ମେହେର, ଦିନେଶ ମହାନନ୍ଦ, ଅଲି ମାଝି, ରୋହିତ ଅଗ୍ରୱାଲ, ଗୁରୁଦୟାଲ ହଂସ, ସୁବାସ ଚନ୍ଦ୍ର ବେହେରା ସହ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ। ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଭୋଜିଭାତରେ ଜମିଲା ପୁଷ୍‌ପୁନି ତିହାର

**ବଲାଙ୍ଗୀର ଅଫିସ,୨୧।୧**

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ପର୍ବ ପୁଷ୍‌ପୁନି ତିହାର ଉତ୍ସାହ ଉଦ୍ଦୀପନାର ସହ ପାଳନ କରାଯାଇଛି। ପୁଷପୁନି ତିହାରର ପାରମ୍ପରିକ ଛେର୍‌ଛେରାରେ ବିଶେଷକରି ଗ୍ରାମର ଯୁବକମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବଲାଙ୍ଗୀର ସଦର ବ୍ଲକ ଅଧୀନ ଜନକପୁରଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପୁଷପୁନି ତିହାର ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ପାରମ୍ପରିକ ଛେର୍‌ଛେରା, ମଣ୍ଡାପିଠା ଓ ଭୋଜିଭାତରେ ଗାଁର ସମସ୍ତେ ଏକାଠି ହୋଇଥିଲେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଗାଁର ସମସ୍ତ ପରିବାର ସଦସ୍ୟ ସାମୂହିକ ଭୋଜିଭାତ ଖାଇ ପୁଷ୍‌ପୁନି ପର୍ବକୁ ଆକର୍ଷଣ କରିଥିଲେ। ପୁଷ୍‌ପୁନି ତିହାର ପାଇଁ ଗତ ୨ରୁ ୩ ଦିନ ହେଲା ଗାଁରେ ଉତ୍ସବର ବାତାବରଣ ଦେଖାଯାଇଥିଲା। ଶନିବାର ରାତିରୁ ଗାଁର ମହିଳାମାନେ ସାମୂହିକ ଭାବେ ପରିଚ୍ଛା ଘରେ ଠୁଳ ହୋଇ ପିଠାମଣ୍ଡା ତିଆରି କରିଥିଲେ।



ଜନକପୁର ଗାଁରେ ପୁଷ୍‌ପୁନି ତିହାର ଅବସରରେ ପରସ୍ପର ମଣ୍ଡାପିଠା ବାଣ୍ଟି ଶୁଭେଚ୍ଛା ଜଣାଉଛନ୍ତି।

ରବିବାର ସକାଳୁ ଗାଁ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସୋମବାର ମନ୍ଦିର ଓ ଘରେ ଇଷ୍ଟଦେବଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପୁଷପୁନି ପର୍ବ ପଶ୍ଚିମ ଓଡିଶାର କୃଷି ସଂସ୍କୃତିର ଅନ୍ୟତମ ପ୍ରତୀକ। ଏହି ତିହାର ଗୋଟିଏ ବର୍ଷର କୃଷି ପରମ୍ପରାର ଶେଷ ପର୍ଯ୍ୟାୟ ଓ ନୂଆବର୍ଷ ଆରମ୍ଭର ଏକ ମହତ୍ତର ବାର୍ତ୍ତାବହନ କରିଥାଏ। ଏହି ଦିନ ଚାଷୀ ଗୋଟିଏ ବର୍ଷର ଚାଷ କାର୍ଯ୍ୟ ଶେଷ ହୋଇଥାଏ। ଏପରି କି ନୂଆଁ ବର୍ଷ ପାଇଁ ଚାଷୀ ଏହି ପୁଷପୁନି ଦିନରୁ କୃଷିକାର୍ଯ୍ୟ ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରେ। ଚାଷୀମାନେ କୃଷି ଶ୍ରମିକଙ୍କୁ ବର୍ଷକର ପାଉଣା ହିସାବକିତାବ କରି ଚୁକ୍ତି କରିବା ପରେ ନୂଆ କୃଷିବର୍ଷ ପାଇଁ ନୂଆଚୁକ୍ତି କରିଥାନ୍ତି। ଫଳରେ କୃଷି ଶ୍ରମିକ ଓ କୃଷକ ସମସ୍ତେ ଆନନ୍ଦ ଉଲ୍ଲାସରେ ପୁଷପୁନିକୁ ନୂଆ ବର୍ଷ ଭାବେ ପାଳନ କରିଥାନ୍ତି। ଚାଷୀନେତା ତଥା ଜିଲା କୃଷକ ମହାସଂଘ ସଭାପତି ଡା ସୁଧୀର କୁମାର ପରିଚ୍ଛାଙ୍କ ନେତୃତ୍ୱରେ ଜନକପୁର ଗାଁରେ ପୁଷପୁନି ତିହାର ଉତ୍ସାହର ସହ ପାଳନ ହୋଇଥିଲା। ଗାଁର ସମସ୍ତ ଆବାଳ ବୃଦ୍ଧବନିତା ମଣ୍ଡାପିଠା ଖାଇବା ପରେ ମାଂସଭାତ ଭୋଜିରେ ଏକାକାର ହୋଇଥିଲେ। ଏପରି କି ସମସ୍ତେ ପୁଷପୁନିର ଶୁଭେଚ୍ଛା ଜଣାଇଥିଲେ। ଡା ପରିଚ୍ଛା ଗାଁର ଗଣ୍ୟମାନ୍ୟଙ୍କ ପିଠାମଣ୍ଡା ବାଣ୍ଟିବା ସହ ଅନ୍ୟମାନେ ଡା ପରିଚ୍ଛାଙ୍କୁ ମଣ୍ଡାପିଠା ଖୁଆଇ ଶୁଭକାମନା ଜଣାଇଥିଲେ। ଗାଁରେ ଦୀର୍ଘବର୍ଷ ହେଲା ପୁଷପୁନି ତିହାର ଉତ୍ସାହ ଉଦ୍ଦୀପନାର ସହ ପାଳନ କରାଯାଉଛି। ଜନକପୁରର ସୁଷମା ଭୋଇ, ଗାୟତ୍ରୀ ଭୋଇ, ସୁକାନ୍ତି ଧରୁଆ, ସୁଭାଗିନୀ ବିଶି, ନେତ୍ର ବିଶି, ବୀଣାପାଣି ଭୋଇ, ଚୁସ୍ମିତା ଧରୁଆ, ପୁଷ୍ପା ବିଶି, ମୁରଲୀଧର ବରଲେବଡିଆ, ବିନୋଦ ରାଉତ୍, ପଞ୍ଚାନନ ବିଶି, ବେଣୁଧର ବିଶି, ଶ୍ରୀୟାକାନ୍ତ ନାଏକ, ଆଶିଷ ଧରୁଆଙ୍କ ସହ ଅନ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସୋମବାର ପୁଷପୁନି ତିହାର ଶେଷ ହୋଇଛି।

## କଲେଜର ବାର୍ଷିକ କ୍ରୀଡ଼ା ଉଦଯାପିତ

**ଦେଓଗାଁ,୨୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଯୁକ୍ତ ଦୁଇ କଲେଜର ୨ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ବିମଳ କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପକ ଦୂର୍ବାଦଳ ଘିଭେଲା ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଭାବେ ପରିଚାଳନା କମିଟି ସଭାପତି ଉମା ଶଙ୍କର ସିଂ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବାଳିକା ବିଭାଗରେ ରୀମା କର୍ମୀ ଓ ବାଳକ ବିଭାଗରେ ହେମନ୍ତ ସେଠ ଚାମ୍ପିୟନ ହୋଇଥିଲେ। ସମସ୍ତ କୃତୀ ପ୍ରତିଯୋଗିଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ବସନ୍ତ କୁମାର ମନହୀରା ଧନ୍ୟବାଦ ଅର୍ପଣ କରିଥିଲେ। ଖେଳ ଶିକ୍ଷକ ପ୍ରଶାନ୍ତ ଥନାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳକୁ ଖେଳ ଶିକ୍ଷକ ନଳୀନୀକାନ୍ତ ପଧାନ, ପୁଷ୍ପାଞ୍ଜଳୀ କିଷାନ, ଓଁକାର ସିଂ ଲାଲ, ସୁମନ ବଗୁଲଙ୍କ ସହ ସମସ୍ତ ଅଧ୍ୟାପିକା, ଅଧ୍ୟାପକ କର୍ମଚାରୀ ସହଯୋଗ କରିଥିଲେ।

## ପୁଷ୍ୟାଭିଷେକ ମହୋତ୍ସବରେ ପ୍ରଭୁ ରାମଚନ୍ଦ୍ରଙ୍କ ରଥଟଣା

**ଗୁଡଭେଲା,୨୧।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅଧୀନ ନୂଆଁପଡ଼ା ଗ୍ରାମ ରାମଜୀ ମନ୍ଦିର ପ୍ରାଙ୍ଗଣରେ ୯ ଦିନ ଧରି ଚାଲିଥିବା ପୁଷ୍ୟାଭିଷେକ ମହୋତ୍ସବ ସୋମବାର ପୂର୍ଣ୍ଣାହୁତି ହେବା ସହ ପ୍ରଭୁ ରାମଚନ୍ଦ୍ରଙ୍କ ରଥ ନଗର ପରିକ୍ରମା କରିଥିଲା। ପ୍ରଭୁ ରାମଚନ୍ଦ୍ର, ଲକ୍ଷ୍ମଣ ଏବଂ ସୀତା ଦେବୀଙ୍କ ପ୍ରତିମୂର୍ତ୍ତିକୁ ପହଣ୍ଡି ବିଜେ ସହ ରଥାରୂଢ଼ କରାଯାଇ ରଥଟଣା ହୋଇଥିଲା। ଟିଟିଲାଗଡର ସମାଜିକ କର୍ମୀ ହିଫଜୁଲ ରହମାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର, ମୁରଲୀ ଭୋଇ ପ୍ରମୁଖ ଯୋଗଦେଇ ପ୍ରଭୁଙ୍କ ଆଶିର୍ବାଦ ନେବା ସହ ପ୍ରବଚନରେ ଭାଗ ନେଇଥିଲେ। ଦଶ ବର୍ଷ ହେଲା ଏହି କାର୍ଯ୍ୟକ୍ରମ କରାଯାଉଥିବା ବେଳେ ସହ ଶ୍ରଦ୍ଧାଳୁମାନଙ୍କୁ ଅନ୍ନପ୍ରସାଦ ଦିଆଯାଉଥିବା ଆୟୋଜକ କମିଟି ପକ୍ଷରୁ ପ୍ରକାଶ। ପ୍ରତ୍ୟେକ ଦିନ ରାମାୟଣ ପାରାୟଣ ଓ ରାମକଥା କାର୍ଯ୍ୟକ୍ରମ ହୋଇଥିବା ବେଳେ ଭକ୍ତଙ୍କ ଭିଡ ଦେଖିବାକୁ ମିଳୁଥିଲା।



ମହାପ୍ରଭୁ ରାମଚନ୍ଦ୍ରଙ୍କ ରଥଟଣା ଯାଉଛି।

## କଂସ ବଧ ସହ ନୂଆଁପାଲି ଧନୁଯାତ୍ରା ଉଦ୍‌ଯାପିତ

**ଦେଓଗାଁ,୨୦।୧(ଡି.ଏନ.ଏ.)**

ଦଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲିରେ ୭ଦିନଧରି ଚାଲିଥିବା ଧନୁଯାତ୍ରା ମହୋତ୍ସବ ରବିବାର ରାତିରେ କଂସବଧ ସହ ଉଦ୍‌ଯାପିତ ହୋଇଯାଇଛି। ଏହି ଦିବସରେ ଅକ୍ରୁର ବେନିଭାଇ କୃଷ୍ଣ ବଳରାମଙ୍କୁ ନେଇ ମଥୁରାନଗରୀକୁ ଆଗମନ କରିଥିଲେ। ପରେ ମାମୁ କଂସଙ୍କ ସହ ଯୁଦ୍ଧ ଓ କଂସ ନିଧନ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। କମିଟି ସଭାପତି କୌସ୍ତୁଭମଣି ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଭାବେ ବିଜେଡି ରାଜ୍ୟ ପରିଷଦ ସଭ୍ୟ ଅର୍କେଶ ନାରାୟଣ ସିଂଦେଓ, ସିନେ ଅଭିନେତ୍ରୀ ବିଦୁସ୍ମିତା ଦାଶ, ବରିଷ୍ଠ ଭାଜପା ନେତା ଅନ୍ତ ଦାଶ, ଡା. ଶଶିଭୂଷଣ ସାହୁ ପ୍ରମୁଖ ଯୋଗଦେଇଥିଲେ। କଂସ ମହାରାଜା ଭୂମିକାରେ ଗୋପାଳ ସାହୁ (ଏଲି), ମହାମନ୍ତ୍ରୀ ଭୂମିକାରେ କଳାକୃଷ୍ଣ ସାହୁ, ସେନାପତି ଆକାଶ ବିଶ୍ୱାଳ, ମୁଷ୍ଟିକ ଶଙ୍କର ସାହୁଙ୍କ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପ୍ରତିବର୍ଷ ପରି ଚଳିତବର୍ଷ ମଧ ମୀନାବଜାର, ନାଟକ, ସଂଚାର, ଆକାଶଦୋଳି ଆଦି ଆକର୍ଷଣର କେନ୍ଦ୍ର ସାଜଥିଲା। ଧନୁଯାତ୍ରାର ସଫଳ ସମାପନରେ କମିଟି ଉପ ସଭାପତି ସୁକଲ୍ୟାଣ ବିଶ୍ୱାଳ, ସମ୍ପାଦକ ନୀଳମଣି ନାଏକ, କୋଷାଧ୍ୟକ୍ଷ ଅଶୋକ ଶତପଥୀ, ପିଙ୍କୁ ଭୋଇ, ସହସମ୍ପାଦକ ଘାସିରାମ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ୫୨ତମ ସାଇଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ
# ବରପାଲି ଏନ୍‌ୱାଇଏସ୍ ବିଜୟୀ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ବଲାଙ୍ଗୀର ଅଫିସ,୨୧।୧**

ବଲାଙ୍ଗୀର ନିକଟସ୍ଥ ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ଚାଲିଥିବା ୫୨ତମ ସାଇଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ବରପାଲି ଏନ୍‌ୱାଇଏସ୍ ଦଳ ବିଜୟୀ ହୋଇଛି। ବରପାଲି ଦଳ ଏବଂ ବଲାଙ୍ଗୀର ଇଲେଭେନ୍ ଷ୍ଟାର ମଧ୍ୟରେ ସୋମବାର ଅନୁଷ୍ଠିତ ଖେଳ ନିର୍ଦ୍ଧାରିତ ସମୟରେ ଡ୍ର ରହିଥିଲା। ଟ୍ରାଇବେକର ଜରିଆରେ ୫-୩ ଗୋଲରେ ବରପାଲି ଦଳ ବିଜୟୀ ହୋଇଥିଲା। ସାଇଟ ପ୍ରତିଷ୍ଠାତା ତଥା ଫାଓ ଓଡ଼ିଶା ଏବଂ ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ଅତିଥି ଭାବେ ସରକାରୀ ଆଇଟିଆଇ ଅଧ୍ୟକ୍ଷ କମ୍ବୁପାଣି ମେହେର, ଜିଲା କ୍ରୀଡା ସଂସଦ ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, କ୍ରୀଡା ସଂଗଠକ ଶଶୀଶେଖର ପଣ୍ଡା, ପଲ୍ଲୀଶ୍ରୀ ହାଇସ୍କୁଲ ସଦାଇପାଲି ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାକୁର, ଏଟିଓ କମ୍ବୁପାଣି ସାହୁ ଯୋଗଦେଇଥିଲେ। ଖେଳକୁ ଖଲିଉର ରହେମାନ, ସୁଧାଂଶୁ ସେଠ, ନିଶାରକାନ୍ତ ନାଗ, ଶରତ କୁମାର ନନ୍ଦ ପରିଚାଳନା କରିଥିଲେ। ଆୟୋଜନ କମିଟି ସମ୍ପାଦକ ଇଂ ନାରାୟଣ ପ୍ରସାଦ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଖେଳରେ ସାଙ୍ଗଠନିକ ସମ୍ପାଦକ ଡ ସିଦ୍ଧେଶ୍ୱର ମିଶ୍ର, ସାଇଟ୍ ସମ୍ପାଦକ ମନୋଜ କୁମାର ମିଶ୍ର, କୋଷାଧ୍ୟକ୍ଷ ଆଦିତ୍ୟ ପଟ୍ଟନାୟକ ସହଯୋଗ କରିଥିଲେ। ପୂର୍ବତନ କ୍ରୀଡ଼ାବିତ୍ କପିଳେଶ୍ୱର ପାଣିଗ୍ରାହୀ, ପ୍ରଦୀପ ମହାରଣା, ନୟନ ନାଏକ, ପୀତବାସ ସାଏ ଉପସ୍ଥିତ ଥିଲେ। ୨୨ ତାରିଖ ମଙ୍ଗଳବାର ଲୋଇସିଂହା ଏପିଜେ ଏବଂ ଜରାସିଂହା ବିଏନ୍‌ଏଏ ମଧ୍ୟରେ ଖେଳ ହେବ। ରବିବାର ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସାଇଟ୍ ପ୍ରତିଷ୍ଠାତା ତଥା ଫାଓ ଓଡିଶା ଏବଂ ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ସାଇଟ ସ୍ପୋଟ୍ସ ସୋସାଇଟି ସଦାଇପାଲି ୩-୦ ଗୋଲରେ ଶହୀଦ ଜିମ୍ନାସିୟମ ଟିଟିଲାଗଡ଼କୁ ହରାଇଥିଲା।

## ଖେଲୋ ଇଣ୍ଡିଆ ଖେଳରେ ବଲାଙ୍ଗୀର ଝିଅ ପ୍ରତିମାଙ୍କ ସଫଳତା

**ବଲାଙ୍ଗୀର ଅଫିସ,୨୧।୧**

ସର୍ବ ଭାରତୀୟସ୍ତରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ଓଡ଼ିଶା ଯୁବା ଖୋଖୋ ଦଳରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ବଲାଙ୍ଗୀର ଜିଲା ଅଙ୍କରିଆପଦର ଗ୍ରାମର ପ୍ରତିମା କୁମ୍ଭାର ବଲାଙ୍ଗୀର ଫେରିବା ପରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଓଡ଼ିଶା ଖୋଖୋ ଦଳ ଦିଲ୍ଲୀକୁ ହରାଇ ବ୍ରୋଞ୍ଜ ପଦକ ଜିତିଥିଲା। ପ୍ରତିମାଙ୍କୁ ବଲାଙ୍ଗୀର ରେଳଷ୍ଟେଶନ୍‌ଠାରେ ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀ, ଡିଏଭି କଲେଜ ଅଧ୍ୟକ୍ଷ ବିକ୍ରମ କେଶରୀ ମିଶ୍ର, ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ, ପଥରଚେପା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ମିଶ୍ର, ସାଇଟ୍ ସମ୍ପାଦକ ମନୋଜ ମିଶ୍ର, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ ରାଜନନ୍ଦିନୀ ବହିଦାର, ବରିଷ୍ଠ ଭଲିବଲ ଖେଳାଳି ପ୍ରଶାନ୍ତ କୁମାର ପଟ୍ଟନାୟକ ଓ ଜିଲା ଖୋଖୋ ପ୍ରଶିକ୍ଷକ ପଦ୍ମଚରଣ ଦାସ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ପ୍ରତିମାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବୁଦ୍ଧିରାଜ ବିଶ୍ୱାଳ, ଦେବୀପ୍ରସାଦ ରାଉତ, ରଞ୍ଜିତ ବେହେରା, ବିଭୂତି ସ୍ୱାଇଁ, ଜାତୀୟ ଖେଳାଳି ସୁଜାତା ମଲ୍ଲିକ, ସସ୍ମିତା ପାତ୍ର, ରୀତା ସନ୍ୟାସୀ, ଗୀତା ସନ୍ୟାସୀ, ଗଜାନନ




କୃତୀ ଖୋଖୋ ଖେଳାଳି ପ୍ରତିମା କୁମ୍ଭାରଙ୍କୁ ବଲାଙ୍ଗୀର ରେଳଷ୍ଟେଶନ୍‌ଠାରେ ସମ୍ବର୍ଦ୍ଧିତ କରାଯାଉଛି।

ସାଏ ଓ ସହକାରୀ ଖୋଖୋ ପ୍ରଶିକ୍ଷକ ପ୍ରଦ୍ୟୁମ୍ନ କୁମାର ରାଉତ ମଧ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ। ପ୍ରତିମାଙ୍କ ସଫଳତା ପାଇଁ ଜିଲା କ୍ରୀଡ଼ା ସଂସଦ ଓ ଜିଲାର ବିଭିନ୍ନ ଅନୁଷ୍ଠାନ ଓ କ୍ରୀଡ଼ାପ୍ରେମୀ ମହଲରେ ଆ ପ୍ରକାଶ ପାଇଛି।

## ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଟିକ୍ରାପଡ଼ା/ଖପ୍ରାଖୋଲ, ୨୧।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲଠାରେ ବନବନ୍ଧୁ ପରିଷଦ ଆନୁକୂଲ୍ୟରେ ଏକଲ ବିଦ୍ୟାଳୟ ଅଭିଯାନ ଅନ୍ତର୍ଗତ ବିଦ୍ୟାଳୟଗୁଡିକରେ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଶିବିର ୫ ଦିନ ଧରି ଚାଲିଥିଲା। ଖପ୍ରାଖୋଲ କ୍ଲଷ୍ଟର ଅଧୀନ ୨୫ଟି ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ ତାଲିମ ନେଇଥିଲେ। ଶିବିରରେ ଶାରୀରିକ, ବୈଚାରିକ ଓ ବିଦ୍ୟାଳୟ ପରିଚାଳନା ନେଇ ତାଲିମ ପ୍ରଦାନ କରାଯାଇଥିଲା। ସୁନିଲ ସା, ଇନ୍ଦ୍ରମଣି ବନଛୋର, କେଶବ ବାଘ, ସୁବାସ କୁମାର ମିଶ୍ର, ଭଦ୍ର କିଷାନ ପ୍ରମୁଖ କାର୍ଯ୍ୟକର୍ତ୍ତା ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସଭାରେ ସନ୍ଥ ସ୍ୱାମୀ ଜୟଦେବ ଭାରତୀ ମୁଖ୍ୟଅତିଥି, ଅଜୟ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## କଂସ ବଧ: ଧନୁଯାତ୍ରା ଉଦ୍‌ଯାପିତ

**ଗୁଡ଼ଭେଲା,୨୧।୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅଧୀନ ଲୁର୍କୀ ଗ୍ରାମରେ ୭ ଦିନ ଧରି ଚାଲିଥିବା ମୁକ୍ତ ମଞ୍ଚ ଧନୁଯାତ୍ରା ମହୋତ୍ସବର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବର ନାଟ୍ୟାଭିନୟରେ କୃଷ୍ଣ, ବଳରାମଙ୍କ ହାତରେ ମହାରାଜା କଂସଙ୍କ ବଧ ହୋଇଥିଲା। ପରେ ଉଗ୍ରସେନ ମହାରାଜଙ୍କୁ କାରାଗାରରୁ ମୁକ୍ତ କରାଯାଇ ସିଂହାସନ ଆରୋହଣ କରିଥିଲେ। ଦେବକୀ ଓ ବସୁଦେବ ଶ୍ରୀକୃଷ୍ଣଙ୍କୁ ଦେଖି ଭାବବିହ୍ୱଳ ହୋଇପଡିଥିବା ଦୃଶ୍ୟ ଅଭିନୀତ ହୋଇଥିଲା। କୃଷ୍ଣ ଭୂମିକାରେ କିରଣ ପ୍ରଧାନ, ବଳରାମ- ସୁମିତ ପ୍ରଧାନ, କଂସ- ଗୋପାଳ ପଣ୍ଡା, ମହାମନ୍ତ୍ରୀ-ଲକ୍ଷୀନ୍ଦ୍ର ଭୁଏ, ଅକ୍ରୁର- ଭୋପାଳ ଚନ୍ଦ୍ର ପ୍ରଧାନ, ମୁଷ୍ଟିକ-ଅରୁଣ ପାଢୀ ପ୍ରମୁଖ ଅଭିନୟ କରିଥିବା ବେଳେ କମିଟି ସଭାପତି ସରୋଜ ପ୍ରଧାନ, ଆନନ୍ଦ ପ୍ରଧାନ, ଅବନୀ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ପଞ୍ଚା ପ୍ରଧାନ, ରଶ୍ମି ପ୍ରଧାନ, ଶମ୍ଭୁ ପ୍ରଧାନ ତଥା ଗ୍ରାମବାସୀ ସହଯୋଗ କରିଥିଲେ।



ଶ୍ରୀକୃଷ୍ଣ ମହାରାଜା କଂସଙ୍କୁ ବଧ କରୁଛନ୍ତି।

## ରୁଣ ପାଏବାରୁ ବଁଚିତ ୧୪ ବୁଣାକାର ପରିବାର

**ଲାଠୋର, ୨୧।୧ (ଡି.ଏନ.ଏ)**

ସରକାର ବୁଣାକାର ପରିବାରମାନକୁ ଭିନେ ଭିନେ ପରକାର ସାହାଯ୍ ଯୁଗେଇ ଦେଉଛନ୍। ହେଲେ ବଭାଗୀୟ ଅବହେଳା କାରନ୍‌ରୁ ଅନେକ ପରିବାର ଇ ସୁବିଧା ସୁଯୋଗ ପାଏବାରୁ ବଁଚିତ ହେଉଛନ୍। ସୂଚନା ଅନ୍‌ସାରେ ଲାଠୋର ଗାଁର ୧୪ ବୁନାକାର ଚନ୍ଦ୍ରକାନ୍ତୀ ମେହେର, ଗୀତାଞ୍ଜଳୀ ମେହେର, ଶାନ୍ତିଲତା ମେହେର, ପଦ୍ମାବତୀ ମେହେର, ଚିତ୍ରରେଖା ମେହେର, ଯାଜ୍ଞସେନୀ ମେହେର, ଟଙ୍କଧର ମେହେର, ପଦ୍ମିନି ମେହେର, ସନ୍ତୋଷ ମେହେର, ସୁଶାନ୍ତ ମେହେର, ବାସନ୍ତି ମେହେର, ସାବେତ୍ରୀ ମେହେର, ଶ୍ରୀମତୀ ମେହେର, ସବିତା ମେହେର ଲାଠୋର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ରୁଣ ନେଇ ବୁନାବୁନି କାମ୍ କରବାକେ ଆବେଦନ କରିଥିଲେ। ତାକର ଆବେଦନ କାଗଜ ପତର ଦେଖି ଶାଖା ପରିଚାଳକ ସେମାନକୁ ନୋଡ୍ୟୁଜ୍ ସାର୍ଟିଫିକେଟ ଦାଖଲ କରବାକେ କହିଥିଲେ। ବୁନାକାର ପରିବାରମାନେ ଶାଖା ପରିଚାଳକର୍କଁର କହେବାର ହିସାବେ ନୋଡ୍ୟୁଜ୍ ସାର୍ଟିଫିକେଟ ଦାଖଲ କଲେ। ଶେଷେ ଶାଖା ପରିଚାଳକ ସେମାନକୁ ବୁନାକାର ପରିବାର ବଲି ପରିଚଏ ପତର ଦାଖଲ କରବାକେ କହେଲେ। ପରିଚଏ ପତର ଦାଖଲ ନାଇଁ କଲେ ରୁଣ ମଂଜୁର ନାଇଁ ହେଇପାରେ ବଲି ରୋକଠୋକ୍ ମନା କଲେ। ଇ ଘଟନାକେ ଆଏଜ୍‌କେ ବଛରେ ବିତିଯାଇଛେ। ହେଲେ ବୁନାକାର ପରିବାରମାନେ ଅଏଜ୍‌ତକ୍ ନା ପରିଚଏ ପତର ପାଇପାରଲେ କି ବ୍ୟାଙ୍କରୁ ରୁଣ। ଯେନ୍‌ଥିରଲାଗି ଇ ଗରିବ ବୁନାକାର ପରିବାରମାନକର ଆର୍ଥିକ ଥିତି ଦିନୁ ଦିନ୍‌କେ ବିଗଡ଼ି ଯାଉଛେ। ଇ ବାବ୍‌ଦେ ପାଟଣାଗଡ଼ ଟେକ୍ସଟାଇଲ ଉପନିର୍ଦ୍ଦେଶକ ହୃଷିକେଶ ମହାଲିଙ୍କୁ ପଚରାଲାରୁ ବୁନାକାର ପରିବାରମାନେ ନିୟମ ହିସାବେ ଆମର ଅଫିସରେ ପରିଚଏ ପତର ଲାଗି ଆବେଦନ କରବାର କଥା ହେଲେ ସେମାନେ ଆବେଦନ ନାଇଁ କରି। ହେଲେ ସେମାନେ କେନ୍‌ଥେଇ ବୁନାକାର ପରିବାରର ପରିଚଏ ପତର ପାଏବେ ସେ ବେବସ୍ତା କରାଯିବା ବଲି ସେ କହିଥିଲେ।



ଲାଠୋର ଗାଁର ବୁନାକାର ପରିବାରର ମହିଳାମାନେ।



ମନୁଷ୍ୟର ପ୍ରକୃତରେ ଅଭାବ କମ୍, କାରଣ ସେ ଯେଉଁଗୁଡିକ ସୃଷ୍ଟିକରି ଚାଲିଥାଏ, ସେଗୁଡିକ ହିଁ ତାକୁ ଅସୁବିଧାରେ ପକାଇଥାନ୍ତି।
- ଜୋହାନ କାସ୍‌ପର ଲାଭାଟର



## ସଂକ୍ଷେପରେ

### ବରଦୋଳି ଟୋକୀ ପର୍ବରେ ଗଣ୍ଡଗୋଳ: ଯୁବକ ମୃତ

**କଲମପୁର,୨୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ବରଦୋଳି ଗ୍ରାମରେ ରବିବାର ଟୋକୀପର୍ବ ଚାଲିଥିବା ବେଳେ ଧରନୀ ନିକଟରେ ବଳି ମାଂସ ନେବା ପାଇଁ ପ୍ରବଳ ଭିଡ ଲାଗିଥିଲା । ସେହି ସମୟରେ କୌଣସି ଅଜଣା ବ୍ୟକ୍ତି ବଡକୁଟ୍ଟ ଗ୍ରାମର ପ୍ରେମଲାଲ ବାଗ (୨୫) (ଟଟ) ଜଣେ ଯୁବକଙ୍କୁ ତାଙ୍କ ମୁଣ୍ଡରେ ଯୋରରେ ବାଡାଇ ଦେଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କଲମପୁର ଗୋଷ୍ଠୀ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସିତ ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ସୋମବାର ସକାଳେ ପ୍ରେମଲାଲଙ୍କ ମୃତ୍ୟୁ ଘଟିଛି । ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ଗ୍ରାମ ବଡକୁଟ୍ଟକୁ ଅଣାଯାଉଛି । ଏ ସମ୍ପର୍କରେ ପ୍ରେମଲାଲଙ୍କ ବାପା ରଶିକ ବାଗ ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏ ନେଇ ଥାନାରେ ଆଇପିସି ୩୦୨ରେ ଏକ ହତ୍ୟା ମାମଲା (ନଂ. ୨୫/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜୟପାଟଣା ଥାନା ଅଧିକାରୀ ଶୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।



### ପିଲାକର ଲାଗି ଉସତ୍ ଆନନ୍ଦର ଦିନ୍ ପୁଷ୍‌ପୁନି

ରିଷିଡା, ୨୧।୧ (ଡି.ଏନ.ଏ):

ପୁଷ୍‌ପୁନି ହେଉଛେ ପଶ୍ଚିମ ଓଡ଼ିଶାବାସୀକର ଗୁଟେ ସିଘା ପରବ। ଇ ସମିଆରେ ଚାଷୀ ବଛରକୁଡା ହାଡ଼ଭଂଗା ପରିଶ୍ରମ ଉତାରୁ ଟିକେ ଫୁରସତ୍ ପାଏସି। ଅମଲ ହେଇଥିବାର ଫସଲକେ ଘରେ ବେଉଁତେ ରଖାଥୁଆ କରି ବଛରେର କାମ ପଟାସି। ସାହୁକାରମାନେ ହଲିଆଗୁତି, ଗାଇଚରୁହାମାନଙ୍କୁ ଇ ଦିନ ବାକିଆ ଭୁତି ବରତନ୍, ଖାଏବାର ପିଇବାର, କପଡ଼ାଲତା ଦେଇ ବଛରେ କାମ୍ ସରବାର ଉଧେ ବିଦାକି ଦେସନ୍। ସେନ୍‌ତା ଇ ପୁଷ୍‌ପୁନି ଦିନ ସାହୁକାରମାନେ ଆଏବାର ବଛରେ ତକ୍ କାମ୍ କରବାର ଲାଗି ହଲିଆଗୁତି, ଗାଇଚରୁହାକୁ ବଏନା ଦେସନ୍। ଇ ପରବଟା ଧନି ଗରିବ, ଭେଦଭାବ ପାସରି ସମ୍ପର୍କକେ ମଜବୁତ କରସି। ଗାଁମାନକେ ଛୁଆନୁ ବୁଢ଼ା ତକ୍ ଦଲ ଦଲ ହେଇ ଗୀତ୍ ଗାଇ ଗାଇ ଛେରଛେରା ମାଗ୍‌ବାର ଗୁଟେ ରିକ୍‌ମା କେନ୍ ଯୁଗୁ ଚଲିଆସୁଛେ। ଘରର ମାଲକେନ୍ ମାନେ ବି ଖୁସିମନେ ସେମାନକୁ ଚାଉଲ, ପିଠାମଡ଼ା, ପଏସା ଦେସନ୍। ସେନ୍‌ତା କଳାହାଣ୍ଡି ଜିଲା ରିଷିଡ଼ା ଅଂଚଲରେ ଛୋଟ ଛୋଟ ପିଲାମାନେ ଗୁଟେ ଭିନେ ଢ଼ଂଗେ ପୁଷ୍‌ପୁନି ପାଲନ କରୁଥିବାର ନଜରକେ ଆସିଛେ। ଅଂଚଲରେ ଗାଁମାନକେ ଦଲ ଦଲ ପିଲା ଏକଯୋଜଟ ହେଇ ସଖାଲୁ ଘର ଘର ବୁଲି ଚାଉଲ, ଟଁକା ମାଗି ଠୁଲଉଛନ୍। ସେମାନେ ପାଇଥିବାର ଚାଉଲ ଆର ଟଁକାରେ ସଭେ ମିଶି ଭୁଜିଭାତ କରି ମଉଜ କରବେ। ପିଲାମାନକୁ ଗାଁମାନକେ ସଭେ ଖୁସିମନେ ଚାଉଲ ଟଁକା ଦେଉଥିବାର ଦେଖ୍‌ବାକେ ମିଲିଛେ। ଇ ବାବ୍‌ଦେ ସେମାନକୁ ପଚରାଲାରୁ ପୁଷ୍‌ପୁନି ଲାଗି ଛେରଛେରା ମାଗୁଛୁଁ, ଆଜି ଆମର ଗୁଟେ ଉସତ ଆନଂଦର ଦିନ୍, ମଗାଯଚାରେ ଯାହା ପାଏମୁ ସଭେ ମିଶିଗୁଲି ଭୁଜିଭାତ କରମୁ ବଲି ବଡ଼ଡୁଙ୍ଗୁରିଗୁଡ଼ା ଅଂଚଲର ପିଲାମାନେ କହିଥିଲେ।

## ଜୋଙ୍କ ସେଚ ପ୍ରକଳ୍ପ: ବ୍ୟାକ୍‌ଫୁଟ୍‌ରେ ପ୍ରଶାସନ

# ଜଳସମାଧି ପାଇଁ କେନାଲରେ ବସିଲେ ମହିଳା, ଶିଶୁ





ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରର ପୂଜା କରୁଛନ୍ତି ଆନ୍ଦୋଳନକାରୀ ଏବଂ ପ୍ରଶାସନିକ ଅଧିକାରୀବୃନ୍ଦ । (ବାମ) । କେନାଲରେ ମହିଳାମାନେ ଜଳ ସମାଧି ଦେବାକୁ ବସିଛନ୍ତି ।

**ନୂଆପଡା ଅଫିସ,୨୧।୧**

- ଆନ୍ଦୋଳନସ୍ଥଳରେ ଅହିଂସାର ପୂଜା
- ପାଣି ଛାଡିବାକୁ ଯାଇ ପ୍ରଶାସନ ନଇଁଗଲା
- ଚାଷୀଙ୍କ ଦାବି ପୂରଣ କରିବାରେ ପ୍ରଶାସନ ବିଫଳ

ଜୋଙ୍କ ଜଳସେଚନ ପ୍ରକଳ୍ପରୁ ତଳମୁଣ୍ଡ ଚାଷୀଙ୍କୁ ପାଣି ଯୋଗାଇଦେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ନୂଆପଡା ଜିଲା ପୋଲିସ ପ୍ରଶାସନ ଡ୍ୟାମକୁ ସଦଳବଳ ଯାଇଥିଲେ ହେଁ ଆନ୍ଦୋଳନକାରୀଙ୍କ ଅହିଂସା ନୀତି ନିକଟରେ ନଇଁଯାଇଛି । ଆନ୍ଦୋଳନକାରୀ ଆଇନକୁ ହାତକୁ ନେଲେ ବଳ ପ୍ରୟୋଗ କରାଯିବ ବୋଲି ବ୍ୟାପକ ପୋଲିସ ବଳ ନେଇ ଉପଜିଲାପାଳ ସୋମବାର ପଞ୍ଚପୁର କେନାଲ ନିକଟରେ ପହଞ୍ଚିଥିଲେ । ସେଠାରେ ହଜାର ହଜାର ସଂଖ୍ୟାରେ ଆନ୍ଦୋଳନକାରୀ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରଖି ପୂଜାର୍ଚ୍ଚନା କରିବା ପରେ କେନାଲରେ ମହିଳା ଶିଶୁମାନେ ଜଳ ସମାଧି ନେବେ ବୋଲି ବସି ରହିବାରୁ ପ୍ରଶାସନ କିଂ କର୍ତ୍ତବ୍ୟବିମୂଢ ହୋଇ ଚାହିଁ ରହିଥିଲା । ଦୀର୍ଘ ୧୨ଘଣ୍ଟା ଧରି ଜଗି ରହିବା ପରେ ରାତିରେ ଫେରିଆସିଛି ପ୍ରଶାସନ। ଗୋଟିଏପଟେ ଆନ୍ଦୋଳନକାରୀ ଧାରଣାସ୍ଥଳରେ ବସି ଭଜନ କୀର୍ତ୍ତନ କରୁଥିବା ବେଳେ ଅନ୍ୟପଟେ ପୋଲିସ ପହରାଦେଉଛି ।

ପ୍ରକାଶ ଯେ, ଜୋଙ୍କ ଜଳ ସେଚନ ପ୍ରକଳ୍ପରୁ ରବି ଚାଷ ସକାଶେ ଗତ ମାସ ୨୫ ତାରିଖଠାରୁ ତଳମୁଣ୍ଡ ପାଇଁ ପାଣି ଛଡାଯିବା କଥା। ହେଲେ ବିଭିନ୍ନ ଦାବି ନେଇ ଉପର ମୁଣ୍ଡ ଚାଷୀମାନେ ସେହି ଦିନଠାରୁ କେନାଲ ମୁଣ୍ଡରେ ଧାରଣାରେ ବସି ରହିଛନ୍ତି । ଇତିମଧ୍ୟରେ ଦିନକୁ ଦିନ ରବି ଚାଷ ସମୟ ଗଡିଯାଉଛି । ତେଣୁ ତଳମୁଣ୍ଡ ଚାଷୀ ହାଇକୋର୍ଟର ଦ୍ୱାରସ୍ଥ ହୋଇ ପାଣି ଯୋଗାଣ ସକାଶେ ନିର୍ଦ୍ଦେଶନାମା ଆଣିଛନ୍ତି । ତାହା କାର୍ଯ୍ୟକାରୀ ହେଉନାହିଁ ବୋଲି ତଳମୁଣ୍ଡ ଚାଷୀ ଶୁକ୍ରବାର ଜାତୀୟ ରାଜପଥକୁ ୧୭ ଘଣ୍ଟା ଧରି ଅବରୋଧ କରିଥିଲେ । ବର୍ତ୍ତମାନ ଏହା ପ୍ରଶାସନ ପାଇଁ ଏକ ଚ୍ୟାଲେଞ୍ଜ ହୋଇଛି । ଉପରମୁଣ୍ଡ ଚାଷୀଙ୍କ ଆନ୍ଦୋଳନ ଆଜକୁ ୨୮ ଦିନରେ ପହଞ୍ଚିଥିଲେ ହେଁ ପ୍ରଶାସନ ଗୋଟିଏ ହେଲେ ଦାବି ସମାଧାନ କରି ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ସୋମବାର ସକାଳ ୬ଟାରୁ ଉପଜିଲାପାଳ ତରଣୀସେନ ନାଏକ ଏବଂ ଏସଡିପିଓ ବିଦ୍ୟୁତଚନ୍ଦ୍ର ପଣ୍ଡା ୭ ପ୍ଲାଟୁନ ପୋଲିସ ଫୋର୍ସ ନେଇ ଆନ୍ଦୋଳନସ୍ଥଳରେ ପହଞ୍ଚିଥିଲେ । ତୁରନ୍ତ ପାଣି ଛାଡିବାକୁ ଉଦ୍ୟମ କରିଥିଲେ । ହେଲେ ୫ ହଜାରରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀ ଅଧିକାରୀମାନଙ୍କୁ ସ୍ୱାଗତ କରି ଧାରଣାଜାଗାକୁ ଡାକିଥିଲେ । ସେଠାରେ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରିବା ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ଉପଜିଲାପାଳ ଧାରଣାରୁ ନିବୃତ ରହିବାକୁ ଅନୁରୋଧ କରିଥିଲେ । ହେଲେ ଆନ୍ଦୋଳନକାରୀ ଅହିଂସାର ମାର୍ଗରେ ବସିରହିବେ ବୋଲି ଅଡିବସିଥିଲେ। ପ୍ରଶାସନ କେନାଲ ପାଣି ଛାଡିବାକୁ ପ୍ରୟାସ ଚଳାଇଲା । ହେଲେ ଏହାକୁ ଦେଖି ଶତାଧିକ ମହିଳା, ଶିଶୁ, ସ୍କୁଲ ପିଲା କେନାଲରେ ଜଳ ସମାଧୀ ଦେବୁ ବୋଲି ବସି ରହିଲେ । ପରେ ପ୍ରଶାସନ ନାଚାର ହୋଇପଡିଲା । ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ ଏବଂ ଆନ୍ଦୋଳନକାରୀଙ୍କୁ ନେଇ ବାରମ୍ବାର ମାରାଥନ ବୈଠକ ଚାଲିଥିଲା। ଦାବିଗୁଡିକ ଉପରେ ଲିଖିତ ପ୍ରତିଶ୍ରୁତି ନ ଦେଲେ ଆମେ ହଟିବୁ ନାହିଁ ବୋଲି ଅଡିବସିଥିଲେ। ପ୍ରଶାସନ ମଧ୍ୟ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇପାରି ନ ଥିଲା । ସନ୍ଧ୍ୟା ୬ଟାରେ ଶିଶୁ, ମହିଳାମାନେ ଚାଲିଯାଇଥିଲେ ମଧ୍ୟ ଅନ୍ୟ ଆନ୍ଦୋଳନକାରୀ ବସି ରହିଥିଲେ । କିନ୍ତୁ ରାତି ୯ଟାରେ ପୋଲିସ କେନାଲରେ ପକାଯାଇଥିବା ଟେଣ୍ଟକୁ ଭାଙ୍ଗିଥିଲା । ଏହି ଖବର ପାଇ ପୁଣି ଥରେ ଶତାଧିକ ମହିଳା ଆସି କେନାଲରେ ବସି ରହିଛନ୍ତି । ଖବର ଲେଖାଯିବା ସୁଦ୍ଧା ରାତି ୧୦ଟା ପର୍ଯ୍ୟନ୍ତ ଏଭଳି ସ୍ଥିତି ରହି ଥିବା ଜଣାପଡ଼ିଛି । ବିଳମ୍ବିତ ରାତିରେ କ'ଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

**ଯୁବତୀଙ୍କ ପ୍ରେମରେ ସରପଞ୍ଚ**

### ପ୍ରଥମ ସ୍ତ୍ରୀଙ୍କ ସହମତି ପରେ ପ୍ରେମୀଯୁଗଳଙ୍କୁ ଛାଡ଼ିଲା ପୋଲିସ

**ଜୁନାଗଡ,୨୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଏକ ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ଝିଅଙ୍କୁ ସ୍ଥାନୀୟ ସରପଞ୍ଚ ଫେରାର କରି ନେଇଥିବା ଜୁନାଗଡ ଥାନାରେ ଅଭିଯୋଗ କରିଥିଲେ। ପରେ ଏକ ଘରୁ ପୋଲିସ ଉଭୟଙ୍କୁ ରବିବାର ଆଣି ଥାନାରେ ଅଟକି ରଖି ପଚରାଉଚୁରା କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ସରପଞ୍ଚ ଓ ଜଣେ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। କିଛିଦିନ ତଳେ ସରପଞ୍ଚ ପ୍ରେମିକାଙ୍କୁ ନେଇ ଅନ୍ୟ ଏକ ଗାଁରେ ରଖିଥିଲେ। ଝିଅର ବାପା ସ୍ଥାନୀୟ ସରପଞ୍ଚଙ୍କ ନାମରେ ତାଙ୍କ ଝିଅକୁ ଫେରାର କରିଥିବା ନେଇ ଜୁନାଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉଭୟଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ଯୁବତୀ ଜଣକ ନିଜ ଇଚ୍ଛାରେ ସରପଞ୍ଚଙ୍କ ପାଖକୁ ଆସିଥିବା ନେଇ ପୋଲିସ ସୂତ୍ରରୁ ଜଣାପଡିଛି। ସୋମବାର ଅପରାହ୍ନରେ ପ୍ରଥମ ସ୍ତ୍ରୀଙ୍କ ସହମତି ପରେ ସରପଞ୍ଚ ସ୍ୱାମୀ ଓ ତାଙ୍କ ପ୍ରେମିକାଙ୍କୁ ପୋଲିସ ଛାଡି ଦେଇଥିବା ଜଣାପଡିଛି। ପ୍ରକାଶ ଯେ, ସମ୍ପୃକ୍ତ ସରପଞ୍ଚଙ୍କ ସ୍ତ୍ରୀ ଓ ୨ ସନ୍ତାନ ଅଛନ୍ତି।

### ୨୨ରେ ଫୁଟବଲ ଖେଳାଳି ଚୟନ ଶିବିର

ସମ୍ବଲପୁର, ୨୧।୧ (ବ୍ୟୁରୋ)– ସମ୍ବଲପୁର ଫୁଟବଲ ଏକାଡେମୀ ପକ୍ଷରୁ ଆସନ୍ତା ୨୨ ଓ ୨୩ ତାରିଖରେ ଖେଳାଳି ଚୟନ ଶିବିର ହେବ । ପିତାପାଲିସ୍ଥିତ ସମ୍ବଲପୁର ଫୁଟବଲ ଏକାଡେମୀ ପରିସରରେ ଖେଳାଳିମାନେ ଶିବିରରେ ଯୋଗଦେଇ ପାରିବେ । ସୋମବାର ଏକାଡେମୀର ନିର୍ଦ୍ଦେଶକ ଅତନୁ ଘୋଷ ଓ ମ୍ୟାନେଜର ମନୋଜ ଭୋଇ ପ୍ରେସ ବିବୃତିରେ ଏହି ସୂଚନା ଦେଇଛନ୍ତି।

## ନୂଆପଡ଼ା ଜିଲା ମୋଟର୍ସ କର୍ମଚାରୀ ସଂଘ ବୈଠକ

**ନୂଆପଡା ଅଫିସ/ଖଡିଆଳ, ୨୧।୧(ଡି.ଏନ.ଏ.)**

**ନୂତନ କର୍ମକର୍ତ୍ତା ମନୋନୀତ**

ନୂଆପଡ଼ା ଜିଲା ଖଡିଆଳସ୍ଥିତ କଲ୍ୟାଣ ମଣ୍ଡପରେ ଜିଲା ମୋଟର୍ସ କର୍ମଚାରୀ ସଂଘ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ପ୍ରବୀଣ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ବୈଠକରେ ସମସ୍ତ କର୍ମଚାରୀ ଯୋଗଦେଇଥିଲେ । ଏହି ଅବସରରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦୈନନ୍ଦିନ ଜିନିଷଗୁଡିକର ଦର ବୃଦ୍ଧି ହେଉଥିଲେ ହେଁ କମ ଦରମା ପ୍ରଦାନ କରାଯାଉଥିବାରୁ କର୍ମଚାରୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହି ଅବସରରେ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଇଜାର ତାଣ୍ଡି ସଭାପତି, ଅଙ୍କୁର ଶବର ଉପସଭାପତି, ପବିତ୍ର ପ୍ରଧାନ ସମ୍ପାଦକ, ରାମ ସିଂ ସହ ସମ୍ପାଦକ, ହେମସାଗର ଭୋଇ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ ସଦସ୍ୟ ଭାବେ ଚକ୍ରଧର କୁମାର, ସନ୍ତୋଷ ପାତ୍ର, ତଥ ପୋଢ, ବଂଶୀ ପ୍ରଧାନୀ, ସୁମିତ କୁମାର, ସନ୍ତୋଷ ପାତ୍ର, ରଥପୋଢ ପ୍ରମୁଖ ରହିଛନ୍ତି । ପରାମର୍ଶଦାତା କମିଟିରେ ପ୍ରବୀଣ ପଟ୍ଟନାୟକ, ଦୀପକ ଦାସ ପ୍ରମୁଖ ସଦସ୍ୟ ରହିଛନ୍ତି । ବୈଠକ ପବିତ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ ।



ମୋଟର୍ସ କର୍ମଚାରୀ ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନେ ।

### ମଣ୍ଡି ପରିଦର୍ଶନ କଲେ, ଚାଷୀଙ୍କ ସମସ୍ୟା ବୁଝିଲେ

**ଜୁନାଗଡ,୨୧।୧(ଡି.ଏନ.ଏ.)**

କଳାହାଣ୍ଡିଜିଲା ଜୁନାଗଡ ବ୍ଲକ ଗୌଡଛେଣ୍ଡିଆ ଧାନମଣ୍ଡିକୁ ସୋମବାର ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ ପରିଦର୍ଶନ କରିଛନ୍ତି। ସେଠାରେ ସେ ଚାଷୀଙ୍କ ସମସ୍ୟା ବୁଝିବା ସହ ଏହାର ସମାଧାନ କରିବା ପାଇଁ ଜିଲା ଯୋଗାଣ ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ପରେ ସେ କଛିମଡଲାଠାରେ ଚାଲିଥିବା ନାମଯଜ୍ଞରେ ସାମିଲ ହୋଇଥିଲେ। ଏହି ସମୟରେ ପୂର୍ବତନ ବିଧାୟକଙ୍କ ସହ ସ୍ଥାନୀୟ କଂଗ୍ରେସ ଜୋନ ସଭାପତି ଚିତ୍ତ ରଞ୍ଜନ ନିଆଲ, ଲୋକସଭା ଯୁବ ସାଧାରଣ ସମ୍ପାଦକ ପ୍ରଭାତ ଦାଶ, ନୀଳମଣି ପୁଞ୍ଜି ପ୍ରମୁଖ ଉପସ୍ଥିତ ଥିଲେ।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସଙ୍ଗୀତ ପ୍ରତିଯୋଗିତା

**ନୂଆପଡା ଅଫିସ,୨୧।୧**



ସଙ୍ଗୀତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର ।

ସାଧାରଣ ତନ୍ତ୍ର ଦିବସ ଉପଲକ୍ଷେ ସ୍ଥାନୀୟ ସାରଲା ସଙ୍ଗୀତ ଅନୁଷ୍ଠାନ ତରଫରୁ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ନେଇ ସଙ୍ଗୀତ ପ୍ରତିଯୋଗିତା କରାଯାଇଛି । ଏଥିରେ ମୋଟ ୧୨୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ପ୍ରାଥମିକ ବିଦ୍ୟାଳୟସ୍ତରରେ ନନ୍ଦିନି ଖୁଣ୍ଟିଆ, ପ୍ରଭାତ କୁମାର ଦାସ ଏବଂ ସଂଜନା ବାଗ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅକ୍ତିଆର କରିଥିଲେ । ଉଚ୍ଚପ୍ରାଥମିକସ୍ତରରେ ଦିବ୍ୟାଂଶ ମିଶ୍ର ପ୍ରଥମ, ହରିପ୍ରିୟା ମାଝି ଦ୍ୱିତୀୟ, ଅଭିଶେକ ବେହେରା ତୃତୀୟ ଏବଂ ଉଚ୍ଚବିଦ୍ୟାଳୟସ୍ତରରେ ଜସବିନ୍ଦର ସିଂ ଗୁରୁଦତା ପ୍ରଥମ, ସୁରିତା ବେହେରା ଦ୍ୱିତୀୟ ଏବଂ ସୀମା ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିଭଳି ମହାବିଦ୍ୟାଳୟସ୍ତରରେ ତେଜସ୍ୱିନୀ ଶବର ପ୍ରଥମ, କ୍ଷୀରୋଦିନି ନାଏକ ଦ୍ୱିତୀୟ ଏବଂ ଗୀତାଞ୍ଜଳୀ ମାଝି ତୃତୀୟ ସ୍ଥାନ ଅକ୍ତିଆର କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଶଙ୍କର୍ଷଣ ପୁରୋହିତ, ମଳୟ ରଞ୍ଜନ ମଣ୍ଡଳ, ଶିଶିର ଭୁୟାଁ ପ୍ରମୁଖ ପରିଚାଳନା କରିଥିଲେ । ରାମେଶ୍ୱର ଦାସ, ଅମ୍ବିକା ଦାସ, ପ୍ରତାପ ସାହୁ, ରାଜେଶ କୁମାର ମହଲା ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ । ଜିଲା ସଂସ୍କୃତି ଅଧିକାରୀ ନିରଞ୍ଜନ ନାଏକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । କୃତୀ ଛାତ୍ରୀଛାତ୍ରଙ୍କୁ ଆଗାମୀ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ।

**ହାତୀନଦୀ-ଆଟିଗାଁ ପିଡବ୍ଲ୍ୟୁଡି ରାସ୍ତାକାମ ଅନିୟମିତତା ଘଟଣା**

## ଠିକାଦାରଙ୍କୁ ପୁଣି ଥରେ ମରାମତି କରିବାକୁ ନିର୍ଦ୍ଦେଶ

**ଜୁନାଗଡ,୨୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ହାତନଦୀ–ଆଟିଗାଁ ପୂର୍ତ୍ତ ବିଭାଗ (ପିଡବ୍ଲ୍ୟୁଡି) ରାସ୍ତା ମରାମତି କାମରେ ବ୍ୟାପକ ଅନିୟମିତତା ହୋଇଥିବା ଦେଖିବାକୁ ମିଳିଥିଲା । ନିମ୍ନମାନର କାମ ଯୋଗୁ ରାସ୍ତା ମରାମତିର ୨/୩ ଭିତରେ ଅଧିକାଂଶ ସ୍ଥାନରେ ପିଚୁ ଉଠିଯାଇଥିଲା। ଏପରିକି ହାତରେ କିମ୍ବା ଗୋଡରେ ଘସିଲେ ପିଚୁ ସବୁ ବାହାରି ପଡୁଥିଲା। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅନିୟମିତତା ଘଟଣାକୁ ନେଇ ଗତ ୧୪ ତାରିଖ ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ସମ୍ପୃକ୍ତ ଠିକାଦାରଙ୍କୁ ପୁଣି ଥରେ ରାସ୍ତା ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିଭାଗ ପକ୍ଷରୁ ଜଣାପଡିଛି। ଏପରିକି ମରାମତି ନ ହେଲା ଯାଏ ବିଲ ମଧ୍ୟ କରାଯିବ ନାହିଁ ବୋଲି ଜଣାପଡିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ହାତୀନଦୀ–ଆଟିଗାଁ ୧୦ କିମି ପିଡବ୍ଲ୍ୟୁଡି ରାସ୍ତା ମରାମତି ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଏହି ରାସ୍ତା ମରାମତି ପାଇଁ କୋକସରା ବ୍ଲକ ଲଞ୍ଜୁଗାଁର ଜଣେ ଠିକାଦାର ଟେଣ୍ଡର ପାଇଥିବା ବିଭାଗୀୟ ଯନ୍ତ୍ରୀଙ୍କଠାରୁ ଜଣାପଡିଛି। ସମ୍ପୃକ୍ତ ଠିକାଦାର ନିମ୍ନମାନର କାମ କରି ଚମ୍ପଟ ହୋଇଯିବାକୁ ବସିଥିଲେ। ତେବେ ତାହା ଭଣ୍ଡୁର ହୋଇଯାଇଥିଲା। ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ରଶ୍ମିରଞ୍ଜନ ଭୋଇଙ୍କୁ ପଚାରିବାରୁ ଠିକାଦାରଙ୍କୁ କୁହାଯାଇଛି ପୁଣି ଥରେ ମରାମତି କରିବା ପାଇଁ। ନଚେତ ବିଲ କରାଯିବ ନାହିଁ ବୋଲି କହିଥିଲେ।

## ଧଂଗଡା ଧାଂଗଡିକର ଉସ୍‌ନାକ୍‌ର ଦିନ ଧାଙ୍ଗଡି ଦୋଲା

**କଲମପୁର,୨୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ବରଦୋଳି ଗାଁରେ ରଏବାର ଟୋକି ପରବ୍ ପାଲନ ହେଇଥିଲା। ସେନ୍‌ତା ଧୁମଧାମରେ ସୋମବାର ଦାଙ୍ଗଡି ଦୋଲା ପାଲନ କରାଯାଇଛେ। ରିକ୍‌ମା ଅନ୍‌ସାରେ ଟୋକି ପରବ୍ ବଲି ମାଉଁସ ନେଲା ସମିଆରେ ବହୁତ ଗାଲିଗୁଲମାଲ ହେସି। ସେଥିରଲାଗି ସେ ଦିନ ହେଇଥିବାର ରାଗ୍‌ରୁଷା ପାସରି ଧରନୀ ପାସେ ଗାଁବାସୀ ଆର ଆସର ପାସର ଗାଁବାସୀ ଏକଯୋଟ ହେଇ ମହୁଲି ନିଶା ଖାଇ ପରବ୍ ବଜାର ତାଲେ ତାଲେ ନାଚଗୀତରେ ମସଗୁଲ ହେଇଯାଏସନ୍। କୁନୁଆଁ ଆର୍ ଡକାଯାଇଥିବାର ଭଦରଲୋକମାନକୁ ଗୁଟେ ଖଟେ ବସେଇ, ଖଟକେ ଭେଁଡ଼ିଆ ପିଲାମାନେ ଖଁଦେ ବୁହି ଗୀତର ତାଲେ ତାଲେ ଧରନୀର ଚାରହିକୁଡି କିଁଦ୍‌ରି ନଚାସନ। ଆଦିବାସୀ ସମାଜର ଧଂଗଡା ଧାଂଗଡିମାନେ ନିଜର ନିଜର ପସନର ଟୋକି, ମନ ଦିଆନିଆ ହେଇଥିବାର ଧାଂଗଡିମାନକୁ ଇ ଦିନ ଧରନୀଠାନୁ ଘିଚି ନେସନ। ଇ ଦିନ୍‌ଠାନୁ ସେମାନେ ନିଜର ନୂତନ ଘର ସଁସାର ଆରମ୍ କରସନ୍। ସେଥିରଲାଗି ଇ ଧାଙ୍ଗଡି ଦୋଲା ଦିନ୍‌କେ ଧଂଗଡା ଧାଂଗଡିମାନେ ଉସ୍‌ନାକ୍‌ରେ ଟାକି ଥାଏସନ୍।



ବରଦୋଳି ଧରନୀ ପାସେ ଖଟେ ବସେଇ ନାଚୁଛନ୍ ଧଂଗଡା ଧାଂଗଡିମାନେ।

## ମା' ଲଙ୍କେଶ୍ୱରୀ ଫୁଟବଲ: ବଗାଡ଼ ବିଜୟୀ

**କୋକସରା,୨୧।୧(ଡି.ଏନ.ଏ.)**



ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଙ୍କ ସହ ଖେଳାଳି ।

କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଲଗୁମାଠାରେ ପଞ୍ଚଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ମାଝିଗୁଡା ଦଳ ଓ ବଗାଡ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବଗାଡ ଦଳ ୨–୦ ଗୋଲରେ ବିଜୟୀ ହୋଇଥିଲା। ଖେଳ ଶିକ୍ଷକ ଶଙ୍କର ପୋଡ ଖେଳ ପରିଚାଳନା କରିଥିବା ବେଳେ ରାଧାକାନ୍ତ ହଂସ ଓ ଉମ୍ବରୁଧର ଖର୍ସେଲ ଲାଇନମ୍ୟାନ ଭାବେ ସହଯୋଗ କରିଥିଲେ। ଡାଲଗୁମା ଫୁଟବଲ କମିଟି ସଭାପତି ଚକ୍ରଧର ପୋଡ ସ୍ୱାଗତ ଭାଷଣ ଦେଇଥିବା ବେଳେ ଧାରାବିବରଣୀ ଚିନ୍ତାମଣି ଚଣ୍ଡି ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ପୂର୍ବତନ କୋକସରା ବ୍ଲକ ଅଧ୍ୟକ୍ଷ ତଥା ବିଜେଡି ବରିଷ୍ଠ ନେତା ଜନାର୍ଦ୍ଦନ ପଣ୍ଡା, ସମ୍ମାନିତ ଅତିଥି ମୋଟେର ସରପଞ୍ଚ ଇଂ. ସୁଶୀଳ କୁମାର ଶବର, ସାମାଜିକ କର୍ମୀ ଧନଞ୍ଜୟ ବେହେରା, କଂଗ୍ରେସ ନେତା ମହେନ୍ଦ୍ର ଧରୁଆ, ଅବସରପ୍ରାପ୍ତ ସେବା ସମବାୟ ସମ୍ପାଦକ ମନିଜର ପୋଡ, କିଶୋର ଚନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇଥିଲେ । ଏଥିରେ କମିଟି ସମ୍ପାଦକ ଚେୟାରମେନ ଖର୍ସେଲ, ପ୍ରଫୁଲ୍ଲ ଚଣ୍ଡି, ଦେବରାଜ ଖର୍ସେଲ, ପ୍ରଭାକର ଖର୍ସେଲ ପ୍ରମୁଖ ସହଯୋଗ କରିଥିଲେ।



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍



## ସଂକ୍ଷେପରେ

### ଦୁର୍ବୃତ୍ତ ଜାଳିଦେଲେ ପାନଦୋକାନ

**ବଲାଙ୍ଗୀର ଅଫିସ,୨୧।୧:** ବଲାଙ୍ଗୀର ଆଦର୍ଶ ଥାନା ପଛପଟେ ଯାଦବ ଭବନ ନିକଟରେ ଥିବା ଏକ ପାନ ଦୋକାନକୁ ରବିବାର ରାତିରେ ଦୁର୍ବୃତ୍ତମାନେ ଜାଳି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ପାନ ଦୋକାନୀ ଆକୁଳ ବଗର୍ତ୍ତୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଥାନା ପାଖରେ ଥିବା ପାନ ଦୋକାନକୁ ଜାଳିଦେବା ଘଟଣା ସହରରେ ଆଲୋଚନାର ବିଷୟ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁ କହିଛନ୍ତି।

### ମାଙ୍କଡ଼ ଆକ୍ରମଣରେ ଜଣେ ଗୁରୁତର

**ଲୋଇସିଂହା,୨୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳରେ ମାଙ୍କଡ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ସୋମବାର ମାଙ୍କଡ କାମୁଡାରେ ବୁଢ଼ୀପଦର ଗ୍ରାମର ଜଣେ ବୃଦ୍ଧ ଗୁରୁତର ଆହତ ହୋଇ ଲୋଇସିଂହା ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି। ମିଳିଥିବା ସୂଚନା ମୁତାବକ, ବୁଢ଼ୀପଦର ଗ୍ରାମର ଲକ୍ଷବଛ ବାଗ(୬୦) ଅପରାହ୍ନରେ ବାହାରକୁ ଶୌଚ ପାଇଁ ଯାଇଥିଲେ। ସେତିକିବେଳେ ଏକ ମାଙ୍କଡ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ତାଙ୍କର ୨ ହାତରେ ଗଭୀର ଆଘାତ ଲାଗିଛି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି।






କୋଶଲୀ ନାଟକ ଇସ୍ତାଫାର ଏକ ଦୃଶ୍ୟ (ବାମ)। ସାମାଜିକ କର୍ମୀ ଶ୍ରୀବସ୍ତ ମଲ୍ଲିକଙ୍କୁ ଅତିଥିମାନେ ମଠଖାଇ ସମ୍ମାନ ପ୍ରଦାନ କରୁଛନ୍ତି।

ମଠଖାଇ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ନାଟକ 'ଇସ୍ତାଫା' ମନେ ପକାଇଲା ପରାଧୀନ ଭାରତର ପ୍ରତିକ୍ରିୟା

**ବଲାଙ୍ଗୀର ଅଫିସ, ୨୧।୧**

ସ୍ଥାନୀୟ କୋଶଳକଳା ମଣ୍ଡଳ ରଙ୍ଗମଞ୍ଚରେ ଅଗ୍ରଣୀ ସାଂସ୍କୃତିକ ସଂଗଠନ ଭୂମିକା ପକ୍ଷରୁ ଅନୁଷ୍ଠିତ ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପଦ୍ମପୁରର ଖ୍ୟାତି ସମ୍ପନ୍ନ ଅନୁଷ୍ଠାନ 'ଲୁ' ପକ୍ଷରୁ କୋଶଲୀ ନାଟକ ଇସ୍ତାଫା ମଞ୍ଚସ୍ଥ ହୋଇଥିଲା। କେଶରଞ୍ଜନ ପ୍ରଧାନଙ୍କ ରଚିତ ତଥା ଏନ୍‌ଏସ୍‌ଡିଆନ୍ ଜଗନ୍ନାଥ ସେଠ୍‌ଙ୍କ ନିର୍ଦ୍ଦେଶିତ ନାଟକ ଇସ୍ତାଫାରେ ବ୍ରିଟିଶ ବିରୋଧରେ ଶାଣିତ ପ୍ରତିବାଦ୍‌ର ରୋମାଞ୍ଚିତ କାହାଣୀକୁ ନେଇ ନାଟକ ଇସ୍ତାଫା ଦର୍ଶକଙ୍କୁ ବିଭୋର କରିଥିଲା। ଲେଖକ ପ୍ରେମଚନ୍ଦଙ୍କ ମୂଳ କାହାଣୀ ସହ କୋଶଲାଞ୍ଚଳର ଲୋକକଥାର ଅନନ୍ୟ ସମ୍ମିଶ୍ରଣରେ ମଞ୍ଚସ୍ଥ ନାଟକ ଇସ୍ତାଫାରେ ଜୟଚନ୍ଦ-ଦୟାସାଗର ଧରୁଆ, ଶାରଦା-ସୋନାଲିକା ଶବର, ମୁନି-ପାୟଲ ସରାଫ୍, ସାହେବ- ଘନସୁନ୍ଦର ଗଡତ୍ୟା, ଚପରାସୀ-ରୁକ୍ମଣ ସେଠ୍, ମଦାରୀ-ସୁବ୍ରତ କୁମାର ପଟ୍ଟନାୟକ, ମାଙ୍କଡ- ବିକାଶ ଡନ୍‌ସନା, କୁକୁର ଭୂମିକାରେ ମଧୁସୂଦନ ସରାଫ୍ ପ୍ରମୁଖ ନିଖୁଣ ଅଭିନୟ କରିଥିଲେ। ଅନ୍ୟ ଭୂମିକାରେ ଜୀବନରାମ ପଣ୍ଡା, ଉଦ୍ଧବ ଘିବେଲା, ସୁଧୀର ସୁନା ସାଥୀ କଳାକାର ଭାବେ ଅଭିନୟ କରିଥିଲେ। ମନୀଷ କୁମାର ରଥ ସଙ୍ଗୀତ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ ମହାରଣା ଆଲୋକ ସଜ୍ଜା ପରିଚାଳନା କରିଥିଲେ। ନାଟକ ଇସ୍ତାଫାରେ ଡ. କେଶରଞ୍ଜନ ପଧାନଙ୍କ ସଂଳାପ ଶୈଳୀକୁ ଦର୍ଶକମାନେ ବେଶ୍ ପ୍ରଶଂସା କରିଥିଲେ। ଅଶୋକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟା ସଭାରେ ମଠଖାଇ ମହୋତ୍ସବ ଅଧ୍ୟକ୍ଷ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର, ଅତିଥି ଭାବେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ ନାୟକ, ନାଟ୍ୟ ସଂଘ ସଭାପତି ହରେନ୍ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସଂସ୍କୃତି ନିର୍ଦ୍ଦେଶକ ନାୟକ ବକ୍ତବ୍ୟରେ ବଲାଙ୍ଗୀର ମଠଖାଇ ମହୋତ୍ସବ କମିଟିକୁ ପ୍ରଶଂସା କରି ଏଭଳି ମହୋତ୍ସବ ଆୟୋଜନ ଦ୍ୱାରା ଜନସାଧାରଣ ଭିନ୍ନ ଭିନ୍ନ ସଂସ୍କୃତିକୁ ବୁଝିପାରୁଛନ୍ତି। ଏହାଦ୍ୱାରା ଏକତା ଓ ସମନ୍ୱୟ ଆହୁରି ଗଭୀର ହେଉଛି ବୋଲି କହିଥିଲେ। ଆଗାମୀ ଦିନରେ ସହାୟତା ଯୋଗାଇ ଦେଇ ମହୋତ୍ସବର ପ୍ରଚାର ପ୍ରସାର କରାଯିବ ବୋଲି ସେ କହିଥିଲେ। ସଂସ୍କୃତି ବିଭାଗ ସବୁବେଳେ ସହଯୋଗର ହାତ ବଢ଼ାଇ ଥିବାରୁ ବିଭାଗୀୟ ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକ ଓ ଅନ୍ୟ ଅଧିକାରୀଙ୍କୁ ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ମିଶ୍ର ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ସୁବର୍ଣ୍ଣପୁର ଜିଲାର ସାମାଜିକ କର୍ମୀ ଶ୍ରୀବସ୍ତ ମଲ୍ଲିକଙ୍କୁ ଅତିଥିମାନେ ମଠଖାଇ ସମ୍ମାନ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନର ମଠଖାଇ ମଞ୍ଚକୁ ସ୍ୱର୍ଗତ ସୁରେନ୍ଦ୍ର ମିଶ୍ରଙ୍କୁ ଉତ୍ସର୍ଗ କରାଯାଇଥିଲା। ଶେଷରେ ଗୁରୁଶ୍ରୀ ଘାସିରାମ ମିଶ୍ର ଧନ୍ୟବାଦ ଦେଇଥିଲେ। ସଭା ପ୍ରାରମ୍ଭରେ ପଦ୍ମପୁର ରମେଶ ଗୁର୍ଲା ଓ ସାଥୀମାନେ ଡାଲଖାଇ ଲୋକନୃତ୍ୟ ପରିବେଷଣ କରିଥିଲେ। ପୂର୍ବାହ୍ନରେ ମଠଖାଇ ମହୋତ୍ସବ କମିଟି ତରଫରୁ ନାଟ୍ ଚାଷ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଗୁରୁଶ୍ରୀ ଘାସିରାମ ମିଶ୍ର, ଡ ଶ୍ରୀକର ମିଶ୍ର, ମନୋରଞ୍ଜନ ଦାଶ, ହିମାଂଶୁ ଖମାରୀ, ଭୂମିକା ସଭାପତି ରୁଦ୍ରଦେବ ପ୍ରଧାନ, ସନାତନ ଠାକୁର, ଡ କେଶରଞ୍ଜନ ପଧାନ ଉପସ୍ଥିତ ରହି ଆଲୋଚନା କରିଥିଲେ। ଆଲୋଚକାକୁ ଚିତ୍ତରଞ୍ଜନ ଦାଶ ପରିଚାଳାନା କରିଥିଲେ।

## ଲୋଇସିଂହା ଉତ୍ସବ ଉଦ୍‌ଯାପିତ

**ଲୋଇସିଂହା,୨୧।୧(ଡି.ଏନ.ଏ.)**

ପୌଷପୂର୍ଣ୍ଣିମା ଅବସରରେ ଲୋଇସିଂହା ଦୁର୍ଗାମଣ୍ଡପଠାରେ ୨ଦିନ ଧରି ଚାଲିଥିବା ଲୋଇସିଂହା ଉତ୍ସବ -୨୦୧୮ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ବିରୋଧୀଦଳ ନେତା ତଥା ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରସ୍ତୁତ ହୋଇଥିବା ପାରମ୍ପରିକ ପିଠା, ମଣ୍ଡା ଲୋଇସିଂହାବାସୀଙ୍କୁ ବଣ୍ଟନ କରି ପୁଷପୁନି ତିହାରର ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ସେ କହିଥିଲେ, ମା' ମାଟିର ବିକାଶ ତଥା ପଶ୍ଚିମ ଓଡ଼ିଶାର ସାମଗ୍ରୀକ ବିକାଶ ପାଇଁ ଏକଜୁଟ ହେବାକୁ ଆହ୍ୱାନ ଜଣାଇଥିଲେ। ସମ୍ପାଦକ ରବୀନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ମିଶ୍ର ମୁଖ୍ୟଅତିଥି, ଆଗଲପୁର ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ, ଭୂତନାଥ ନାଏକ, ନବ କିଶୋର ନାଏକ, ଉତ୍କଳ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଉତ୍କଳ ସାହୁଙ୍କ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଏକକ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପ୍ରତି ସୁନା, ସନ୍ତୋଷ ପୋଢ, ରୋଜି ବିତରିଆ, ଦଳଗତ ନୃତ୍ୟରେ ପ୍ରିୟଙ୍କା ଏବଂ ତାଙ୍କ ସାଥୀ, ଶ୍ରୀରାମ ଏବଂ ସାଥୀ, ଜେୟୁପିଏସ୍ ଗ୍ରୁପ, ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗୀତାରେ ନୂଆପଡ଼ା କସଡାର ଚାମ୍ପିୟନ ଦଳ, ରନର୍ସଅପ ରାଜଗାଙ୍ଗପୁର ଦଳ, ମେଣ୍ଢା ପ୍ରତିଯୋଗିତାର ୬ ଜଣ ବିଜୟୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକାର୍ଯ୍ୟ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବଲାଙ୍ଗୀର ଢୋଲମହୁରୀ କଳାପରିଷଦର କଳକାର ଏବଂ ବିଭିନ୍ନ ଗ୍ରାମାଞ୍ଚଳରୁ ଆସିଥିବା ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ରଞ୍ଜିତ ରାଏ, ପ୍ରକାଶ ମହାରଣା, ସରୋଜ ମହାକୁର, ଟିକେଲାଲ ସରଫା, ବିଭୂତି ପଧାନ, ଟିଙ୍କୁ ପାଣ୍ଡିଆ ସମେତ ଅନ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ବିରୋଧୀ ଦଳନେତା ନରସିଂହ ମିଶ୍ର ଜନସାଧାରଣଙ୍କୁ ପାରମ୍ପରିକ ମଣ୍ଡା, ପିଠା ବଣ୍ଟନ କରୁଛନ୍ତି।



### ଇଭିଏମ୍ ବ୍ୟବହାର ସଚେତନତା କାର୍ଯ୍ୟକ୍ରମ

**ଲାଠୋର ୨୧।୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ଼ ନିର୍ବାଚନ ମଣ୍ଡଳି ଅଧୀନ ସାନଗୁର୍ଜିଭଟା ବୁଥ ନଂ ୨୦ରେ ସୋମବାର ଭୋଟରମାନଙ୍କୁ ନେଇ ଇଭିଏମ୍ ଏବଂ ଭିଭିପାଟ୍ ବ୍ୟବହାର ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖପ୍ରାଖୋଲ ଡବ୍ଲୁଇଓ ଡ. ନନ୍ଦିକିଶୋର ତାଣ୍ଡି, ଗୋଷ୍ଠୀ ସହଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସମରତ ଯୋଗଦେଇ ଉପସ୍ଥିତ ମହିଳା, ପୁରୁଷ ଭୋଟରଙ୍କୁ ଇଭିଏମ୍ ମେଶିନ ଏବଂ ଭିଭିପାଟ କିପରି ବ୍ୟବହାର କରି ଭୋଟ ଦେବେ ସେନେଇ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବୁଥ ଲେବଲ ଅଫିସର ସନ୍ଧ୍ୟାରାଣି ଗିରି, ଶିକ୍ଷକ ଭଗବାନ ସେଠଙ୍କ ସହ ଅନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

କଣ୍ଟାବାଞ୍ଜି ଜିଲା ଦାବି ପ୍ରସଙ୍ଗ

## ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ସଂଘର୍ଷ ସମିତି କର୍ମକର୍ତ୍ତା

**କଣ୍ଟାବାଞ୍ଜି,୨୧।୧(ଡି.ଏନ୍.ଏ.)**

କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀକୁ ଜିଲା ଦାବୀ ନେଇ ଚାଲିଥିବା ଧାରଣା ୬୬ଦିନରେ ସୋମବାର ପହଞ୍ଚିଛି। ଏହି ଅବସରରେ ଜିଲା ସଂଘର୍ଷ ସମିତିର ଏକ ପ୍ରତିନିଧି ଦଳ ସ୍ଥାନୀୟ ବିଧାୟକ ଆୟୁବ ଖାନଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରିଥିଲେ। ଏପରି କି ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ରାଜସ୍ୱ ବିଭାଗ ସଚିବଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ବିଚାର କରାଯିବ ପ୍ରତିଶ୍ରୁତି ଦିଆଯାଇଥିବା ସଂଘର ସଭାପତି ଶେଷଦେବ ପୁଟେଲ ଜଣାଇଛନ୍ତି। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଦୁଃଖିଶ୍ୟାମ ଗୁରୁ, ସଞ୍ଜୟ କୁମାର ନାଥ, ନବଲ କିଶୋର ଶର୍ମା, ସହଦେବ ନାଗ, ସତ୍ୟନାରାୟଣ ରାଏ, ଅଜୟ କୁମାର ଅଗ୍ରୱାଲ, ଶୈଳେନ୍ଦ୍ର ବେହେରା, ପ୍ରମୋଦ ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।



ମୁଖ୍ୟ ମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ଆସିଥିବା ବିଧାୟକଙ୍କ ସହ ଜିଲା ସଂଘର୍ଷ ସମିତିର ପ୍ରତିନିଧି ଦଳ।

ବଲାଙ୍ଗୀରରେ

### ଲଛିପୁରିଆ ଭେଟ୍‌ଘାଟ

**ବଲାଙ୍ଗୀର ଅଫିସ, ୨୧।୧**

ସ୍ଥାନୀୟ ତୁଳସୀନର ଟାଙ୍ଗେଶ୍ୱର ମନ୍ଦିର ପରିସରରେ ନନ୍ ରେସିଡେଣ୍ଟ ଲଛିପୁରିଆ ଆସୋସିଏସନ୍‌ର ଏକ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୀଳାଚଳ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାର ଲଛିପୁର ଗ୍ରାମରୁ ଆସି ବଲାଙ୍ଗୀର ସହରରେ ବସବାସ କରୁଥିବା ୬୭ଟି ପରିବାର ସଦସ୍ୟ ଯୋଗଦାନ କରିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ପରେ ଦାମୋଦର ମିଶ୍ର ବେଦପାଠ କରିଥିଲେ। ପରେ ଲଛିପୁର ଗ୍ରାମର ଦିବଙ୍ଗତ ବ୍ୟକ୍ତିଙ୍କ ଆତ୍ମର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଭୁବନ ନାଏକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶୁଭେନ୍ଦ୍ର ନେପାକ ସଭା ପରିଚାଳାନା କରିଥିଲେ। ବନମାଳି ହୋତା, ଇଂ.ରମେଶ ଚନ୍ଦ୍ର ପଟ୍ଟନାୟକ, ନବୀନ ନନ୍ଦ, ଅକ୍ଷୟ କୁମାର ମିଶ୍ର, ଧନଞ୍ଜୟ ଷଡଙ୍ଗୀ ଅଞ୍ଚଳର ଉନ୍ନତି ଉପରେ ଆଲୋଚନା କରିଥିଲେ। ସୀମା ଉଦ୍‌ଗାତା, ଦେବାଶିଷ ମିଶ୍ର ଭଜନ ପରିବେଷଣ କରିଥିଲେ।

## ପୁଷ୍ୟାଭିଷେକ: ରାମଚନ୍ଦ୍ରଙ୍କ ରଥଯାତ୍ରା



କୁଠୁର୍ଲାରେ ପୁଷ୍ୟାଭିଷେକ ଅବସରରେ ପ୍ରଭୁ ରାମଚନ୍ଦ୍ରଙ୍କ ରଥଟଣା ଯାଉଛି।

**ଦେଓଗାଁ,୨୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଦରବ୍ଲକ ଭୂତିଆରବାହାଲ ପଞ୍ଚାୟତ କୁଠୁର୍ଲାରେ ପୁଷ୍ୟାଭିଷେକ ଉପଲକ୍ଷେ ୨ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରଥଯାତ୍ରା ସୋମବାର ଆରମ୍ଭ ହୋଇଛି। ସ୍ଥାନୀୟ ସୀତାରାମ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ଆୟୋଜନରେ ଅନୁଷ୍ଠିତ ଦ୍ୱିତୀୟବର୍ଷ ରଥଯାତ୍ରା ଅବସରରେ ସକାଳ ୯ଟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୪ଟାରେ ସୀତାରାମ ମନ୍ଦିରରୁ ଭଗବାନ ରାମଚନ୍ଦ୍ରଙ୍କୁ ରଥାରୂଢ଼ କରି ସାରସମାଲ ମହିଳା ସଂକୀର୍ତ୍ତନ୍ୟ ଦଳ, ସନ୍ଧିଯୋର ସଂକୀର୍ତ୍ତନ୍ୟ, ଦେଓଗାଁ କଛାରପାଲି ସଂକୀର୍ତ୍ତନ୍ୟଦଳ, ପତ୍ରାପାଲିର କଳଙ୍ଗାନୃତ୍ୟ ସହ ଗ୍ରାମ ପରିକ୍ରମା କରାଯାଇଥିଲା। ରଥରେ ପୂଜକ ଭାବେ ସରୋଜ କୁମାର ମିଶ୍ର ଦାୟିତ୍ୱ ତୁଲାଉଥିବା ବେଳେ ରଥସାରଥି ଭାବେ ନେହେରୁ ପାତ୍ର ଦାୟିତ୍ୱରେ ରହିଥିଲେ। ହନୁମାନ ଭୂମିକାରେ ବରିଷ୍ଠ କଳାକାର ତ୍ରିବିକ୍ରମ ଭିଲ କାର୍ଯ୍ୟନିର୍ବାହ କରୁଛନ୍ତି। ଉତ୍ସବକୁ କମିଟି ସଭାପତି ହେମ ସାଗର ଖମାରୀ, ଉପ ସଭାପତି ଧୋବାଇ ଚରଣ ପୋଢ଼, ସମ୍ପାଦକ ବିରଞ୍ଚି ଭିଲ, ମିତ୍ରଭାନୁ ବାରିକ, ସୁବାଷ ପଧାନ, ରଘୁମଣି ଚହଲିଆ, ରାମ ଖମାରୀଙ୍କ ସହ କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରୁଛନ୍ତି। ଉତ୍ସବର ପ୍ରଥମ ସନ୍ଧ୍ୟାରେ ଭଜନ, ପ୍ରବଚନ, ସ୍ଥାନୀୟ କଳାକାରଙ୍କ ଦ୍ୱାରା ପୌରାଣିକ ନାଟକ ସୀତା ଚୋରି, ବୈଠକି ସଂକୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଉତ୍ସବ ଉଦ୍‌ଯାପିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ।

କୁଟୁମ୍ବସିଆ ଯାଇଛନ୍ ଦାଦନ ଖଟି

## ଘର ଜୁଗିଛନ୍ ୯୦ ବଛରିଆ ବୁଢ଼ୀ ମା'

**ଖପ୍ରାଖୋଲ,୨୧।୧(ଡି.ଏନ.ଏ.)**

କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖିକର ଲାଗି ଯୋଜ୍‌ନା ଉପରେ ଯୋଜ୍‌ନା କରି ଲୁକ୍‌କୁ ଜିଁବାର ଖାଏବାର ରଂଗୀନ ସପନ ଦେଖଉଛନ୍। ହେଲେ ଆଏଜ୍ ବି ଅନେକ ଗାଁଗଁଲିରେ ଭୁଖମରିର ଫଟିକ୍ ଚିତ୍ର ଦେଖିବାକେ ମିଳୁଛେ। ଗରିବ୍ ଦୁଖିକର ଲାଗି ଯୋଜ୍‌ନାମାନ ତିଆର ହେଉଛେ ସତ୍ ହେଲେ ହକ୍‌ଦାର ହିତାଧିକାରୀକଁର ପାସେ ପୁହୁଁଚି ନାଇଁପାରବାର। ସରକାର ଦାଦନ ସମସିଆ ଉପରେ ଲଗାମ୍ କଷିବାର ଲାଗି ଏମଜିଏନଆରଇଜିଏସ କାୟକାରୀ କରୁଛନ୍। ଯୋଜ୍‌ନାରେ ଲୁକ୍‌କୁ ବଛରକ ୧୦୦ ଦିନର କାମ୍ ନିହାତି ଯୁଗେଇ ଦେବାର ନିୟମ ଅଛେ। ହେଲେ ଇ ଯୋଜ୍‌ନାରେ ଠିକ୍ ସମିଆରେ କାମ୍ ନାଇଁ ମିଳୁଥିଲା ବେଲେ କାମ୍‌କଲେ ଠିକ୍‌ନା ସମିଆରେ ଟଁକା ପଏସା ନାଇଁ ମିଳୁଥିବାର ଅଭିଯୋଗ ହେଉଛେ। ଯେନ୍‌ଥିରଲାଗି ଲୋକ ଉପେ ଶୂଇନ୍ ହେଇ ଦାନାପାନିର ଲାଗି ପଡ଼ିଶା ରାଏଜ୍‌ମାନକୁ ଦାଦନ ଖଟି ଯାଉଛନ୍। ଭେଁଡା ପୁଓ ବୁଢ଼ାବୁଢ଼ୀ ମା'ବାପ୍‌କୁ ଘର ଜୁଗେଇଦେଇ ଦାଦନ ଖଟିଯାଉଛେ। ଏନ୍ତା ଗୁଟେ ଦୁଖର ଘଟନା ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲାର ଖପ୍ରାକୋଲ ବ୍ଲକ ତେଲେନପାଲି ଗାଁରେ। ଗାଁର ପୁଟକି ନାଏକ(୯୦), ଇ ବଏସେ ସେ ଘରେ ଏକଲା ଥିଲା ବେଲେ ଚାଲବାର ବପୁ ନାଁଇଁନ। ଏନ୍ତାଥି ସେ ରଁଧାବଢ଼ା କରି ଖଏବେ କାଣା ଝାଡ଼ାଝପଟ ଯିବାକେ ବି ସେ ସକ୍ଷମ ନୁହଁନ୍। ହେଲେ ସମସିଆର ଲାଗି ପରିବାରର ବିଧବା ବହ, ନାତି ଡୋଲାମଣି ଆର ତାକର ୩ ପରାନୀ କୁଟୁମ ସଂଗେ ନାତି ଚୂଡ଼ାମଣି ଇଟାକାମ ଲାଗି ଦେଢ଼ମାସ ତଳୁ ଆନ୍ଧ୍ରପ୍ରଦେଶକେ ଦାଦନ ଖଟି ଯାଇଛନ୍। ଗାଁରେ କାମଧଁଦା ନାଇଁ ମିଳବାର ଲାଗି ଉପେ ଶୂଇନ୍ ହେଇ କୁଟୁମବସିଆ ଦାଦନ ଖଟି ଯାଇଥିବାର ବୁଢ଼ୀ ପୁଟକି ଖନେଇ ଖନେଇ କହିଥିଲେ। କହେବାକେ ଗଲେ ଏହେଦେ ପଡ଼ିଶା ଘରର ଭରସାରେ ବଁଚିଛନ୍ ପୁଟକି। ମାସିକ୍ ପାଉଥିବାର ୩ ଶହ ଟଁକା ଭତା ଆର ଚାଉଲ ନ ତାକର ସଁପତି ହେଇଛେ। ହେଲେ ବଏସ୍ ଅଧିକା ଲାଗି ପୁଟକି ନିଜେ ରଁଧାବଢ଼ା କରି ଖାଇ ନାଇଁ ପାରୁଥିବାର ତାକର ପଡ଼ିଶା ଲୋକ୍ କହିଛନ୍। ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ତରଣୀ ସୁନାକୁଁ ପଚରାଲାରୁ ଘଟନାର ତଦଁତ କରି ଦରକାର ହିସାବେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।



ତେଲେନପାଲି ଗାଁର ପୁଟକି ନାଏକ।

ଜିଲା କରଣ ସମାଜ କାର୍ଯ୍ୟକାରିଣୀ କମିଟି ବୈଠକ

## ଜନକଲ୍ୟାଣକାରୀ କାର୍ଯ୍ୟ କରିବାକୁ ନିଷ୍ପତ୍ତି

**ବଲାଙ୍ଗୀର ଅଫିସ, ୨୧।୧**

ବଲାଙ୍ଗୀର ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ତଥା କରଣ ସମାଜର ନବ ଗଠିତ କାର୍ଯ୍ୟକାରୀ କମିଟି ପୂର୍ଣ୍ଣାଙ୍ଗ ବୈଠକ ସ୍ଥାନୀୟ ନରସିଂହ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ସମାଜର ଜିଲା ସଭାପତି ଅସୀମ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତ କାୟସ୍ଥ ମହାସଭା କାର୍ଯ୍ୟକାରୀ କମିଟି ସଦସ୍ୟ ବିକ୍ରମାନନ୍ଦ ବହିଦାର ଯୋଗ ଦେଇଥିଲେ। ଉପସଭାପତି ଗୌରଚନ୍ଦ୍ର ପୃଷେଠ୍, ଅଶ୍ୱିନୀ କୁମାର ପଟ୍ଟନାୟକ, ମୀନାକ୍ଷୀ ପଟ୍ଟନାୟକ, ସାଧାରଣ ସମ୍ପାଦକ ପ୍ରଦୀପ କୁମାର କୁଅଁର, ଯୁଗ୍ମ ସମ୍ପାଦକ ଜୟରାମ ପଟ୍ଟନାୟକ, ଦିଲୀପ କୁମାର ପୃଷେଠ, ସୁଷମା ଚୌଧୁରୀ, କୋଷାଧ୍ୟକ୍ଷ ମାନସ ରଞ୍ଜନ ବହିଦାର, ମହିଳା ଶାଖା ଆବାହିକା କାଞ୍ଚନମଣି ଦାନି, ଯୁବ ଶାଖା ଆବାହକ ବିଶ୍ୱ ରଞ୍ଜନ ପୃଷେଠ ମଞ୍ଚାସୀନ ଥିଲେ। ଭଗବାନ ଚିତ୍ରଗୁପ୍ତଙ୍କ ପୂଜାର୍ଚ୍ଚନା ପରେ ଦିବଙ୍ଗତ ବ୍ୟକ୍ତିବିଶେଷଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ କୁଅଁର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ମାନସ ରଞ୍ଜନ ବହିଦାର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ସମାଜର ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ପଟ୍ଟନାୟକ, ସୁନୀଲ ଚନ୍ଦ୍ର ପଟ୍ଟନାୟକ, ପ୍ରୀତମ କୁମାର ବକ୍ସି, କାଞ୍ଚନମଣି ଦାନି, ବିକ୍ରମାନନ୍ଦ ବହିଦାର, ଅଶ୍ୱିନୀ କୁମାର ପଟ୍ଟନାୟକ, ଟିଟିଲାଗଡ କରଣ ସମାଜ ସଭାପତି ଅଶ୍ୱିନୀ କୁମାର ମହାନ୍ତି, ପାଟଣାଗଡ ସଭାପତି ଦର୍ପଗଞ୍ଜନ ପଟ୍ଟନାୟକ ଓ ସଇଁନ୍ତଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ପୃଷେଠ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ଭଗବାନ ଚିତ୍ରଗୁପ୍ତଙ୍କ ମନ୍ଦିର ପରିଚାଳନା ସହିତ କରଣ ସମାଜର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ବିଚାର ବିମର୍ଶ କରାଯାଇଥିଲା। ସମାଜ ଉପଦେଷ୍ଟା ତଥା ବରିଷ୍ଠ ସଦସ୍ୟ ନନ୍ଦ କୁମାର ବହିଦାର, ଡା. କୃଷ୍ଣ ପ୍ରସାଦ ବହିଦାର, ରବିନାରାୟଣ ମହାନ୍ତି, ଅଖଣ୍ଡ ପଟ୍ଟନାୟକ, ବିଭୂତି ଭୂଷଣ ସାହାଣୀ, ଡା. ମହେଶ ପଟ୍ଟନାୟକ, ରବି ନାରାୟଣ ବହିଦାର ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ବିଶେଷକରି କରଣ ପରିବାର ସହଯୋଗରେ ବିଭିନ୍ନ କଲ୍ୟାଣକର କାର୍ଯ୍ୟ ହାତକୁ ନିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ପଟ୍ଟନାୟକ, ରବୀନ୍ଦ୍ର ପଟ୍ଟନାୟକ, ଶଙ୍କର କୁମାର ପଟ୍ଟନାୟକ, ସମୀର ସାହାଣୀ, ଆନନ୍ଦ ପଟ୍ଟନାୟକ, ସୁଜାତା ବହିଦାର, ନମିତା ବକ୍ସି, ସ୍ମିତା ପଟ୍ଟନାୟକ ଉପସ୍ଥିତ ଥିଲେ। ଶେଷରେ ଉପସଭାପତି ଅଶ୍ୱିନୀ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ଜିଲା କରଣ ସମାଜର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରୀ କମିଟି ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।



ଦୁଃଖ ଓ କଷ୍ଟ କଥା ବାଲିରେ ଏବଂ ଦୟାର କାହାଣୀ ଶଙ୍ଖମର୍ମର ପ୍ରସ୍ତରରେ ଲେଖି ରଖ।
- ପ୍ଲୁଟୋ

## ସଂକ୍ଷେପରେ



### ସାନ୍ଦୁଲ ନଦୀ ଅବବାହିକାରୁ ମିଳିଲା ପୁରାତନ ନାରୀ ମୂର୍ତ୍ତି

ପଲମ,୨୧।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମାଣ୍ଡେଲ ପଞ୍ଚାୟତସ୍ଥିତ ଅସୁରଗଡ ଦୁର୍ଗର ନିକଟବର୍ତ୍ତୀ ସାନ୍ଦୁଲ ନଦୀ ଅବବାହିକାରେ ଥିବା ଭୀମକେଲାଠାରେ ଏକ କଳା ମୁଗୁନୀ ପଥରର ପୁରାତନ ନାରୀ ମୂର୍ତ୍ତି ମିଳିଛି । ପ୍ରତି ମାଟି କଳା ମୁଗୁନୀ ପଥରରେ ନିର୍ମିତ ହୋଇଥିବା ବେଳେ ୮/୫ ସେ.ମି. ଉଚ୍ଚତା ଓ ପ୍ରସ୍ଥ ୨/୫ ସେ.ମି. ମଧରେ ଅତି ସୁନ୍ଦର କାରୁକାର୍ଯ୍ୟ ହୋଇଛି । ଭିମକେଲା ଗ୍ରାମର ହେମନ୍ତ ଗଉଡ ସାନ୍ଦୁଲ ନଦୀ ପଠାରେ ଚାଷ କରୁଥିବା ବେଳେ ଏହି ମୂର୍ତ୍ତି ପାଇଥିଲେ । ଲୋକଙ୍କୁ ଜଣାଇବା ପରେ ଏହା ଲୋକଲୋଚନକୁ ଆସିଥିଲା । ସୂଚନାଯୋଗ୍ୟ ଯେ, ଉକ୍ତ ସ୍ଥାନରୁ ଅନେକ ପୂରାତନ ମୃଣ୍ମୟ ପାତ୍ରାଂଶ, ମାଟିଦୀପ, ବଳୟ ପଥର, ଅଫିମ ଘଟ ଚିଲମ, ଲୌହ ସାମଗ୍ରୀ, ବେସର ବଟା ପଥର, ଟେରାକୋଟା ବୃଷଭ ସହିତ ବିଭିନ୍ନ ପ୍ରକାର ଲୋକଙ୍କୁ ପ୍ରାପ୍ତ ହୋଇଥିବା ଜଣାଯାଏ। ବର୍ତ୍ତମାନ ମୂର୍ତ୍ତି ପାଇଥିବା ବ୍ୟକ୍ତିଙ୍କଠାରେ ପ୍ରତିମୂର୍ତ୍ତି ରହିଛି ।

### ଶ୍ରୀରାମଙ୍କ ପୁଷ୍ୟାଭିଷେକ

ରିଷିଡା,୨୧।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ବଡଡୁଙ୍ଗୁରୀଗୁଡାଠାରେ ସୋମବାର ପୌଷ ପୂର୍ଣ୍ଣିମା ଅବସରରେ ଶ୍ରୀରାମଙ୍କ ପୁଷ୍ୟାଭିଷେକ କରାଯାଇଛି । ଏଥିରେ ମହାପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କୁ ଅଭିଷେକ କରାଯାଇ ଏକ ସୁସଜ୍ଜିତ ରଥରେ ବସାଇ ସଂକୀର୍ତ୍ତନ ଦଳ ସହ ଗ୍ରାମ ପରିକ୍ରମା କରାଯାଇଥିଲା । ରାସ୍ତାରେ ସିଦ୍ଧେଶ୍ୱର ବାବାଙ୍କ ସହିତ ଗ୍ରାମର ସମସ୍ତ ଇଷ୍ଟଦେବୀ ଦେବଙ୍କୁ ରଥାରୁଢ଼ କରାଇ ଗ୍ରାମ ପରିକ୍ରମା କରାଯାଇଥିଲା । ପ୍ରତ୍ୟାବର୍ତ୍ତନ ସମୟରେ ସମସ୍ତ ଗ୍ରାମବାସୀ ରଥକୁ ପୂଜାର୍ଚ୍ଚନା କରିଥିଲେ । ଅଭିଷେକ କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଗୋନ୍ତିଆ ପୂର୍ଣ୍ଣଚନ୍ଦ୍ର ଗହୀର ଛେରାପହଁରା କରିଥିଲେ। ଅନ୍ୟମାନଙ୍କ ମଧରେ ସରୋଜ ମିଶ୍ର, ସୂର୍ଯ୍ୟମଣି ମିଶ୍ର, ପ୍ରମୋଦ ମିଶ୍ର, ଲକ୍ଷ୍ମଣ ଗହିର, ବିବେକ ମିଶ୍ର, ଚକାମନ ଗହୀର, ଭବାନୀଶଙ୍କର ଷଡଙ୍ଗୀ, ଲକ୍ଷ୍ମଣ ଭୋଇ, ଗୋକୁଳ ମଟାଲି ପ୍ରମୁଖ ସହଯୋଗ କରିଥିଲେ । ସିଦ୍ଧେଶ୍ୱର ବାବାଙ୍କ ମନ୍ଦିର ସମ୍ମୁଖରେ ଗ୍ରାମର ସମସ୍ତ ଭକ୍ତ ବୃନ୍ଦ ପ୍ରସାଦ ସେବନ କରିଥିଲେ । ସେହିପରି ଅଲାତରାରେ ମଧ ଶ୍ରୀରାମଙ୍କର ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଯାଇଛି । ଫଟୋ: ଶ୍ରୀରାମଙ୍କ ପୁଷ୍ୟାଭିଷେକ ଅବସରରେ ଠାକୁରଙ୍କୁ ରଥାରୁଢ଼ କରି ଭକ୍ତମାନେ ଗ୍ରାମ ପରିକ୍ରମା କରାଉଛନ୍ତି ।

## ଜିଲାରେ ଖାଦ୍ୟ ଯାଞ୍ଚ ବିଭାଗ ସ୍ଥାଣୁ

# ନିୟମିତ ଯାଞ୍ଚ ହେଉନି ଖାଦ୍ୟ ସାମଗ୍ରୀ

ଭବାନୀପାଟଣା,୨୧।୧(ସ୍ୱ.ପ୍ର.)

**କଳାହାଣ୍ଡି ଜିଲା**
- ବିନା ଲାଇସେନ୍ସରେ ଚାଲିଛି ଖାଦ୍ୟ ସାମଗ୍ରୀ ଦୋକାନ
- ଚଢାଉ ନେଇ ନିରୀକ୍ଷକଙ୍କ ପାଖରେ ସମ୍ପୂର୍ଣ୍ଣ ତଥ୍ୟ ନାହିଁ
- ୧୬ ବର୍ଷ ହେଲା ବଦଳି ହୋଇନାହାନ୍ତି ଖାଦ୍ୟ ନିରୀକ୍ଷକ
- ସରକାରଙ୍କ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି

କଳାହାଣ୍ଡି ଜିଲାରେ ଦିନକୁ ଦିନ ଛତୁ ଫୁଟିଲା ଭଳି ଖାଦ୍ୟ ସାମଗ୍ରୀ ଦୋକାନଗୁଡିକ ବୃଦ୍ଧି ପାଇବାରେ ଲାଗିଛି। ଏଥିରେ ଫୁଟପାଥ ହୋଟେଲ, ବଡ ହୋଟେଲ, ଜଳଖିଆ ଦୋକାନ, ଢାବା, ରେଷ୍ଟୁରାଣ୍ଟ ଇତ୍ୟାଦି ରହିଛି। ଏହି ସବୁ ଦୋକାନଗୁଡିକରେ ଜଳଖିଆଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଭୋଜନ ଭେଜାଲ କରାଯାଉଥିବା ବେଳେ ସେଗୁଡକି ନିୟମିତ ଭାବେ ଯାଞ୍ଚ କରାଯାଉନାହିଁ। ଅନେକ ମେଳା, ମହୋତ୍ସବରେ ପଡିଥିବା ଜଳଖିଆ, ହୋଟେଲ ଦୋକାନରେ ବାସି ଖାଦ୍ୟ ବିକ୍ରି କରାଯାଉଥିବାବେଳେ ସେଗଡିକୁ ମଧ ଯାଞ୍ଚ କରାଯାଉନାହିଁ। ଅନେକ ସମୟରେ ଲୋକମାନେ ବାସି ଖାଦ୍ୟ ଖାଇ ଝାଡାବାନ୍ତିଠାରୁ ଆରମ୍ଭ କରି ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏହି ସବୁ ଦୋକାନର ଖାଦ୍ୟ ଦ୍ରବ୍ୟ ଯାଞ୍ଚ କରିବା ପାଇଁ ଖାଦ୍ୟ ଯାଞ୍ଚ ବିଭାଗ ତଥା ନିରୀକ୍ଷଣ ବିଭାଗ ରହିଛି। ଏହି ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ହେବା କଥା। କିନ୍ତୁ କଳାହାଣ୍ଡି ଜିଲା ଦାୟିତ୍ୱରେ ଥିବା ଖାଦ୍ୟ ନିରୀକ୍ଷକ କେଉଁଠି କେତେ ଯାଞ୍ଚ କରିଛନ୍ତି ଓ କେତେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ସେ ସମ୍ପର୍କରେ ତାଙ୍କୁ ପଚାରିବାରୁ ଠିକ ତଥ୍ୟ ଦେଇପାରୁନାହାନ୍ତି। ଏଥିରୁ ସ୍ପଷ୍ଟ ବୁଝାପଡୁଛି କିଭଳି ଭାବେ ଜିଲାରେ ଖାଦ୍ୟ ଦ୍ରବ୍ୟ ଯାଞ୍ଚ କରାଯାଉଛି। ବିଭିନ୍ନ ଫୁଟପାଥ ହୋଟେଲ, ଜଳଖିଆ ଦୋକାନ, ବଡ ହୋଟେଲ, ଢାବା, ରେଷ୍ଟୁରାଣ୍ଟ ମାଲିକମାନଙ୍କ ସହ ମଧୁଚନ୍ଦ୍ରିକା ରହିଥିବାରୁ ଖାଦ୍ୟ ଯାଞ୍ଚ ବିଭାଗ ନିଷ୍କ୍ରିୟ ହୋଇଯାଇଛି। ସତେ ଯେମିତି କଳାହାଣ୍ଡି ଜିଲାରେ ଖାଦ୍ୟ ଯାଞ୍ଚ ବିଭାଗ ସ୍ଥାଣୁ ହୋଇପଡିଛି। କଳାହାଣ୍ଡି ଜିଲାରେ ବିଭିନ୍ନ ସମୟରେ ଝାଡାବାନ୍ତି, ଡାଇରିଆ ବ୍ୟାପିବା ନଜିର ରହିଛି। ବାସିଖାଦ୍ୟ, ଦୁଷିତ ପାଣି ଯୋଗୁ ଏହା ବ୍ୟାପୁଥିବା ଜଣାପଡେ। ଜିଲାରେ ଅନେକ ଖାଦ୍ୟ ସାମଗ୍ରୀ ଦୋକାନ ରହିଥିବାବେଳେ ଅଧିକାଂଶ ଦୋକାନର ଫୁଡ ଲାଇସେନ୍ସ ନାହିଁ। ଦୋକାନ ଖୋଲିବା ପୂର୍ବରୁ ଦୋକାନ ମାଲିକ ଫୁଡ ଲାଇସେନ୍ସ କରିବାର ନିୟମ ରହିଛି। ଏଥିପ୍ରତି ଖାଦ୍ୟ ନିରୀକ୍ଷଣ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ଉକ୍ତ ଦୋକାନଗୁଡିକ ଫୁଡ ଲାଇସେନ୍ସ ନ କରି ସରକାରଙ୍କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ଫାଙ୍କୁଛନ୍ତି। ଫଳରେ ସରକାରଙ୍କ ଏହି ବିଭାଗ ଥାଇ ନ ଥିଲା ଭଳି ମନେ ହେଉଛି। ଗତ ୨୦୧୮–୧୯ରେ ଜିଲାର ବିଭିନ୍ନ ସ୍ଥାନର ୧୦୧ଟି ଦୋକାନରୁ ଚଢାଉ କରାଯାଇ ସେଠାକାର ଖାଦ୍ୟ ଦ୍ରବ୍ୟର ନକଲ ନିଆଯାଇ ଲେବ୍ରୋଟେରୀକୁ ପଠାଯାଇଥିବା ବିଭାଗ ପକ୍ଷରୁ ଜଣାପଡିଛି। ସେଥିମଧ୍ୟରୁ ୧୭ ଜଣକଙ୍କ ରିପୋର୍ଟ ଆସିଥିବା ଜଣାପଡିଛି। ଉକ୍ତ ରିପୋର୍ଟ ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ ବୋଲି ମଧ ବିଭାଗ ପକ୍ଷରୁ ଜଣାପଡିଛି। ସେହିପରି ଲାଇସେନ୍ସ ବାବଦରେ ୧୭୧ ଦୋକାନୀଙ୍କଠାରୁ ୨୧ଲକ୍ଷ ୫ ହଜାର ୬ଶହ ଟଙ୍କା ଆଦାୟ କରାଯାଇଥିବା ଖାଦ୍ୟ ନିରୀକ୍ଷକ ପ୍ରକାଶ କରନ୍ତି। ଏପଟେ କାର୍ଯ୍ୟରତ ଥିବା ଖାଦ୍ୟ ନିରୀକ୍ଷକ ଦୀର୍ଘ ୧୬ ବର୍ଷ ଧରି ଏଠାରେ ଅବସ୍ଥାପିତ ରହିଥିବା ବେଳେ ତାଙ୍କ ବଦଳି କେଉଁ କାରଣ ପାଇଁ ହେଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୀର୍ଘ ୧୬ ବର୍ଷ ଧରି ସେ ରହିଥିବାରୁ ଖାଦ୍ୟ ସାମଗ୍ରୀ ଦୋକାନଗୁଡିକ ସହ ସଲାସୁତୁରା ରହିଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲା ଖାଦ୍ୟ ନିରୀକ୍ଷକ ଅଜିତ କୁମାର ଚାନ୍ଦଙ୍କୁ ପଚାରିବାରୁ ଅଭିଯୋଗ ଆସିଲେ ଚଢାଉ କରାଯାଉଛି ବୋଲି କହିଥିଲେ।

**ରିପୋର୍ଟ– ଉତ୍ତମ କୁମାର ଦାଶ**



ଜୁନାଗଡ ଅଗ୍ନିଶମ ବିଭାଗ ପକ୍ଷରୁ ଅନୁଷ୍ଠିତ ମକଡ୍ରିଲ କାର୍ଯ୍ୟକ୍ରମ ।

## ଜୁନାଗଡ଼ ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ କାର୍ଯ୍ୟକ୍ରମ

ଜୁନାଗଡ,୨୧।୧(ଡି.ଏନ.ଏ./ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ କୁରୁଗୁଡା ଆଶ୍ରମ ବିଦ୍ୟାଳୟଠାରେ ସୋମବାର ନ୍ୟାଶନାଲ ଫାୟାର ଫାଇଟିଙ୍ଗ ଓ ଏଭାକେସନ ଦିବସରରେ ଜୁନାଗଡ ଅଗ୍ନିଶମ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ଏକ ମକଡ୍ରିଲ କରାଯାଇଛି। ଜୁନାଗଡ ଅଗ୍ନିଶମ ଅଧିକାରୀ ଶିଶିର କାନ୍ତ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷିକେଶ ମେହେର, ଏନସିସିଶିକ୍ଷକ ପ୍ରଶାନ୍ତ ପଣ୍ଡା, କେନ୍ଦ୍ରମଣି ମାଝି, ବେଣୁଧର ମାଝି, ବିଜୟ କୁମାର ନାଏକ, ପ୍ରଶାନ୍ତ କୁମାର ପ୍ରଧାନ, ସୁବାଷ ଚନ୍ଦ୍ର ବାଗ ପ୍ରମୁଖ ଯୋଗଦେଇଥିଲେ। ପରେ ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁ, ଗ୍ୟାସ, ପାଣି ତଥା ବିଭିନ୍ନ ଦୈବିପାପ ଦୁର୍ଘଟଣାରୁ ଛାତ୍ରୀଛାତ୍ରମାନେ ନିଜେ ଓ ଅନ୍ୟକୁ କିପରି ରକ୍ଷା କରି ପାରିବେ ସେ ନେଇ ମକଡ୍ରିଲ କରାଯାଇଥିଲା। ସ୍ଥାନୀୟ ଅଗ୍ନିଶମ ଅଧିକାରୀ ଶିଶିର କାନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ ବିଭାଗର ଅକ୍ରୁର ନାଏକ, ଉମାକାନ୍ତ ଜେନା, କୈଳାସ ବିଶୋଇ, ରାଜେଶ ବାଗ, କନକ ବେହେରା, ସଞ୍ଜୀବ କୁମ୍ଭାର, ପବିତ୍ର ବିଶ୍ୱାଳ ପ୍ରମୁଖ ମକଡ୍ରିଲ ପ୍ରଦର୍ଶନ କରିଥିଲେ।

## ଖାଇଙ୍ଗ ଗାଁରେ ପୋଢ଼ବଳି ପର୍ବ ସମ୍ପନ୍ନ

ଭବାନୀପାଟଣା,୨୧।୧(ଡି.ଏନ.ଏ.)

ଭବାନୀପାଟଣା ବ୍ଲକ୍ ଅନ୍ତର୍ଗତ ତଲବେଲଗାଁ ଗ୍ରାମପଞ୍ଚାୟତ ଖାଇଙ୍ଗ ଗାଁରେ ସୋମବାର ପୋଢବଳି ପରବ ପାଳିତ ହୋଇଛି। ପୂର୍ବାହ୍ନ ୧୧ଟାରେ ତିଥି ଅନୁଯାୟୀ ଗ୍ରାମବାସୀ ତଥା ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ଗ୍ରାମର ଜାନି ଓ ଦିସାରିଙ୍କ ଉପସ୍ଥିତିରେ ବଳିପର୍ବ ପାଳିତ ହୋଇଛି। ଆଦିବାସୀ ପରମ୍ପରା ଅନୁଯାୟୀ ବଳି ଧରଣୀ ପେନୁଙ୍କୁ ଶାନ୍ତି ଶୁଖ ଓ ସମୃଦ୍ଧି ପାଇଁ ପ୍ରତି ୧୦ ରୁ ୨୦ ବର୍ଷ ଭିତରେ ଏ ବଳି ଦିଆଯାଇଥାଏ। ଯେଉଁ ବର୍ଷ ବଳି ପଡେ ସେହି ବର୍ଷ ଗ୍ରାମର ଜାନିକୁ ସ୍ୱପ୍ନ ହୁଏ ଯେ ଏବର୍ଷ ବଳି ଦରକାର ସେହି ଅନୁସାରେ ସେ ସମସ୍ତ ଗ୍ରାମବାସୀଙ୍କୁ ସୂଚନା ଦେଇଥାନ୍ତି। ସମସ୍ତ ଗ୍ରାମବାସୀ ମିଶି ଏହି ପୂଜା ପାଇଁ ଆବଶ୍ୟକୀୟ ଖର୍ଚ୍ଚ ଗ୍ରାମର ପ୍ରତି ଘରୁ ଲୋକଙ୍କ ସାମର୍ଥ୍ୟ ଅନୁସାରେ ସଂଗ୍ରହ କରି ପୋଢ କିଣିଥାନ୍ତି। ପୋଢ କିଣିବା ପରେ ୨ରୁ ୩ ମାସ ପର୍ଯ୍ୟନ୍ତ ପୋଢକୁ ଗାଁରେ ତାକୁ ଛାଡି ଦେଇଥାନ୍ତି। ପୂର୍ବ ତିଥି ଅନୁସାରେ ଯେଉଁ ଦିନ ବଳି ପଡିବ ତା ଆଗରୁ ଗ୍ରାମବାସୀ ନିଜ ନିଜର ବନ୍ଧୁ ବାନ୍ଧବ ପାଖ ପଡୋଶୀ ଓ ଗ୍ରାମବାସୀଙ୍କୁ ନିମନ୍ତ୍ରଣ କରିଥାନ୍ତି। ବଳିର ଗୋଟିଏ ଦିନ ଆଗରୁ ଜାନି ଅନ୍ୟ ଗ୍ରାମରୁ ନିମନ୍ତ୍ରୀତ ଜାନି, ବେଜେନ ଓ ଗ୍ରାମବାସୀ ପାରମ୍ପାରିକ ବାଜ ବଜାଇ ନାଚଗିତ କରିଥାନ୍ତି। ବଳି ସରିବା ପରେ ପୋଢର ମୁଣ୍ଡକୁ ପୂଜା ସ୍ଥାନରେ ରଖାଯାଏ । ଏପରି ଭାବେ ପୋଢବଳି ସମ୍ପନ୍ନ ହୁଏ। ପରେ ସମସ୍ତ ନିମନ୍ତ୍ରୀତ ଅତିଥି ଓ ଗ୍ରାମବାସୀ ମିଶି ଭୋଜି ଭାତ ଖାଇ ଯିଏ ଯାହା ଘରକୁ ଯାଇଥାନ୍ତି। ଅଞ୍ଚଳବାସୀ ଏପରି ଭାବରେ ନାଚଗିତରେ ମଜିଥାନ୍ତି।



ବଳି ପାଇଁ ପୋଢ଼ ରଖାଯାଇଛି ।



## ଅର୍ଚ୍ଚନାଙ୍କୁ ଅତ୍ୟନ୍ତ ଆକାଂକ୍ଷୀ ମହିଳା ଶିକ୍ଷାଉଦ୍ୟମୀ, ଅଧକ୍ଷା ସମ୍ମାନ

କେସିଙ୍ଗା,୨୧।୧(ଡି.ଏନ.ଏ.)

କଳାହାଣ୍ଡି ଜିଲାର ଅଗ୍ରଣୀ ଏବଂ ଅନ୍ୟତମ ଶିକ୍ଷା ଅନୁଷ୍ଠାନ ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟ କେନ୍ଦୁପଡାର ଅଧକ୍ଷା ଅର୍ଚ୍ଚନା ଅଗ୍ରୱାଲଙ୍କୁ ଆଜି ବ୍ଲାଇଣ୍ଡ ଉଇଙ୍କ ଡଟ୍ ଇନ୍ (ବାଙ୍ଗାଲୋରର ପ୍ରତିଷ୍ଠିତ ବ୍ୟାପର ଗବେଷଣା କମ୍ପାନୀ) ଆନୁକୂଲ୍ୟରେ ଆୟୋଜିତ ଇଣ୍ଡିଆ ଏଚିଭର୍ସ ଆୱାର୍ଡ–୨୦୧୯ ଅବସରରେ ଅତ୍ୟନ୍ତ ଆକାଂକ୍ଷୀ ମହିଳା ଶିକ୍ଷା ଉଦ୍ୟମୀ ଏବଂ ଅଧକ୍ଷା ସମ୍ମାନରେ ସମ୍ମାନିତ କରାଯାଇଛି । ୨୦ ଜାନୁୟାରୀ ୨୦୧୯ ତାରିଖରେ ବାଙ୍ଗାଲୋରର ଏକ ହୋଟେଲରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଅର୍ଚ୍ଚନା ଅଗ୍ରୱାଲଙ୍କୁ ହିନ୍ଦୀ ଚଳଚ୍ଚିତ୍ର ଜଗତର ସୁପରିଚିତ ଅଭିନେତ୍ରୀ ଦିୟା ମିର୍ଜା ଏହି ସମ୍ମାନ ପ୍ରଦାନ କରିଥିଲେ। ଅଗ୍ରୱାଲଙ୍କ ଏହି ଉପଲବ୍ଧି ଖବର ପାଇବା ପରେ ଜିଲାର ଶିକ୍ଷା ପ୍ରେମୀ, ଶିକ୍ଷାବିତ, ବୁଦ୍ଧିଜୀବି, ଶୁଭେଚ୍ଛୁ ଏବଂ ସମସ୍ତଙ୍କ ମନରେ ଆନନ୍ଦର ଲହରି ଖେଳିଯାଇଛି ଏବଂ ତାଙ୍କ ପାଖକୁ ଶୁଭକାମନାର ସୁଅ ଛୁଟିଛି । କଳାହାଣ୍ଡି ଜିଲାରେ ଗୁଣାତ୍ମକ ଏବଂ ପ୍ରକୃଷ୍ଟ ଶିକ୍ଷାଦାନ କରୁଥିଶ ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟର ଅଧକ୍ଷା ଅର୍ଚ୍ଚନା ଅଗ୍ରୱାଲ ଶିକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପୂର୍ବରୁ ଜାତୀୟସ୍ତରରେ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

## ମଦମୁକ୍ତି ସଚେତନତା କାର୍ଯ୍ୟକ୍ରମ

# ମଦ ବିରୋଧୀ ଆନ୍ଦୋଳନ ତେଜିଲା



ମଦମୁକ୍ତି ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଭବାନୀପାଟଣା,୨୧।୧(ଡି.ଏନ.ଏ.)

ଭବାନୀପାଟଣା ବ୍ଲକ୍ ଅନ୍ତର୍ଗତ ଦୁଆସୁନୀ ଗ୍ରାମପଞ୍ଚାୟତରେ ମହିଳାମାନଙ୍କ ଦ୍ୱାରା ଏକ ମଦମୁକ୍ତି ସଚେତନ କାର୍ଯ୍ୟକ୍ରମ ସୋମବାର ଆୟୋଜନ କାରାଯାଇଥିଲା। ଏଥିରେ ୧୧ଟି ଗ୍ରାମରୁ ୫୦ରୁ ଉର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ, ପଞ୍ଚାୟତ ପ୍ରତିନିଧି ଏବଂ ବିଭିନ୍ନ ସାମାଜିକ ସଙ୍ଗଠନ, ପୋଲିସ ବିଭାଗ, ଅବକାରୀ ବିଭାଗ ଯୋଗଦେଇ ଉପସ୍ଥିତ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ପୋଲିସ ବିଭାଗରୁ ଡିଏସ୍‌ପି ଅଙ୍କିତା କୁମାର, ଟାଉନ ଥାନା ଅଧିକାରୀ ସତ୍ୟ କୁମାର ନନ୍ଦ, ଏକତା ପରିଷଦର ଜିଲା ସଂଯୋଜକ ସରୋଜ ବାଗ, ଜନମମାଟି ସୁରକ୍ଷା ସମିତି ଗିରିଧାରି ପାତ୍ର ଦେବେନ୍ଦ୍ର ବିଶି, ମନୋଜ କୁମାର ନାଏକ, ଦୁଆରସୁନୀ ସରପଞ୍ଚ ଜିତେନ୍ଦ୍ର ପୂଝାରୀ, ସମିତିସଭ୍ୟ ପଦ୍ମଲୋଚନ ମାଝି, ପୂର୍ବତନ ସରପଞ୍ଚ ଦୁର୍ଗା ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଦୁଆସନୀ ଗ୍ରମପଞ୍ଚାୟତ ଅଞ୍ଚଳରୁ ବେଆଇନ ଭାବରେ ଥିବା ମଦକୋଠୀଗୁଡିକ କିପରି ବନ୍ଦ କରାଯିବ ସେ ଉପରେ ପୋଲିସ ଅଧିକାରୀମାନେ ଲୋକଙ୍କ ସାହାଯ୍ୟ ଲୋଡିବା ସହ ନିଜେ କିପରି ସଚେତନ ହେବେ ସେ ଉପରେ ଗୁରୁତ୍ୱ ଦେଇଥିଲେ। ପୋଲିସ ସବୁବେଳେ ଜନସାଧାରଣଙ୍କ ସହିତ ଅଛନ୍ତି ବୋଲି ଥାନା ଅଧିକାରୀ ଆଇଆଇସି ନନ୍ଦ କହିଛନ୍ତି। ପରେ ମହିଳାମାନେ ପ୍ରତ୍ୟେକ ସ୍ୱୟଂସହାୟକ ଗୋଷ୍ଠୀରୁ ଜଣେ ଲେଖାଏ ହୋଇ ଏକ ପଞ୍ଚୟତସ୍ତରୀୟ କମିଟି ଗଠନ କରିଥିଲେ। ଆଗାମୀ ଦିନରେ ଅଞ୍ଚଳରୁ ସମ୍ପୂର୍ଣ୍ଣ ମଦ ବିକ୍ରି ବନ୍ଦ ପାଇଁ ଶପଥ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଏକତା ପରିଷଦ ଜିଲା ସଂଯୋଜକ ପରିଚାଳନା କରିଥିଲେ। ଏଥିରେ ପ୍ରେମଲାଲ ନାଏକ, ମଣି ନଏକ, ଚନ୍ଦ୍ରଭାବୁ ସୁନାନି, ବରୁଣ ନାଏକ ଏବଂ ମହିଳା ଗୋଷ୍ଠିରୁ ମମତା ନାଏକ, ପଦ୍ମାଳୟା ସାହୁ, ଭାରତୀ ନାଏକ, ଇନ୍ଦୁ ନାଏକ, ନଳିନୀ ଗଉଡ ଓ ଜାଞ୍ଜସେନି ମାଝି ସହଯୋଗ କରିଥିଲେ।

## ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

ଭବାନୀପାଟଣା,୨୧।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ଓ ଥୁ.ରାମପୁର ବ୍ଲକ୍‌ର ଦୁର୍ଗମ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଅବହେଳିତ ହୋଇ ରହିଛି। ଛାତ୍ର ଶିକ୍ଷକ ଅନୁପାତରେ ବ୍ୟାପକ ଅସଙ୍ଗତି ରହିଥିବା ବେଳେ ଦୁର୍ଗମ ଅଞ୍ଚଳରେ ନାମକୁ ମାତ୍ର ସ୍କୁଲ ଚାଲୁଛି। ତାହାର ଏକ ଉଦାହରଣ ହେଲା ଲାଞ୍ଜିଗଡ ବ୍ଲକ୍ ଲାଖବାହାଲି ହାଇସ୍କୁଲ। ଏହି ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୩୬୯ ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ମାତ୍ର ୩ ଜଣ ଶିକ୍ଷକ ଅଛନ୍ତି। ପ୍ରାଥମିକ ଶିକ୍ଷକ ମାତ୍ର ୨ ଜଣ ଥିବା ବେଳେ ଜଣେ ମାତ୍ର ହାଇସ୍କୁଲ ଶିକ୍ଷକ ଅଛନ୍ତି। ହାଇସ୍କୁଲ ଶିକ୍ଷକ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହି ଅଫିସ କାମରେ ବ୍ୟସ୍ତ ରହୁଥିବା ବେଳେ ମାତ୍ର ୨ଜଣ ପ୍ରାଥମିକ ଶିକ୍ଷକ ହାଇସ୍କୁଲ ଚଳାଉଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ବାରମ୍ବାର ସମସ୍ୟା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକାର୍ଷଣ କଲେ ମଧ ସୁଫଳ ମିଳୁ ନାହିଁ। ସୋମବାର ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ଜିଲା ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ କରି ଆବଶ୍ୟକ ଶିକ୍ଷକ ଯୋଗାଇ ଦେବାକୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

କୋକସରା,୨୧।୧(ଡି.ଏନ.ଏ.)



କୋକସରା ବ୍ଲକ ସଭା ଗୃହଠାରେ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ନେଇ ଆଲୋଚନା ଚାଲିଛି ।

କଳାହାଣ୍ଡି ଜିଲା କୋକସରା ବ୍ଲକ ସଭା ଗୃହଠାରେ ସୋମବାର ଆସନ୍ତା ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ କୋକସରା ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ବ୍ଲକ ପ୍ରଶାସନ ତଥା ଜନସାଧାରଣଙ୍କଠାରେ ପ୍ରିୟଭାଜନ ହୋଇଥିବା ଦିବଙ୍ଗତ ଖବରଦାତା କୁମୁଦ ଚନ୍ଦ୍ର ନାଏକଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ବୈଠକରେ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜନସାଧାରଣ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଶିକ୍ଷାନୁଷ୍ଠାନରେ ତର୍କ, ସଙ୍ଗୀତ, ରଚନା, ଚିତ୍ରାଙ୍କନ ଭଳି ପ୍ରତିଯୋଗୀତା କରାଯିବା ସହ ସାଧାରଣତନ୍ତ୍ର ଦିବସରେ ସକାଳ ୯.୧୫ ମି.ରେ ପତାକା ଉତ୍ତୋଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀମାନେ ପରେଡ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ପାଇଁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ଅଧିକାରୀଙ୍କୁ ଜଣାଇ ଦିଆଯାଇଥିଲା । ବୈଠକରେ ବ୍ଲକ ଅଧ୍ୟକ୍ଷା ସବ୍ୟାରାଣୀ ବାଗ, ବ୍ଲକ ହିସାବରକ୍ଷକ ଅଧିକାରୀ ଅଶୋକ କୁମାର ମାଝି, ଅଧ୍ୟାପକ ଅଇରୀ ନାଶନ ଚିନ୍ଦା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ କୁମାର ମଲ୍ଲିକ, ସାମାଜିକ କର୍ମୀ ଘାସିରାମ ପାଢଯୋଷୀ, ଏନସିସି ଲେଫ୍ଟନ୍ୟାଣ୍ଟ ଅଶ୍ୱିନୀ କୁମାର ପଟ୍ଟନାୟକ, ବ୍ଲକ କୃଷି ଅଧିକାରୀ ଘନଶ୍ୟାମ ଦେହୁରୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଶିକ୍ଷକ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଶୀତଦିନରେ ଜଳ କଷ୍ଟ

ଲଡୁଗାଁ,୨୧।୧(ଡି.ଏନ.ଏ.)

**କଛାରପଡାବାସୀ**
- ଗୋଟିଏ ମାତ୍ର ନଳକୂପ ଖରାପ
- ନଦୀ ନାଳର ଦୂଷିତ ପାଣି ବ୍ୟବହାର

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ କଛାରପଡାରେ ଶୀତ ଦିନରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଆମପାଣି ଗ୍ରାମର କଛାରପଡାରେ ପ୍ରାୟ ୧ ଶହରୁ ଉର୍ଦ୍ଧ୍ୱ ଲୋକେ ବାସ କରୁଥିବା ବେଳେ ପଡାରେ ଗୋଟିଏ ମାତ୍ର ନଳକୂପ ରହିଛି। ଏହି ନଳକୂପରେ ଘଣ୍ଟା ଘଣ୍ଟା ଧରି ମାରିବା ପରେ ମଧ ଅଳ୍ପ ପାଣି ବାହାରୁଛି। ଫଳରେ ପଡାବାସୀ ବାଧ ହୋଇ ପାଖରେ ଥିବା ନଦୀ କୂଳରୁ ବାଲିରେ ଚୁଆଁ କରି ପାଣି ସଂଗ୍ରହ କରି ବ୍ୟବହାର କରୁଥିବା ସେମାନେ କହିଛନ୍ତି। ଦୀର୍ଘ ଦିନ ହେବ ନଳକୂପ ଖରାପ ଥିବା ବେଳେ ଗ୍ରାମବାସୀ ଏ ସମ୍ପର୍କରେ କୋକସରା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରିଛନ୍ତି । କିନ୍ତୁ ଆଦି ସୁଦ୍ଧା କୌଣସି ଦୃଷ୍ଟି ଦେଉ ନ ଥିବା ବେଳେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଲୋକେ ବାଧ ହୋଇ ପାଖରେ ଥିବା ନଦୀ ନାଳର ଦୂଷିତ ପାଣି ବ୍ୟବହାର କରୁଛନ୍ତି । ଏପଟେ ପିଇବା ପାଣିର ଉକ୍ରଟ ସମସ୍ୟା ଦେଖାଦେଇଥିବା ବେଳେ ବିଭାଗ କେବଳ ଶୌଚାଳୟ ନିର୍ମାଣ କରିବାରେ ବ୍ୟସ୍ତ ରହୁଥିବା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲିଟିଛି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ଜଶୋବନ୍ତି ଭୋଇଙ୍କୁ ପଚାରିବାରୁ କୌଣସି ଉତ୍ତର ଦେଇ ନ ଥିଲେ। କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ସେଠୀଙ୍କୁ ପଚାରିବାରୁ ଯେଉଁ ନଳକୂପ ଅଚଳ ଅଛି ବୋଲି ଆପଣ କହୁଛନ୍ତି ଦେଖିବା ପରେ ଜଣାପଡିବ। ଯଦି ମରାମତି ହୋଇପାରିବ ତୁରନ୍ତ କରାଯିବ। ନୂତନ ନଳକୂପ ଯଦି ଆବଶ୍ୟକ ପଡେ ତେବେ ତାହାର ମଧ ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



ନଦୀ କୂଳ ବାଲି ଚୁଆଁରୁ ମହିଳାମାନେ ପାଣି ସଂଗ୍ରହ କରୁଛନ୍ତି ।



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ

## ସଂକ୍ଷେପରେ

### ଗାନ୍ଧୀଛକ ଫାଣ୍ଡି ଅଧିକାରୀଙ୍କ ମୃତ୍ୟୁ

**ବ୍ରଜରାଜନଗର, ୨୧।୧ (ଡି.ଏନ.ଏ)-** ବ୍ରଜରାଜନଗର ଥାନା ଅଧୀନ ଗାନ୍ଧୀଛକ ଫାଣ୍ଡି ଅଧିକାରୀ ବିରଞ୍ଚି ନାରାୟଣ କିଷାନଙ୍କ ମୃତ୍ୟୁ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ପରଲୋକ ଘଟିଛି। ସୁନ୍ଦରଗଡ ଜିଲା ବଣାଇଁ ଥାନା ଅଧୀନ ଆମ୍ବପାଲି ଗ୍ରାମରେ ତାଙ୍କର ଶେଷକୃତ ସମ୍ପନ୍ନ କରାଯାଇଛି। ତାଙ୍କ ଆକସ୍ମିକ ପରଲୋକରେ ଆମ୍ବପାଲି ଗାଁ ଓ ଗାନ୍ଧୀଛକ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

### ବିଭିନ୍ନ ପ୍ରକଳ୍ପ ପାଇଁ ଶୁଭ ଦିଆଗଲା

**ବେଲପାହାଡ଼,୨୧।୧(ଡି.ଏନ୍.ଏ.)-** ବେଲପାହାଡରେ ପଶ୍ଚିମଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ସୋମବାର ୮ଟି ପ୍ରକଳ୍ପ ପାଇଁ ଶୁଭ ଦିଆଯାଇଛି। ପରିଷଦର ଅଧକ୍ଷ କିଶୋର କୁମାର ମହାନ୍ତି ଏହି ଶୁଭ ଦେଇଛନ୍ତି। ପୌରପରିଷଦ ଅଧକ୍ଷ ପର୍ଶୁରାମ ସାହୁ, ବିଭିନ୍ନ ୱାର୍ଡ଼ର କାଉନସିଲର, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ବିଜେଡି କର୍ମୀ ଯୋଗ ଦେଇଥିଲେ। କେଦେଲପିଟା ଗାଁରେ ଏକ ମଣ୍ଡପ, ବିବେକାନନ୍ଦ ବିଦ୍ୟାଳୟରେ ୩ଟି ଶ୍ରେଣୀଗୃହ, ସୂର୍ଯ୍ୟ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ, ମିରର୍ ଥିଏଟର ଆଖଡ଼ା ଗୃହ, ସମଲେଇ ମନ୍ଦିରରେ ଗୋଷ୍ଠୀ କେନ୍ଦ୍ର ଓ ପାଚେରି, ଜଗନ୍ନାଥ ମନ୍ଦିର ନିକଟରେ କଲ୍ୟାଣ ମଣ୍ଡପ, ତାରିଣୀ ମନ୍ଦିରର ଉନ୍ନତୀକରଣ ଓ ଗାନ୍ଧୀନଗରଠାରେ ବାଳିକାମାନଙ୍କ ପାଇଁ ନିର୍ମାଣ ହେବାକୁଥିବା ଧନ୍ଦାମୂଳକ ଶିକ୍ଷା ଅନୁଷ୍ଠାନ ପାଇଁ ଶୁଭ ଦିଆଯାଇଛି।

### ନାଲ୍କୋର ବଳକା ଆଲୁମିନିୟମ ବେଦାନ୍ତକୁ ଦିଆଯାଉ

**ଝାରସୁଗୁଡା ଅଫିସ,୨୧।୧-**ଝାରସୁଗୁଡା ବେଦାନ୍ତ କାରଖାନାରେ କଞ୍ଚାମାଲ ଅଭାବ ପରିସ୍ଥିତିର ମୁକାବିଲା ପାଇଁ ଝାରସୁଗୁଡା ନାଗରିକ ନାଲ୍କୋ ସିଏମ୍ଡି, ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଭେଟିଛନ୍ତି। ବାର୍ ସଭାପତି ରଘୁମଣି ପଟେଲ, ସଞ୍ଜୟ ଲୋଧା, ଓମ୍ପ୍ରକାଶ ଅଗ୍ରୱାଲ, ମନିଷ ଶାହା, ମନିଷ ଡିଡୱାନିଆ ପ୍ରମୁଖଙ୍କୁ ନେଇ ଏକ କମିଟି ୧୨ ହଜାର ଦସ୍ତଖତ ସମ୍ବଳିତ ଏକ ସ୍ମାରକପତ୍ର ନାଲ୍କୋ ସିଏମ୍ଡି ତପନ ଚାନ୍ଦ ଏବଂ ମୁଖ୍ୟଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ପ୍ରଦାନ କରିଛନ୍ତି। ଝାରସୁଗୁଡା ବେଦାନ୍ତ କାରଖାନାକୁ ଆବଶ୍ୟକ ଆଲୁମିନା ମିଳୁ ନ ଥିବାରୁ କମ୍ପାନୀ ପୂର୍ଣ୍ଣ ଉତ୍ପାଦନ କ୍ଷମତା ଲକ୍ଷ୍ୟ ପୂରଣ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଅପରପକ୍ଷରେ ନାଲ୍କୋ ସମାନ କଞ୍ଚାମାଲ ବାର୍ଷିକ ୧ ମିଲିୟନ୍ ଟନ୍ ବିଦେଶକୁ ରପ୍ତାନୀ କରୁଛି। ବିଦେଶକୁ ରପ୍ତାନୀ କରୁଥିବା ଏହି ଆଲୁମିନା ବେଦାନ୍ତକୁ ପ୍ରଦାନ କରାଗଲେ ଝାରସୁଗୁଡା କାରଖାନାର ଉତ୍ପାଦନ ହାର ବୃଦ୍ଧି ପାଇବା ସହ ଅଧିକା ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ରାଜ୍ୟ ସରକାରଙ୍କ ମେକ ଇନ୍ ଓଡ଼ିଶା ଏବଂ କେନ୍ଦ୍ର ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଆହ୍ୱାନକୁ ଏହି କ୍ଷେତ୍ରରେ ଉପଯୋଗ କରାଗଲେ ସ୍ଥାନୀୟ ଲୋକ ଉପକୃତ ହୋଇପାରନ୍ତେ ବୋଲି କହି ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବ ପାଢ଼ୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ଜିଲାପାଳ ଅଫିସକୁ ଅଭିଯୋଗ କରିବାକୁ ଆସିଥିବା ବ୍ଲକ୍ କର୍ମଚାରୀ।

ବ୍ଲକ ଅଧକ୍ଷାଙ୍କ ଅଶୋଭନୀୟ ବ୍ୟବହାର ଅଭିଯୋଗ

# କଲମ ଛାଡ ଆନ୍ଦୋଳନ କରିବେ ବ୍ଲକ କର୍ମଚାରୀ

**ଝାରସୁଗୁଡା ଅଫିସ,୨୧।୧**

ଝାରସୁଗୁଡା ଜିଲା ଲଇକେରା ବ୍ଲକ ଅଧକ୍ଷାଙ୍କ ପ୍ରତି କର୍ମଚାରୀଙ୍କ ମନରେ ଦୀର୍ଘଦିନ ଧରି ରହିଥିବା ପୁଞ୍ଜିଭୂତ ଅସନ୍ତୋଷ ସୋମବାର ସାମ୍ନାକୁ ଆସିଛି। ବ୍ଲକ୍ କର୍ମଚାରୀଙ୍କ ପ୍ରତି ଅଧକ୍ଷା ରୋଜାଲିନ୍ ପଟେଲଙ୍କ ଅଶୋଭନଈୟ ଆଚରଣ ଜିଲା କାର୍ଯ୍ୟାଳୟରେ ପହଞ୍ଚିଛି। ବିଡିଓଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଭେଟି ଅଧକ୍ଷା ପଟେଲଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଏହାସହ ମଙ୍ଗଳବାର ବ୍ଲକ୍ କର୍ମଚାରୀ ସମୂହ ଦିନିକିଆ କଲମ ଛାଡ ଆନ୍ଦୋଳନ କରିବେ ବୋଲି ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଛନ୍ତି। ତେବେ ଅଭିଯୋଗର ତଦନ୍ତ ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟ ନାରାୟଣ ଦାଶ, ବିଡିଓ ପ୍ରସନ୍ନ କୁମାର ପାଣ୍ଡେ ଏବଂ ବ୍ଲକ୍ ଅଧକ୍ଷା ରୋଜାଲିନ୍ ପଟେଲଙ୍କୁ ମଙ୍ଗଳବାର ଜିଲା କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ସମନ୍ କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଘଟଣାର ଯାଞ୍ଚ କରି ସମାଧାନ କରାଯିବ ବୋଲି ଜିଲାପାଳ କହିଛନ୍ତି।

ବ୍ଲକ୍ କର୍ମଚାରୀଙ୍କ ଅଭିଯୋଗ ଅନୁସାରେ, ବ୍ଲକ୍ ଅଧକ୍ଷା ପଟେଲ ବହୁ ଦିନ ହେବ କର୍ମଚାରୀଙ୍କ ପ୍ରତି ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ କରୁଥିଲେ। ଯାହାକୁ ନେଇ ବ୍ଲକ୍ କର୍ମଚାରୀଙ୍କ ମଧ୍ୟରେ ଏକ ଅସନ୍ତୋଷ ବାତାବରଣ ରହିଥିଲା। ସୋମବାର ପ୍ରକଳ୍ପ ନିର୍ଦ୍ଦେଶକ ଦାଶ ଓ ବିଡିଓ ପାଣ୍ଡେଙ୍କ ଉପସ୍ଥିତିରେ ଅଧକ୍ଷା ପଟେଲ ସମାନ ଆଚରଣ ପ୍ରଦର୍ଶନ କରିଥିଲେ। ଯାହାକୁ ନେଇ ବ୍ଲକ୍ କର୍ମଚାରୀ ଅସନ୍ତୋଷବ୍ୟକ୍ତ କରିବା ସହ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଛନ୍ତି। ଅଧକ୍ଷାଙ୍କ ଏପରି ବ୍ୟବହାର ଦ୍ୱାରା ବ୍ଲକ୍‌ର ଦୈନନ୍ଦିନ କାମରେ ବାଧା ଉପୁଜୁଥିବା ଅଭିଯୋଗ କରି ମଙ୍ଗଳବାର ସମୂହ କଲମ ଛାଡ ଆନ୍ଦୋଳନ କରିବେ ଏବଂ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ବାବଦରେ ବ୍ଲକ୍ ଅଧକ୍ଷା ପଟେଲଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସେପରି କିଛି ଖରାପ ବ୍ୟବହାର ପ୍ରଦର୍ଶନ କରିନାହାନ୍ତି। ଏହା ତାଙ୍କ ବିରୋଧରେ ଏକ ଚକ୍ରାନ୍ତ କରାଯାଉଛି। ପୂର୍ବରୁ ଏଭଳି ଘଟୁଥିବା ନେଇ ଯେଉଁ ଅଭିଯୋଗ ଆସିଛି ତାହା ମଧ୍ୟ ମିଛି ବୋଲି ସେ କହିଛନ୍ତି।

### ପୋଖରୀରେ ବୁଡ଼ି ମହିଳା ମୃତ

**ଝାରସୁଗୁଡା ଅଫିସ,୨୧।୧-** ପୋଖରୀରେ ବୁଡି ଜଣେ ମହିଳାଙ୍କ ସୋମବାର ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ସାଲ୍‌ହେଟିକ୍ରାର ଦେବାନନ୍ଦ ମାଝିଙ୍କ ସ୍ତ୍ରୀ ଲଳିତା ମାଝି (୪୭)। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରିଛି। ସୋମବାର ସକାଳେ ଲଳିତା ଗାଁ ପାଖ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଗୋଡ ଖସି ପୋଖରୀରେ ବୁଡି ଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# କିଷାନ ସମାଜର ବାର୍ଷିକ ଉତ୍ସବ

**ଝାରସୁଗୁଡା ଅଫିସ,୨୧।୧**

ଝାରସୁଗୁଡା ବେହେରାମାଲସ୍ଥିତ ଗଙ୍ଗାଧର ମେହେର କଲ୍ୟାଣମଣ୍ଡପରେ କିଷାନ ସମାଜ ପ୍ରଗତିଶୀଳ ମଞ୍ଚର ପଞ୍ଚମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାପତି ରତ୍ନାକର ପ୍ରଧାନଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଦୟାନଧି କିଷାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷ ଶୋଭାରାମ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ସଞ୍ଜିତା କିଷାନ, ଲୋକମୁକ୍ତି ସଂଗଠନର ଅନନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। ସାମାଜିକ ବିଧିବ୍ୟବସ୍ଥା ଭିତରେ ବିକାଶକୁ ଅନ୍ୱେଷଣ କରିବାକୁ ହେବ। ଏହାର ଅନ୍ୱେଷଣ ପାଇଁ ଶିକ୍ଷା ନିହାତି ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ସୁନ୍ଦରଗଡ, ସମ୍ବଲପୁର, କୁଚିଣ୍ଡା, ବାମର, ଝାରସୁଗୁଡା ଜିଲାର କୋଲାବିରା, ଲଇକେରା, ଲଖନପୁର, ଝାରସୁଗୁଡା ସଦର ଅଞ୍ଚଳର କିଷାନ ସମାଜର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



କିଷାନ ସମାଜ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରାଯାଉଛି।

# ବିଜାପାଲି ମହିମା ଆଶ୍ରମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଉଦ୍‌ଯାପିତ

**ଲଖନପୁର,୨୧।୧(ଡି.ଏନ୍.ଏ.)**

ଲଖନପୁର ବ୍ଲକ୍ ପଞ୍ଚଗାଁ ବିଜାପାଲି ମହିମା ଆଶ୍ରମରେ ପୌଷପୂର୍ଣ୍ଣିମା ଉପଲକ୍ଷେ ୩୪ତମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏହି ଯଜ୍ଞ ଗତ ଶନିବାରରୁ ଆରମ୍ଭ ହୋଇଥିଲା । ପ୍ରଥମ ଦିବସ ଶନିବାର ତ୍ରୟୋଦଶୀ ତିଥିରେ କନ୍ୟାମାନେ କଳସରେ ଜଳ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ । ସନ୍ଧ୍ୟା ବ୍ରହ୍ମ ମୁହୂର୍ତ୍ତରେ ବ୍ରହ୍ମଧୂନୀ ସ୍ଥାପନ, ଅଖଣ୍ଡ ବ୍ରହ୍ମବତୀ ପ୍ରଜ୍ୱଳନ, ଆଠ ଭଜନ, ବ୍ରହ୍ମଧୂନୀରେ ଘୃତାହୂତି ହୋଇଥିଲା। ଦ୍ୱିତୀୟ ଦିବସ ରବିବାର ଚତୁର୍ଦ୍ଦଶୀ ତିଥିରେ ପ୍ରାତଃ ବ୍ରହ୍ମ ମୁହୂର୍ତ୍ତରେ ଦର୍ଶନ ସ୍ତୁତି ପ୍ରାର୍ଥନା, ଅବକାଶ ଜଣାଣ ଓ ଦିବ୍ୟଜ୍ଞାନ ପ୍ରବଚନ, ପାଲା, ସଙ୍କୀର୍ତ୍ତନ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସୁନ୍ଦରଗଡ ଉତ୍କଳଜ୍ୟୋତି ଦିବ୍ୟାଙ୍ଗ ଭଜନ ସମାରୋହ ଲୋକଙ୍କ ମନ ମୋହିଥିଲା। ଏଥିରେ ଜିଲାର ସମୁଦାୟ ୭୨ଦଳ ଅଂଶ ଗ୍ରହଣ କରିଥିଲେ। ତୃତୀୟ ଦିବସ ପୌଷପୂର୍ଣ୍ଣିମା ତିଥିରେ ମହେନ୍ଦ୍ରବେଳା ଶୁଭମୁହୂର୍ତ୍ତରେ ପୂର୍ଣ୍ଣାହୂତି ଓ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ବ୍ରହ୍ମବଧୂତ ବୀରେନ୍ଦ୍ର କୁମାର ବାବାଙ୍କ ତତ୍ତ୍ୱାବଧାନରେ ଏହି ଯଜ୍ଞ ହୋଇଥିଲା। ଏଥିରେ ଚିତ୍ତରଞ୍ଜନ ବାବା, ଅବଧୂତ ତୁଳାରାମ ବାବା, ସାଧୁ କାଶ୍ୟପ ଦାସ, ବାରୁକ ଦାସ, ଗିରିଜା ଶଙ୍କର ଦାସ, ଚିତ୍ରସେନ ଦାସ, ଛାୟାକାନ୍ତ ଦାସ, ବାଦଲ ଦାସ, ହିରହର ଦାସ, ସ୍ୱରୂପାନନ୍ଦ ଦାସ, ମହେନ୍ଦ୍ର ତ୍ୟାଗୀ, ବିସୁଧା ତ୍ୟାଗୀ, ନରହରି ଦାସ, ଅଭୟ ତ୍ୟାଗୀ ପ୍ରମୁଖ ବହୁ ସାଧୁସନ୍ଥ ଯୋଗଦେଇ ଯଜ୍ଞରେ ଘୃତାହୂତି ଦେଇ ବିଶ୍ୱର ମଙ୍ଗଳ କାମନା କରିଥିଲେ। ଶ୍ରଦ୍ଧାଳୁମାନେ ନଡିଆ, ଘିଅ ଆଦି ଯଜ୍ଞକୁଣ୍ଡରେ ସମର୍ପିତ କରି ନିଜର ମଙ୍ଗଳ କାମନା କରିଥିଲେ । ବୀରେନ୍ଦ୍ର କୁମାର ପଣ୍ଡା ପ୍ରବଚନ ଦେଇଥିଲେ। ବ୍ରହ୍ମବଧୂତ ବାବା ବୀରେନ୍ଦ୍ରଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସାଂସଦ ଡ. ପ୍ରଭାସ ସିଂହ, ଡବ୍ଲୁଡିସି ଅଧକ୍ଷ କିଶୋର ମହାନ୍ତି, ପୂର୍ବତନ ବାଚସ୍ପତି କିଶୋର ପଟେଲ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତା, ବିଧାୟିକା ରାଧାରାଣି ପଣ୍ଡା, ସୁବାସ ଚୌହାନ ପ୍ରମୁଖ ଯୋଗ ଦେଇଥିଲେ। ସନତ ସିଂହ ଓ ବିରଞ୍ଚି ସାହୁ ମଞ୍ଚ ପରିଚାଳନା କରିଥିଲେ। ରବିରତ୍ନ ପ୍ରଧାନ, କୁଶାସନ ପ୍ରଧାନ, ଗୌରଚନ୍ଦ୍ର ମେହେର, ମିତ୍ରଭାନୁ ସେଠ୍ ପ୍ରମୁଖ ସହଯୋଗ କରିଥିଲେ।

# ନେତାଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୪,୨୦,୩୬୨ ମତଦାତା

**ଝାରସୁଗୁଡା ଅଫିସ,୨୧।୧**

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ନୂତନ ଭୋଟର ତାଲିକା ସୋମବାର ପ୍ରକାଶ ପାଇଛି। ୩ ମାସ ଧରି ଚାଲିଥିବା ଏହି ପ୍ରକ୍ରିୟା ଶେଷ ହୋଇ ସୋମବାର ରାଜନୈତିକ ଦଳଗୁଡିକୁ ମତଦାତା ତାଲିକା ପ୍ରଦାନ କରାଯାଇଛି। ତେବେ ଏହି ମତଦାତା ସଂଯୋଗ ପ୍ରକ୍ରିୟାରେ ଜିଲାରୁ ମୋଟ ୧୫,୬୮୨ ଜଣ ନୂତନ ମତଦାତା ସାମିଲ ହୋଇଛନ୍ତି। ଏହିପରି ଭାବେ ଜିଲାର ଝାରସୁଗୁଡା ଏବଂ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ମୋଟ ମତଦାତା ସଂଖ୍ୟା ୪,୨୦,୩୬୨ରେ ପହଞ୍ଚିଛି। ଏହି ସଂଖ୍ୟକ ମତାଦାତା ୨୦୧୯ ସାଧାରଣ ନିର୍ବାଚନରେ ବିଧାୟକ ଓ ଏମ୍‌ପିମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ସାଧାରଣ ନିର୍ବାଚନରେ ଯେପରି ଜଣେ ବି ମତଦାତା ମତଦାନରୁ ବାଦ୍ ନ ପଡନ୍ତି ସେଥିପାଇଁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ ହୋଇଥିଲା ଭୋଟର ତାଲିକା ଶୁଦ୍ଧୀକରଣ ଏବଂ ସଂଯୋଗୀକରଣ ପ୍ରକ୍ରିୟା। ଏହି ପ୍ରକ୍ରିୟା ସେପ୍ଟେମ୍ବର ମାସରୁ ଆରମ୍ଭ ହୋଇ ସେମବାର ପ୍ରକାଶ ପାଇଛି। ୨୫ ତାରିଖ ଜାତୀୟ ମତଦାତା ଦିବସରେ ନୂତନ ମତଦାତାଙ୍କୁ ନୂଆ ପରିଚୟପତ୍ର ପ୍ରଦାନ କରାଯିବ ବୋଲି ଉପଜିଲାପାଳ ବ୍ରଜବନ୍ଧୁ ଭୋଇ କହିଛନ୍ତି। ସେହିପରି ବୁଥ୍ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ପୂର୍ବରୁ ଜିଲାରେ ୪୮୩ଟି ବୁଥ୍ ରହିଥିବା ବେଳେ ମତଦାତାଙ୍କ ସୁବିଧା ଦୃଷ୍ଟିରୁ ଏହି ସଂଖ୍ୟା ୫୧୦କୁ ବୃଦ୍ଧି ପାଇଛି। ନୂତନ ମତଦାତା ତାଲିକାରେ ସଂଯୋଗ ପାଇଁ ମୋଟ ୨୦,୦୦୦ରୁ ଅଧିକ ଆବେଦନ କରିଥିବା ବେଳେ ସେଥିରୁ ୧୫୬୮୨ ଜଣ ନୂତନ ମତଦାତା ତାଲିକାରେ ଯୋଡିହୋଇଛନ୍ତି। ସେହିପରି ବିଭିନ୍ନ କାରଣରୁ ମୋଟ ୮,୧୬୪ ଜଣ ମତଦାତାଙ୍କ ନାମ ତାଲିକାରୁ ବାଦ ଦିଆଯାଇଛି। ଏହିପରି ଭାବେ ବର୍ତ୍ତମାନ ଜିଲାର ମୋଟ ୪,୨୦,୩୬୨ ଜଣ ମତଦାତା ୨୦୧୯ ନିର୍ବାଚନରେ ନିଜର ମତ ସାବ୍ୟସ୍ତ କରିବାର ସୁଯୋଗ ପାଇବେ।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ବ୍ରଜରାଜନଗର, ୨୧।୧ (ଡି.ଏନ.ଏ)**

ବ୍ରଜରାଜନଗର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୩୬ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅନୁପ ସାଏ ମୁଖ୍ୟଅତିଥି, ବ୍ରଜରାଜନଗର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଟହଲୁ ସାହୁ, ଲଖନପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆର ପ୍ରଧାନ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଧର୍ମେନ୍ଦ୍ର ଠାକୁର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ସତ୍ୟାନନ୍ଦ ଦାସ, କୋଷାଧକ୍ଷ ଧନେଶ୍ୱର ଗୋଛାୟତ, ଶିକ୍ଷକ ରମେଶ ମହାପାତ୍ରଙ୍କ ସମସ୍ତ ଶିକ୍ଷୟତ୍ରୀ ଓ ଶିକ୍ଷକ ସହାୟତା କରିଥିଲେ ।

# ବେଦାନ୍ତ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ: ୧୯ ଗିରଫ

**ଝାରସୁଗୁଡା ଅଫିସ,୨୧।୧**

ଗୋଟିଏ ଘଟଣାରେ ଏକକାଳୀନ ୧୯ ଜଣଙ୍କୁ ଗିରଫ କରିବାରେ ବଡମାଲ ପୋଲିସ ରେକର୍ଡ କରିଛି। ବେଦାନ୍ତ କର୍ମଚାରୀଙ୍କୁ ଆକ୍ରମଣ କରି ମାର୍‌ପିଟ କରିବା ଅଭିଯୋଗରେ ବଡମାଲ ପୋଲିସ କାତିକେଲାର ୧୯ ଜଣଙ୍କୁ ରବିବାର ରାତିରେ ଗିରଫ କରିଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଅମିତାଭ ପଣ୍ଡା କହିଛନ୍ତି। ରବିବାର ରାତିରେ କାତିକେଲାର ୪ ଜଣ ଯୁବକ ମଦ୍ୟପାନ କରି ବେଦାନ୍ତରେ କାର୍ଯ୍ୟରତ ଘରୋଇ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରିଥିଲେ। ସୁରକ୍ଷାକର୍ମୀ ନିଜକୁ ବଞ୍ଚାଇବାକୁ ଯାଇ ଯୁବକଙ୍କୁ ପାଲଟା ଜବାବ ଦେଇଥିଲେ। ହେଲେ ଯୁବକମାନେ ଫୋନକରି ଗାଁର ଅନ୍ୟ ଯୁବକଙ୍କୁ ଡାକିଥିଲେ। ପ୍ରାୟ ୩୦ରୁ ଅଧିକ ଯୁବକ ପହଞ୍ଚି ସୁରକ୍ଷା କର୍ମୀଙ୍କୁ ମାର୍‌ପିଟ କରିଥିଲେ। ଏ ସମ୍ପର୍କରେ ଖବର ପାଇ ବଡମାଲ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୧୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ମକର ଉତ୍ସବରେ ଫୁଟ୍‌ବଲ ପ୍ରତିଯୋଗିତା

**କୋଲାବିରା,୨୧।୧(ଡି.ଏନ.ଏ.)–** କୋଲାବିରା ବ୍ଲକ୍ ପୋଖରାସାହ୍ଲେରେ ସୋମବାର ମକର ଉତ୍ସବ ସହିତ ହରିହରଙ୍କ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମକର ସଂକ୍ରାନ୍ତି ଉପଲକ୍ଷେ ଅନୁଷ୍ଠିତ ଏହି ମେଳାରେ ପରସ୍ପରକୁ ମକର ଚାଉଳ ଖୁଆଇ ସମବୟସ୍କ ମାନେ ମକର ବସିଥିଲେ। ଯାତ୍ରା କମିଟି ତଥା ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ କୁନ୍ତଳା ନାଏକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶ୍ରୀଜଗନ୍ନାଥ ଓ ଗୌରୀଶଙ୍କର ମକର ବସି ଭକ୍ତଙ୍କୁ ଗୋଟିଏ ରଥରେ ଦର୍ଶନ ଦେଇଛନ୍ତି। ଜଗନ୍ନାଥଙ୍କୁ ମନ୍ଦିରରୁ ବାହାର କରି ବେଢା ପରିକ୍ରମା ପରେ ରଥାରୂଢ କରାଯାଇଥିଲା। ଜଗନ୍ନାଥଙ୍କ ସହ ବଳଭଦ୍ର ଓ ଦେବୀ ସୁଭଦ୍ରା ମଧ୍ୟ ରଥାରୂଢ ହୋଇଥିଲେ। ସେହିପରି ଗୌରୀଶଙ୍କର ମନ୍ଦିରରୁ ହର ଆସି ପହଞ୍ଚିବା ପରେ ହରି-ହରଙ୍କ ଭେଟ ହୋଇଥିଲା। କୁବେର ନାଏକ, ଡମ୍ବରୁ ନାଏକ, ଶିବଶଙ୍କର ଜଗତ, ନିରୋଦ ଗୌଡ, ଲଖେନ୍ଦ୍ର ମାଝି, ପ୍ରେମ ମାଝି ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ମୋଟ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ଝରାନିକ୍ରିମାଲ ଏବଂ ସର୍ଗିଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇ ନ ପାରି ବରାବରି ହୋଇଥିଲେ। ପରେ ଟାଇବ୍ରେକର ସହାୟତାରେ ସର୍ଗିଗୁଡାକୁ ୧-୦ରେ ପରାସ୍ତ କରି ଝରାନିକ୍ରିମାଲ ଦଳ ବିଜୟୀ ଘୋଷିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଶାଲ ଦାସ୍, ବ୍ଲକ ଅଧକ୍ଷା ସୁଷମା ବାହୁକ, ମହାବିଦ୍ୟାଳୟର ଅଧକ୍ଷ ଶୁକାନ୍ତ ପଟେଲ, ସରପଞ୍ଚ କୁନ୍ତଳା ନାଏକ, ପ୍ରମୋଦ ପୁଝାରୀ ପ୍ରମୁଖ ଯୋଗ ଦେଇଥିଲେ।



ପୋଖରାସାହ୍ଲେରେ ସୋମବାର ମକର ଉତ୍ସବ ଉପଲକ୍ଷେ ଆୟୋଜିତ ଫୁଟବଲ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନେ।

# କର୍ମୀଙ୍କୁ ଭେଟେରାନଙ୍କ ଅଭୟବାଣୀ

**ଝାରସୁଗୁଡା ଅଫିସ,୨୧।୧**

**ଝାରସୁଗୁଡ଼ା କଂଗ୍ରେସର ରାଜନୀତି**

ଝାରସୁଗୁଡା ରାଜନୀତି ଏବେ ସରଗରମ୍। ଖଟି ଖଟିରେ ରାଜନୀତି ଚର୍ଚ୍ଚା। ବିଧାୟକ ନବ ଦାସଙ୍କ କଂଗ୍ରେସରୁ ଇସ୍ତଫା ଜିଲାରେ ଏପରି ବାତାବରଣ ସୃଷ୍ଟି କରିଛି। ତାଙ୍କ ଇସ୍ତଫା ଫଳରେ କଂଗ୍ରେସ କର୍ମୀଙ୍କ ମନୋବଳ ଯେପରି ଦୁର୍ବଳ ନ ହୁଏ ତାହାର ଦାୟିତ୍ୱ ନେଇଛନ୍ତି ତିନି ବରିଷ୍ଠ କଂଗ୍ରେସ ନେତା। ସୋମବାର ଜିଲାର ଏହି ତିନି ଭେଟେରାନ୍ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ପୂର୍ବତନ ବାଚସ୍ପତି କିଶୋର ପଟେଲ ଏବଂ ପୂର୍ବତନ ବିଧାୟକ ବୀରେନ୍ଦ୍ରଚନ୍ଦ୍ର ପାଣ୍ଡେ ଜିଲା କଂଗ୍ରେସ ଅଫିସରେ ଏକତ୍ରିତ ହୋଇ ଉପସ୍ଥିତ କଂଗ୍ରେସ କର୍ମୀଙ୍କୁ ଅଭୟବାଣୀ ଶୁଣାଇଥିଲେ। ବିଧାୟକ ଦାସଙ୍କ ଦଳ ଛାଡିବା ଘଟଣାକୁ ଦଳପ୍ରତି କୁଠାରଘାତ ବୋଲି ଅଭିହିତ କରିଥିଲେ ହେମାନନ୍ଦ ବିଶ୍ୱାଳ। ସେ କହିଲେ, ଦଳ ନବ ଦାସଙ୍କୁ ଦୁଇ ଦୁଇଥର ବିଧାୟକ ହେବାର ସୁଯୋଗ ଦେଇଛି। କର୍ମୀଙ୍କ ସମର୍ଥନରେ ସେ ବିପୁଳ ବିଜୟ ଲାଭ କରିଛନ୍ତି। ହେଲେ ହଠାତ କୌଣସି ପୂର୍ବ ସୂଚନା ନ ଦେଇ ଦଳ ଛାଡି ଚାଲିଯିବା କଂଗ୍ରେସ କର୍ମୀଙ୍କ ମନୋବଳକୁ ଦୁର୍ବଳ କରିବା ଆଶଙ୍କା କରି ଭେଟେରାନ୍ ନେତାଏଁ ଆଜିର ବୈଠକ ଆୟୋଜନ କରିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶ୍ୱାଳ କହିଥିଲେ। ଏହି ପରିସ୍ଥିତିର ମୁକାବିଲା ପାଇଁ କଂଗ୍ରେସ ରଣନୀତି ପ୍ରସ୍ତୁତ କରୁଛି ବୋଲି ପୂର୍ବତନ ବାଚସ୍ପତି ପଟେଲ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଦୀର୍ଘଦିନର ନୀରବତା ଭଙ୍ଗ କରିଛନ୍ତି ପୂର୍ବତନ ବିଧାୟକ ବୀରେନ୍ଦ୍ର ପାଣ୍ଡେ। କଂଗ୍ରେସର ପୂର୍ବସ୍ଥିତି ଫେରାଇ ଆଣିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଖୁବଶୀଘ୍ର ଡିସିସି ପୁନର୍ଗଠନ ନେଇ ମଧ୍ୟ ସୂଚନା ମିଳିଛି। ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମ ପରେ ଜିଲାରେ କଂଗ୍ରେସର ରୂପରେଖ ସ୍ପଷ୍ଟ ହେବ ବୋଲି ତିନିନେତା କହିଛନ୍ତି। ହେଲେ ଦୀର୍ଘଦିନ ଧରି ନୀରବ ରହିଥିବା ଏହି ତିନିନେତାଙ୍କ ରଣହୁଙ୍କାର କର୍ମୀଙ୍କୁ କେତେ ପ୍ରଭାବିତ କରିବା ତାହା ଖୁବ୍‌ଶୀଘ୍ର ଜଣାପଡିବ। ଏହି ବୈଠକରେ ଜିଲା ସଭାପତି ଗିରିଶ ରଞ୍ଜନ ପଣ୍ଡା, ଟାଉନ ସଭାପତି ଭରତ ଅୱସ୍ଥୀ, ରୁବିନା ଖାନ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



କଂଗ୍ରେସ ଅଫିସରେ ଉପସ୍ଥିତ ଭେଟେରାନ୍ ନେତା।



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ,
ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ

## ସଂକ୍ଷେପରେ

### ଗାନ୍ଧୀଛକ ଫାଣ୍ଡି ଅଧିକାରୀଙ୍କ ମୃତ୍ୟୁ

**ବ୍ରଜରାଜନଗର, ୨୧।୧ (ଡି.ଏନ୍.ଏ)-** ବ୍ରଜରାଜନଗର ଥାନା ଅଧୀନ ଗାନ୍ଧୀଛକ ଫାଣ୍ଡି ଅଧିକାରୀ ବିରଞ୍ଚି ନାରାୟଣ କିଷାନଙ୍କ ମୃତ୍ୟୁ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ପରଲୋକ ଘଟିଛି। ସୁନ୍ଦରଗଡ ଜିଲା ବଣାଇଁ ଥାନା ଅଧୀନ ଆମ୍ବପାଲି ଗ୍ରାମରେ ତାଙ୍କର ଶେଷକୃତ ସମ୍ପନ୍ନ କରାଯାଇଛି। ତାଙ୍କ ଆକସ୍ମିକ ପରଲୋକରେ ଆମ୍ବପାଲି ଗାଁ ଓ ଗାନ୍ଧୀଛକ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

### ବିଭିନ୍ନ ପ୍ରକଳ୍ପ ପାଇଁ ଶୁଭ ଦିଆଗଲା

**ବେଲପାହାଡ଼,୨୧।୧(ଡି.ଏନ୍.ଏ.)-** ବେଲପାହାଡରେ ପଶ୍ଚିମଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ସୋମବାର ୮ଟି ପ୍ରକଳ୍ପ ପାଇଁ ଶୁଭ ଦିଆଯାଇଛି। ପରିଷଦର ଅଧକ୍ଷ କିଶୋର କୁମାର ମହାନ୍ତି ଏହି ଶୁଭ ଦେଇଛନ୍ତି। ପୌରପରିଷଦ ଅଧକ୍ଷ ପର୍ଶୁରାମ ସାହୁ, ବିଭିନ୍ନ ୱାର୍ଡ଼ର କାଉନସିଲର, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ବିଜେଡି କର୍ମୀ ଯୋଗ ଦେଇଥିଲେ। କେଦେଲପିଟା ଗାଁରେ ଏକ ମଣ୍ଡପ, ବିବେକାନନ୍ଦ ବିଦ୍ୟାଳୟରେ ୩ଟି ଶ୍ରେଣୀଗୃହ, ସୂର୍ଯ୍ୟ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ, ମିରର୍ ଥିଏଟର ଆଖଡ଼ା ଗୃହ, ସମଲେଇ ମନ୍ଦିରରେ ଗୋଷ୍ଠୀ କେନ୍ଦ୍ର ଓ ପାଚେରି, ଜଗନ୍ନାଥ ମନ୍ଦିର ନିକଟରେ କଲ୍ୟାଣ ମଣ୍ଡପ, ତାରିଣୀ ମନ୍ଦିରର ଉନ୍ନତୀକରଣ ଓ ଗାନ୍ଧୀନଗରଠାରେ ବାଳିକାମାନଙ୍କ ପାଇଁ ନିର୍ମାଣ ହେବାକୁଥିବା ଧନ୍ଦାମୂଳକ ଶିକ୍ଷା ଅନୁଷ୍ଠାନ ପାଇଁ ଶୁଭ ଦିଆଯାଇଛି।

### ନାଲ୍କୋର ବଳକା ଆଲୁମିନିୟମ ବେଦାନ୍ତକୁ ଦିଆଯାଉ

**ଝାରସୁଗୁଡା ଅଫିସ,୨୧।୧-** ଝାରସୁଗୁଡା ବେଦାନ୍ତ କାରଖାନାରେ କଞ୍ଚାମାଲ ଅଭାବ ପରିସ୍ଥିତିର ମୁକାବିଲା ପାଇଁ ଝାରସୁଗୁଡା ନାଗରିକ ନାଲ୍କୋ ସିଏମ୍ଡି, ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଭେଟିଛନ୍ତି। ବାର୍ ସଭାପତି ରଘୁମଣି ପଟେଲ, ସଞ୍ଜୟ ଲୋଧା, ଓମ୍ପ୍ରକାଶ ଅଗ୍ରୱାଲ, ମନିଷ ଶାହା, ମନିଷ ଡିଡୱାନିଆ ପ୍ରମୁଖଙ୍କୁ ନେଇ ଏକ କମିଟି ୧୨ ହଜାର ଦସ୍ତଖତ ସମ୍ବଳିତ ଏକ ସ୍ମାରକପତ୍ର ନାଲ୍କୋ ସିଏମ୍ଡି ତପନ ଚାନ୍ଦ ଏବଂ ମୁଖ୍ୟଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ପ୍ରଦାନ କରିଛନ୍ତି। ଝାରସୁଗୁଡା ବେଦାନ୍ତ କାରଖାନାକୁ ଆବଶ୍ୟକ ଆଲୁମିନା ମିଳୁ ନ ଥିବାରୁ କମ୍ପାନୀ ପୂର୍ଣ୍ଣ ଉତ୍ପାଦନ କ୍ଷମତା ଲକ୍ଷ୍ୟ ପୂରଣ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଅପରପକ୍ଷରେ ନାଲ୍କୋ ସମାନ କଞ୍ଚାମାଲ ବାର୍ଷିକ ୧ ମିଲିୟନ୍ ଟନ୍ ବିଦେଶକୁ ରପ୍ତାନୀ କରୁଛି। ବିଦେଶକୁ ରପ୍ତାନୀ କରୁଥିବା ଏହି ଆଲୁମିନା ବେଦାନ୍ତକୁ ପ୍ରଦାନ କରାଗଲେ ଝାରସୁଗୁଡା କାରଖାନାର ଉତ୍ପାଦନ ହାର ବୃଦ୍ଧି ପାଇବା ସହ ଅଧିକା ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ରାଜ୍ୟ ସରକାରଙ୍କ ମେକ ଇନ୍ ଓଡ଼ିଶା ଏବଂ କେନ୍ଦ୍ର ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଆହ୍ୱାନକୁ ଏହି କ୍ଷେତ୍ରରେ ଉପଯୋଗ କରାଗଲେ ସ୍ଥାନୀୟ ଲୋକ ଉପକୃତ ହୋଇପାରନ୍ତେ ବୋଲି କହି ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବ ପାଢୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ଜିଲାପାଳ ଅଫିସକୁ ଅଭିଯୋଗ କରିବାକୁ ଆସିଥିବା ବ୍ଲକ୍ କର୍ମଚାରୀ।

ବ୍ଲକ ଅଧକ୍ଷାଙ୍କ ଅଶୋଭନୀୟ ବ୍ୟବହାର ଅଭିଯୋଗ

# କଲମ ଛାଡ ଆନ୍ଦୋଳନ କରିବେ ବ୍ଲକ କର୍ମଚାରୀ

**ଝାରସୁଗୁଡା ଅଫିସ,୨୧।୧**

ଝାରସୁଗୁଡା ଜିଲା ଲଇକେରା ବ୍ଲକ ଅଧକ୍ଷାଙ୍କ ପ୍ରତି କର୍ମଚାରୀଙ୍କ ମନରେ ଦୀର୍ଘଦିନ ଧରି ରହିଥିବା ପୁଞ୍ଜିଭୂତ ଅସନ୍ତୋଷ ସୋମବାର ସାମ୍ନାକୁ ଆସିଛି। ବ୍ଲକ୍ କର୍ମଚାରୀଙ୍କ ପ୍ରତି ଅଧକ୍ଷା ରୋଜାଲିନ୍ ପଟେଲଙ୍କ ଅଶୋଭନୀୟ ଆଚରଣ ଜିଲା କାର୍ଯ୍ୟାଳୟରେ ପହଞ୍ଚିଛି। ବିଡିଓଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଭେଟି ଅଧକ୍ଷା ପଟେଲଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଏହାସହ ମଙ୍ଗଳବାର ବ୍ଲକ୍ କର୍ମଚାରୀ ସମୂହ ଦିନିକିଆ କଲମ ଛାଡ ଆନ୍ଦୋଳନ କରିବେ ବୋଲି ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଛନ୍ତି। ତେବେ ଅଭିଯୋଗର ତଦନ୍ତ ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟ ନାରାୟଣ ଦାଶ, ବିଡିଓ ପ୍ରସନ୍ନ କୁମାର ପାଣ୍ଡେ ଏବଂ ବ୍ଲକ୍ ଅଧକ୍ଷା ରୋଜାଲିନ୍ ପଟେଲଙ୍କୁ ମଙ୍ଗଳବାର ଜିଲା କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ସମନ୍ କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଘଟଣାର ଯାଞ୍ଚ କରି ସମାଧାନ କରାଯିବ ବୋଲି ଜିଲାପାଳ କହିଛନ୍ତି।

ବ୍ଲକ୍ କର୍ମଚାରୀଙ୍କ ଅଭିଯୋଗ ଅନୁସାରେ, ବ୍ଲକ୍ ଅଧକ୍ଷା ପଟେଲ ବହୁ ଦିନ ହେବ କର୍ମଚାରୀଙ୍କ ପ୍ରତି ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ କରୁଥିଲେ। ଯାହାକୁ ନେଇ ବ୍ଲକ୍ କର୍ମଚାରୀଙ୍କ ମଧ୍ୟରେ ଏକ ଅସନ୍ତୋଷ ବାତାବରଣ ରହିଥିଲା। ସୋମବାର ପ୍ରକଳ୍ପ ନିର୍ଦ୍ଦେଶକ ଦାଶ ଓ ବିଡିଓ ପାଣ୍ଡେଙ୍କ ଉପସ୍ଥିତିରେ ଅଧକ୍ଷା ପଟେଲ ସମାନ ଆଚରଣ ପ୍ରଦର୍ଶନ କରିଥିଲେ। ଯାହାକୁ ନେଇ ବ୍ଲକ୍ କର୍ମଚାରୀ ଅସନ୍ତୋଷବ୍ୟକ୍ତ କରିବା ସହ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଛନ୍ତି। ଅଧକ୍ଷାଙ୍କ ଏପରି ବ୍ୟବହାର ଦ୍ୱାରା ବ୍ଲକ୍‌ର ଦୈନନ୍ଦିନ କାମରେ ବାଧା ଉପୁଜୁଥିବା ଅଭିଯୋଗ କରି ମଙ୍ଗଳବାର ସମୂହ କଲମ ଛାଡ ଆନ୍ଦୋଳନ କରିବେ ଏବଂ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ବାବଦରେ ବ୍ଲକ୍ ଅଧକ୍ଷା ପଟେଲଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସେପରି କିଛି ଖରାପ ବ୍ୟବହାର ପ୍ରଦର୍ଶନ କରିନାହାନ୍ତି। ଏହା ତାଙ୍କ ବିରୋଧରେ ଏକ ଚକ୍ରାନ୍ତ କରାଯାଉଛି। ପୂର୍ବରୁ ଏଭଳି ଘଟୁଥିବା ନେଇ ଯେଉଁ ଅଭିଯୋଗ ଆସିଛି ତାହା ମଧ ମିଛି ବୋଲି ସେ କହିଛନ୍ତି।

## ବିଜାପାଲି ମହିମା ଆଶ୍ରମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଉଦ୍‌ଯାପିତ

**ଲଖନପୁର,୨୧।୧(ଡି.ଏନ୍.ଏ.)**

ଲଖନପୁର ବ୍ଲକ୍ ପଞ୍ଚଗାଁ ବିଜାପାଲି ମହିମା ଆଶ୍ରମରେ ପୌଷପୂର୍ଣ୍ଣିମା ଉପଲକ୍ଷେ ୩୪ତମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏହି ଯଜ୍ଞ ଗତ ଶନିବାରରୁ ଆରମ୍ଭ ହୋଇଥିଲା । ପ୍ରଥମ ଦିବସ ଶନିବାର ତ୍ରୟୋଦଶୀ ତିଥିରେ କନ୍ୟାମାନେ କଳସରେ ଜଳ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ । ସନ୍ଧ୍ୟା ବ୍ରହ୍ମ ମୁହୂର୍ତ୍ତରେ ବ୍ରହ୍ମଧୂନୀ ସ୍ଥାପନ, ଅଖଣ୍ଡ ବ୍ରହ୍ମବତୀ ପ୍ରଜ୍ୱଳନ, ଆଠ ଭଜନ, ବ୍ରହ୍ମଧୂନୀରେ ଘୃତାହୂତି ହୋଇଥିଲା। ଦ୍ୱିତୀୟ ଦିବସ ରବିବାର ଚତୁର୍ଦ୍ଦଶୀ ତିଥିରେ ପ୍ରାତଃ ବ୍ରହ୍ମ ମୁହୂର୍ତ୍ତରେ ଦର୍ଶନ ସ୍ତୁତି ପ୍ରାର୍ଥନା, ଅବକାଶ ଜଣାଣ ଓ ଦିବ୍ୟଜ୍ଞାନ ପ୍ରବଚନ, ପାଲା, ସଙ୍କୀର୍ତ୍ତନ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସୁନ୍ଦରଗଡ ଉତ୍କଳଜ୍ୟୋତି ଦିବ୍ୟାଙ୍ଗ ଭଜନ ସମାରୋହ ଲୋକଙ୍କ ମନ ମୋହିଥିଲା। ଏଥିରେ ଜିଲାର ସମୁଦାୟ ୭୨ଦଳ ଅଂଶ ଗ୍ରହଣ କରିଥିଲେ। ତୃତୀୟ ଦିବସ ପୌଷପୂର୍ଣ୍ଣିମା ତିଥିରେ ମହେନ୍ଦ୍ରବେଳା ଶୁଭମୁହୂର୍ତ୍ତରେ ପୂର୍ଣ୍ଣାହୂତି ଓ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ବ୍ରହ୍ମବଧୂତ ବୀରେନ୍ଦ୍ର କୁମାର ବାବାଙ୍କ ତତ୍ତ୍ୱାବଧାନରେ ଏହି ଯଜ୍ଞ ହୋଇଥିଲା। ଏଥିରେ ଚିତ୍ତରଞ୍ଜନ ବାବା, ଅବଧୂତ ତୁଳାରାମ ବାବା, ସାଧୁ କାଶ୍ୟପ ଦାସ, ବାରୁକ ଦାସ, ଗିରିଜା ଶଙ୍କର ଦାସ, ଚିତ୍ରସେନ ଦାସ, ଛାୟାକାନ୍ତ ଦାସ, ବାଦଲ ଦାସ, ହିରହର ଦାସ, ସ୍ୱରୂପାନନ୍ଦ ଦାସ, ମହେନ୍ଦ୍ର ତ୍ୟାଗୀ, ବିସୁଧା ତ୍ୟାଗୀ, ନରହରି ଦାସ, ଅଭୟ ତ୍ୟାଗୀ ପ୍ରମୁଖ ବହୁ ସାଧୁସନ୍ଥ ଯୋଗଦେଇ ଯଜ୍ଞରେ ଘୃତାହୂତି ଦେଇ ବିଶ୍ୱର ମଙ୍ଗଳ କାମନା କରିଥିଲେ। ଶ୍ରଦ୍ଧାଳୁମାନେ ନଡିଆ, ଘିଅ ଆଦି ଯଜ୍ଞକୁଣ୍ଡରେ ସମର୍ପିତ କରି ନିଜର ମଙ୍ଗଳ କାମନା କରିଥିଲେ । ବୀରେନ୍ଦ୍ର କୁମାର ପଣ୍ଡା ପ୍ରବଚନ ଦେଇଥିଲେ। ବ୍ରହ୍ମବଧୂତ ବାବା ବୀରେନ୍ଦ୍ରଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସାଂସଦ ଡ. ପ୍ରଭାସ ସିଂହ, ଡବ୍ଲୁଡିସି ଅଧକ୍ଷ କିଶୋର ମହାନ୍ତି, ପୂର୍ବତନ ବାଚସ୍ପତି କିଶୋର ପଟେଲ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତା, ବିଧାୟିକା ରାଧାରାଣି ପଣ୍ଡା, ସୁବାସ ଚୌହାନ ପ୍ରମୁଖ ଯୋଗ ଦେଇଥିଲେ। ସନତ ସିଂହ ଓ ବିରଞ୍ଚି ସାହୁ ମଞ୍ଚ ପରିଚାଳନା କରିଥିଲେ। ରବିରନ୍ ପ୍ରଧାନ, କୁଶାସନ ପ୍ରଧାନ, ଗୌରଚନ୍ଦ୍ର ମେହେର, ମିତ୍ରଭାନୁ ସେଠ୍ ପ୍ରମୁଖ ସହଯୋଗ କରିଥିଲେ।

## ନେତାଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୪,୨୦,୩୬୨ ମତଦାତା

**ଝାରସୁଗୁଡା ଅଫିସ,୨୧।୧**

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ନୂତନ ଭୋଟର ତାଲିକା ସୋମବାର ପ୍ରକାଶ ପାଇଛି। ୩ ମାସ ଧରି ଚାଲିଥିବା ଏହି ପ୍ରକ୍ରିୟା ଶେଷ ହୋଇ ସୋମବାର ରାଜନୈତିକ ଦଳଗୁଡିକୁ ମତଦାତା ତାଲିକା ପ୍ରଦାନ କରାଯାଇଛି। ତେବେ ଏହି ମତଦାତା ସଂଯୋଗ ପ୍ରକ୍ରିୟାରେ ଜିଲାରୁ ମୋଟ ୧୫,୬୮୨ ଜଣ ନୂତନ ମତଦାତା ସାମିଲ ହୋଇଛନ୍ତି। ଏହିପରି ଭାବେ ଜିଲାର ଝାରସୁଗୁଡା ଏବଂ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ମୋଟ ମତଦାତା ସଂଖ୍ୟା ୪,୨୦,୩୬୨ରେ ପହଞ୍ଚିଛି। ଏହି ସଂଖ୍ୟକ ମତାଦାତା ୨୦୧୯ ସାଧାରଣ ନିର୍ବାଚନରେ ବିଧାୟକ ଓ ଏମ୍‌ପିମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ସାଧାରଣ ନିର୍ବାଚନରେ ଯେପରି ଜଣେ ବି ମତଦାତା ମତଦାନରୁ ବାଦ୍ ନ ପଡନ୍ତି ସେଥିପାଇଁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ ହୋଇଥିଲା ଭୋଟର ତାଲିକା ଶୁଦ୍ଧୀକରଣ ଏବଂ ସଂଯୋଗୀକରଣ ପ୍ରକ୍ରିୟା। ଏହି ପ୍ରକ୍ରିୟା ସେପ୍ଟେମ୍ବର ମାସରୁ ଆରମ୍ଭ ହୋଇ ସେମବାର ପ୍ରକାଶ ପାଇଛି। ୨୫ ତାରିଖ ଜାତୀୟ ମତଦାତା ଦିବସରେ ନୂତନ ମତଦାତାଙ୍କୁ ନୂଆ ପରିଚୟପତ୍ର ପ୍ରଦାନ କରାଯିବ ବୋଲି ଉପଜିଲାପାଳ ବ୍ରଜବନ୍ଧୁ ଭୋଇ କହିଛନ୍ତି। ସେହିପରି ବୁଥ୍ ସଂଖ୍ୟା ମଧ ବୃଦ୍ଧି ପାଇଛି। ପୂର୍ବରୁ ଜିଲାରେ ୪୮୩ଟି ବୁଥ୍ ରହିଥିବା ବେଳେ ମତଦାତାଙ୍କ ସୁବିଧା ଦୃଷ୍ଟିରୁ ଏହି ସଂଖ୍ୟା ୫୧୦କୁ ବୃଦ୍ଧି ପାଇଛି। ନୂତନ ମତଦାତା ତାଲିକାରେ ସଂଯୋଗ ପାଇଁ ମୋଟ ୨୦,୦୦୦ରୁ ଅଧିକ ଆବେଦନ କରିଥିବା ବେଳେ ସେଥିରୁ ୧୫୬୮୨ ଜଣ ନୂତନ ମତଦାତା ତାଲିକାରେ ଯୋଡିହୋଇଛନ୍ତି। ସେହିପରି ବିଭିନ୍ନ କାରଣରୁ ମୋଟ ୮,୧୬୪ ଜଣ ମତଦାତାଙ୍କ ନାମ ତାଲିକାରୁ ବାଦ ଦିଆଯାଇଛି। ଏହିପରି ଭାବେ ବର୍ତ୍ତମାନ ଜିଲାର ମୋଟ ୪,୨୦,୩୬୨ ଜଣ ମତଦାତା ୨୦୧୯ ନିର୍ବାଚନରେ ନିଜର ମତ ସାବ୍ୟସ୍ତ କରିବାର ସୁଯୋଗ ପାଇବେ।

### ପୋଖରୀରେ ବୁଡ଼ି ମହିଳା ମୃତ

**ଝାରସୁଗୁଡା ଅଫିସ,୨୧।୧-** ପୋଖରୀରେ ବୁଡି ଜଣେ ମହିଳାଙ୍କ ସୋମବାର ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ସାଲ୍‌ହେଟିକ୍ରାର ଦେବାନନ୍ଦ ମାଝିଙ୍କ ସ୍ତ୍ରୀ ଲଳିତା ମାଝି (୪୭)। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରିଛି। ସୋମବାର ସକାଳେ ଲଳିତା ଗାଁ ପାଖ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଗୋଡ ଖସି ପୋଖରୀରେ ବୁଡି ଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ବ୍ରଜରାଜନଗର, ୨୧।୧ (ଡି.ଏନ୍.ଏ)**

ବ୍ରଜରାଜନଗର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୩୬ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅନୁପ ସାଏ ମୁଖ୍ୟଅତିଥି, ବ୍ରଜରାଜନଗର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଟହଲୁ ସାହୁ, ଲଖନପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆର ପ୍ରଧାନ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଧର୍ମେନ୍ଦ୍ର ଠାକୁର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ସତ୍ୟାନନ୍ଦ ଦାସ, କୋଷାଧକ୍ଷ ଧନେଶ୍ୱର ଗୋଛାୟତ, ଶିକ୍ଷକ ରମେଶ ମହାପାତ୍ରଙ୍କ ସମସ୍ତ ଶିକ୍ଷୟତ୍ରୀ ଓ ଶିକ୍ଷକ ସହାୟତା କରିଥିଲେ ।

## କିଷାନ ସମାଜର ବାର୍ଷିକ ଉତ୍ସବ

**ଝାରସୁଗୁଡା ଅଫିସ,୨୧।୧**

ଝାରସୁଗୁଡା ବେହେରାମାଲସ୍ଥିତ ଗଙ୍ଗାଧର ମେହେର କଲ୍ୟାଣମଣ୍ଡପରେ କିଷାନ ସମାଜ ପ୍ରଗତିଶୀଳ ମଞ୍ଚର ପଞ୍ଚମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାପତି ରତ୍ନାକର ପ୍ରଧାନଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଦୟାନଧି କିଷାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷ ଶୋଭାରାମ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ସଞ୍ଜିତା କିଷାନ, ଲୋକମୁକ୍ତି ସଂଗଠନର ଅନନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। ସାମାଜିକ ବିଧିବ୍ୟବସ୍ଥା ଭିତରେ ବିକାଶକୁ ଅନ୍ୱେଷଣ କରିବାକୁ ହେବ। ଏହାର ଅନ୍ୱେଷଣ ପାଇଁ ଶିକ୍ଷା ନିହାତି ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ସୁନ୍ଦରଗଡ, ସମ୍ବଲପୁର, କୁଚିଣ୍ଡା, ବାମର, ଝାରସୁଗୁଡା ଜିଲାର କୋଲାବିରା, ଲଇକେରା, ଲଖନପୁର, ଝାରସୁଗୁଡା ସଦର ଅଞ୍ଚଳର କିଷାନ ସମାଜର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



କିଷାନ ସମାଜ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରାଯାଉଛି।

## ବେଦାନ୍ତ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ: ୧୯ ଗିରଫ

**ଝାରସୁଗୁଡା ଅଫିସ,୨୧।୧**

ଗୋଟିଏ ଘଟଣାରେ ଏକକାଳୀନ ୧୯ ଜଣଙ୍କୁ ଗିରଫ କରିବାରେ ବଡମାଲ ପୋଲିସ ରେକର୍ଡ କରିଛି। ବେଦାନ୍ତ କର୍ମଚାରୀଙ୍କୁ ଆକ୍ରମଣ କରି ମାର୍‌ପିଟ କରିବା ଅଭିଯୋଗରେ ବଡମାଲ ପୋଲିସ କାତିକେଲାର ୧୯ ଜଣଙ୍କୁ ରବିବାର ରାତିରେ ଗିରଫ କରିଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଅମିତାଭ ପଣ୍ଡା କହିଛନ୍ତି। ରବିବାର ରାତିରେ କାତିକେଲାର ୪ ଜଣ ଯୁବକ ମଦ୍ୟପାନ କରି ବେଦାନ୍ତରେ କାର୍ଯ୍ୟରତ ଘରୋଇ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରିଥିଲେ। ସୁରକ୍ଷାକର୍ମୀ ନିଜକୁ ବଞ୍ଚାଇବାକୁ ଯାଇ ଯୁବକଙ୍କୁ ପାଲଟା ଜବାବ ଦେଇଥିଲେ। ହେଲେ ଯୁବକମାନେ ଫୋନକରି ଗାଁର ଅନ୍ୟ ଯୁବକଙ୍କୁ ଡାକିଥିଲେ। ପ୍ରାୟ ୩୦ରୁ ଅଧିକ ଯୁବକ ପହଞ୍ଚି ସୁରକ୍ଷା କର୍ମୀଙ୍କୁ ମାର୍‌ପିଟ କରିଥିଲେ। ଏ ସମ୍ପର୍କରେ ଖବର ପାଇ ବଡମାଲ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୧୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ମକର ଉତ୍ସବରେ ଫୁଟ୍‌ବଲ ପ୍ରତିଯୋଗିତା

**କୋଲାବିରା,୨୧।୧(ଡି.ଏନ.ଏ.)–** କୋଲାବିରା ବ୍ଲକ୍ ପୋଖରାସାହ୍ଲେରେ ସୋମବାର ମକର ଉତ୍ସବ ସହିତ ହରିହରଙ୍କ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମକର ସଂକ୍ରାନ୍ତି ଉପଲକ୍ଷେ ଅନୁଷ୍ଠିତ ଏହି ମେଳାରେ ପରସ୍ପରକୁ ମକର ଚାଉଳ ଖୁଆଇ ସମବୟସ୍କ ମାନେ ମକର ବସିଥିଲେ। ଯାତ୍ରା କମିଟି ତଥା ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ କୁନ୍ତଳା ନାଏକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶ୍ରୀଜଗନ୍ନାଥ ଓ ଗୌରୀଶଙ୍କର ମକର ବସି ଭକ୍ତଙ୍କୁ ଗୋଟିଏ ରଥରେ ଦର୍ଶନ ଦେଇଛନ୍ତି। ଜଗନ୍ନାଥଙ୍କୁ ମନ୍ଦିରରୁ ବାହାର କରି ବେଢା ପରିକ୍ରମା ପରେ ରଥାରଢ କରାଯାଇଥିଲା। ଜଗନ୍ନାଥଙ୍କ ସହ ବଳଭଦ୍ର ଓ ଦେବୀ ସୁଭଦ୍ରା ମଧ ରଥାରୂଢ ହୋଇଥିଲେ। ସେହିପରି ଗୌରୀଶଙ୍କର ମନ୍ଦିରରୁ ହର ଆସି ପହଞ୍ଚିବା ପରେ ହରି-ହରଙ୍କ ଭେଟ ହୋଇଥିଲା। କୁବେର ନାଏକ, ଡମ୍ବରୁ ନାଏକ, ଶିବଶଙ୍କର ଜଗତ, ନିରୋଦ ଗୌଡ, ଲଖେନ୍ଦ୍ର ମାଝି, ପ୍ରେମ ମାଝି ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ମୋଟ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ଝରାନିକ୍ତିମାଲ ଏବଂ ସର୍ଗିଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇ ନ ପାରି ବରାବରି ହୋଇଥିଲେ। ପରେ ଟାଇବ୍ରେକର ସହାୟତାରେ ସର୍ଗିଗୁଡାକୁ ୧-୦ରେ ପରାସ୍ତ କରି ଝରାନିକ୍ତିମାଲ ଦଳ ବିଜୟୀ ଘୋଷିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଶାଲ ଦାସ୍, ବ୍ଲକ ଅଧକ୍ଷା ସୁଷମା ବାହୁକ, ମହାବିଦ୍ୟାଳୟର ଅଧକ୍ଷ ଶୁକାନ୍ତ ପଟେଲ, ସରପଞ୍ଚ କୁନ୍ତଳା ନାଏକ, ପ୍ରମୋଦ ପୁଝାରୀ ପ୍ରମୁଖ ଯୋଗ ଦେଇଥିଲେ।



ପୋଖରାସାହ୍ଲେରେ ସୋମବାର ମକର ଉତ୍ସବ ଉପଲକ୍ଷେ ଆୟୋଜିତ ଫୁଟବଲ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନେ।

## କର୍ମୀଙ୍କୁ ଭେଟେରାନଙ୍କ ଅଭୟବାଣୀ

**ଝାରସୁଗୁଡା ଅଫିସ,୨୧।୧**

ଝାରସୁଗୁଡା ରାଜନୀତି ଏବେ ସରଗରମ୍। ଖଟି ଖଟିରେ ରାଜନୀତି ଚର୍ଚ୍ଚା। ବିଧାୟକ ନବ ଦାସଙ୍କ କଂଗ୍ରେସରୁ ଇସ୍ତଫା ଜିଲାରେ ଏପରି ବାତାବରଣ ସୃଷ୍ଟି କରିଛି। ତାଙ୍କ ଇସ୍ତଫା ଫଳରେ କଂଗ୍ରେସ କର୍ମୀଙ୍କ ମନୋବଳ ଯେପରି ଦୁର୍ବଳ ନ ହୁଏ

**ଝାରସୁଗୁଡ଼ା କଂଗ୍ରେସର ରାଜନୀତି**

ତାହାର ଦାୟିତ୍ୱ ନେଇଛନ୍ତି ତିନି ବରିଷ୍ଠ କଂଗ୍ରେସ ନେତା। ସୋମବାର ଜିଲାର ଏହି ତିନି ଭେଟେରାନ୍ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ପୂର୍ବତନ ବାଚସ୍ପତି କିଶୋର ପଟେଲ ଏବଂ ପୂର୍ବତନ ବିଧାୟକ ବୀରେନ୍ଦ୍ରଚନ୍ଦ୍ର ପାଣ୍ଡେ ଜିଲା କଂଗ୍ରେସ ଅଫିସରେ ଏକତ୍ରିତ ହୋଇ ଉପସ୍ଥିତ କଂଗ୍ରେସ କର୍ମୀଙ୍କୁ ଅଭୟବାଣୀ ଶୁଣାଇଥିଲେ। ବିଧାୟକ ଦାସଙ୍କ ଦଳ ଛାଡିବା ଘଟଣାକୁ ଦଳପ୍ରତି କୁଠାରଘାତ ବୋଲି ଅଭିହିତ କରିଥିଲେ ହେମାନନ୍ଦ ବିଶ୍ୱାଳ। ସେ କହିଲେ, ଦଳ ନବ ଦାସଙ୍କୁ ଦୁଇ ଦୁଇଥର ବିଧାୟକ ହେବାର ସୁଯୋଗ ଦେଇଛି। କର୍ମୀଙ୍କ ସମର୍ଥନରେ ସେ ବିପୁଳ ବିଜୟ ଲାଭ କରିଛନ୍ତି। ହେଲେ ହଠାତ କୌଣସି ପୂର୍ବ ସୂଚନା ନ ଦେଇ ଦଳ ଛାଡି ଚାଲିଯିବା କଂଗ୍ରେସ କର୍ମୀଙ୍କ ମନୋବଳକୁ ଦୁର୍ବଳ କରିବା ଆଶଙ୍କା କରି ଭେଟେରାନ୍ ନେତାଏଁ ଆଜିର ବୈଠକ ଆୟୋଜନ କରିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶ୍ୱାଳ କହିଥିଲେ। ଏହି ପରିସ୍ଥିତିର ମୁକାବିଲା ପାଇଁ କଂଗ୍ରେସ ରଣନୀତି ପ୍ରସ୍ତୁତ କରୁଛି ବୋଲି ପୂର୍ବତନ ବାଚସ୍ପତି ପଟେଲ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଦୀର୍ଘଦିନର ନୀରବତା ଭଙ୍ଗ କରିଛନ୍ତି ପୂର୍ବତନ ବିଧାୟକ ବୀରେନ୍ଦ୍ର ପାଣ୍ଡେ। କଂଗ୍ରେସର ପୂର୍ବସ୍ଥିତି ଫେରାଇ ଆଣିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଖୁବଶୀଘ୍ର ଡିସିସି ପୁନର୍ଗଠନ ନେଇ ମଧ ସୂଚନା ମିଳିଛି। ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମ ପରେ ଜିଲାରେ କଂଗ୍ରେସର ରୂପରେଖ ସ୍ପଷ୍ଟ ହେବ ବୋଲି ତିନିନେତା କହିଛନ୍ତି। ହେଲେ ଦୀର୍ଘଦିନ ଧରି ନୀରବ ରହିଥିବା ଏହି ତିନିନେତାଙ୍କ ରଣହୁଙ୍କାର କର୍ମୀଙ୍କୁ କେତେ ପ୍ରଭାବିତ କରିବା ତାହା ଖୁବ୍‌ଶୀଘ୍ର ଜଣାପଡିବ। ଏହି ବୈଠକରେ ଜିଲା ସଭାପତି ଗିରିଶ ରଞ୍ଜନ ପଣ୍ଡା, ଟାଉନ ସଭାପତି ଭରତ ଅୱସ୍ଥୀ, ରୁବିନା ଖାନ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




କଂଗ୍ରେସ ଅଫିସରେ ଉପସ୍ଥିତ ଭେଟେରାନ୍ ନେତା।



ସୁନାରେ ସୁଗନ୍ଧ, ଆଖୁରେ ଫଳ, ଚନ୍ଦନରେ ଫୁଲ ନ ଥାଏ । ବିଦ୍ୱାନ ଧନୀ ହୋଇ ନ ଥାନ୍ତି କି ରାଜା ଦୀର୍ଘଜୀବୀ ହୋଇ ନ ଥାନ୍ତି ।

- ଚାଣକ୍ୟ



## ସଂକ୍ଷେପରେ

### ସତ୍‌ସଙ୍ଗ କେନ୍ଦ୍ରର ବନ ମହୋତ୍ସବ

**ପାଇକମାଳ, ୨୧।୧ (ଡି.ଏନ.ଏ):** ପାଇକମାଳ ସତ୍‌ସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ସାଲେପାଲି ଗ୍ରାମ ନିକଟରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପବିତ୍ର ବନମହୋତ୍ସବ ସୋମବାର ମହାସମାରୋହରେ ପାଳିତ ହୋଇଯାଇଛି । ପୂର୍ବାହ୍ନ ସାଢେ ୧୧ଟା ସମୟରେ ସାମୂହିକ ବିନତି ପ୍ରାର୍ଥନା ପରେ ସତ୍ତ୍ୱାନୁସରଣ ଓ ନାରୀ ନୀତିଗ୍ରନ୍ଥ ପାଠ କରାଯାଇଥିଲା । ପରେ ଭଜନ କୀର୍ତ୍ତନ ପରିବେଷଣ କରାଯାଇଥିଲା । ସହ ପ୍ରତିଋତ୍ୱିକ ଶ୍ୟାମସୁନ୍ଦର ନାୟକ ପୌରୋହିତ୍ୟ କରିଥିବାବେଳେ ଗୋପାଳ ଚନ୍ଦ୍ର ଲେଙ୍କା ସହଯୋଗ କରିଥିଲେ ।

### ବୁଲା କୁକୁର ଦୌରାତ୍ମ୍ୟ, ୩ ଆହତ

**ଅତାବିରା, ୨୧।୧ (ଡି.ଏନ.ଏ):** ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଗୋଡଭଗା-ସୋନପୁର ରାଜ୍ୟ ରାଜପଥ ଓ ବରଗଡ-ସମ୍ବଲପୁର ଜାତୀୟ ରାଜପଥ ପାର୍ଶ୍ୱ ଗାଁ ଗୁଡିକରେ ଦିନକୁ ଦିନ ବୁଲା କୁକୁରଙ୍କ ଦୌରାତ୍ମ ବଢିବାରେ ଲାଗିଛି । ଫଳରେ ରାସ୍ତାରେ ଯିବା ଆସିବା କରିବାରେ ଲୋକେ ଅସୁବିଧା ଭୋଗୁଛନ୍ତି । ସ୍କୁଲ, କଲେଜକୁ ଯାଉଥିବା ଛାତ୍ରୀଛାତ୍ରମାନେ ଭୟଭୀତ ହେଉଛନ୍ତି । ବିଭିନ୍ନ ସମୟରେ କୁକୁର ରାସ୍ତା ଉପରକୁ ହଠାତ୍ ପଶିଆସୁଥିବାରୁ ବାଇକ୍ ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଝାରସୁଗୁଡା, ସମ୍ବଲପୁର ଅଞ୍ଚଳରୁ ଟ୍ରକ ଯୋଗେ କୁକୁରମାନଙ୍କୁ ଆଣି ଏଠାରେ ଛାଡି ଦିଆଯାଉଥିବାରୁ କୁକୁର ସଂଖ୍ୟା ବଢୁଛି । ସୋମବାର ଅତାବିରା ସାପ୍ତାହିକ ବଜାର ନିକଟରେ ବୁଲା କୁକୁର କାମୁଡାରେ ୩ ଜଣ ଆହତ ହୋଇଛନ୍ତି । ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ମାଳୀ ସମାଜ କର୍ମକର୍ତ୍ତା ଚୟନ

**ଗାଇସିଲେଟ, ୨୧।୧ (ଡି.ଏନ.ଏ):** ଗାଇସିଲେଟ ବ୍ଲକ କୌଶଲିଆ ମାଳୀ ସମାଜର ଏକ ସାଧାରଣ ସଭା ଗାଇସିଲେଟ ନିକଟସ୍ଥ ଅଙ୍ଗ ନଦୀ ବ୍ରିଜ ପାଖରେ ବ୍ରାହ୍ମଣ ବୁଧ ପୁଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଅଞ୍ଚଳର ପ୍ରତ୍ୟେକ ଗ୍ରାମରୁ ଜାତି ଭାଇ ତଥା ବରଗଡ ମାଳୀ ସମାଜ ସଭାପତି ଭୀଷ୍ମଦେବ ପୁଟେଲ, ସମ୍ପାଦକ ଟେକରାଜ ପୁଟେଲ ଏବଂ ପଦ୍ମପୁର, ବୁଡିମାଳ, ପାଇକମାଳର କର୍ମକର୍ତ୍ତା ଯୋଗଦେଇ ସମାଜର ଉନ୍ନତି ସକାଶେ ଆଲୋଚନା କରିଥିଲେ । ଏହି ଅବସରରେ ଟେଙ୍ଗାପାଲି ଗ୍ରାମର ବ୍ରାହ୍ମଣ ବୁଧ ପୁଟେଲ ସଭାପତି, ଭେଲୁଆଁପଦର ଗ୍ରାମର ବିରେନ୍ଦ୍ର ପୁଟେଲ ଉପସଭାପତି, ଖୁଣ୍ଟପାଲିର ସରୋଜ ପୁଟେଲ ସହସମ୍ପାଦକ, ବଡସାହାଜବାହାଲର ମହାତ୍ମା ପୁଟେଲ ଏବଂ ଟେଙ୍ଗାନାପାଲିର ପ୍ରବୀଣ ପୁଟେଲଙ୍କୁ ରାଜ୍ୟ କୋର୍ଡିନେଟର ଭାବେ ସର୍ବସମ୍ମତିକ୍ରମେ ମନୋନିତ କରାଯାଇଥିଲା ।



### ୮ରେ ବିଧାନସଭା ସମ୍ମୁଖରେ ଧାରଣା

**ପାଇକମାଳ, ୨୧।୧ (ଡି.ଏନ.ଏ):** ଅନୁସୁଚିତ ଜାତି ଓ ଜନଜାତି ସେବାଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ମେଟ୍ରନ ମାନଙ୍କର ଏକ ଜିଲାସ୍ତରୀୟ ଏକ ବୈଠକ ପାଇକମାଳର ନୃସିଂହନାଥ କପିଳମୁନି ଆଶ୍ରମ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାସଂଘ ରାଜ୍ୟ ଆବାହକ ଦିଗମ୍ବର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ମେଟ୍ରନ ମାନଙ୍କର ସାତ ଦଫା ଦାବି ବିଷୟରେ ଆଲୋକପାତ କରିଥିଲେ । ମେଟ୍ରନମାନଙ୍କୁ ୭,୫୦୦ଟଙ୍କା ପ୍ରଦାନ କରାଯାଉଥିବା ବେଳେ ତଳିଆ କର୍ମଚାରୀମାନଙ୍କୁ ୧୦,୫୦୦ ଟଙ୍କା ପ୍ରଦାନ କରାଯାଉଛି । ଏହି ଦରମାକୁ ବଢାଇବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଦେବାକୁ ଦାବି କରି ଫେବୃୟାରୀ ୮ ତାରିଖରେ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଜିଲା ସଭାନେତ୍ରୀ ପଦ୍ମିନୀ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ମୁଲତା ସେଠ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଭିନୟ, ସାଜସଜ୍ଜା ଥିଲା ନିଆରା

୧୧ଦିନର ଦୃଶ୍ୟାଭିନୟ ପରେ ସୋମବାର ୭୦ତମ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଯବନିକା ପଡ଼ିଛି । ମହୋତ୍ସବରେ ଏଥର ଥିଲେ ବହୁ ନୂଆ, ପୁରୁଣା କଳାକାର । ପୁରୁଷ ଅପେକ୍ଷା ନାରୀ ଚରିତ୍ରରେ ଅଧିକାଂଶ କଳାକାର ଥିଲେ ନବାଗତା । ସେହିପରି ସଙ୍ଗୀତ ସଂଯୋଜନାରେ ଯେଉଁ ଶିଳ୍ପୀମାନେ ନିୟୋଜିତ ଥିଲେ ସେମାନେ ମଧ୍ୟ ଏଠାରେ ପ୍ରଥମ । ଅନ୍ୟପଟେ ଧନୁଯାତ୍ରା ଅବ୍ୟବହିତ ପୂର୍ବରୁ କଂସ ଅଭିନେତା କିଏ ହେବ, ସେ ନେଇ କୌତୁହଳ ସୃଷ୍ଟି ହୋଇଥିଲା । ଏଥର କ୍ରମାଗତ ଦ୍ୱିତୀୟଥର ପାଇଁ ସେହି ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନଙ୍କ ଅଭିନୟ କିଭଳି ରହିବ, ତାକୁ ସଭିଏଁ ଚାହିଁ ବସିଥିଲେ । ଏପରିକି ଲକ୍ଷାଧିକ ଦର୍ଶକଙ୍କ ସମ୍ମୁଖରେ ସତେ ଯେଭଳି ତାଙ୍କ ପାଇଁ ଏହି ମହୋତ୍ସବ ଏକ ଅଗ୍ନି ପରୀକ୍ଷା ସଦୃଶ ରହିଥିଲା । ଦିଗ୍‌ଦର୍ଶକଙ୍କ ଦିଗଦର୍ଶନ ପାଇ ନବାଗତ କଳାକାରଙ୍କ ସହିତ ତାଳ ଦେଇ କଂସ ଅଭିନେତା ଭୁବନେଶ୍ୱର ଏଥର ଯେଭଳି ନିଖୁଣ ଅଭିନୟ କଲେ ଏବଂ ସାଜସଜ୍ଜାରେ ମଧ୍ୟ ଯେଭଳି ସୁନ୍ଦରତା ଭରି ରହିଥିଲା, ଏଥର ଧନୁଯାତ୍ରା ମହୋତ୍ସବ ଅନ୍ୟବର୍ଷ ତୁଳନାରେ ଯଥେଷ୍ଟ ଗୁଣରେ ଆକର୍ଷଣୀୟ ଥିଲା ବୋଲି ଆଲୋଚନା ଚାଲିଛି ।



ଧନୁଯାତ୍ରା ମହୋତ୍ସବରେ ମୋର ଅଭିନୟ ପ୍ରଥମ ରହିଥିଲା । ପୁତନା ଏବଂ କଂସଙ୍କ ଦାସୀ ଚରିତ୍ରରେ ଅଭିନୟ କରିଥିଲି । ବରଗଡ଼ ଭଟଲି ଛକ(ଭାରତୀ ନଗର)ରେ ମୋର ଘର । ମୁଁ ଜଣେ ଗୃହିଣୀ । ପୂର୍ବରୁ ଟୁକୁର୍ଲା ଲକ୍ଷ୍ମୀପୂଜାରେ ଅଭିନୟ କରିଥିଲି । କିନ୍ତୁ ଏଥର ମହାରାଜଙ୍କ ଦରବାରରେ ଅଭିନୟ କରି ଯେଉଁ ଆତ୍ମତୃପ୍ତି ପାଇଲି, ତାକୁ କେବେ ଭୁଲିବି ନାହିଁ ।**–ପଦ୍ମା ପ୍ରଧାନ**



ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ–୩ ମନାବନ୍ଧ ପଡ଼ାରେ ମୋ ଘର । ଏହି ଧନୁଯାତ୍ରା ମହୋତ୍ସବରେ ବହୁବର୍ଷ ହେଲା ମୁଁ ତ୍ରିକାଳ ଭୂମିକାରେ ଅଭିନୟ କରି ଆସୁଛି । ଏନଟିପିସିରେ ଜଣେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରେ । ନିଜେ ମଥୁରାନଗରୀ ଭାବେ ପରିଚିତ ବରଗଡ଼ ସହର ବାସିନ୍ଦା ଏବଂ ଏଠାକାର ମହୋତ୍ସବରେ ଅଭିନୟ କରି ବହୁତ ଭଲ ଲାଗୁଛି ।**–ଛୋଟୁ ପାଣିଗ୍ରାହୀ**



ସମ୍ବଲପୁର ଜିଲା ପରମାଣପୁର ଥାନା ମୁରା ଗ୍ରାମରେ ଘର । ଆଗରୁ କେବେ, କେଉଁଠି ଅଭିନୟ କରି ନ ଥିଲି । ଧନୁଯାତ୍ରାରେ ହେତୀ ଓ କଂସଙ୍କ ଦାସୀ ଭୂମିକାରେ ଅଭିନୟ କରିଥିଲି । ଏହା ହିଁ ମୋ ପ୍ରଥମ ଅଭିନୟ । ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଦିନେ ଅଭିନୟର ସୁଯୋଗ ପାଇବି ବୋଲି ଜୀବନରେ କେବେ ସୁଦ୍ଧା ଭାବି ନ ଥିଲି ।**–ସୁରମା ବେହେରା**



କଳାକାର ଭଲ ଅଭିନୟ କଲେ ଦର୍ଶକଙ୍କ ତାଳି ଏବଂ ଅଭିନୟ ଠିକ୍ ନ ହେଲେ ଗାଳିଶୁଣିବାକୁପଡେ । ଏଥର ଯଥାସମ୍ଭବ ସମସ୍ତ କଳାକାରଙ୍କୁ ଦିଗଦର୍ଶନ ଦିଆଯାଇଛି । ରିହର୍ସାଲ ବେଳେ କଂସ ସମେତ ସମସ୍ତ କଳାକାର ଉତ୍ତମ ପ୍ରଦର୍ଶନ କରିଥିଲେ । ଅଭିନୟରେ ବହୁଗୁଣରେ ଉନ୍ନତି ଘଟିଛି । ତେବେ ମଞ୍ଚରେ ସେମାନେ କିଭଳି ଅଭିନୟ କଲେ, ଦର୍ଶକମାନେ ତାର ଉତ୍ତର ରଖିଲେ ଭଲ ହେବ ।**–ଅଶୋକ ବେହେରା**



ବାଲେଶ୍ୱର ଜିଲା ଗୋପାଳ ଗାଁରେ ଘର । ୧୪/୧୫ବର୍ଷ ହେବ ବରଗଡ଼ ଧନୁଯାତ୍ରାରେ ମଲ୍ଲ ଭୂମିକାରେ ଅଭିନୟ କରି ଆସୁଛି । ଏହାବାଦ୍ ପୁରୀ ରଥଯାତ୍ରା, ପାଇକ ଆଖଡ଼ା, ସମ୍ବଲପୁର ଶୀତଳଷଷ୍ଠୀ, କଟକର ବାଲିଯାତ୍ରା, ଝାରସୁଗୁଡ଼ା, ସୁନ୍ଦରଗଡ଼ର ରମ ନବମୀରେ ମଧ୍ୟ ଅଭିନୟ କରେ । କିନ୍ତୁ ଏଠାରେ ଯେଉଁ ଖୁସି ମିଳେ, ତାହା ନିଆରା ।**–ଦିଲୀପ ଭୂୟାଁ**



ଅନ୍ୟବର୍ଷ ତୁଳନାରେ ଏଥର ଧନୁଯାତ୍ରା ବହୁତ ଆକର୍ଷଣୀୟ ରହିଥିଲା । ସେହି ଦୃଷ୍ଟିରୁ ଲକ୍ଷାଧିକ ଦର୍ଶକଙ୍କ ମଧ୍ୟ ସମାଗମ ହୋଇଥିଲା । ଏହା କେବଳ ଧନୁଯାତ୍ରା ମହୋତ୍ସବ ସମିତି ନୁହେଁ, ସାରା ମଥୁରାବାସୀ ଏବଂ ଧନୁଯାତ୍ରା ଦର୍ଶକଙ୍କ ସହଯୋଗ ଯୋଗୁ ସମ୍ଭବ ହୋଇପାରିଛି ।**–ସୁରେଶ୍ୱର ଶତପଥୀ**

**ଉପସ୍ଥାପନା: ;ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍**

# ଲକ୍ଷ୍ୟ ହାସଲ ପାଇଁ ନିରନ୍ତର ଅଧ୍ୟବସାୟ ଆବଶ୍ୟକ

**ବିଜେପୁର, ୨୧।୧ (ଡି.ଏନ.ଏ)**

ବିଜେପୁର ମହାବିଦ୍ୟାଳୟର ଦ୍ୱାତ୍ରିଂଶତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି । ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହକୁ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟିକା ରୀତା ସାହୁ ସମ୍ମାନିତ ଅତିଥି, ଭୀମସାର ବୁର୍ଲାର ପ୍ରଫେସର ଡା. ସାଧୁଚରଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଅଧକ୍ଷ ଅକ୍ଷୟ କୁମାର ଯୋଶୀଙ୍କ ଅଧକ୍ଷତାରେ ସାଧାରଣ ସଭା ହୋଇଥିଲା । ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ



ବିଜେପୁର କଲେଜର ଛାତ୍ରୀମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି ।

ରହି ନିରନ୍ତର ସେବା କାର୍ଯ୍ୟ ସମ୍ପାଦନ କରିଆସୁଥିବା ପ୍ରାକ୍ତନ ବ୍ଲକ ଅଧକ୍ଷ ଗତିକୃଷ୍ଣ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଆତ୍ମବିଶ୍ୱାସର ସହିତ ପ୍ରୟାସ କଲାବେଳେ ଯେତେ ବାଧାବିଘ୍ନ ଆସିଲେ ମଧ ଭାଙ୍ଗିପଡିବା ଅନୁଚିତ । ବରଂ ନିରନ୍ତର ଅଧବସାୟ କଲେ ଲକ୍ଷ୍ୟ ହାସଲ ସୁନିଶ୍ଚିତ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଅଧାପକ ରେବନ୍ତ କୁମାର ମେହେର ମାନପତ୍ର ପାଠ କରିଥିଲେ । ସାଫଲ୍ୟ ସ୍ମାରକୀ ସ୍ମୃତି ସମ୍ମାନରେ ଧର୍ମୁ ରତାଇ, ରାହୁଲ ସାହୁ ଏବଂ ଯଶୋବନ୍ତ ସା ସ୍ମୃତି ସମ୍ମାନରେ ବିଗତ ବର୍ଷର ବିଜ୍ଞାନ ବିଭାଗର ଶ୍ରେଷ୍ଠ ଛାତ୍ରୀ ଶୁଭ୍ରଜ୍ୟୋସ୍ନା ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସୁରଲକ୍ଷ୍ମୀ ବୃନ୍ଦା ସମ୍ମାନରେ ଓଡିଆ ଭାଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ଶୁଭ୍ରଜ୍ୟୋସ୍ନା ବାରିକ ଓ ଛାତ୍ର ରାହୁଲ ସାହୁ ସମ୍ବର୍ଦ୍ଧିତ ହୋଇଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅଧାପକ ଚିନ୍ମୟ ସାହୁ ଅତିଥି ପରିଚୟ ପ୍ରଦାନ, ଅଧାପକ ପରମାନନ୍ଦ ବ୍ରହ୍ମଚାରୀ ସଭା ସଞ୍ଚାଳନ ଓ ଅଧାପକ ପ୍ରଫୁଲ୍ଲ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ରାମଲୀଳା ପାଇଁ ରାମ ଲକ୍ଷ୍ମଣ ବରଣ



ଭେଡ଼େନ ରାମଲୀଳା ପାଇଁ ରାମ ଲକ୍ଷ୍ମଣ କଳାକାର ବରଣ କରାଯାଉଛି ।

**ଭେଡ଼େନ, ୨୧।୧ (ଡି.ଏନ.ଏ)**

ଆସନ୍ତା ୨୭ ତାରିଖରୁ ବରଗଡ଼ ଜିଲା ଭେଡ଼େନର ପ୍ରସିଦ୍ଧ ନବରାତ୍ର ରାମଲୀଳା ମହୋତ୍ସବ ଆରମ୍ଭ ହେବ । ଏହି ମହୋତ୍ସବରେ ରାମ ଏବଂ ଲକ୍ଷ୍ମଣ ଚରିତ୍ରରେ ଅଭିନୟ କରିବା ପାଇଁ ସୋମବାର କଳାକାର ବରଣ କରାଯାଇଛି । ରାମ ଚରିତ୍ର ପାଇଁ ଭେଡ଼େନ ଗ୍ରାମର ଅଭିନେତା ମହେନ୍ଦ୍ର ସେଠ ଏବଂ ଲକ୍ଷ୍ମଣ ପାଇଁ କୁମ୍ଭାରୀ ଗ୍ରାମର ସଚିନ ମହାପାତ୍ରଙ୍କୁ ଭେଡ଼େନ ରାମଲୀଳା ପରିଚାଳନା କମିଟି ତରଫରୁ ନାରିକେଳ, ଉପାୟନ, ପୁଷ୍ପମାଲ୍ୟ ଆଦି ପ୍ରଦାନ କରି ବରଣ କରାଯାଇଛି । ଏହି ଅବସରରେ କମିଟିର ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ସିଆର୍‌ପିଏଫ୍‌ର ଜନସମ୍ପର୍କ ଶିବିର



ଗରିବ ଲୋକଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଉଛି ।

**ପାଇକମାଳ, ୨୧।୧ (ଡି.ଏନ.ଏ)**

ପାଇକମାଳ ବ୍ଲକ ବରତୁଣ୍ଡା ପଞ୍ଚାୟତ କଲୋନୀ ପଡାଠାରେ ୧୮୯ ବାଟାଲିଏନ ସିଆରପିଏଫ ତରଫରୁ ଏକ ଜନସମ୍ପର୍କ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୮୯ ସିଆରପିଏଫ ବାଟାଲିୟନର କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୋରିଆ ମୁଖ୍ୟଅତିଥି, ଡେପୁଟି କମାଣ୍ଡାଣ୍ଟ ସୁରେଶ ସୈନିକ, ପାଇକମାଳ ବିଡିଓ ସଦାଶିବ ନାୟକ, ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗ, ସରପଞ୍ଚ ଜୟନ୍ତୀ ପୁଟା, କୁମାର ଭୋଇ, ଡା. ସଙ୍ଗୀତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବରୁତୁଣ୍ଡା ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗୁଲସନ ଶର୍ମା ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ପରେ ଅତିଥିମାନଙ୍କ ଦ୍ୱାରା ଗରିବ, ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ୨୪୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟାଯାଇଥିଲା ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ପାଇକମାଳ, ୨୧।୧ (ଡି.ଏନ.ଏ)**

ପାଇକମାଳ ବ୍ଲକ ଫ୍ରେଜରପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବକୁ ବିଡିଓ ସଦାଶିବ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସୋମବାର ଉଦ୍‌ଘାଟନ କରିଥିଲେ । ବଡ ସତପଥୀ, ସୁରଥ ସାହୁ, ଗୌରାଙ୍ଗ ଦାସ, ଗୋପୀନାଥ ପ୍ରଧାନ, ଭୁବନେଶ୍ୱର ସାହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧକ୍ଷା କ୍ଷୀତି ଭୂଷଣ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ । କ୍ରୀଡାଶିକ୍ଷକ, ରତ୍ନଶ୍ରୀ ନାୟକ, ବିଜୟଲକ୍ଷ୍ମୀ ପଧାନ, କର୍ଣ୍ଣେଶ୍ୱର ପ୍ରଧାନ, ରୀନା ଭୋଇ, ପ୍ରିୟାବତୀ ପଧାନ, ପି. ଉମେଶ, ଗଜପତି ନାୟକ, ଭାଗ୍ୟବତୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ପରିଚାଳନା କମିଟିର ଏକ ବୈଠକ ବରଗଡ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଦୀପକ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜବୋଡାସମ୍ବର ବ୍ଲକରେ ଜନ ଅଭିଯୋଗ ଶୁଣାଣି

**ପଦ୍ମପୁର, ୨୧।୧ (ଡି.ଏନ.ଏ)**

ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭା ଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନଶୁଣାଣି ଶିବିରରେ ବରଗଡ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ପଦ୍ମପୁର ତହସିଲଦାର ସରୋଜିନୀ ପ୍ରସନ୍ନ କୁଲୁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏଲିଜା ମିଶ୍ର, ସହକାରୀ ଜିଲାପାଳ ଅନୀଲ କୁମାର ହୋତା, ଦୀପ୍ତିମୟୀ ଭୁଏ ପ୍ରମୁଖ ଯୋଗଦାନ କରି ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଗୁଡିକ ଶୁଣାଣି କରି ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ବିହିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଉକ୍ତ ଶିବିରରେ ୧୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ତନ୍ମଧ୍ୟରୁ ଗୋଷ୍ଠୀଗତ ୩ଟି ଏବଂ ବ୍ୟକ୍ତିଗତ ଅଭିଯୋଗ ୧୫ଟି ଅର୍ନ୍ତଭୁକ୍ତ ଥିଲା । ଅଭିଯୋଗ ଗୁଡିକ ମଧ୍ୟରେ ମୁଖ୍ୟତଃ ବିଧବା ଏବଂ ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁରୀ, ବିଦ୍ୟୁତ୍ ଯୋଗାଣ ସମ୍ବନ୍ଧୀୟ, ବିଜୁ ପକ୍କାଘର ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ କାର୍ଡ ପ୍ରଦାନ ତଥା ଶୌଚାଳୟ ନିର୍ମାଣ ଆଦି ଅର୍ନ୍ତଭୁକ୍ତ ଥିଲା । ଜିଲା କଲ୍ୟାଣ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ, ଜିଲା ସମାଜ ମଙ୍ଗଳ ଅଧିକାରୀ ନବକୃଷ୍ଣ ସାହୁ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଚୈତନ୍ୟ ମାଝୀ, ସହକାରୀ ଯୋଗାଣ ଅଧିକାରୀ ଶମ୍ଭୁପ୍ରସାଦ ହରପାଲ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଶୋକ ପାତ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଜନୀକାନ୍ତ ବହିଦାରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ । ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ପ୍ରକାଶ ଚନ୍ଦ୍ର ମିଶ୍ର, ଆଶିଷ ବାଗ ତଥା ରାଜବୋଡାସମ୍ବର ବ୍ଲକର କର୍ମଚାରୀମାନେ ସହଯୋଗ କରିଥିଲେ ।

# ଝରାଡେରାବାସୀଙ୍କୁ ସାତ୍ ସପନ ଇନ୍ଦିରା ଆବାସ

**ଅତାବିରା, ୨୧।୧ (ଡି.ଏନ.ଏ)**

**ଭେଡେନ ବ୍ଲକ**



ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍‌ର ଝରାଡେରାବାସୀ ।

- ୧୫୦ ବଛର ହେଲା ବାପ୍ ଅଜା ଅମଲୁ ରହିଆସୁଛନ୍
- ପରଶାସନ ଘର ବନାକେ ଜାଗା ଦେଇଛେ ୪ କି.ମି. ଦୂରେ
- ପଡ଼ା ପାସେ ଜଗା ଦେବାକେ କହେଲେ କେହି ନାଇଁ ଶୁନବାର
- ଜାଗା ଛାଡ଼ଲେ ଜୀବ୍‌କା ବୁଡ଼ବା, ଅରକଲେ ପକଉଛେ ପରଶାସନ

ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍ ମହାନଦୀ ଖଁଡ଼ିରେ ଗଲା ୧୫୦ ବଛରରୁ ଅଧିକା ହେବା ଝରା ସମାଜର ୮ ପରିବାର ରହି ଆସୁଛନ୍ । ଇମାନକର ଜୀବନ୍ ଜୀବ୍‌କା ମହାନଦୀର ସଂଗେ ଜୁଡ଼ି ହେଇ ରହିଛେ । ସଖାଲ ପାଏଲେ ମହାନଦୀରେ ମାଛ ମାରୁଛନ୍, ସେଟାକେ ଆସର ପାସର ଗାଁଗଁଡ଼ା, ବଜାରରେ ବିକି ପେଟ ପାଲୁଛନ୍ । ଇମାନକର ଜମିଭୂମି ବଲି କିଛି ନାଇଁ, ବାପ୍ ଅଜା ଅମଲୁ ନଏଦ୍ ଖଁଡ଼ିରେ କୁଡିଆ ମାରି ରହିଆସୁଛନ୍ । ହେଲେ ଇ ପରିବାରମାନେ ଆଏଜ୍ ତକ୍ ସରକାରୀ ଯୋଜ୍‌ନାରେ ଇନ୍ଦିରା ଆବାସ ପାଏବାରୁ ବଁଚିତ ହେଇଥିବାର ଅଭିଯୋଗ କରିଛନ୍ । ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ ମହାନଦୀ ଖଁଡ଼ି ଝରାଡ଼େରାରେ ଝରା ସମାଜର ଶାକିର ବେହେରା, ବିଜୟ ବେହେରା, ଅଶ୍ୱିନୀ ବେହେରା, ସାଗର ବେହେରା, ଯୋଗ ବେହେରା, ଚୈତନ୍ୟ ବେହେରା, ବିଜୁଲି ବେହେରା, ସିଂହ ବେହେରା ମୋଟ ୮ଟା ପରିବାର ୩୪ ଲୋକ୍ ରହିଆସୁଛନ୍ । ହେଲେ ଇମାନେ ସଭେ ଜମିଭୂମି ହୀନ ହେଇଥିଲା ବେଲେ ସରକାରୀ ଯୋଜ୍‌ନାରେ ଆଏଜ୍‌ତକ୍ ଘରଖଁଡ଼େ ଲେଖେଁ ନାଇଁ ପାଇଥିବାର କହିଛନ୍ । ସରକାରୀ ଯୋଜ୍‌ନାରେ ଘର ଖଁଡ଼େ ମିଳବା ମିଳବା ବଲି ଶେଷେ ଆଏଁଖ୍ ମୁଜି ଦେଇଛନ୍ ପଡ଼ାର ସିଂହ ବେହେରା । ଇମାନକୁ ପରଶାସନ ୪ ଡିସିମିଲ ଲେଖେଁ ଜାଗା ଖୁଣ୍ଟିଲିପାଲିରେ ଜୁଗେଇ ଦେଇଛେ ସତ୍ ହେଲେ ଇମାନେ ରହୁଥିବାର ପଡ଼ାନୁ ସେଟା ୪ କି.ମି. ଦୂରିଆ । ପରଶାସନକେ ଆମର ପଡ଼ା ପାସେ ଜମି ଯୁଗେଇ ଦେବାକେ କହେଲେ ନାଇଁ ଶୁନବାର । ଯେନ୍‌ଠାନେ ଜମି ଜୁଗେଇ ଦେଇଛେ ସେଠାନେ ବାସ କଲେ ଆମେ ଜୀବ୍‌କା ହରାବାର ସଂଗେ ଆମର ପିଲାଛୁଆ କୁଟୁମ ଭୁଖେ ମରବେ ବଲି ପଡ଼ାର ଅଶ୍ୱିନୀ ବେହେରା କହିଛନ୍ । ୧୫୦ ବଛରରୁ ଅଏଦ୍‌କା ହେଲା ଆମେ ଇଠାନେ ବାପ୍ ଅଜା ଅମଲୁ ରହି ଆସୁଛୁଁ । ପରଶାସନ ଆସେ ପାସେ ଜମି ଯୁଗେଇ ଦେଇ ଇନ୍ଦିରା ଆବାସଟେ ଲେଖେଁ ଦେଲେ ହେତା, ହେଲେ କିଏ କାହାର କଥା ଶୁନୁଛେ, ଆଏଜକାଲି ତ ପରଶାସନ ବି ତେଲିଆର ମୁଡ଼େ ତେଲ ଦେବାର ଶିଖିଲାନ ବଲି ପଡ଼ାର ଚୈତନ୍ୟ ବେହେରା କହିଛନ୍ । ଇ ବାବ୍‌ଦେ ଭେଡ଼େନ ବ୍ଲକ ବିଡିଓ ମୂରଲୀଧର ନାୟକକଙ୍କୁ ପଚରାଲାରୁ ଯଦି ସେମାନକର ପଡ଼ାପାସେ ନିରାପଦ ଜାଗାରେ ସରକାରୀ ଜମିଥିବା ତଦଁତ୍ କରି ଇନ୍ଦିରା ଅବାସ ତିଆରି ଲାଗି ଯୁଗେଇ ଦିଆଯାଇ ପାରବା । ସେମାନେ ଆଗରୁ ପାଇଥିବାର ଜମି ବି ଥାଉ ଭବିଷତରେ ତାକର କାମେ ଲାଗବା ବଲି ସେ କହିଥିଲେ । ସେନ୍‌ତା ଦେଶଭଟିଲି ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ଦାଶଙ୍କୁଁ ପଚରାଲାରୁ ଝରାଡ଼େରାର କେତେ ପରିବାରକେ ଇନ୍ଦିରା ଅବାସ ଦେବାର ଲାଗି ତାଲିକା ଆସିଛେ । ହେଲେ ସେମାନେ ତାହାକୁ ମିଳିଥିବାର ଜାଗାରେ ଘର ତିଆରି କରବାକେ ନାଇଁ ମଂଗବାର ବଲି ସେ କହିଥିଲେ ।

# ପଦ୍ମପୁର ଜିଲା ଘୋଷଣା ଦାବିକୁ ସମର୍ଥନ

**ପଦ୍ମପୁର, ୨୧।୧(ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ସବ୍‌ଡିଭିଜନକୁ ଜିଲା ଘୋଷଣା ଦାବି ନେଇ ଉପଜିଲାପାଳଙ୍କ ଅଫିସ୍ ଆଗରେ ୮ତାରିଖରୁ ଚାଲିଥିବା ଗଣଧାରଣା ସୋମବାର ୧୪ ଦିନରେ ପହଞ୍ଚିଛି । ଏହି ଗଣାଧାରଣାକୁ ରାଷ୍ଟ୍ରୀୟ ହିନ୍ଦୁ ଏକତା ମଞ୍ଚ ପଦ୍ମପୁର ଶାଖା ତରଫରୁ ସମର୍ଥନ ଦିଆଯାଇଛି । ଆଶିଷ କୁମାର ମିଶ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଆସି ଗଣଧାରଣା ମଞ୍ଚରେ ବସିଥିଲେ । ଭାସ୍କର ଦାଶ, ଡ. ବାଞ୍ଛାନିଧି ପଣ୍ଡା, ଗୌରଚନ୍ଦ୍ର ମେହେର, ସୁଧାଂଶୁ ଶେଖର ପତି, କାହ୍ନୁ ଚରଣ ମେହେର, ଯୁବରାଜ ପଧାନ, କଲ୍ୟାଣୀ ମିଶ୍ର, ସୁଷମା ବିଶ୍ୱାଳ, ମମତା ଗଡତିଆ, ପ୍ରଦୀପ କୁମାର ରାଜହଂସ, ଚୈତନ୍ୟ ମେହେର, ସତ୍ୟନାରାୟଣ ସାହା, ଦୁର୍ବାଦଳ ସାହୁ, ସୁକାନ୍ତ କିଶୋର ସାହୁ ପ୍ରମୁଖ ଗଣଧାରଣାରେ ଉପସ୍ଥିତ ଥିଲେ । ଏ ନେଇ ଅତିରିକ୍ତ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



**ସଂକ୍ଷେପରେ**

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ବାଲିଶଙ୍କରା,୨୧।୧(ଡି.ଏନ୍.ଏ.)**– ବାଲିଶଙ୍କରା ପଞ୍ଚାୟତ ସମିତି ସଭାଗୃହରେ ସୋମବାର ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ ବିଡିଓ ଅଭିମନ୍ୟୁ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ବ୍ଲକ ଅଧକ୍ଷା ତ୍ରିବେଣୀ ମାଝି, ବରିଷ୍ଠ ନାଗରିକ ସୁଗ୍ରୀବ ବାଘ, ଜନ୍ମେଜୟ ପଟେଲ, କୈଳାସ ଭିତ୍ରିଆ, ଦୀନବନ୍ଧୁ ସାଏ, ଜୟନ୍ତୀ ଏକ୍କା, ବେଲିସାଜଦା ଖାଲଖୋ, ମହମ୍ମଦ ଇନ୍ଦୁ, କୁଞ୍ଜବିହାରୀ ପଟେଲ, ଯୋଗେଶ କୁମାର ସାହୁ, ବୈରାଗୀ ତନ୍ତୀ, ଅର୍ଚ୍ଚନା ସେନାପତି ପ୍ରମୁଖ ଯୋଗଦେଇ ଆସନ୍ତା ସାଧାରଣତନ୍ତ୍ର ଦିବସକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ପାଇଁ ଆଲୋଚନା କରିତିଲେ। ରାଜା ବଙ୍ଗଳା ଖେଳପଡ଼ିଆରେ ବ୍ଲକସ୍ତରୀୟ ପରେଡ୍ ଆୟୋଜନ କରାଯିବ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ନିଷ୍ପତ୍ତି ହୋଇଛି।

## ପୋଲ ତଳକୁ ଖସିଲା ବାଇକ୍, ଆରୋହୀ ମୃତ

**ସୁନ୍ଦରଗଡ଼,୨୧।୧(ଡି.ଏନ୍.ଏ.)**- ସୁନ୍ଦରଗଡ଼-ଧରୁଆଡିହି ରାସ୍ତାର ମେଦିନପୁର ନିକଟରେ ଥିବା ଏକ ପୋଲ ତଳକୁ ବାଇକ୍ ଖସିପଡ଼ି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ନାମ ରାଜେନ୍ଦ୍ର କିଷାନ (୨୪), ଘର ଧରୁଆଡିହି ଥାନା ଗଡ଼ିଆଯୋର ଗ୍ରାମ। ପରିବାର ଲୋକଙ୍କଠାରୁ ସୂଚନା ପାଇ ଟାଉନଥାନା ପୋଲିସ ସୋମବାର ସନ୍ଧ୍ୟାରେ ପୋଲତଳୁ ରାଜେନ୍ଦ୍ରଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନା ପଠାଇଛି। ରାଜେନ୍ଦ୍ରଙ୍କ ପରିବାର ପକ୍ଷରୁ ଏ ସମ୍ପର୍କରେ ଥାନାରେ କରାଯାଇଥିବା ରିପୋର୍ଟ ଅନୁଯାୟୀ, ରାଜେନ୍ଦ୍ର ରବିବାର ରାତି ପ୍ରାୟ ସାଢ଼େ ୩ଟାରେ ଘୁଷୁରି ମାଂସ ଆଣିବା ପାଇଁ ବାଇକ ଯୋଗେ ସୁନ୍ଦରଗଡ଼ ଆସି ଫେରୁଥିଲେ। ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପାଣିରେ ପଡ଼ିଥିଲେ। ପୋଲ ତଳେ ପ୍ରାୟ ୫ ଫୁଟ ଗଭୀର ପାଣି ଥିଲା। ତେବେ ବାଇକ୍‌ର ହ୍ୟାଣ୍ଡେଲ ବାହାରକୁ ଦେଖାଯାଉଥିଲା। ଏହା ଦେଖି ରାସ୍ତାରେ ଯାଉଥିବା କିଛି ଲୋକ ତଳକୁ ଓହ୍ଲାଇ ରାଜେନ୍ଦ୍ରଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ନେଇ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

■ ପୌଷ ପୂର୍ଣ୍ଣମାରେ ପଶୁବଳି

# ମା' ଚନ୍ଦଲିପାଟଙ୍କ ପୀଠ ରକ୍ତରଞ୍ଜିତ

**ଲେଫ୍ରିପଡ଼ା,୨୧।୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ମା' ଚନ୍ଦଲିପାଟଙ୍କ ପୀଠରେ ସୋମବାର ପୌଷପୂର୍ଣ୍ଣିମା ଯାତ୍ରା ଅନୁଷ୍ଠିତ ହୋଇଛି। ଯାତ୍ରାରେ ଆଖପାଖ ଅଞ୍ଚଳ ସମେତ ପଡ଼ୋଶୀ ଝାରସୁଗୁଡ଼ା ଜିଲା ଏବଂ ଛତିଶଗଡ଼ ରାଜ୍ୟର ବିଭିନ୍ନ ଜିଲାର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତମାନେ ନିଜ ମାନସିକ ପୂରଣ ସକାଶେ ଶହଶହ ସଂଖ୍ୟାରେ ପଶୁପକ୍ଷୀ ବଳି ଦେଇଥିଲେ। ଫଳରେ ପୀଠ ରକ୍ତରଞ୍ଜିତ ହୋଇଥିଲା। ଏଠାରେ ଶହ ଶହ ଦୋକାନ ବଜାର ସମେତ ମୀନାବଜାର ଲାଗିଥିଲା। ପାଲା, କୃଷ୍ଣଗୁରୁ ଭଜନ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅଶୋକ ପଟେଲ, ସୌଭାଗ୍ୟ ପଟେଲ, ଯଦୁମଣି ପଟେଲ, ସୁରେଶଚନ୍ଦ୍ର ପଟେଲ, ହମିଲାଲ ପଟେଲ, ସୁନୀଲ ପଟେଲ, କଳାକୃଷ୍ଣ ଓରାମ, ନବକାନ୍ତ ଗନ୍ଧା, ରାଏଡିହି ସରପଞ୍ଚ ବୁଦ୍ଧେଶ୍ୱରୀ ମାଝି ପ୍ରମୁଖଙ୍କ ସମେତ ମା' ଚନ୍ଦଲିପାଟ ପୂଜା କମିଟି ସହଯୋଗରେ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ସର୍ଗପାଲି ଏସ୍ଆର୍‌ଡିଏମ୍ଏନ୍ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଛାତ୍ରୀଛାତ୍ର ପାହାଡ଼ ଉପରେ ଥିବା ମା'ଙ୍କ ପୀଠକୁ ଶ୍ରଦ୍ଧାଳୁଙ୍କ ନେବା ଆଣିବା କରିବାରେ ସହଯୋଗ କରିଥିଲେ। ସୁନ୍ଦରଗଡ଼ ଡିଏସ୍‌ପି ଦାମୋଦର ମାଝିଙ୍କ ନେତୃତ୍ୱରେ ଲେଫ୍ରିପଡ଼ା ଥାନା ଆଇଆଇସି ଚିତ୍ତରଞ୍ଜନ ନାଏକ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଅପରପକ୍ଷରେ ସୁପ୍ରିମକୋର୍ଟ ବଳିପ୍ରଥା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ପୋଲିସ ଉପସ୍ଥିତିରେ ଶହଶହ ସଂଖ୍ୟାରେ ପଶୁପକ୍ଷୀଙ୍କ ବଳି ପଡ଼ିଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।



ପାହାଡ଼ ଉପରେ ଥିବା ମା' ଚନ୍ଦଲିପାଟଙ୍କ ପୌଷପୂର୍ଣ୍ଣିମା ଯାତ୍ରା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି।

## ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ଜଣେ ଆହତ

**ବାଲିଶଙ୍କରା,୨୧।୧(ଡି.ଏନ୍.ଏ.)**

କିଞ୍ଜିରକେଲା ଥାନା ଅନ୍ତର୍ଗତ ତିଲେଇକାନୀ ମୁଖ୍ୟ ରାସ୍ତାରେ ସୋମବାର ସନ୍ଧ୍ୟା ୭ଟାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ତଳସରା ଥାନା ଅନ୍ତର୍ଗତ ବାଲିଶଙ୍କରା କୁଇଲେମୁଣ୍ଡା ଗ୍ରାମର ରଞ୍ଜିତ ଏକ୍କା (୪୪)ଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ରଞ୍ଜିତଙ୍କ ସ୍ତ୍ରୀ ସୁନୀତା (୨୬) ଆହତ ହୋଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ରଞ୍ଜିତ, ସୁନୀତା ଓ ତାଙ୍କ ୪ବର୍ଷର ପୁଅ ବାଇକ (ନଂ. ସିଜି୧୪-ଏମ୍‌ସି୨୮୦୮) ଯୋଗେ କିଞ୍ଜିରକେଲା ଥାନା ହୁର୍ମେଇ ପଞ୍ଚାୟତ ଦାଣ୍ଡପାନି ଗ୍ରାମସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ଏକୋଇଶିଆ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଇଥିଲେ। ସନ୍ଧ୍ୟାରେ ସେଠାରୁ ବାଲିଶଙ୍କରା ଫେରୁଥିଲେ। ତିଲେଇକାନୀ ହକିପଡ଼ିଆ ପାଖରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ବାଇକ୍ (ନଂ. ଓଆର୍‌୧୬-ସି୬୪୧୯) ସହ ରଞ୍ଜିତଙ୍କ ବାଇକ୍ ଧକ୍କା ହୋଇଥିଲା। ଫଳରେ ରଞ୍ଜିତ ବାଇକ୍‌ରୁ ଛିଟିକି ପଡ଼ି ରାସ୍ତାରେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ପଛପଟେ ଗଭୀର ଆଘାତ ଲାଗିଥିଲା। ସୁନୀତା ମଧ୍ୟ ଆହତ ହୋଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ରଞ୍ଜିତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସୁନ୍ଦରଗଡ଼ ମେଡିକାଲ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ ମଧ୍ୟ ଜବତ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା ୩ ବାଇକ୍ ଆରୋହୀ ଫେରାର ହୋଇଯାଇଛନ୍ତି।



ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଜଣେ ଅଭିଯୋଗକାରୀ ଅଭିଯୋଗ କରୁଛନ୍ତି।

# ନୂଆଗାଁରେ ଯୁଗ୍ମ ଅଭିଯୋଗ ଶୁଣାଣି

**ନୂଆଗାଁ,୨୧।୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଭାସ୍କୋର ଚନ୍ଦ୍ର ଦୁରୁକ ଅଭିଯୋଗ ଶୁଣିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ମାତ୍ର ୩୩ଟି ଅଭିଯୋଗ ଆସିଥିଲା। ରାଶନକାର୍ଡ ବଣ୍ଟନରେ ଦୁର୍ନୀତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଦାନରେ ପାତରଅନ୍ତର, ଜାତିଗତ ପ୍ରମାଣପତ୍ରରେ ଜାଲିଆତି ଭଳି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେହିଭଳି ପୁରୁଣାପାଣି ପିଏଲ୍ ଆଣ୍ଡ ଡିବ୍ଲ୍ୟୁ ହସ୍ପିଟାଲରେ ଦୀର୍ଘଦିନ ଧରି ଡାକ୍ତର ଓ ଫାର୍ମସିଷ୍ଟ ପଦବୀ ଖାଲି ପଡ଼ିଥିବାରୁ ସେଠାରେ ତୁରନ୍ତ ଡାକ୍ତର, ଫାର୍ମସିଷ୍ଟ ନିଯୁକ୍ତ କରିବାକୁ ନୂଆଗାଁ ବ୍ଲକ କଂଗ୍ରେସ ସଭାପତି କିଶୋର କୁମାର ସିଂ ଦାବି କରିଥିଲେ। ଅଭିଯୋଗ ପ୍ରକୋଷ୍ଠରେ ସୁନ୍ଦରଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶ ଚନ୍ଦ୍ର ବେହେରା, ଜିଲା ପଞ୍ଚାୟତ ଅଧିକାରୀ ପୁରୁଭା ସିଂ, ନୂଆଗାଁ ବିଡିଓ ତୃପ୍ତି ବରାଇ, ଡିପିସି ଅମୂଲ୍ୟ କୁମାର ପ୍ରଧାନ, ନୂଆଗାଁ ବିଇଓ ସସ୍ମିତା ବେହେରା, ଏବିଇଓ ବାନେ କେଛୁଆ, ବନମାଳୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଦିନକୁ ଦିନ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗକାରୀଙ୍କ ସଂଖ୍ୟା କମିଯାଉଥିବା ପରିଲକ୍ଷିତ ହୋଇଛି। ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଲୋକେ ଅଭିଯୋଗ ପ୍ରକୋଷ୍ଠକୁ ଆସୁ ନ ଥିବା କେତେଜଣ ଅଭିଯୋଗକାରୀ କହିଛନ୍ତି। ଅତୀତରେ ବିଦ୍ୟୁତ ସମସ୍ୟା, ହାତୀବାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ରାସ୍ତାଘାଟ ସମସ୍ୟା ଉପରେ ଅଭିଯୋଗ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଲୋକେ ଅଭିଯୋଗ କରିଛନ୍ତି।

## ଜିଲା ଗ୍ରାମାଞ୍ଚଳ ଖବରଦାତା ସଂଘ ବୈଠକ

**ବଡ଼ଗାଁ/ରାଜଗାଙ୍ଗପୁର,୨୧।୧ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଗ୍ରାମାଞ୍ଚଳ ଖବରଦାତା ସଂଘର ବୈଠକ ରବିବାର କାଂସବାହାଲ ଡ୍ୟାମ ଗେଷ୍ଟ ହାଉସରେ ଅନୁଷ୍ଠିତ ହୋଇଛି। ସଂଘର ଜିଲା ସଭାପତି ପଙ୍କଜ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ସରପଞ୍ଚ ସଂଘ ସଭାପତି ତଥା ରାଜ୍ୟ ଉପସଭାପତି ନରସିଂହ ମିଞ୍ଜ, ଲାଠିକଟା ବ୍ଲକ କୁଶହାଁ ସମାଜର ଆଞ୍ଚଳିକ ସଭାପତି ଶିବ କିଷାନ, ରାଜଗାଙ୍ଗପୁର ବିଧାୟକଙ୍କ ରାଉରକେଲା ପ୍ରତିନିଧି ଶ୍ରୀକାନ୍ତ ଦାସ, ପୂର୍ବତନ ବିଧାୟକ ଗ୍ରେଗରୀ ମିଞ୍ଜ, ଏମ୍‌ପିଙ୍କ ଜିଲା ଶିଳ୍ପାଞ୍ଚଳ ପ୍ରତିନିଧି ରମେଶ ହାଜରା ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଖବରଦାତାଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସଂଘ ଉପସଭାପତି ଅଶୋକ ଷଡ଼ଙ୍ଗୀ ବୈଠକ ପରିଚାଳନା କରିଥିଲେ। କ୍ଷେତ୍ରବାସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଂଘ ସାଧାରଣ ସମ୍ପାଦକ ଉପେନ୍ଦ୍ର ବଘାର, କୋଷାଧକ୍ଷ ପ୍ରଫୁଲ୍ଲ କୁମାର ସାହୁ, ରାଜଗାଙ୍ଗପୁର ଶାଖା ସଭାପତି ରାମପ୍ରବେଶ ଚୌଧୁରୀ, ସୁବାସ ବେହେରା, ଅଶୋକ ପାଣି, ରାଜେଶ ଦାହିମା, ଦଶରଥ ପୋଢ଼, ଅର୍ଜୁନ ଜୟପୁରିଆ ପ୍ରମୁଖ ଯୋଗଦେଇଥିଲେ।

## ଛେଳି ଚୋରି ଅଭିଯୋଗରେ ଯୁବକଙ୍କୁ ପିଟିଲେ, ପୋଲିସ ଜିମା ଦେଲେ

**ଲହୁଣୀପଡ଼ା,୨୧।୧(ଡି.ଏନ୍.ଏ.)**

ଛେଳି ଚୋରି ଅଭିଯୋଗରେ ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମବାସୀ ସୋମବାର ଅପରାହ୍ନରେ ଜଣେ ଯୁବକଙ୍କୁ ନିସ୍ଥୁକ ପିଟିବା ସହ ପୋଲିସ ଜିମା ଦେଇଛନ୍ତି। ସମ୍ପୃକ୍ତ ଯୁବକ ହେଲେ ଟିକାୟତପାଲି ଥାନା ଅନ୍ତର୍ଗତ ସରସରା ଗ୍ରାମର ମିଥୁନ ବେହେରା (୨୩)। ପୋଲିସ ରକ୍ତାକ୍ତ ଅବସ୍ଥାରେ ମିଥୁନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ତାଙ୍କଠାରୁ ଏକ ପିସ୍ତଲ ଜବତ କରାଯାଇଛି। ଅନ୍ୟ ଦୁଇଜଣ ଫେରାର ହୋଇଯାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ମଧୁପୁର ଗ୍ରାମର କେତେଜଣ ବ୍ୟକ୍ତି ଅପରାହ୍ନରେ ଛେଳି ଚରାଉଥିଲେ। ଏହି ସମୟରେ ତିନିଜଣ ଯୁବକ ବାଇକରେ ଆସି ଗୋଟିଏ ଛେଳିକୁ ଧରି ରଶିରେ ବାନ୍ଧୁଥିବା ବେଳେ ଛେଳିଟି ଚିତ୍କାର କରିଥିଲା। ଚିତ୍କାର ଶୁଣି ଛେଳି ଜଗୁଆଳମାନେ ଦୌଡ଼ି ଆସିଥିଲେ। ଏହି ସମୟରେ ଦୁଇ ଜଣ ବାଇକରେ ଫେରାର ହୋଇଯାଇଥିଲେ। ତେବେ ମିଥୁନ ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ଲୋକେ ତାଙ୍କୁ ନିସ୍ଥୁକ ଛେଚି ଚାନ୍ଦିପୋଷ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ମିଥୁନଙ୍କୁ ଉଦ୍ଧାର କରି ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଛି। ଫେରାର ହୋଇଯାଇଥିବା ଯୁବକ ଦ୍ୱୟ ଟିକାୟତପାଲି ଥାନା ସରସରା ଗ୍ରାମର ଆନନ୍ଦ ସାମଲ, ସଞ୍ଜୟ ସେନାପତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।



ମିଥୁନ ବେହେରା।

# ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର

**କୁତ୍ରା,୨୧।୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ସଦର ମହାକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଛି। ବିଜେଡି ଜିଲା ସଭାପତି ତଥା ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ ଗତ ୧୯ ତାରିଖରେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, କୁତ୍ରା ବିଇଓ ଆଦିତ୍ୟ କୁମାର ଷଡ଼ଙ୍ଗୀ, ସୁନ୍ଦରଗଡ଼ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ନିର୍ଦ୍ଦେଶକ ସୁମିତ ନାଏକ, ରାଉରକେଲା ଚାମ୍ବର ଅଫ୍ କମର୍ସର ପୂର୍ବତନ ଅଧ୍ୟକ୍ଷ ସୁନୀଲ କୁମାର କୋଏଲ ଓ ଜିଲା ପରିଷଦ ସଭ୍ୟ କର ଶରତ ସା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୋମବାର ଉଦ୍‌ଯାପନୀ ଉତ୍ସବରେ କୁତ୍ରା ବିଡିଓ ମାନସରଞ୍ଜନ ରଏ ମୁଖ୍ୟଅତିଥି, କୁତ୍ରା ତହସିଲଦାର ସୁପ୍ରଭା ଦାଶ, ଟିଏସ୍ଆଇଆର୍‌ଡିଏସ୍ ଗମ୍ଭାରଡିହି ଟାଟା ଖଣିର ମ୍ୟାନେଜର ସଞ୍ଜୟ ସରଦାର, ଆଡିସିନାଲ ଏସ୍‌ପି ରବିନାରାୟଣ ବାରିକ, ଶାରୀରିକ ଶିକ୍ଷା ନିରୀକ୍ଷକ ବିଦ୍ୟାଧର ପ୍ରଧାନ, କୁତ୍ରା ହାଇସ୍କୁଲ ପ୍ରଧାନ ଶିକ୍ଷକ ଦୀନମଣି ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ଯୋଗଦେଇଥିବା ୨୧୪ ସ୍କୁଲର ୪୯୪ ଛାତ୍ରୀଛାତ୍ରଙ୍କୁ ରେଡ୍‌କ୍ରସ ମାଧ୍ୟମରେ ଲୋକଙ୍କୁ କିପରି ବିଭିନ୍ନ ସେବା ଯୋଗାଇ ଦିଆଯାଇ ପାରିବ ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ଅବସରରେ ରେଡ୍‌କ୍ରସ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିଭୀଷଣ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରିଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା।



ରେଡ୍‌କ୍ରସ ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର।

**ଫଟୋରେ ଖବର**

## ଆଏଜ୍ ପୁଜି, କାଏଲ୍ ପୁଜି ଛେରଛେରା



ସୋମବାର ପୁଷପୁନି ଅବସରରେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳରେ କୁନି ପିଲାମାନେ ଛେରଛେରା ମାଗୁଛନ୍ତି।

# ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରୋତ୍ସାହନ

**ଟେନସା,୨୧।୧(ଡି.ଏନ୍.ଏ.)**

କୋଇଡା ମାଇନିଂ ସେକ୍ଟର ଅନ୍ତର୍ଗତ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ୍‌ର ସାନଇନ୍ଦୁପୁର ଲୌହ ଏବଂ ବକ୍ସାଇଟ ଖଣି ପକ୍ଷରୁ ସ୍ଥାନୀୟ ସାନଇନ୍ଦୁପୁର ଏବଂ ବଡ଼ଇନ୍ଦୁପୁର ଗାଁରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଗାଁର ସ୍ୱର୍ଣ୍ଣଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମା' ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ମାଇନ୍ସ ମ୍ୟାନେଜର ସଂଗ୍ରାମ କିଶୋରୀ ଗଡ଼ନାୟକ ଦୁଇଟି କାଗଜ ପ୍ଲେଟ ତିଆରି ମେଶିନ ପ୍ରଦାନ କରିଥିଲେ। ମହିଳା ସଶକ୍ତୀକରଣ ତଥା ସେମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ପାଇଁ ଏହି ମେଶିନ ସହାୟକ ହେବ ବୋଲି ଏହି ଅବସରରେ ଗଡ଼ନାୟକ କହିଥିଲେ। ଏହି ମେଶିନରେ ବଫେ ଥାଳି, ଖଲି, ଚଉପତି, ଗୁପଚୁପ ଦନା ଇତ୍ୟାଦି ତିଆରି କରାଯାଇ ପାରିବ। ସ୍ଥାନୀୟ ମାର୍କେଟରେ ମହିଳାମାନେ ନିଜ ଉତ୍ପାଦ ବିକ୍ରିକରି ଲାଭାଂଶକୁ ଏହି ବ୍ୟବସାୟରେ ଲଗାଇ ବ୍ୟବସାୟକୁ ଦ୍ୱିଗୁଣିତ କରିବେ ବୋଲି ଗଡ଼ନାୟକ ମତବ୍ୟକ୍ତ କରିଥିଲେ। ଉକ୍ତ ମେଶିନ ଦ୍ୱୟର ମୂଲ୍ୟ ୨ଲକ୍ଷ ୫ ହଜାର ୩ଶହ କୋଡ଼ିଏ ଟଙ୍କା। ଏହି ମେଶିନ ସହାୟତାରେ ସ୍ୱୟଂ ସହାୟକ ଗୋଷ୍ଠୀ ଲାଭବାନ ହୋଇ ନିଜ ପରିବାର ପ୍ରତିପୋଷଣ କରିପାରିବେ। କାର୍ଯ୍ୟକ୍ରମରେ ଏଜିଏମ୍ (କାର୍ମିକ) ବି.ପି. ଷଡ଼ଙ୍ଗୀ, ସିଏସ୍ଆର୍ ସହକାରୀ ମ୍ୟାନେଜର ଉଜ୍ଜ୍ୱଳ କୁମାର ମଲ୍ଲିକ, ଡେପୁଟି ମ୍ୟାନେଜର (ମେକାନିକାଲ) ପ୍ରବୀର ପଲେଇ, ଇଲେକ୍ଟ୍ରିକାଲ ଜୁନିୟର ମ୍ୟାନେଜର ସନ୍ତୋଷ ପାତ୍ର, ଶୁକଦେବ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱରରୁ ଆସିଥିବା ଏକ ସ୍ୱତନ୍ତ୍ର ଟିମ୍ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପେପର ପ୍ଲେଟ ତିଆରି କରିବା ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



ମହିଳାମାନେ କାଗଜ ପ୍ଲେଟ ତିଆରି କରିବା ପ୍ରଶିକ୍ଷଣ ନେଉଛନ୍ତି।